ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ସୋମବାର, ଜୁଲାଇ ୨୮/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, July 28/2025 | Page 14 | ₹ 7.00 | BALASORE
୫୧ଶ ଭାଗ ୨୪୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 243 | ମୂଲ୍ୟ₹୭/-



ଭୁବନେଶ୍ୱରରେ ରବିବାର ପ୍ରବଳ ବର୍ଷା ହୋଇଥିବାବେଳେ ୫ ଜଣ ଯୁବକ ଏକ ପଲିଥିନ୍ ଘୋଡ଼ାଇ ଯାଉଛନ୍ତି। (ଫଟୋ- ବିକାଶ ନାୟକ)

## ୨୦ ହଜାର ଟଙ୍କାରେ ଶିଶୁକନ୍ୟା ବିକ୍ରି ଅଭିଯୋଗ

**ଟିଟିଲାଗଡ଼,୨୭।୭(ଶରତ ମିଶ୍ର)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ ଶିଶୁବିକ୍ରି ଘଟଣା ମନରୁ ନ ଲିଭୁଣୁ ପୁଣି ଟିଟିଲାଗଡ ବ୍ଲକରେ ଏକ ଶିଶୁକନ୍ୟା ବିକ୍ରି ଖବର ସାଧାରଣରେ ଗଭୀର ଆଲୋଡ଼ନ ସୃଷ୍ଟି କରିଛି। ଟିଟିଲାଗଡ଼ ବ୍ଲକର ବାଗଡେର ଗାଁର ଏକ ଅଭାବୀ ଦମ୍ପତି ନିଜ ଶିଶୁକନ୍ୟାକୁ ୨୦ ହଜାର ଟଙ୍କାରେ ଅନ୍ୟ ଏକ ଦମ୍ପତିଙ୍କ ହାତକୁ ଟେକିଦେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଖବର ମିଳିବା ପରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ଚାଇଲ୍ଡ ଲାଇନର ଏକ ଚାରି ଜଣିଆ ଟିମ୍ ଟିଟିଲାଗଡ଼ ଗସ୍ତ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

କାମ୍ବୋଡିଆ-ଥାଇଲାଣ୍ଡ

# ହରିଦ୍ୱାର ମନସାଦେବୀ ମନ୍ଦିରରେ ଦଳାଚକଟା

## ୬ ମୃତ, ୨୮ ଆହତ

**ହରିଦ୍ୱାର,୨୭।୭(ପି.ଟି.)**

ହରିଦ୍ୱାରର ପାହାଡ଼ ଶୀର୍ଷରେ ଥିବା ମନସା ଦେବୀ ମନ୍ଦିରରେ ରବିବାର ସକାଳେ ଅନେକ ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିବାବେଳେ ଦଳାଚକଟା ଘଟି ୬ ଜଣଙ୍କ ମୃତ୍ୟୁ ହେବା ସହ ୨୮ ଆହତ ହୋଇଛନ୍ତି। ମନ୍ଦିରକୁ ଯାଇଥିବା ପାହାଚ ରାସ୍ତା ଅତ୍ୟନ୍ତ ସଂକୀର୍ଣ୍ଣ ହୋଇଥିବାରୁ ଭିଡ଼ ପ୍ରବଳ ହୋଇଥିଲା। ଏହି ସମୟରେ ବିଦ୍ୟୁତ୍ କରେଣ୍ଟକୁ ନେଇ ଗୁଜବ ପ୍ରଚାରିତ ହୋଇଯିବାରୁ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଫଳରେ ଦଳାଚକଟା ଘଟିଲା ବୋଲି ହରିଦ୍ୱାର ଏସ୍ଏସ୍ପି ପ୍ରମେନ୍ଦ୍ର ସିଂ ଡୋବାଲ କହିଛନ୍ତି। ଆହତ ଅବସ୍ଥାରେ ୩୪ ଜଣଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୬ ଜଣଙ୍କ ମୃତ୍ୟୁ ଘଟିଛି।

ଅନ୍ୟପକ୍ଷରେ ବିଦ୍ୟୁତ୍ ତାର ଛିଡ଼ିବା ଖବରକୁ ମନ୍ଦିର ପ୍ରଶାସନ ପକ୍ଷରୁ ଖଣ୍ଡନ କରାଯାଇଛି। ମନ୍ଦିର ପାହାଚରେ ପ୍ରବଳ ଭିଡ଼ ମଧ୍ୟରେ ଜଣେ ଶ୍ରଦ୍ଧାଳୁ ଖସିପଡ଼ିବାରୁ ଦଳାଚକଟା ଘଟିଲା ବୋଲି ମନସା ଦେବୀ ମନ୍ଦିର ଟ୍ରଷ୍ଟର ଅଧ୍ୟକ୍ଷ ମହନ୍ତ ରବୀନ୍ଦ୍ର ପୁରୀ କହିଛନ୍ତି। ଭିଡ଼ ସମ୍ପର୍କରେ ପୋଲିସକୁ ଖବର ଦିଆଯାଇଥିଲା ଓ ବ୍ୟାରିକେଡ୍ ବ୍ୟବସ୍ଥା ହୋଇଥିଲା। ଏହା ସତ୍ତ୍ୱେ ଗହଳି ଅଧିକ ହେଲା ଏବଂ ଜଣେ ଭକ୍ତ ଖସିପଡ଼ିବାରୁ ଦଳାଚକଟା ଘଟିଲା ବୋଲି ପୁରୀ କହିଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଅତ୍ୟଧିକ ଭିଡ଼ ଯୋଗୁ ଧାଡ଼ିରେ ଅପେକ୍ଷା କରିଥିବା ଲୋକେ ପରସ୍ପରକୁ ଠେଲିବାରୁ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା।

ପ୍ରତିବର୍ଷ ଶ୍ରାବଣ ମାସରେ ବିଶେଷ କରି ହର କୀ ପୌରି ଏବଂ ମନସା ଦେବୀ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥାଏ। ରବିବାର ଛୁଟିଦିନ ଥିବାରୁ ୫୦୦ ଫୁଟ୍ରୁ ଅଧିକ ଉଚ୍ଚରେ ଅବସ୍ଥିତ ଶିବାଲିକ ପାହାଡ଼ ଶୀର୍ଷଭାଗରେ ଥିବା ମନ୍ଦିରକୁ ଯାଇଥିବା ସଂକୀର୍ଣ୍ଣ ପ୍ରବେଶ ପଥରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିଲା। ସେମାନଙ୍କ ମଧ୍ୟରେ ବହୁସଂଖ୍ୟାରେ ମହିଳା ଓ ଛୋଟ ପିଲା ଥିଲେ। ଦଳାଚକଟା ପରେ ହସ୍ପିଟାଲ ବାହାରେ ପରିବାର ସଦସ୍ୟ ସେମାନଙ୍କ ସମ୍ପର୍କୀୟଙ୍କ ସମ୍ପର୍କରେ ଜାଣିବା ପାଇଁ ଅପେକ୍ଷା କରିଥିବା ଦେଖାଯାଇଛି। ଘଟଣାର ମାଜିଷ୍ଟ୍ରେଟସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି କହିଛନ୍ତି। ଗୁଜବ ପ୍ରଚାର କରିଥିବା ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି ସେ ଗଣମାଧ୍ୟମକୁ ଜଣାଇଛନ୍ତି। ଦଳାଚକଟା ଘଟଣାରେ ଲୋକଙ୍କ ଜୀବନ ଯାଇଥିବାରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ଉଦ୍ଧାର କାର୍ଯ୍ୟରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍ଡିଆର୍ଏଫ୍) ଏବଂ ଅଗ୍ନିଶମ କର୍ମଚାରୀ ନିୟୋଜିତ ହୋଇଛନ୍ତି। ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ସମେତ ଆହତମାନଙ୍କୁ ୫୦,୦୦୦ ଟଙ୍କା ଲେଖାଏ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସେ ହରିଦ୍ୱାର ଜିଲା ହସ୍ପିଟାଲ ଯାଇ ଆହତମାନଙ୍କ ଅବସ୍ଥା ପଚାରି ବୁଝିବା ସହ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ସେମାନଙ୍କ ପରିବାରକୁ ପ୍ରତିଶ୍ରୁତି ଦେଇଛନ୍ତି। ଆହତଙ୍କ ମଧ୍ୟରୁ ଗୁରୁତର ୫ ଜଣଙ୍କୁ ଋଷିକେଶସ୍ଥିତ ଏମ୍ସକୁ ସ୍ଥାନାନ୍ତର କରାଯାଇଛି।

# ମାଟିତଳୁ ମିଳିଲା ୩୫ ଲକ୍ଷ ଟଙ୍କା

## ଷ୍ଟିଲ୍ ଟିଫିନ୍‌ରେ ରଖିଥିଲେ ମାଓବାଦୀ

**ବଣାଇଁ,୨୭।୭(ପ୍ରଦୀପ ତ୍ରିପାଠୀ)**

ଓଡ଼ିଶା ସୀମାନ୍ତ ଚାଇଁବସାର ସରଣ୍ଡା ଜଙ୍ଗଲରେ ସୁରକ୍ଷାକର୍ମୀମାନେ କୋମ୍ବିଂ ଅପରେଶନ ସମୟରେ ମାଟିତଳେ ପୋତା ହୋଇଥିବା ୩୫ ଲକ୍ଷ ଟଙ୍କା ଜବତ କରିଛନ୍ତି। ମାଓବାଦୀମାନେ ଉକ୍ତ ଟଙ୍କାକୁ ବିଡ଼ା ବିଡ଼ା ଜରି ପ୍ୟାକିଂ କରି ଷ୍ଟିଲ୍ ଟିଫିନ୍‌ରେ ରଖିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ରାଞ୍ଚି ଆଇଜି ଏକ ପ୍ରେସ୍ ବିବୃତ୍ତିରେ ଉଲ୍ଲେଖ କରିଛନ୍ତି। ମାଓବାଦୀମାନେ ଏହି ଟଙ୍କାକୁ ମାଓବାଦୀ କାର୍ଯ୍ୟକଳାପରେ ଲଗାଉଥିଲେ ଓ ଦଳର କ୍ୟାଡରମାନଙ୍କୁ ମଧ୍ୟ ଦରମା ଦେଉଥିବା ନେଇ ଗୋଇନ୍ଦା ବିଭାଗର ସୂଚନା ରହିଥିଲା। କେବଳ ସେତିକି ନୁହେଁ, ଏହି ଅର୍ଥ ଚଳିତ ମାସ ୨୮ ତାରିଖଠାରୁ ଅଗଷ୍ଟ ୩ ପର୍ଯ୍ୟନ୍ତ ପାଳିତ ହେବାକୁଥିବା ମାଓବାଦୀଙ୍କ ଶହୀଦ ସପ୍ତାହ ପାଇଁ ସଂଗୃହୀତ ହୋଇଥିଲା। ଓଡ଼ିଶା - ଝାଡ଼ଖଣ୍ଡ ସୀମା ସଂଲଗ୍ନ ଅଞ୍ଚଳରେ ଥିବା ବିଭିନ୍ନ ରେଲୱେ ସାଇଡିଂ, ଖଣି, କାମ କରୁଥିବା ଠିକାଦାରଙ୍କ ନିକଟରୁ ଏହି ଅର୍ଥ ସଂଗୃହୀତ ହୋଇଥିବା ସନ୍ଦେହ କରାଯାଉଛି।

ପ୍ରକାଶଯୋଗ୍ୟ ଯେ, ଠିକ୍ ୨ ମାସ ତଳେ ମେ' ୨୭ରେ ଓଡ଼ିଶା - ଝାଡଖଣ୍ଡ ସୀମା ସଂଲଗ୍ନ ବାଙ୍କୋ ପଥର ଖାଦାନରୁ ମାଓବାଦୀମାନେ ୫ ଟନ୍ ବିସ୍ଫୋରଣ ଲୁଟ କରି ଓଡ଼ିଶାରେ ଚହଳ ସୃଷ୍ଟି କରିଥିଲେ। ଏହି ଘଟଣା ପରେ ଉଭୟ ରାଜ୍ୟର ପୋଲିସ ସତର୍କ ରହିବା ସହ ଝାରଖଣ୍ଡରେ ☞ପୃଷ୍ଠା-୪

# କର୍ପୋରେଟର ଅମରେଶ ଜେନା ଗିରଫ

**ଭୁବନେଶ୍ୱର,୨୭।୭ (ସତ୍ୟଜିତ୍ ରାଉତ)**

## ବଳାତ୍କାର ମାମଲା



- କହିଲେ, 'ଅର୍ଚ୍ଚନା ମୋତେ ଫସାଇଦେଇଛନ୍ତି'
- ଅମରେଶ କର୍ମର ଫଳ ଭୋଗୁଛନ୍ତି : ଅର୍ଚ୍ଚନା
- ବିଜେଡିରୁ ଅମରେଶ ନିଲମ୍ବିତ

ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ମାମଲାରେ ମୁଖ୍ୟ ଅଭିଯୁକ୍ତ ଥିବା ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି) ଅଧୀନ ୪୫ ନଂ. ୱାର୍ଡର ବିଜେଡି କର୍ପୋରେଟର ଅମରେଶ ଜେନା ଓରଫ ବାଇଆଁଙ୍କୁ ଶେଷରେ ବାଲେଶ୍ୱର ଜିଲାରୁ କମିଶନରେଟ୍ ପୋଲିସ ରବିବାର ଗିରଫ କରିଛି। ବରହମ୍ପୁର ଥାନା ଅନ୍ତର୍ଗତ କଳାକାଦ ଗାଁରେ ଅମରେଶ ଆତ୍ମଗୋପନ କରିଥିଲେ। ଏହା ଜଣାପଡ଼ିବା ପରେ ଲକ୍ଷ୍ମୀସାଗର ଥାନାର ଏକ ଟିମ୍ ସେଠାରେ ଚଢ଼ାଉ କରି ଅମରେଶଙ୍କୁ ଧରିଥିଲା। ପରେ ତାଙ୍କୁ ଭୁବନେଶ୍ୱର ଅଣାଯାଇ ସ୍ୱତନ୍ତ୍ର ପୋକ୍ସୋ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ୧୪ ଦିନିଆ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅମରେଶ ଗିରଫ ହେବା ପରେ ବିଜେଡିରୁ ତାଙ୍କୁ ନିଲମ୍ବନ କରାଯାଇଛି। ଏନେଇ ଦଳ ପକ୍ଷରୁ ଉପସଭାପତି (ମୁଖ୍ୟାଳୟ) ପ୍ରତାପ ଜେନା ଏକ ନିଲମ୍ବନ ଆଦେଶ ଜାରି କରିଛନ୍ତି। ଦଳରେ ବିଶୃଙ୍ଖଳାକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ଜେନା କହିଛନ୍ତି। ଅନ୍ୟପକ୍ଷରେ ଅମରେଶଙ୍କୁ ଫେରାର କରାଇବା ଅଭିଯୋଗରେ ଶନିବାର ୫ଜଣ ସହଯୋଗୀଙ୍କୁ ପୋଲିସ ଗିରଫ କରିଥିବାବେଳେ ସେମାନେ ଏବେ ଜେଲରେ ଅଛନ୍ତି। ଅମରେଶଙ୍କୁ ପୋଲିସ ଟିମ୍ ଡାକ୍ତରୀ ମାଇନା ପାଇଁ ☞ପୃଷ୍ଠା-୪

# ଇନ୍‌କମ୍ ସାର୍ଟିଫିକେଟରେ ବାର୍ଷିକ ଆୟ ୩ ଟଙ୍କା

**ସତ୍ନା, ୨୭।୭ (ପି.ଟି.)**



प्र.क्र. RS/429/0111/47635/2025 /बी-121/2025 | दिनांक 22/07/2025

आय प्रमाण-पत्र


(जारी होने की तिथि से तीन वर्ष तक मान्य)

प्रमाणित किया जाता है कि श्री/श्रीमती/कु. रामस्वरूप पिता/पति श्याम लाल निवासी नायगाव तहसील कोठी जिला सतना (मध्यप्रदेश) की/के परिवार की समस्त स्रोतों की वार्षिक आय रुपये 3 (शब्दों में तीन रूपये मात्र) है।

(आवेदक द्वारा प्रस्तुत घोषणा पत्र के आधार पर जारी)

Saurabh Dwivedi
तहसीलदार

ମଧ୍ୟପ୍ରଦେଶର ସତ୍ନା ଜିଲାର କୋଠି ତହସିଲ ଅନ୍ତର୍ଗତ ନାଓଗାଁ ନିବାସୀ ରାମସ୍ୱରୂପ (୪୫) ନାମକ ଜଣେ କୃଷକଙ୍କର ଆୟ ପ୍ରମାଣପତ୍ର ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ଏହି ପ୍ରମାଣପତ୍ରରେ ରାମସ୍ୱରୂପଙ୍କ ବାର୍ଷିକ ଆୟ ମାତ୍ର ୩ ଟଙ୍କା ହୋଇଥିବା ଲେଖାହୋଇଛି। ଗତ ଜୁଲାଇ ୨୨ରେ ଜାରି କରାଯାଇଥିବା ଉକ୍ତ ଆୟ ପ୍ରମାଣପତ୍ରରେ କୋଠି ତହସିଲଦାର ସୌରଭ ଦ୍ୱିବେଦୀଙ୍କ ଦସ୍ତଖତ ରହିଛି। କଂଗ୍ରେସର ମଧ୍ୟପ୍ରଦେଶ ୟୁନିଟ୍ ପକ୍ଷରୁ ଏହି ପ୍ରମାଣପତ୍ରର ଏକ ଫଟୋକୁ ସୋସିଆଲ ମିଡିଆରେ ଶେୟାର କରାଯାଇ ରାଜ୍ୟର ଭାଜପା ସରକାରକୁ ଟାର୍ଗେଟ କରାଯାଇଛି। କ୍ୟାପ୍ସନ୍‌ରେ କଂଗ୍ରେସ ପକ୍ଷରୁ ଲେଖାଯାଇଛି, ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କ ଶାସନରେ ଭାରତର ସବୁଠାରୁ ଗରିବ ବ୍ୟକ୍ତି ମଧ୍ୟପ୍ରଦେଶରେ ରହୁଛନ୍ତି। ଏହା ତାଙ୍କ ଆୟ ପ୍ରମାଣପତ୍ର। ତାଙ୍କର ବାର୍ଷିକ ଆୟ ମାତ୍ର ୩ ଟଙ୍କା। ସେହିପରି ମାସିକ ଆୟ ମାତ୍ର ୨୫ ପଇସା ଏବଂ ଦିନକର ଆୟ ୧ ପଇସାରୁ ମଧ୍ୟ କମ୍। ସୋସିଆଲ ମିଡିଆରେ କଂଗ୍ରେସର ଉକ୍ତ ପୋଷ୍ଟ ଦ୍ରୁତଗତିରେ ଭାଇରାଲ ହେବାରେ ଲାଗିଥିଲା। ଏହି ଇନ୍‌କମ୍ ସାର୍ଟିଫିକେଟ ଭାରତର ସବୁଠାରୁ ଗରିବ ବ୍ୟକ୍ତିଙ୍କୁ ଲୋକଲୋଚନକୁ ଆଣିଥିବା ନେଇ କେତେଜଣ ୟୁଜର୍ସ କହିଛନ୍ତି। କଂଗ୍ରେସର ଉକ୍ତ ପୋଷ୍ଟ ଭାଇରାଲ ହେବା ପରେ ଆୟ ପ୍ରମାଣପତ୍ର ଜାରି କରିଥିବା ତହସିଲଦାର ଦ୍ୱିବେଦୀ ନିଜ ସଫେଇରେ କହିଛନ୍ତି, ଏହା ଏକ ଟାଇପିଂଗତ ଭୁଲ୍ ଥିଲା। କିରାଣଙ୍କ ଦ୍ୱାରା ତ୍ରୁଟି ଯୋଗୁ ଏପରି ହୋଇଥିଲା। ଏବେ ଉକ୍ତ ତ୍ରୁଟିକୁ ସଂଶୋଧନ କରାଯାଇଛି। ତ୍ରୁଟି ସମ୍ପର୍କରେ ଜଣାପଡ଼ିବା ପରେ ଗତ ୨୫ ତାରିଖରେ ରାମସ୍ୱରୂପଙ୍କ ପାଇଁ ଏକ ନୂତନ ଆୟ ପ୍ରମାଣପତ୍ର ଜାରି କରାଯାଇଥିଲା। ରାମସ୍ୱରୂପଙ୍କ ବାର୍ଷିକ ଆୟ ୩ ଟଙ୍କା ନୁହେଁ ବରଂ ୩୦ ହଜାର ଟଙ୍କା ବୋଲି ତହସିଲଦାର କହିଛନ୍ତି। ତାଙ୍କର ମାସିକ ଆୟ ୨,୫୦୦ ଟଙ୍କା ହୋଇଥିବା ସେ କହିଛନ୍ତି।



## ସଂକ୍ଷେପରେ

### ଚର୍ଚ୍ଚରେ ଆକ୍ରମଣ, ୩୪ ମୃତ

କିନ୍‌ଶାସା, ୨୭।୭

ଆଫ୍ରିକୀୟ ଦେଶ କଙ୍ଗୋର ପୂର୍ବବର୍ତ୍ତୀ ଅଞ୍ଚଳରେ ଥିବା କୋମାଣ୍ଡାସ୍ଥିତ ଏକ କ୍ୟାଥୋଲିକ୍ ଚର୍ଚ୍ଚରେ ରବିବାର ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ସମର୍ଥିତ ବିଦ୍ରୋହୀ ସଙ୍ଗଠନ ଆଲାଇଡ୍ ଡେମୋକ୍ରାଟିକ ଫୋର୍ସ (ଏଡିଏଫ୍) ଆକ୍ରମଣ କରିଛି। ଏଥିରେ ୩୪ ଜଣ ସାଧାରଣ ନାଗରିକଙ୍କର ମୃତ୍ୟୁ ହୋଇଛି। ଏନେଇ ଜଣେ ସ୍ଥାନୀୟ ସିଭିଲ ସୋସାଇଟି ନେତା ଡିୟୁଦୋନେ ଦୁରାନ୍‌ଥାବୋ ସୂଚନା ଦେଇଛନ୍ତି। ଆକ୍ରମଣକାରୀ ବିଦ୍ରୋହୀ ସଙ୍ଗଠନ ଏଡିଏଫ୍‌ର ସଦସ୍ୟ ହୋଇଥିବା ସେ କହିଛନ୍ତି। ଆତତାୟୀମାନେ ଚର୍ଚ୍ଚ ମଧ୍ୟରେ ଏବଂ ପରିସରରେ ଥିବା ଲୋକଙ୍କୁ ଗୁଳିକରି ହତ୍ୟା କରିଥିବା ସହ ଚର୍ଚ୍ଚ ନିକଟସ୍ଥ ଅନେକ ଘର ଏବଂ ଦୋକାନକୁ ଜାଳି ଦେଇଥିବା ସେ କହିଛନ୍ତି। ପ୍ରକାଶ ଯେ, ଏଡିଏଫ୍ ହେଉଛି ଆଇଏସ୍ ସମର୍ଥିତ ଏକ ବିଦ୍ରୋହୀ ସଙ୍ଗଠନ, ଯାହା ଉଗାଣ୍ଡା ଏବଂ କଙ୍ଗୋର ସୀମାରେ ସକ୍ରିୟ ରହି ସାଧାରଣ ନାଗରିକଙ୍କ ଉପରେ ଆକ୍ରମଣ କରିଥାଏ।

### ଗାଜାର ୩ ଅଞ୍ଚଳରେ ଇସ୍ରାଏଲ୍‌ର ସୀମିତ ଯୁଦ୍ଧବିରତି

ଡେଇର୍ ଅଲ୍-ବଲାହ, ୨୭।୭

ହମାସ୍ ବିରୋଧରେ ଇସ୍ରାଏଲ୍ ୨୧ ମାସ ହେଲା ଯୁଦ୍ଧ ଚଳାଇଥିବାବେଳେ ଗାଜାରେ ଦୁର୍ଭିକ୍ଷ ସ୍ଥିତି ସଙ୍ଗିନ ହୋଇଛି। ଏହାକୁ ଅନ୍ତର୍ଜାତୀୟ ସ୍ତରରେ କଡ଼ା ସମାଲୋଚନା କରାଯାଇଛି। ଅନେକ ଲକ୍ଷ ଲୋକ କ୍ଷୁଧାରେ ରହିଥିବାରୁ ଏହାକୁ ଦୃଷ୍ଟିରେ ରଖି ଗାଜାର ୩ଟି ଜନବହୁଳ ଅଞ୍ଚଳରେ ଦୈନିକ ୧୦ ଘଣ୍ଟା ଯୁଦ୍ଧ ବନ୍ଦ ରଖିବାକୁ ଇସ୍ରାଏଲୀ ସେନା ରବିବାର ଘୋଷଣା କରିଛି। ଫଳରେ ସେଠାରେ ଥିବା କ୍ଷୁଧିତଙ୍କ ନିକଟରେ ମାନବୀୟ ସହାୟତା ପହଞ୍ଚିପାରିବ। ଜନବହୁଳ ଗାଜା ସିଟି, ଡେଇର୍ ଅଲ୍-ବଲାହ ଏବଂ ମୁଓ୍ୱାସିରେ ଅଧିକ ପରିମାଣରେ ମାନବୀୟ ସହାୟତା ପହଞ୍ଚାଇବା ପାଇଁ ସାମରିକ ବିରାମ ଆରମ୍ଭ ହୋଇଛି। ରବିବାରଠାରୁ ପରବର୍ତ୍ତୀ ବିଜ୍ଞପ୍ତି ପର୍ଯ୍ୟନ୍ତ ପ୍ରତ୍ୟହ ସ୍ଥାନୀୟ ସମୟ ସକାଳ ୧୦ଟାରୁ ରାତି ୮ଟା ପର୍ଯ୍ୟନ୍ତ ଯୁଦ୍ଧ ବନ୍ଦ ରହିବ। ସହାୟତା ସାମଗ୍ରୀ ଯେଉଁ ରାସ୍ତା ଦେଇ ଯାଉଛି ସେଠାରେ ସେନା ସୁରକ୍ଷା ଯୋଗାଇଦେବା ସହ ଅନ୍ୟ ସ୍ଥାନରେ ଆକାଶମାର୍ଗରୁ ଅଟା, ଚିନି ପ୍ୟାକେଟ୍ ଓ ଡବା ଖାଦ୍ୟ ପକାଯିବ ବୋଲି ଇସ୍ରାଏଲୀ ସେନା କହିଛି।

# ମନ୍ଦିରରେ ୩୦ ବର୍ଷର ବର୍ବରତା

**ଏକ ମନ୍ଦିର ସହର, ଜଣେ ରହସ୍ୟଜନକ ହ୍ୱିସିଲବ୍ଲୋୟର ଏବଂ ତାଙ୍କ ଚାଞ୍ଚଲ୍ୟକର ସ୍ୱୀକାରୋକ୍ତି। ଦକ୍ଷିଣ ଭାରତର ଏକ ମନ୍ଦିରରେ ପ୍ରାୟ ୩ ଦଶନ୍ଧି ଧରି ବ୍ୟବସ୍ଥିତ ଢଙ୍ଗରେ ମହିଳାଙ୍କୁ ବଳାତ୍କାର ଓ ହତ୍ୟା କରାଯିବା ପରେ ପୋତି ଦିଆଯାଉଥିଲା। ଏ ସମ୍ପର୍କରେ ୪୮ ବର୍ଷୀୟ ହ୍ୱିସିଲବ୍ଲୋୟର ମୁହଁ ଖୋଲିବା ପରେ ଏହି ପାପ କାହାଣୀ ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ହ୍ୱିସିଲବ୍ଲୋୟରଙ୍କ ଆବିର୍ଭାବ ନ୍ୟାୟରୁ ବଞ୍ଚିତ ଅନେକ ଶହ ସ୍ୱଳ୍ପବୟସ୍କା, ଯୁବତୀ ଓ ମହିଳାଙ୍କ ପୋତି ହୋଇ ରହିଥିବା ବେଦନାକୁ ଉଜାଗର କରିଛି, ଯାହାକୁ ପୋଲିସ ତଦନ୍ତ ନ କରି ଅଣଦେଖା କରିଆସିଥିଲା। ସେ ବିଧିବଦ୍ଧ ଅଭିଯୋଗ କରିବା ପରେ କର୍ଣାଟକ ସରକାର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରିଛନ୍ତି।**


କର୍ଣାଟକ ଧର୍ମଶାଳାର ମଞ୍ଜୁନାଥ ମନ୍ଦିର।

ବେଙ୍ଗାଲୁରୁ, ୨୭।୭

ଜୁଲାଇ ୧୧ରେ କର୍ଣାଟକର ଧର୍ମଶାଳା ସହରସ୍ଥିତ ବେଲଥାଙ୍ଗଡ଼ି କୋର୍ଟରେ ହାଜର କରାଯିବାବେଳେ ହ୍ୱିସିଲବ୍ଲୋୟରଙ୍କ ମୁହଁ କଳା ହୁଡ୍‌ରେ ଢଙ୍କାଯାଇଥାଏ। ତାଙ୍କ ହାତରେ ଥାଏ କେତୋଟି କଙ୍କାଳର ଅବଶେଷ, ଯାହାକୁ ସେ ବଳାତ୍କାର ପୀଡ଼ିତାଙ୍କୁ ପୋତାଯାଇଥିବା ଏକ ଗଣସମାଧିରୁ ଆଣିଥିବା ଦାବି କରିଥିଲେ। ବ୍ୟକ୍ତି ଜଣକ ନିଜକୁ ୮୦୦ ବର୍ଷ ପୁରୁଣା ଉକ୍ତ ମନ୍ଦିରର ଜଣେ ପୂର୍ବତନ ସଫେଇ କର୍ମଚାରୀ ବୋଲି ପରିଚୟ ଦେଇଥିଲେ। ଏପରି କି ନିର୍ମମ ବର୍ବରତା ଓ ଯୌନ ଉତ୍ପୀଡ଼ନର କ୍ଷତଚିହ୍ନଗୁଡ଼ିକୁ ଲୁଚାଇବା ପାଇଁ ପୀଡ଼ିତାମାନଙ୍କ ମୃତଦେହକୁ ଗୋପନୀୟ ଭାବେ ପୋତିଦେବାକୁ ତାଙ୍କୁ ବାଧ୍ୟ କରାଯାଉଥିଲା ବୋଲି ସେ ଅଭିଯୋଗ ଆଣିଥିଲେ।


ହ୍ୱିସିଲବ୍ଲୋୟରଙ୍କୁ ବୟାନ ରେକର୍ଡ ପାଇଁ କୋର୍ଟକୁ ନିଆଯିବାବେଳର ଦୃଶ୍ୟ।

ଦକ୍ଷିଣ କନ୍ନଡ ଜିଲା ପୋଲିସ ଅଧୀକ୍ଷକଙ୍କ ନିକଟରେ ଜୁଲାଇ ୩ରେ ପ୍ରଥମେ ହ୍ୱିସିଲବ୍ଲୋୟର ଲିଖିତ ଅଭିଯୋଗ କରିଥିଲେ। ସେଥିରେ ସେ ଲେଖିଥିଲେ, ୨୦୧୪ରେ ନିଜ ପରିବାର ସହ ଲୁଚି ପଳାଇବା ପୂର୍ବରୁ ପ୍ରାୟ ୨୦ ବର୍ଷ ଧରି ତାଙ୍କୁ ସେଠାରେ ଜବରଦସ୍ତ ଉକ୍ତ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ଏହାର ପ୍ରାୟ ୧ ଦଶନ୍ଧି ପରେ ସେ ଅନୁତପ୍ତ ହୋଇ ଉକ୍ତ ଜଘନ୍ୟ ଅପରାଧର ପର୍ଦ୍ଦାଫାଶ କରିବା ପାଇଁ ଫେରିଛନ୍ତି। ଯୁବତୀ ଓ ମହିଳାମାନଙ୍କୁ ୧୯୯୫ରୁ ୨୦୧୪ ପର୍ଯ୍ୟନ୍ତ ବଳାତ୍କାର କରାଯିବା ପରେ ହତ୍ୟା କରି ସେମାନଙ୍କ ମୃତଦେହଗୁଡ଼ିକୁ ପୋତାଯାଉଥିଲା। ପୀଡ଼ିତାମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ସେଠାରୁ ଅନେକ ଶହ ମୃତଦେହ ଖୋଳିବାକୁ ହ୍ୱିସିଲବ୍ଲୋୟର ଦାବି କରିଥିଲେ।

ନେତ୍ରାବତୀ ନଦୀ କୂଳରେ ଥିବା ଧର୍ମଶାଳା ହିନ୍ଦୁମାନଙ୍କ ଏକ ବଡ଼ ତୀର୍ଥସ୍ଥାନ। ଏହି ମଧ୍ୟଯୁଗୀୟ ଶ୍ରୀମଞ୍ଜୁନାଥ ମନ୍ଦିରରେ ଭଗବାନ ଶିବ ପୂଜା ପାଆନ୍ତି। ମନ୍ଦିରଟି ଏକ ପରିବାର ଦ୍ୱାରା ପରିଚାଳିତ। ଏହା ପ୍ରତିବର୍ଷ ଉକ୍ତ ଛୋଟ ସହରକୁ ଅନେକ ଲକ୍ଷ ଭକ୍ତଙ୍କୁ ଟାଣିଆଣିଥାଏ।

ଦଳିତ ହ୍ୱିସିଲବ୍ଲୋୟର ଜଣକ କହିଛନ୍ତି, ସେ ୧୯୯୫ରୁ ୨୦୧୪ ପର୍ଯ୍ୟନ୍ତ ସେହି ମନ୍ଦିରରେ କାର୍ଯ୍ୟ କରିଥିଲେ। ସେଠାରେ ତାଙ୍କ ଚାକିରି ନିୟମିତ କରାଯିବା ପରେ ଅତ୍ୟନ୍ତ ଜଘନ୍ୟ ଅପରାଧଗୁଡ଼ିକର ପ୍ରମାଣ ଲୁଚାଇବା ଦାୟିତ୍ୱ ତାଙ୍କୁ ଦିଆଯାଇଥିଲା। ତେବେ ଜଣେ ଝିଅଙ୍କୁ ବଳାତ୍କାର କରାଯିବା ପରେ ୨୦୧୪ ଡିସେମ୍ବରରେ ସେ ମାନସିକ ନିର୍ଯାତନା ସହି ନ ପାରି ସେଠାରୁ ଲୁଚି ପଳାଇବାକୁ ବାଧ୍ୟ ହୋଇଥିଲେ। ଏକ ପଡ଼ୋଶୀ ରାଜ୍ୟରେ ହ୍ୱିସିଲବ୍ଲୋୟର ଓ ତାଙ୍କ ପରିବାର ଆତ୍ମଗୋପନ କରିଥିଲେ। ସେମାନେ ନିଜ ଜୀବନ ବଞ୍ଚାଇବା ପାଇଁ ବାରମ୍ବାର ସ୍ଥାନ ପରିବର୍ତ୍ତନ କରୁଥିଲେ।

ପ୍ରଥମେ ନଦୀକୂଳରେ ସେ କେତେଜଣ ମହିଳାଙ୍କ ଗଳିତ ମୃତଦେହ ଠାବ କରିଥିଲେ। ସେତେବେଳେ ସେ ଏହାକୁ ଆତ୍ମହତ୍ୟା କିମ୍ବା ଦୁର୍ଘଟଣାଜନିତ ମୃତ୍ୟୁ ବୋଲି ଧରିନେଇଥିଲେ। କିନ୍ତୁ ମହିଳାଙ୍କ ବିବସ୍ତ୍ର ମୃତଦେହଗୁଡ଼ିକରେ କ୍ଷତଚିହ୍ନ ଦେଖି ତାଙ୍କ ମନକୁ ପାପ ଛୁଇଁଥିଲା। ୧୯୯୮ରେ ତାଙ୍କୁ ଗୋପନୀୟ ଭାବେ ଏଭଳି ମୃତଦେହ ଲୁଚାଇବାକୁ କୁହାଯାଇଥିଲା। ସେ ମନା କରିବାରୁ ତାଙ୍କୁ ମାଡ଼ ମରାଯାଇଥିଲା ଓ ଧମକ ଦିଆଯାଇଥିଲା। ମହିଳାଙ୍କ ଭଳି ତୁମ ଶରୀରକୁ ଖଣ୍ଡ ଖଣ୍ଡ କରି ହାଣିବୁ ଓ ତୁମ ପରିବାରର ସମସ୍ତଙ୍କୁ ମାରିଦେବୁ ବୋଲି ସେତେବେଳେ ଧମକ ଦିଆଯାଇଥିଲା।

୨୦୧୦ର ଏକ ଘଟଣା। ଧର୍ମଶାଳାରୁ ୩୦ କି.ମି. ଦୂର ଏକ ସ୍ଥାନକୁ ତାଙ୍କୁ ପଠାଯାଇଥିଲା। ସେଠାରେ ୧୨ରୁ ୧୫ ବର୍ଷୀୟା ଜଣେ ଝିଅଙ୍କ ମୃତଦେହ ପୋତିବାକୁ ତାଙ୍କୁ କୁହାଯାଇଥିଲା। ଝିଅ ନିଜ ସ୍କୁଲ ବ୍ୟାଗ୍ ଧରିଥିବାବେଳେ ୟୁନିଫର୍ମ ପିନ୍ଧିଥିଲେ। କିନ୍ତୁ ତଳଭାଗରେ ବସ୍ତ୍ର ନ ଥିଲା। ତାଙ୍କୁ ବଳାତ୍କାର କରାଯାଇଥିବା କ୍ଷତଚିହ୍ନରୁ ସ୍ପଷ୍ଟ ବାରି ହୋଇଯାଉଥିଲା। ଗଳା ଚିପି ହତ୍ୟା କରାଯାଇଥିବା ଚିହ୍ନରୁ ଜାଣି ହେଉଥିଲା। ତାକୁ ନେଇ ସେ ବିଚଳିତ ହୋଇପଡ଼ିଥିଲେ। ବର୍ବରତା ଓ ହତ୍ୟାକୁ ନେଇ ସ୍ମୃତିର ବୋଝକୁ ଆଉ ସହିପାରିବେ ନାହିଁ ବୋଲି ହ୍ୱିସିଲବ୍ଲୋୟର କହିଛନ୍ତି।

ହ୍ୱିସିଲବ୍ଲୋୟରଙ୍କ ଓକିଲ କେଭି ଧନଞ୍ଜୟ କହିଛନ୍ତି, ଏହା ଏକ ଅଭୂତପୂର୍ବ ମାମଲା, ଯେଉଁଠି ସାକ୍ଷୀମାନେ କେବଳ ତାଙ୍କ ମହକିଲଙ୍କ ସପକ୍ଷରେ ଆଗେଇ ଆସିନାହାନ୍ତି, ବରଂ ଉତ୍ତରଦାୟିତ୍ୱ ସ୍ଥିର ପାଇଁ ସେମାନେ ମଧ୍ୟ ଅନେକ ପ୍ରମାଣ ସାମ୍ନାକୁ ଆଣିଛନ୍ତି। ଆଇନକୁ ଡରି ନୁହେଁ, ବରଂ ନିଜ ବିବେକ ଓ ନୈତିକତା ଦୃଷ୍ଟିରୁ ସାମ୍ନାକୁ ଆସିଛନ୍ତି। ଜୁଲାଇ ୨୦ରେ ମନ୍ଦିର କର୍ତ୍ତୃପକ୍ଷ ଜାରି କରିଥିବା ବିବୃତିରେ କହିଛନ୍ତି, ସେମାନେ ଏକ ଉପଯୁକ୍ତ ଓ ସ୍ୱଚ୍ଛ ତଦନ୍ତକୁ ସମର୍ଥନ କରୁଛନ୍ତି। ଏସ୍‌ଆଇଟି ନିରପେକ୍ଷ ତଦନ୍ତ କରିବ ବୋଲି ଆଶାବାଦୀ ଥିବା ଶ୍ରୀକ୍ଷେତ୍ର ଧର୍ମଶାଳା ମୁଖପାତ୍ର କେ. ପାର୍ଶ୍ୱନାଥ ଜୈନ କହିଛନ୍ତି। କର୍ଣାଟକ ମହିଳା କମିଶନ ମୁଖ୍ୟ ନାଗଲକ୍ଷ୍ମୀ ଚୌଧରୀ ତଦନ୍ତ ପାଇଁ ଏସ୍‌ଆଇଟି ଗଠନକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଅଭିହିତ କରିଛନ୍ତି।

**■ଅନେକ ଶହ ସ୍ୱଳ୍ପ ବୟସ୍କା, ଯୁବତୀ, ମହିଳାଙ୍କୁ ବଳାତ୍କାର ଓ ହତ୍ୟା ପରେ ପୋତି ଦିଆଯାଇଛି**

**■ମୁହଁ ଫିଟାଇଲେ ପୂର୍ବତନ ସଫେଇ କର୍ମଚାରୀ, ତଦନ୍ତ ପାଇଁ ଏସ୍‌ଆଇଟି ଗଠିତ**

### ଅସ୍ତ୍ରବିରତି ପାଇଁ ଥାଇଲାଣ୍ଡ, କାମ୍ବୋଡିଆ ରାଜି

ସିସାକେଟ୍, ୨୭।୭

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କଠାରୁ ଶନିବାର ରାତିରେ ଫୋନ୍ କଲ୍ ପାଇବା ପରେ କାମ୍ବୋଡିଆ ପ୍ରଧାନମନ୍ତ୍ରୀ ସାମଦେଚ୍ ଥିପାଡେଇ ହୁନ୍ ମାନେଟ୍ ଥାଇଲାଣ୍ଡ ସହ ତୁରନ୍ତ ନିଃସର୍ତ୍ତ ଅସ୍ତ୍ରବିରତି ପାଇଁ ରାଜି ଥିବା ରବିବାର କହିଛନ୍ତି। ଥାଇଲାଣ୍ଡ ଓ କାମ୍ବୋଡ଼ିଆ ମଧ୍ୟରେ ସୀମାବିବାଦକୁ ନେଇ ୪ ଦିନ ହେଲା ସଂଘର୍ଷ ଲାଗିରହିଥିବାବେଳେ ବହୁସଂଖ୍ୟାରେ ଲୋକ ମୃତାହତ ହେଲେଣି ଏହାକୁ ଆଉ ଦେଖାଯାଇପାରିବ ନାହିଁ ବୋଲି ଟ୍ରମ୍ପ କହିଥିଲେ। ଅସ୍ତ୍ରବିରତି ପାଇଁ ପ୍ରସ୍ତୁତ ଥିବା କାମ୍ବୋଡ଼ିଆ ଆସିଆନ୍‌ର ବର୍ତ୍ତମାନର ଅଧ୍ୟକ୍ଷ ମାଲେସିଆର ପ୍ରଧାନମନ୍ତ୍ରୀ ଅନଓ୍ୱର ଇବ୍ରାହିମ୍‌ଙ୍କୁ ଜଣାଇଥିବା ମାନେଟ୍ କହିଛନ୍ତି। ସୀମା ବିବାଦରେ ମାଲେସିଆ ମଧ୍ୟସ୍ଥତା କରିବାକୁ ଥାଇଲାଣ୍ଡ ଓ କାମ୍ବୋଡ଼ିଆ ସହମତ ହୋଇଥିବା ମାଲେସିଆ ବହିର୍ବ୍ୟାପାର ମନ୍ତ୍ରୀ କହିଛନ୍ତି। ସୋମବାର ସନ୍ଧ୍ୟାରେ କାମ୍ବୋଡିଆ ପ୍ରଧାନମନ୍ତ୍ରୀ ମାନେଟ୍ ଏବଂ ଥାଇଲାଣ୍ଡର କାମଚଳା ପ୍ରଧାନମନ୍ତ୍ରୀ ଫୁମ୍‌ଥାମ୍ ଓ୍ୱେଚାଚେଇ ମାଲେସିଆରେ ଆଲୋଚନା ପାଇଁ ଏକାଠି ହେବା ଆଶା କରାଯାଉଛି।

### ଉଡ଼ାଣ ପୂର୍ବରୁ ବୋଇଂ ଜେଟ୍‌ରେ ନିଆଁ

ୱାଶିଂଟନ, ୨୭।୭

ଆମେରିକାର ଡେନ୍‌ଭେର ଅନ୍ତର୍ଜାତୀୟ ବିମାନବନ୍ଦରରେ ଶନିବାର ଅପରାହ୍ଣରେ ଆମେରିକାନ୍ ଏୟାରଲାଇନ୍ସର ଏକ ବୋଇଂ ବିମାନ ଉଡ଼ାଣ ପୂର୍ବରୁ ଏହାର ଲ୍ୟାଣ୍ଡିଂ ଗିଅର କାମ ନ କରିବାରୁ ରନ୍‌ଓ୍ୱେରେ ନିଆଁ ବାହାରିବା ସହ ପ୍ରବଳ ଧୂଆଁ ଉଠିଥିଲା। ମିଆମି ଯିବାକୁ ଥିବା ଫ୍ଲାଇଟ୍ ୩୦୨୩ର ଉଡ଼ାଣ ବନ୍ଦ କରାଯିବା ସହ ସେଥିରେ ଥିବା ୧୭୩ ଜଣ ଯାତ୍ରୀ ଓ ୬ କ୍ରିଉ ସଦସ୍ୟଙ୍କୁ ଏମର୍ଜେନ୍ସି ସ୍ଲାଇଡ୍ ଦେଇ ନିରାପଦର ସହ ବାହାର କରାଯାଇଥିଲା। ଟାୟାରରେ ମେଣ୍ଟେନାନ୍ସଜନିତ ତ୍ରୁଟିରୁ ନିଆଁ ବାହାରିଲା ବୋଲି କୁହାଯାଇଛି।

## ୧୩ ବର୍ଷ ପରେ ମାତୋଶ୍ରୀରେ ରାଜ୍ ଠାକ୍‌ରେ

ମୁମ୍ବାଇ, ୨୭।୭

ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ଅଧ୍ୟକ୍ଷ ରାଜ୍ ଠାକ୍‌ରେ ଦୀର୍ଘ ୧୩ ବର୍ଷ ପରେ ପ୍ରଥମ ଥର ପାଇଁ ମୁମ୍ବାଇସ୍ଥିତ ମାତୋଶ୍ରୀରେ ରବିବାର ପ୍ରବେଶ କରିଛନ୍ତି। ଭାଇ ତଥା ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକ୍‌ରେଙ୍କ ଜନ୍ମଦିନ ଉତ୍ସବ ପାଳନ ପାଇଁ ରାଜ୍ ତାଙ୍କ ବାସଭବନକୁ ଆସିଥିଲେ। ଏହା ପୂର୍ବରୁ ୨୦୧୨ରେ ବାଲାସାହେବ ଠାକ୍‌ରେଙ୍କ ମୃତ୍ୟୁ ସମୟରେ ରାଜ୍ ମାତୋଶ୍ରୀକୁ ଶେଷ ଥର ପାଇଁ ଆସିଥିଲେ। ରବିବାର ରାଜ୍‌ଙ୍କ ସହ ଏମ୍‌ଏନ୍‌ଏସ୍ ନେତା ବାଲା ନନ୍ଦଗାଓଙ୍କର ଏବଂ ନିତୀନ ସର୍ଦ୍ଦେଶାଇ ମଧ୍ୟ ଥିଲେ। ମାତୋଶ୍ରୀରେ ବାଲାସାହେବଙ୍କ ଫଟୋ ନିକଟରେ ଛିଡ଼ା ହୋଇ ରାଜ୍ ଓ ଉଦ୍ଧବ ଫଟୋ ଉଠାଇଛନ୍ତି। ଅନ୍ୟ ଏକ ଫଟୋରେ ରାଜ ଉଦ୍ଧବଙ୍କୁ ତାଙ୍କ ଜନ୍ମଦିନରେ ଫୁଲତୋଡ଼ା ଦେଉଥିବା ଦେଖାଯାଇଛି। ଦୀର୍ଘଦିନ ହେଲା ଠାକ୍‌ରେ ପରିବାରଠାରୁ ଦୂରେଇ ଯାଇଥିବା ରାଜ୍ ଚଳିତ ମାସ ଆରମ୍ଭରେ ମରାଠୀ ପରିଚୟ ପ୍ରସଙ୍ଗରେ ଉଦ୍ଧବଙ୍କ ସହ ଗୋଟିଏ ମଞ୍ଚରେ ଏକାଠି ହୋଇଥିଲେ। ଓ୍ୱର୍ଲିରେ ଅନୁଷ୍ଠିତ ବିଜୟ ରାଲିରେ ଆଗାମୀ ପୌର ନିର୍ବାଚନ ଏକାଠି ଲଢ଼ିବା ନେଇ ଉଦ୍ଧବ ସୂଚନା ଦେଇଥିଲେ।


ମାତୋଶ୍ରୀରେ ଉଦ୍ଧବ ଠାକ୍‌ରେଙ୍କ ସହ ରାଜ୍ ଠାକ୍‌ରେ।

## ପୂର୍ବତନ ମନ୍ତ୍ରୀଙ୍କ ଜ୍ୱାଇଁ ସମେତ ୭ ଗିରଫ

**ରେଭ୍ ପାର୍ଟିରେ ଚଢ଼ାଉ ବେଳେ ଡ୍ରଗ୍ସ ଜବତ**

ପୁଣେ, ୨୭।୭

ମହାରାଷ୍ଟ୍ରର ପୁଣେସ୍ଥିତ ଏକ ଆପାର୍ଟମେଣ୍ଟରେ ରବିବାର ଭୋର ସମୟରେ ଚାଲିଥିବା ରେଭ୍ ପାର୍ଟି ଉପରେ ପୋଲିସ ଚଢ଼ାଉ କରି ସେଠାରୁ ଡ୍ରଗ୍ସ, ହୁକା ଏବଂ ମଦ ଜବତ କରିଛି। ଏହି ଚଢ଼ାଉ ବେଳେ ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ଏକନାଥ ଖଡ୍‌ସେଙ୍କ ଝିଅ ରୋହିଣୀଙ୍କ ସ୍ୱାମୀ ପ୍ରାଞ୍ଜଳ ଖେଓ୍ୱାଲକରଙ୍କ ସମେତ ୭ ଜଣଙ୍କୁ ଗିରଫ କରାଯାଇଥିବା ଜଣେ ପୋଲିସ ଅଧିକାରୀ କହିଛନ୍ତି। ତେବେ ପୋଲିସ କାର୍ଯ୍ୟାନୁଷ୍ଠାନ ପଛରେ ରାଜନୈତିକ ଉଦ୍ଦେଶ୍ୟ ରହିଛି କି ନାହିଁ ତାହାର ତଦନ୍ତ କରାଯାଉ ବୋଲି ଏନ୍‌ସିପି(ଏସ୍‌ପି) ନେତା ଖଡ୍‌ସେ କହିଛନ୍ତି। ଗିରଫ ୭ ଜଣଙ୍କ ମଧ୍ୟରେ ୨ ଜଣ ମହିଳା ଅଛନ୍ତି। ଖଡ୍‌ସେଙ୍କ ଝିଅ ରୋହିଣୀ ଏବେ ଏନ୍‌ସିପି(ଏସ୍‌ପି) ମହିଳା ଶାଖାର ରାଜ୍ୟ ସଭାପତି ଅଛନ୍ତି। ରେଭ୍ ପାର୍ଟି ଚାଲୁଥିବା ସୂଚନା ପାଇ ପୁଣେ ପୋଲିସ୍‌ର କ୍ରାଇମ୍ ବ୍ରାଞ୍ଚ୍ ପକ୍ଷରୁ ଖରାଡି ଅଞ୍ଚଳରେ ଥିବା ଷ୍ଟୁଡିଓ ଆପାର୍ଟମେଣ୍ଟରେ ଚଢ଼ାଉ କରାଯାଇଥିଲା।

## ଦେଶରେ ୨୦୦ରୁ ଉର୍ଦ୍ଧ୍ୱ ସ୍ପେସ୍ ଷ୍ଟାର୍ଟଅପ୍

**ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍**

**ଜଙ୍ଗଲ ନିଆଁ ସଚେତନତା ପାଇଁ କେନ୍ଦୁଝର ମହିଳାଙ୍କୁ ପ୍ରଶଂସା**

ନୂଆଦିଲ୍ଲୀ, ୨୭।୭(ପି.ଟି.)



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍ କୀ ବାତ୍‌ରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ରୁ ଫେରିଥିବା ମହାକାଶଚାରୀ ଶୁଭାଂଶୁ ଶୁକ୍ଲାଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି। ଶୁଭାଂଶୁ ଫେରିବା ପରେ ମହାକାଶକୁ ନେଇ ପିଲାମାନଙ୍କ ମଧ୍ୟରେ ଉତ୍ସୁକତାର ଏକ ନୂଆ ଲହର ଦେଖାଦେଇଥିବାବେଳେ କେବଳ ମହାକାଶ ସେକ୍ଟରରେ ୨୦୦ରୁ ଉର୍ଦ୍ଧ୍ୱ ଷ୍ଟାର୍ଟଅପ୍ ସୃଷ୍ଟି ହେଲେଣି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଆତ୍ମନିର୍ଭରତା ଦ୍ୱାରା ୨୦୪୭ ସୁଦ୍ଧା ଭାରତ ବିକଶିତ ରାଷ୍ଟ୍ରରେ ପରିଣତ ହୋଇପାରିବ। ଓଡ଼ିଶାର କେନ୍ଦୁଝର ଜିଲାର ମହିଳା ସଂକୀର୍ତ୍ତନ ଦଳ କୀର୍ତ୍ତନ ଜରିଆରେ ଜଙ୍ଗଲ ନିଆଁ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିବାରୁ ପ୍ରଧାନମନ୍ତ୍ରୀ ସେମାନଙ୍କର ପ୍ରଶଂସା କରିଛନ୍ତି। ଭଜନ ଓ କୀର୍ତ୍ତନ ଆମ ଲୋକଗୀତ ଓ ପରମ୍ପରାର ଅଂଶବିଶେଷ। କେନ୍ଦୁଝର ଜିଲାର ରାଧାକ୍ରିଷ୍ଣ ସଂକୀର୍ତ୍ତନ ମଣ୍ଡଳୀ ବନାଗ୍ନିକୁ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାରେ ଅଦ୍ଭୁତ କାର୍ଯ୍ୟ କରିଛନ୍ତି, ଯାହା ବିଶ୍ୱାସ କରିହେବନି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଗତ କିଛି ସପ୍ତାହ ମଧ୍ୟରେ କ୍ରୀଡ଼ା, ବିଜ୍ଞାନ କିମ୍ବା ସଂସ୍କୃତିରେ ଅନେକ ଘଟଣା ଘଟିଛି, ଯାହା ପ୍ରତ୍ୟେକ ଭାରତୀୟଙ୍କୁ ଗର୍ବିତ କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

## ଲଡ୍‌କୀ ବହୀନ୍ ଯୋଜନା: ୧୪ ହଜାର ପୁରୁଷ ହାତେଇଛନ୍ତି ଟଙ୍କା

ମୁମ୍ବାଇ, ୨୭।୭

ମହାରାଷ୍ଟ୍ର ସରକାରଙ୍କ ପକ୍ଷରୁ ଆର୍ଥିକ ଅନଗ୍ରସର ମହିଳାଙ୍କ ପାଇଁ ଗତବର୍ଷ ଲଡ୍‌କୀ ବହୀନ୍ ଯୋଜନାର ଶୁଭାରମ୍ଭ କରାଯାଇଥିଲା। ଗତବର୍ଷ ଅନୁଷ୍ଠିତ ହୋଇଥିବା ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଏହି ଯୋଜନା ମହାଯୁତିକୁ ଫାଇଦା ଦେଇଥିଲା। ତେବେ ଏହି ଯୋଜନାରେ ୧୪,୯୨୮ ପୁରୁଷ ଆର୍ଥିକ ଭାବେ ଲାଭବାନ ହୋଇଥିବା ନେଇ ରାଜ୍ୟ ସରକାରଙ୍କ ମହିଳା ଏବଂ ଶିଶୁ ବିକାଶ ବିଭାଗ (ଡବ୍ଲୁସିଡି) ଦ୍ୱାରା କରାଯାଇଥିବା ଏକ ଅଡିଟ ରିପୋର୍ଟରୁ ଜଣାପଡ଼ିଛି। ଅନଲାଇନ ପଞ୍ଜୀକରଣ ସମୟରେ ନିଜକୁ ମହିଳା ହିତାଧିକାରୀ ଭାବେ ପରିଚୟ ଦେଇ ୧୪,୯୨୮ ପୁରୁଷ ଲଡ୍‌କୀ ବହୀନ୍ ଯୋଜନାରେ ଆର୍ଥିକ ଲାଭ ପାଇବାକୁ ସକ୍ଷମ ହୋଇଥିବା ଏହି ରିପୋର୍ଟ କହିଛି, ଯାହାକୁ ନେଇ ମହାରାଷ୍ଟ୍ରରେ ରାଜନୀତି ସରଗରମ ହୋଇଛି। ବିରୋଧୀ ଶିବସେନା (ୟୁବିଟି) ଏବଂ ଏନ୍‌ସିପି (ଏସ୍‌ପି) ରାଜ୍ୟର ଦେବେନ୍ଦ୍ର ଫଡ୍‌ନବିସ୍ ସରକାରଙ୍କୁ ସମାଲୋଚନା କରିଛନ୍ତି। ଏନ୍‌ସିପି (ଏସ୍‌ପି)ର କାର୍ଯ୍ୟକାରୀ ଅଧ୍ୟକ୍ଷ ସୁପ୍ରିୟା ସୁଲେ ଘଟଣାର ସିବିଆଇ ତଦନ୍ତ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ତଦନ୍ତ କରାଯିବ ବୋଲି ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାଓ୍ୱାର କହିଛନ୍ତି। ଯେଉଁ ପୁରୁଷମାନେ ଠକେଇ କରି ଲଡ୍‌କୀ ବହୀନ୍ ଯୋଜନାର ଲାଭ ଉଠାଇଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା। ସେହିପରି ସେମାନଙ୍କୁ ଦିଆଯାଇଥିବା ରାଶିକୁ ଜବତ କରାଯିବ। ସରକାରୀ ଚାକିରି କରୁଥିବା କିଛି ମହିଳା ମଧ୍ୟ ଏହି ଯୋଜନାର ଲାଭ ଉଠାଇଥିବା ନେଇ ରିପୋର୍ଟରୁ ଜଣାପଡ଼ିଛି। ହିତାଧିକାରୀ ତାଲିକାରୁ ସେମାନଙ୍କ ନାମକୁ ମଧ୍ୟ ହଟାଯିବ ବୋଲି ଅଜିତ କହିଛନ୍ତି। ପ୍ରକାଶ ଯେ, ଲଡ୍‌କୀ ବହୀନ୍ ଯୋଜନାରେ ମହାରାଷ୍ଟ୍ରରେ ଆର୍ଥିକ ଭାବେ ଅନଗ୍ରସର ଥିବା ମହିଳାଙ୍କୁ ମାସିକ ୧,୫୦୦ ଟଙ୍କାର ସହାୟତା ରାଶି ମିଳୁଛି।



## ଫୁରସତ୍

## ଉଦ୍ୟୋଗପତିରୁ ଶିବ ମହିମା ପ୍ରଚାରକ

**ଚର୍ଚ୍ଚାରେ ପୂର୍ବତନ ଜାପାନୀ ବିଜ୍‌ନେସମ୍ୟାନ୍**

ଡେରାଡୁନ୍

ଜାପାନର ରାଜଧାନୀ ଟୋକିଓର ମୂଳ ନିବାସୀ ତଥା ପୂର୍ବତନ ବ୍ୟବସାୟୀ ହୋଶି ଟାକାୟୁକି (୪୧) ସମ୍ପ୍ରତି ଚର୍ଚ୍ଚାରେ ରହିଛନ୍ତି। ଏକଦା ସେ ଟୋକିଓସ୍ଥିତ ୧୫ଟି ବିଉଟି ପ୍ରଡକ୍ଟସ୍ ଷ୍ଟୋର୍‌ର ମାଲିକ ଥିଲେ। ତେବେ ଏବେ ସେ ତାଙ୍କର ଅନେକ କୋଟିର ବ୍ୟବସାୟକୁ ଛାଡ଼ି ଭାରତ ଆସି ହିନ୍ଦୁ ଆଧ୍ୟାତ୍ମିକତାକୁ ଆପଣାଇଛନ୍ତି ଏବଂ ବାଲା କୁମ୍ଭ ଗୁରୁମୁନି ନାମରେ ଭଗବାନ ଶିବଙ୍କ ଭକ୍ତର ପରିଚୟରେ ତାଙ୍କ ମହିମାର ପ୍ରଚାର ପ୍ରସାରରେ ନିଜକୁ ଉତ୍ସର୍ଗ କରିଛନ୍ତି। ସମ୍ପ୍ରତି ସେ ଉତ୍ତରାଖଣ୍ଡରେ ଆତ୍ମ-ଖୋଜ୍ ଯାତ୍ରାରେ ରହିଛନ୍ତି। ସେ ଖାଲି ପାଦରେ ପାରମ୍ପରିକ ଗୈରିକ ବସ୍ତ୍ର ପରିଧାନ କରି ପବିତ୍ର ଗଙ୍ଗା ଜଳ ଧରି ନିଜର ୨୦ ଜଣ ଜାପାନୀ ଅନୁଗାମୀଙ୍କ ସହ ଏହି ଯାତ୍ରାରେ ଭାଗବାନ ଶିବଙ୍କ ମହିମାର ପ୍ରଚାର କରୁଛନ୍ତି।


ହୋଶି ଟାକାୟୁକି

ହୋଶିଙ୍କ ଆଧ୍ୟାତ୍ମିକ ଯାତ୍ରା ୨୦ ବର୍ଷ ପୂର୍ବେ ତାମିଲନାଡୁରେ ଆରମ୍ଭ ହୋଇଥିଲା। ସେତେବେଳେ ତାମିଲନାଡୁ ଭ୍ରମଣ ସମୟରେ ସେ ଜଣେ ନାଡ଼ି ଜ୍ୟୋତିଷଙ୍କୁ ଭେଟିଥିଲେ। ଜ୍ୟୋତିଷ ଜଣକ ହଜାର ବର୍ଷ ପୁରୁଣା ତାଳପତ୍ର ପାଣ୍ଡୁଲିପିରୁ ହୋଶିଙ୍କ ଜୀବନକୁ ବ୍ୟାଖ୍ୟା କରିଥିଲେ। ସେ ତାଙ୍କର ପୂର୍ବ ଜୀବନକୁ ହିମାଳୟର ପାଦଦେଶରେ ବର୍ତ୍ତମାନର ଉତ୍ତରାଖଣ୍ଡରେ ବିତାଇଥିଲେ ଏବଂ ହିନ୍ଦୁ ଆଧ୍ୟାତ୍ମିକତାକୁ ଅନୁସରଣ କରିଥିଲେ ବୋଲି ହୋଶି ଜାଣିବାକୁ ପାଇଥିଲେ। ଏହାପରେ ହିନ୍ଦୁ ଆଧ୍ୟାତ୍ମିକତା ପ୍ରତି ତାଙ୍କର ଆଗ୍ରହ ବଢ଼ିଥିଲା। ଏହାର କିଛି ବର୍ଷ ପରେ ଉତ୍ତରାଖଣ୍ଡର ଏକ ଗାଁରେ ଏକ ଶିବ ଭକ୍ତ ଭାବେ ହିନ୍ଦୁ ଆଧ୍ୟାତ୍ମିକତାକୁ ଆପଣାଇଥିବା ନେଇ ହୋଶି ସ୍ୱପ୍ନ ଦେଖିଥିଲେ। ସେଠାରୁ ତାଙ୍କ ଜୀବନ ବଦଳି ଯାଇଥିଲା। ସେ ଟୋକିଓରେ ଥିବା ନିଜ ବ୍ୟବସାୟିକ ସାମ୍ରାଜ୍ୟକୁ ତାଙ୍କ ସହଯୋଗୀମାନଙ୍କୁ ହସ୍ତାନ୍ତର କରି ଭାରତ ଆସିଥିଲେ। ଟୋକିଓସ୍ଥିତ ନିଜ ଘରକୁ ସେ ଏକ ଭବ୍ୟ ଶିବ ମନ୍ଦିରରେ ପରିଣତ କରିଥିଲେ।

## ଗୁପ୍ତଚର ଭୂମିକାରେ ବିଜୟ ଦେବରକୋଣ୍ଡା

ହାଇଦ୍ରାବାଦ

ସାଉଥ୍ ଷ୍ଟାର୍ ବିଜୟ ଦେବରକୋଣ୍ଡାଙ୍କ ଫିଲ୍ମ 'କିଙ୍ଗ୍‌ଡମ୍' ଟ୍ରେଲରକୁ ରବିବାର ଜାରି କରାଯାଇଛି। ଏହି ଆକ୍ସନ ଡ୍ରାମା ଫିଲ୍ମର ଟ୍ରେଲରକୁ ବିଜୟ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ତେଲୁଗୁ, ତାମିଲ ଏବଂ ହିନ୍ଦୀ ଭାଷାରେ ଫିଲ୍ମର ଟ୍ରେଲରକୁ ରିଲିଜ୍ କରାଯାଇଛି। ଏହି ଫିଲ୍ମର ହିନ୍ଦୀ ଡବଡ୍ ଭର୍ସନର ନାମ 'ସାମ୍ରାଜ୍ୟ' ରଖାଯାଇଛି।

ଉକ୍ତ ଟ୍ରେଲରରେ ବିଜୟଙ୍କର ଅନେକ ଆକ୍ସନ ଦୃଶ୍ୟ ରହିଛି। ଏଥିରେ ତାଙ୍କୁ ଏକ ଅଣ୍ଡରକଭର ସ୍ପାଏ (ଗୁପ୍ତଚର) ଭୂମିକାରେ ଦେଖିବାକୁ ମିଳିଛି। ଏକ ଜରୁରିକାଳୀନ ଅପରେଶନ ପାଇଁ ବିଜୟ ଗୁପ୍ତଚର ଭାବେ ନିଜର ନୂତନ ଯାତ୍ରା ଆରମ୍ଭ କରୁଛନ୍ତି, ଯାହା ଅତ୍ୟନ୍ତ ବିପଦପୂର୍ଣ୍ଣ ରହିଛି। ସେ ନିଜ ଘର, ପରିବାର ଛାଡ଼ି ନିଜ ନୂତନ ମିଶନରେ ଲାଗି ପଡୁଛନ୍ତି। ଗୁପ୍ତଚର ଭାବେ ଧରାପଡ଼ି ସେ ଗିରଫ ହୋଇଥିବା ନେଇ ଟ୍ରେଲରରେ ଦେଖିବାକୁ ମିଳିଛି। ଏକ ଦୃଶ୍ୟରେ କେତେଜଣ ଲୋକ ବିଜୟଙ୍କୁ ଆକ୍ରମଣ କରୁଥିବାର ଦେଖିବାକୁ ମିଳିଛି। ତେବେ ବିଜୟ ଜୋରଦାର ଭାବେ ନିଜ ଉପରେ ହେଉଥିବା ଆକ୍ରମଣର ପ୍ରତି ଜବାବ ଦେଉଛନ୍ତି। ଗୌତମ ତିନ୍ନାନୁରୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ଆସନ୍ତା ୩୧ ତାରିଖରେ ମୁକ୍ତିଲାଭ କରିବ। ଫିଲ୍ମରେ ଅଭିନେତା ସତ୍ୟଦେବ ଏବଂ ଅଭିନେତ୍ରୀ ଭାଗ୍ୟଶ୍ରୀ ବୋର୍‌ସେଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ।



# ବିପଦସଙ୍କେତ ଉପରେ ସୁବର୍ଣ୍ଣରେଖା



ଭୋଗରାଇର ବନ୍ୟା ପ୍ରପୀଡ଼ିତ ଏକ ଗାଁରୁ ଅନ୍ୟ ଗାଁକୁ ଆଣ୍ଠୁଏ ପାଣିରେ ଲୋକେ ଯିବାଆସିବା କରୁଛନ୍ତି।

- ୪ ବ୍ଲକର ଲକ୍ଷାଧିକ ଲୋକ ଜଳବନ୍ଦୀ
- ଦୁର୍ବଳ ବନ୍ଧ ଜଗିଲା ସେଚ ବିଭାଗ

**ଭୋଗରାଇ, ୨୭।୭(ପ୍ରଦୀପ ଦାସ)**

ଝାଡ଼ଖଣ୍ଡର ମାଳାଞ୍ଚଳରେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ସୁବର୍ଣ୍ଣରେଖାର ନିମ୍ନ ଅବବାହିକାରେ ୫ମ ଥର ବନ୍ୟା ଦେଖାଦେଇଛି। ସୁବର୍ଣ୍ଣରେଖା ରାଜଘାଟ ଗେଜଠାରେ ବନ୍ୟାଜଳ ବୃଦ୍ଧି ପାଇ ବିପଦସଂକେତ ୧୦. ୩୬ ମିଟର ଉପରେ ପ୍ରବାହିତ ହେଉଛି। ବିଳମ୍ବିତ ରାତି ସୁଦ୍ଧା ବନ୍ୟାଜଳ ୧୧. ୪୪ ମିଟର ଧରିବ ବୋଲି କେନ୍ଦ୍ରୀୟ ଜଳ ଆୟୋଗ ସୂଚନା ଦେଇଛନ୍ତି। ସୁବର୍ଣ୍ଣରେଖାର ବନ୍ୟାଜଳ ରବିବାର ସକାଳୁ ଦୁଇ କୂଳ ଲଘିଂ ଭୋଗରାଇ, ବାଲିଆପାଳ, ବସ୍ତା ଓ ଜଳେଶ୍ୱର ବ୍ଲକ ସହ ମୟୂରଭଞ୍ଜର କେତେକ ପଞ୍ଚାୟତରେ ଉଣାଅଧିକେ ପାଣି ପ୍ରବେଶ କରିଛି। ଅଦ୍ୟାବଧି ଭୋଗରାଇ ଓ ବାଲିଆପାଳ ବ୍ଲକର ତଳିଆ ଗାଁଗୁଡ଼ିକରେ ବନ୍ୟାପାଣି ଛାଡି ନ ଥିବାବେଳେ ପୁଣି ସୁବର୍ଣ୍ଣରେଖାରେ ୫ମ ବନ୍ୟା ଲୋକଙ୍କ ଜନଜୀବନକୁ ଦୁର୍ବିସହ କରିଛି।

ଅପରପକ୍ଷରେ ଭୋଗରାଇ ବ୍ଲକର ୨୦, ବାଲିଆପାଳ ବ୍ଲକର ୧୨ ଓ ଜଳେଶ୍ୱର ବ୍ଲକର ୬ ପଞ୍ଚାୟତର ଶତାଧିକ ଗାଁ ବନ୍ୟାପ୍ଲାବିତ ହୋଇଥିବାରୁ ଲକ୍ଷାଧିକ ଲୋକ ଜଳବନ୍ଦୀ ହୋଇରହିଛନ୍ତି। ଭୋଗରାଇ ଓ ବାଲିଆପାଳ ବ୍ଲକର ଗୋଟିଏ ଗାଁରୁ ଅନ୍ୟ ଗାଁ ବିଚ୍ଛିନ୍ନ ହୋଇଥିବା ବେଳେ ମୁଖ୍ୟ ଓ ଗ୍ରାମରାସ୍ତାଗୁଡ଼ିକ ପାଣିରେ ବୁଡ଼ିଯାଇ ସ୍ରୋତ ଛୁଟୁଛି। ବନ୍ୟାଘେରରେ ଥିବା ଲୋକେ ଅନ୍ୟ ଉଚ୍ଚ ପକ୍କାଘରେ ଆଶ୍ରୟ ନେଇଛନ୍ତି। ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀରେ ଛୁଆପିଲା ଓ ଗୃହପାଳିତ ପ୍ରାଣୀଙ୍କୁ ନେଇ ଜୀବନ ବଞ୍ଚାଇବାକୁ ଚାଲିଯାଉଥିବା ନଜରକୁ ଆସିଛି। ଗୋଟିଏ ଗାଁରୁ ଅନ୍ୟ ଗାଁକୁ ଯିବାକୁ ହେଲେ ଡଙ୍ଗା ବା କଦଳୀଭେଳା ଏକମାତ୍ର ସାହା ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ବନ୍ୟା ମୁକାବିଲା ନିମନ୍ତେ ସମସ୍ତ ବ୍ଲକରେ ଆଭାସୀ ମାଧ୍ୟମରେ ବିଡିଓ, ତହସିଲଦାର ଓ ସରକାରୀ କର୍ମଚାରୀମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ସୁବର୍ଣ୍ଣରେଖା ଦୁର୍ବଳ ନଦୀବନ୍ଧରେ ସେଚ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ହଜାର ହଜାର ବାଲିବସ୍ତା ମହଜୁଦ ରଖାଯାଇଥିବା ସେଚ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ନବକୁମାର ମହାଳିକ ସୂଚନା ଦେଇଛନ୍ତି। ନଦୀବନ୍ଧରେ ୨୪ଘଣ୍ଟିଆ ସତର୍କ ଦୃଷ୍ଟି ରଖାଯାଇଥିବା ସହକାରୀ ନିର୍ବାହୀଯନ୍ତ୍ରୀ ପ୍ରିୟବ୍ରତ ସିଂ, ବସନ୍ତ କୁମାର ବେହେରା, ସହକାରୀ ଯନ୍ତ୍ରୀ ପ୍ରମୋଥ କୁମାର ଦେ, ଡାକ୍ତର ସିଂ ଓ କନିଷ୍ଠଯନ୍ତ୍ରୀ ଚିତ୍ତରଞ୍ଜନ ଶିଆଳ କହିଛନ୍ତି। ବନ୍ୟା ଯୋଗୁ ତହସିଲ, ବ୍ଲକ, ସେଚ, ଡ୍ରେନେଜ ଓ ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରି ବନ୍ୟାଞ୍ଚଳରେ ଲୋକଙ୍କୁ ଉଦ୍ଧାର ଓ ସେବା କାର୍ଯ୍ୟରେ ନିୟୋଜିତ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ଉଦ୍ଧାରକାରୀ ଓଡ୍ରାଫ, ଅଗ୍ନିଶମ ବିଭାଗ ଓ ଯନ୍ତ୍ରଚାଳିତ ଡଙ୍ଗାକୁ ନିୟୋଜିତ କରାଯାଇଛି। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଓ ବ୍ଲକ ଚେୟାରମ୍ୟାନ ପ୍ରବୀର କୁମାର ଗିରି ରବିବାର ଅପରାହ୍ନରେ ବନ୍ୟାଞ୍ଚଳ ପରିଦର୍ଶନ କରି ବିପନ୍ନଙ୍କୁ ଅବିଳମ୍ବେ ଉଦ୍ଧାର ଓ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବାକୁ ସରକାରଙ୍କଠାରେ ଦାବି କରିଥିବା ବେଳେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ବାଲେଶ୍ୱର ବନ୍ୟା ମୁକାବିଲା ନିମନ୍ତେ ସରକାରୀ କଳକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ବନ୍ୟାରେ ଭାସିଗଲା ଗେଙ୍ଗୁଟି ସେତୁ



ଷୋଳମପୁର ପଞ୍ଚାୟତର ତିଖିଲିଆଠାରେ ପୋଲ ଭାସିଯାଇଛି।

**ଭଣ୍ଡାରିପୋଖରୀ, ୨୭।୭ (ରାଜେନ୍ଦ୍ର ଶତପଥୀ)**

ବନ୍ୟାରେ ଭାସିଗଲା ବୈତରଣୀର ଶାଖା ନଦୀ ଗେଙ୍ଗୁଟି ସେତୁ। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ଷୋଳମପୁର ପଞ୍ଚାୟତରେ ତିଖିଲିଆକୁ ସଂଯୋଗକାରୀ ଏହି ସେତୁର ଏକ ଅଂଶ ଶନିବାର ବିଳମ୍ବିତ ରାତିରେ ଭାସିଯାଇଛି। ଫଳରେ ପଞ୍ଚାୟତର ଦାଣ୍ଡକୂଳରୁ ତିଖିଲିଆକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଖମ୍ବ ଭାସିଯାଇ ସେତୁ ୨ ଖଣ୍ଡ ହୋଇଯାଇଛି। ରବିବାର ବିଡିଓ ଦେବଦତ୍ତ ଦାସ ଏଠାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ସେହିପରି ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ଭାଜପା ନେତା ସୁଧାଂଶୁ ନାୟକ, ବଦ୍ରିନାରାୟଣ ଧଳ, କଂଗ୍ରେସ ନେତା ସୁବ୍ରତ ଦାସ ପ୍ରମୁଖ ଆସି ସ୍ଥିତି ଅନୁଧ୍ୟାନ କରି ଫୋନ୍ ମାଧ୍ୟମରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏଠାରେ ନୂତନ ସେତୁ ନିର୍ମାଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ବିଧାୟକ କହିଛନ୍ତି।

ଦୀର୍ଘ ୧୬ ବର୍ଷ ପୂର୍ବରୁ ଏହି ସେତୁ ନିର୍ମିତ ହୋଇଥିଲା। ଗେଙ୍ଗୁଟି ନଦୀରେ ଜଳପ୍ରବାହ କମିଯାଇ ଶଯ୍ୟା ପୋତି ହୋଇପଡ଼ିଛି। ମାତ୍ର ଚଳିତବର୍ଷ ଦାଣ୍ଡକୂଳ ଓ ତିଖିଲିଆର କେତେଜଣ ବାଲି ଚାଲାଣକାରୀ ଏହି ନଦୀଶଯ୍ୟାକୁ ୧୦ ଫୁଟ ଗଭୀର ଖୋଳି ବାଲି ଉଠାଇ ନେଇଥିଲେ। ଫଳରେ ୧୫ ଦିନ ପୂର୍ବରୁ ବୈତରଣୀରୁ ସାମାନ୍ୟ ପାଣି ଏହି ନଦୀରେ ପ୍ରବେଶ କରିବାରୁ ସେତୁ ଟଳମଳ ଅବସ୍ଥାକୁ ଆସିଯାଇଥିଲା। ଅନୁଚ୍ଚ ବାଲି ଉପରେ ନିର୍ମିତ ସେତୁ ଖୁଣ୍ଟର ମୂଳଦୁଆ ଦୋହଲି ଯାଇଥିଲା। ଏହି ଖବର ବାରମ୍ବାର ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲେ ମଧ୍ୟ ସେତେବେଳେ ପ୍ରଶାସନ କିମ୍ବା ରାଜନେତା ଏହାକୁ ଗୁରୁତ୍ୱ ଦେଇ ନ ଥିଲେ।

## ରାଷ୍ଟ୍ରପତି ଶାସନ ଜାରି କରାଯାଉ

### ଅଲକାଙ୍କ ପରେ ପ୍ରମିଳା

**ଭୁବନେଶ୍ୱର, ୨୭।୭ (ରବିନାରାୟଣ ଜେନା)**

ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି କହି ଅଖିଳ ଭାରତ କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବା ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ କରିବାକୁ ଗତ ୧୬ ତାରିଖରେ ଦାବି କରିଥିଲେ। ଏବେ ସମାନ କଥା ରାଜ୍ୟ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଦୋହରାଇଛନ୍ତି।


ରବିବାର ପ୍ରମିଳା ଗଣମାଧ୍ୟମକୁ କହିଛନ୍ତି, ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ ହେବା ଉଚିତ। ଓଡ଼ିଶାରେ ମଣିପୁରଠାରୁ ଆହୁରି ସାଙ୍ଘାତିକ ସ୍ଥିତି ସୃଷ୍ଟି ହୋଇଛି। ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ଜଣକ ସମସ୍ତଙ୍କୁ ଗୁହାରି କଲା ପରେ ମଧ୍ୟ କେହି ତାଙ୍କ କଥା ଶୁଣିଲେ ନାହିଁ। ଫଳରେ ସେ ଆତ୍ମାହୁତି ଦେଲେ। ଏବେ ସବୁ ଜିଲାରେ ମହିଳାଙ୍କ ଉପରେ ନିର୍ଯାତନା ବଢ଼ି ଚାଲିଛି। ସରକାର କୌଣସି ଦାୟିତ୍ୱ ତୁଲାଇବା ଭଳି ମନେହେଉନାହିଁ। କେବଳ ଦଳର ପ୍ରଚାର ଓ ପ୍ରସାରରେ ଲାଗିଛନ୍ତି। ମହିଳାମାନେ ଏବେ ଘରୁ ବାହାରକୁ ଗୋଡ଼ କାଢ଼ିବାକୁ ଡରୁଛନ୍ତି ବୋଲି ପ୍ରମିଳା କହିଛନ୍ତି।

ପ୍ରମିଳାଙ୍କ ଏହି ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ କୌଣସି ଘଟଣାକୁ ହାଲୁକା ଭାବେ ନେଉ ନାହାନ୍ତି। ଘଟଣା ଘଟିବା କ୍ଷଣି ତୁରନ୍ତ ପଦକ୍ଷେପ ନେଉଛନ୍ତି। ବିରୋଧୀଙ୍କ କାମ ବିରୋଧ କରିବେ। ପ୍ରମିଳା ମଲ୍ଲିକ ଭୁଲି ଯାଉଛନ୍ତି, ତାଙ୍କ ଶାସନ ସମୟରେ ବେବିନା, ମମିତା ଭଳି ବହୁ ଘଟଣା ଘଟିଛି। ହେଲେ ତାଙ୍କ ସରକାର କ'ଣ ସବୁ ପଦକ୍ଷେପ ନେଇଛନ୍ତି ତାହା ରାଜ୍ୟବାସୀ ଭଲ ଭାବେ ଜାଣିଛନ୍ତି। ଆମକୁ କହିବା ଆଗରୁ ନିଜେ ଚିନ୍ତା କରନ୍ତୁ।

## ଆଜି ୧୫ ଜିଲାରେ ବର୍ଷା, ୩୧ରୁ କମିବ

**ଭୁବନେଶ୍ୱର, ୨୭।୭ (ଅନୁରାଧା ମହାରଣା)**

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ଅନ୍ୟପଟେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ପଶ୍ଚିମବଙ୍ଗ ଉପକୂଳ ଓ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ବାଂଲାଦେଶର ସଂଲଗ୍ନ ଅଞ୍ଚଳ ଉପରେ କେନ୍ଦ୍ରୀଭୂତ ହୋଇ ଅବପାତର ରୂପ ନେଇଛି। ଏହି ଅବପାତ କ୍ରମଶଃ ଦୁର୍ବଳ ହୋଇ ପୁଣି ଲଘୁଚାପରେ ପରିଣତ ହୋଇଛି। ଏହା ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ରାଜ୍ୟରେ ପ୍ରବଳ ବର୍ଷା ଲାଗି ରହିବ। ଏନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲାକୁ ସତର୍କ ସୂଚନା ଜାରି କରାଯାଇଛି। ୧୫ ଜିଲା କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, କଟକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଝାରସୁଗୁଡ଼ା, ବରଗଡ଼, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ ଓ ସମ୍ବଲପୁରକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏସବୁ ଜିଲାରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଓ ୩୦-୪୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ସମୁଦ୍ର ଅଶାନ୍ତ ରହିବା ସମ୍ଭାବନା ଥିବାରୁ ଉପକୂଳ ଓ ଏହାର ଆଖପାଖ ଅଞ୍ଚଳ, ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପକୂଳରେ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି। ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ଜାରି ରହିବ ଓ ୩୧ରୁ ବର୍ଷା କମିପାରେ ବୋଲି ପୂର୍ବାନୁମାନ କରିଛି ପାଣିପାଗ କେନ୍ଦ୍ର।



## ଆଗେ ସଙ୍ଗଠନ, ପରେ ନିଗମ

### ଭାଜପାର ମାନସମନ୍ଥନ

**ଭୁବନେଶ୍ୱର, ୨୭।୭(ରବିନାରାୟଣ ଜେନା)**

ରାଜ୍ୟ ଭାଜପା ଆଗେ ତା'ର ସଙ୍ଗଠନକୁ ସୁଦୃଢ଼ କରିବ। ଦଳରେ କିଏ ଉପସଭାପତି ରହିବେ ଏବଂ ସାଧାରଣ ସମ୍ପାଦକ ଓ ସମ୍ପାଦକ ଭଳି ଅନ୍ୟାନ୍ୟ ପଦାଧିକାରୀ ରହିବେ ତାକୁ ପୂରଣ ଦିଗରେ ଗୁରୁତ୍ୱ ଦେବ। ଏହାପରେ ବିଭିନ୍ନ ନିଗମ ଅଧ୍ୟକ୍ଷ ପଦରେ ନେତାଙ୍କୁ ଥଇଥାନ ଏବଂ ପରେ ମନ୍ତ୍ରିମଣ୍ଡଳ ଅଦଳବଦଳ ସହିତ ମନ୍ତ୍ରିମଣ୍ଡଳ ସଂପ୍ରସାରଣ ହେବ ବୋଲି ରବିବାର ଭାଜପାର ମାନସ ମନ୍ଥନରୁ ଜଣାଯାଇଛି।

ରବିବାର ପୂର୍ବାହ୍ନରେ ପ୍ରଥମେ ରାଜ୍ୟ କାର୍ଯ୍ୟାଳୟରେ ଭାଜପା ସଭାପତି ମନମୋହନ ସାମଲଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହାପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାରୀ ବାସଭବନରେ ଭାଜପାର ସାଙ୍ଗଠନିକ ନିର୍ବାଚନ ସହିତ ନିଗମ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଛି। ତେବେ ରାଜ୍ୟରେ ମନ୍ତ୍ରିମଣ୍ଡଳ ଅଦଳବଦଳ ନେଇ ଯେଉଁ ଚର୍ଚ୍ଚା ଜୋର ଧରିଥିଲା ସେଥିରେ ଏକପ୍ରକାର ରୋକ୍ ଲାଗିଛି।

ବୈଠକ ପରିପ୍ରେକ୍ଷୀରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ କହିଛନ୍ତି, ଦଳ ଏବେ ସଙ୍ଗଠନକୁ ମଜଭୁତ୍ କରିବାପାଇଁ ଗୁରୁତ୍ୱ ଦେଉଛି। ଏହାପରେ ନିଗମ ଅଧ୍ୟକ୍ଷ ପଦ ଘୋଷଣା କରାଯିବା ସହିତ ଅନ୍ୟାନ୍ୟ ସାମ୍ବିଧାନିକ ପଦ ପୂରଣ କରାଯିବ। ମନ୍ତ୍ରିମଣ୍ଡଳ ସଂପ୍ରସାରଣ ନେଇ ଯେଉଁ ଚର୍ଚ୍ଚା ହେଉଛି ତାହା ଉପରେ କୌଣସି ଆଲୋଚନା ହୋଇନାହିଁ। ବୈଠକ ଚାଲୁଛି ଆହୁରି ବୈଠକ ହେବ। ଏହା ଏକ ରୁଟିନ ପ୍ରକ୍ରିୟା। ଶନିବାର ରାତି ୨ଟା ପର୍ଯ୍ୟନ୍ତ ବୈଠକ ହୋଇଥିଲା। ସରକାର, ସଙ୍ଗଠନ, ନୂଆ ମନ୍ତ୍ରିମଣ୍ଡଳ ଓ ନିଗମ ନେଇ କୌଣସି ସ୍ପଷ୍ଟ ଆଲୋଚନା ହୋଇନାହିଁ। ପ୍ରଭାରୀ ମାନେ ଆସିଛନ୍ତି ଆଲୋଚନା ଚାଲିଛି। ଆଲୋଚନା ପରେ ଦିଲ୍ଲୀ ପୁଣି ଯିବାକୁ ହେବ। ଏହାପରେ ରାଜ୍ୟବାସୀ ଜାଣିପାରିବେ ବୋଲି ମନମୋହନ କହିଥିଲେ।

ଏହି ଅବସରରେ ରାଜ୍ୟ ଭାଜପା ପ୍ରଭାରୀ ବିଜୟ ପାଲସିଂହ ତୋମାର କହିଛନ୍ତି ଯେ, ଦଳ ପକ୍ଷରୁ ସଙ୍ଗଠନ ସୁଦୃଢ଼ ସହିତ ଅନ୍ୟାନ୍ୟ ଆଭ୍ୟନ୍ତରୀଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି। ଖୁବ୍‌ଶୀଘ୍ର ଏନେଇ ଦଳ ପକ୍ଷରୁ ଅବଗତ କରାଯିବ। ଏହି ବୈଠକରେ ରାଜ୍ୟ ଭାଜପା ସହପ୍ରଭାରୀ ଲତା ଉସେଣ୍ଡିଙ୍କ ସହିତ କେତେକ ବରିଷ୍ଠ ମନ୍ତ୍ରୀ ଓ ନେତୃବୃନ୍ଦ ସାମିଲ ଥିଲେ।

## ଜିଲାସ୍ତରୀୟ ସ୍ୱତନ୍ତ୍ର ଲୋକ ଅଦାଲତ: ୧୦୬୮ ମକଦ୍ଦମା ଫଇସଲା

### ୨୧.୯୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ ପାଇଁ ସ୍ଥିରୀକୃତ

**କଟକ, ୨୭।୭(କାର୍ତ୍ତିକ ସାହୁ)**

ଏନ୍‌ଆଇ ଆକ୍ଟର ୧୩୮ ଧାରା ଅନ୍ତର୍ଗତ ପଡ଼ିରହିଥିବା ମାମଲାଗୁଡ଼ିକର ଆପୋସ ଫଇସଲା ପାଇଁ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ରାଜ୍ୟର ୧୮ଟି ଜିଲା ଓ ୭ଟି ସବ୍‌ଡିଭିଜନାଲ ହେଡ୍‌କ୍ୱାର୍ଟର୍ସରେ ରବିବାର ଜିଲାସ୍ତରୀୟ ଲୋକ ଅଦାଲତ ଜରିଆରେ ପଡ଼ି ରହିଥିବା ମାମଲାଗୁଡ଼ିକର ଫଇସଲା କରାଯାଇଛି। ଏନ୍‌ଆଇ ଆକ୍ଟ ଅନ୍ତର୍ଗତ ମୋଟ ୭୦୩୮ଟି ମକଦ୍ଦମା ବିଚାର ପାଇଁ ଚିହ୍ନଟ କରାଯାଇଥିଲା। ତନ୍ମଧ୍ୟରୁ ୧୦୬୮ଟି ମକଦ୍ଦମା ଫଇସଲା କରାଯାଇଛି। ମୋଟ ୨୧,୯୨,୯୮,୧୪୩ ଟଙ୍କା ଆଦାୟ ପାଇଁ ସ୍ଥିରୀକୃତ ହୋଇଛି। ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର ପାଟ୍ରୋନ-ଇନ୍-ଚିଫ୍ ତଥା ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଏବଂ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଏହି ଲୋକ ଅଦାଲତ ହୋଇଯାଇଛି।

## ବଳାତ୍କାରୀଙ୍କୁ ଛଡ଼ାଯିବ ନାହିଁ: ଭାଜପା

**ଭୁବନେଶ୍ୱର, ୨୭।୭(ରବିନାରାୟଣ ଜେନା)**

ମହିଳା ସୁରକ୍ଷା ପ୍ରସଙ୍ଗରେ ଭାଜପା ସମ୍ବେଦନଶୀଳ। ଭାଜପା ସରକାର ମହିଳାମାନଙ୍କ ପାଇଁ ସମର୍ପିତ। ମହିଳା ସଶକ୍ତୀକରଣ ପାଇଁ ସରକାର ବଦ୍ଧପରିକର। ମହିଳା ହିଂସା କିମ୍ବା ବଳାତ୍କାରରେ ସଂପୃକ୍ତ କୌଣସି ଅଭିଯୁକ୍ତଙ୍କୁ ଭାଜପା ସରକାରରେ ଛାଡ଼୍ ନାହିଁ ବୋଲି ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି।

ରବିବାର ସେ କହିଛନ୍ତି, ମହିଳା ସୁରକ୍ଷା ପ୍ରସଙ୍ଗରେ ରାଜରାସ୍ତାକୁ ଓହ୍ଲାଇ ଚିତ୍କାର କରୁଥିବା ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ଦଳ ଭିତରେ ମହିଳା ବଳାତ୍କାରକୁ ନେଇ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଗୋଟିଏ ପଟେ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ମହିଳା ବଳାତ୍କାର ଘଟଣାରେ ଜେଲରେ ଥିବାବେଳେ ରବିବାର ବିଜେଡିର ବିଏମ୍‌ସି କର୍ପୋରେଟର ଅମରେଶ ଜେନା ମଧ୍ୟ ମହିଳା ବଳାତ୍କାର ଘଟଣାରେ ଗିରଫ ହୋଇଛନ୍ତି। ଉଭୟ ଦଳର ଅସଲ ଚେହେରା ପଦାରେ ପଡ଼ିଛି। ଉଭୟ କଂଗ୍ରେସ ଓ ବିଜେଡି ସରକାର ଅମଳରେ ଘଟିଯାଇଥିବା ମହିଳା ହିଂସା, ବ୍ୟଭିଚାର, ନିର୍ଯାତନାକୁ ଏପର୍ଯ୍ୟନ୍ତ ଓଡ଼ିଶାବାସୀ ଭୁଲିନାହାନ୍ତି। ଉଭୟ ଦଳର ଅପକର୍ମ କାରଣରୁ ଓଡ଼ିଶା ଏବଂ ଓଡ଼ିଶାବାସୀ ବହୁ ଥର ଦେଶ ତଥା ବିଦେଶରେ ଲଜ୍ଜିତ ଓ ନିନ୍ଦିତ ହୋଇଛନ୍ତି ବୋଲି ରାଜ୍ୟ ଉପସଭାପତି କହିଛନ୍ତି।

## ଜେଲ ଗଲେ ଅଭିଯୁକ୍ତ, ସୁରକ୍ଷାକର୍ମୀ ବହିଷ୍କୃତ

### ଆସିଷ୍ଟାଣ୍ଟ ପ୍ରଫେସରଙ୍କ ସ୍ତ୍ରୀଙ୍କୁ ବଳାତ୍କାର ଉଦ୍ୟମ ମାମଲା

**ବାଲେଶ୍ୱର, ୨୭।୭(ବାଞ୍ଛାନିଧି ଦେ)**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ଜଣେ ଆସିଷ୍ଟାଣ୍ଟ ପ୍ରଫେସରଙ୍କ ସ୍ତ୍ରୀଙ୍କୁ ବଳାତ୍କାର ଉଦ୍ୟମ ମାମଲାରେ ରେମୁଣା ଥାନା ପୋଲିସ ରବିବାର ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ନୀଳଗିରି ଥାନା ମର୍ଦ୍ଦରାଜପୁର ଗାଁର ଶଙ୍କର ଓରଫ୍ ହରିହର ପାତ୍ର (୨୨)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ଏସ୍‌ଡିପିଓ ପ୍ରମୋଦ ମଲିକ, ଡିଏସ୍‌ପି ଚାନ୍ଦମଣି ସିଂ, ଆଇଆଇସି ବିମଳ ନାୟକ, ଏସ୍‌ଆଇ ସୁବାସ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଫୋରେନସିକ୍ ଟିମ୍ ସହ ବିଶ୍ୱବିଦ୍ୟାଳୟରେ ପହଞ୍ଚି ଘଟଣାର ବିଭିନ୍ନ ଦିଗ ସମ୍ପର୍କରେ ତଦନ୍ତ ଜାରି ରଖିଛନ୍ତି।

ସୂଚନା ଯେ, ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପରିସରରେ ଥିବା କ୍ୱାର୍ଟର୍ସରେ ଶନିବାର ଆସିଷ୍ଟାଣ୍ଟ ପ୍ରଫେସର ଘରେ ନ ଥିଲେ। ତାଙ୍କ ନବବିବାହିତା ସ୍ତ୍ରୀ ଏକା ଥିବା ବେଳେ ଅଭିଯୁକ୍ତ ଯୁବକ ଆସି କବାଟ ବାଡେଇଥିଲେ। ନିଜକୁ ଗ୍ୟାସ୍ ବାଲା ପରିଚୟ ଦେବାରୁ ଆସିଷ୍ଟାଣ୍ଟ ପ୍ରଫେସରଙ୍କ ସ୍ତ୍ରୀ କବାଟ ଖୋଲିଥିଲେ। ଏହାପରେ ସେ ଘରେ ପଶି ମହିଳାଙ୍କୁ ଜବରଦସ୍ତ ବଳାତ୍କାର ଉଦ୍ୟମ କରିଥିଲେ। ମହିଳା ଜଣଙ୍କ ଚିତ୍କାର କରିବାରୁ ଅଭିଯୁକ୍ତ ଖସି ପଳାଉଥିବା ବେଳେ ସୁରକ୍ଷାକର୍ମୀ ତାଙ୍କୁ କାବୁ କରିଥିଲେ। ଖବରପାଇ ରେମୁଣା ଥାନା ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏନେଇ ମାମଲା (ନଂ. ୧୩୧/୨୫)ରୁଜୁ ହୋଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଛନ୍ତି, ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ କହିବା ସହ କାର୍ଯ୍ୟରେ ଅବହେଳା ପାଇଁ ରେସିଡେନ୍‌ସିଆଲ କଲୋନୀ ଫାଟକ ନିକଟରେ ଥିବା ସୁରକ୍ଷାକର୍ମୀଙ୍କୁ ବହିଷ୍କାର କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ପ୍ରତି ଗେଟ୍‌ରେ ୨ଜଣ ଲେଖାଏଁ ସୁରକ୍ଷାକର୍ମୀ ନିୟୋଜିତ କରାଯାଇଛି। ପୂର୍ବରୁ ବିଶ୍ୱବିଦ୍ୟାଳୟରେ ୧୬ଜଣ ସୁରକ୍ଷାକର୍ମୀ ଥିଲେ ଓ ୪ଜଣ ସୁରକ୍ଷାକର୍ମୀ ବିଦ୍ୟୁତ୍ ଚାଳିତ ଅଟୋ ଚଳାଉଥିଲେ। ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ନିମନ୍ତେ ବିଶ୍ୱବିଦ୍ୟାଳୟ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି।




## ଦେଶର ବିଭିନ୍ନ ମନ୍ଦିରରେ ପ୍ରମୁଖ ଦଳାଚକଟା ଘଟଣା

**୨୦୨୫ ମେ' ୩**
ଗୋଆର ଶିର୍‌ଗାଓ ଗ୍ରାମସ୍ଥିତ ଶ୍ରୀ ଲୈରାଇ ଦେବୀ ମନ୍ଦିରରେ ଦଳାଚକଟା ଘଟି ୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୧୦୦ ଜଣ ଆହତ ହୋଇଥିଲେ।

**୨୦୨୫ ଜାନୁଆରୀ ୮**
ଆନ୍ଧ୍ରପ୍ରଦେଶର ତିରୁମାଲାସ୍ଥିତ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିରରେ ଟିକେଟ ପାଇଁ ଶ୍ରଦ୍ଧାଳୁମାନେ ଧାଡ଼ିରେ ଠିଆ ହୋଇଥିବା ସମୟରେ ଦଳାଚକଟା ଘଟି ୬ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧୨ରୁ ଅଧିକ ଆହତ ହୋଇଥିଲେ।

**୨୦୨୪ ଜୁଲାଇ ୨**
ଉତ୍ତରପ୍ରଦେଶର ହାଥରସ୍‌ଠାରେ ଭୋଲେ ବାବାଙ୍କ ଦ୍ୱାରା ଆୟୋଜିତ ସତ୍‌ସଙ୍ଗରେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଦଳାଚକଟା ଘଟି ୧୨୧ ଜଣଙ୍କର ମୃତ୍ୟୁ ଘଟିଥିଲା।

**୨୦୦୮ ସେପ୍ଟେମ୍ବର ୩୦**
ରାଜସ୍ଥାନର ଯୋଧପୁର ସହରର ଚାମୁଣ୍ଡା ଦେବୀ ମନ୍ଦିରରେ ବୋମା ବିସ୍ଫୋରଣର ଗୁଜବରୁ ଦଳାଚକଟା ଘଟି ୨୫୦ ଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ଘଟିଥିବା ବେଳେ ୬୦ ଜଣ ଆହତ ହୋଇଥିଲେ।

**୨୦୦୮ ଅଗଷ୍ଟ ୩**
ହିମାଚଳ ପ୍ରଦେଶର ବିଳାସପୁର ଜିଲା ନୈନା ଦେବୀ ମନ୍ଦିରରେ ପଥର ଧସିବା ଗୁଜବରୁ ଦଳାଚକଟା ଘଟି ୧୬୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୪୭ ଜଣ ଆହତ ହୋଇଛନ୍ତି।

**୨୦୦୫ ଜାନୁଆରୀ ୨୫**
ମହାରାଷ୍ଟ୍ରର ସତାରା ଜିଲା ମନ୍ଧାରାଦେବୀ ମନ୍ଦିରର ବାର୍ଷିକ ତୀର୍ଥଯାତ୍ରା ସମୟରେ ଦଳାଚକଟା ଘଟି ୩୪୦ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିଲା।

## ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ସିସିଡବ୍ଲ୍ୟୁଏସ୍‌ଡି ପକ୍ଷରୁ ଏକାକୀ ରହୁଥିବା ମହିଳାଙ୍କ ସମସ୍ୟା ଓ ଆହ୍ୱାନ ନେଇ ରାଜ୍ୟସ୍ତରୀୟ ଆଲୋଚନାଚକ୍ର, ସ୍ଥାନ: ଗୀତ ଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା

### ବାଲେଶ୍ୱର
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।

### ଭଦ୍ରକ
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ମେଧାବୀ ସମ୍ମାନ ସମାରୋହ, ସ୍ଥାନ: ନୀଳମଣି ଟାଉନ ହଲ୍, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।

### ମୟୂରଭଞ୍ଜ
- ନୂତନ ଜମ୍ବୀରା ପୋଲ ନିର୍ମାଣ ନିମନ୍ତେ ଗ୍ରାମସଭା, ସ୍ଥାନ: ପଟାକୁଣ୍ଡିଆ, ମୋରଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଉପଖଣ୍ଡସ୍ତରୀୟ ଯୁଗ୍ମ ଜନଅଭିଯୋଗ ଶୁଣାଣି, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ଉଦଳା, ସମୟ: ପୂର୍ବାହ୍ନ ୧୦ଟା ୩୦।

### ଜଗତ୍‌ସିଂହପୁର
- ଭାରତୀୟ ମଜ୍‌ଦୂର ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ପୋର୍ଟ କ୍ଲବ, ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

### କେନ୍ଦ୍ରାପଡ଼ା
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ରାଜନଗର, ସମୟ: ପୂର୍ବାହ୍ନ ୧୦ଟା।

### ଯାଜପୁର
- ଜିଲାପାଳ ଓ ଏସପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ : ରସୁଲପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ : ପୂର୍ବାହ୍ନ ୧୦ଟା।

### ନୟାଗଡ଼
- ବୃକ୍ଷ ଦାନ ଶିବିର, ସ୍ଥାନ:ନୟାଗଡ଼ ଶିମିଳିସାହି, ସମୟ ; ପୂର୍ବାହ୍ନ ୯ଟା
- ଜିଲା ବ୍ୟାପୀ ସେବା ଉତ୍ସବ ଅବସରରେ ବସ୍ତ୍ର ଓ ରାଶନ ବଣ୍ଟନ, ସ୍ଥାନ:ରଣପୁର ବ୍ଲକର ବିଭିନ୍ନ ଗାଁ, ସମୟ: ପୂର୍ବାହ୍ନ ୧୧ଟା।

### ରାୟଗଡ଼ା
- ଗଣେଶ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ ପୂଜା, ସ୍ଥାନ: ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପଡିଆ, ଗୌଡ଼ସାହି, ମୁନିଗୁଡା, ସମୟ: ସକାଳ ୮ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପଦ୍ମପୁର, ସମୟ: ପୂର୍ବାହ୍ନ ୧୦ଟା

### କୋରାପୁଟ
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଖୁଡ଼ି ପଞ୍ଚାୟତ କାର୍ଯ୍ୟାଳୟ, ସେମିଳିଗୁଡ଼ା ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ହାତୀବାରି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ମାନବାର ପଞ୍ଚାୟତ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ମିଳିତ ଆଭିଯୋଗ ଶୁଣାଣି, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।

### ରାୟଗଡ଼ା
- ଗଣେଶ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ ପୂଜା, ସ୍ଥାନ: ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପଡିଆ, ଗୌଡ଼ସାହି, ମୁନିଗୁଡା, ସମୟ: ସକାଳ ୮ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପଦ୍ମପୁର, ସମୟ: ପୂର୍ବାହ୍ନ ୧୦ଟା

### • କୋରାପୁଟ
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଖୁଡ଼ି ପଞ୍ଚାୟତ କାର୍ଯ୍ୟାଳୟ, ସେମିଳିଗୁଡ଼ା ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ହାତୀବାରି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ମାନବାର ପଞ୍ଚାୟତ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ମିଳିତ ଆଭିଯୋଗ ଶୁଣାଣି, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।

# କଠିନ ପରିଶ୍ରମ କରି ଭଲ ପାଠ ପଢ଼ିବାକୁ ଆଶ୍ରମ ସ୍କୁଲ୍ ପିଲାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ


ଭୁବନେଶ୍ୱର ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଥିବା ବନବାସୀ କଲ୍ୟାଣ ଆଶ୍ରମ ପରିସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍' ଶୁଣୁଛନ୍ତି।

ଭୁବନେଶ୍ୱର,୨୭।୭
(ରବିନାରାୟଣ ଜେନା)

ଭଲ ପାଠପଢ଼,କଠିନ ପରିଶ୍ରମ କରି ସଫଳତାର ସହିତ ବଡ଼ ମଣିଷ ହେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବନବାସୀ ଆଶ୍ରମ ପିଲାଙ୍କୁ ପରାମର୍ଶ ଦେଇଛନ୍ତି। ରବିବାର ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଥିବା ବନବାସୀ କଲ୍ୟାଣ ଆଶ୍ରମ ପରିସରରେ ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମ ଦେଖିବା ଅବସରରେ ଆଶ୍ରମ ପିଲାଙ୍କୁ ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ପ୍ରେରଣାଦାୟୀ ଦିଗ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ବୁଝାଇଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ, ପରିଶ୍ରମର ଫଳ କେବେ ବୃଥା ଯାଏନାହିଁ। ମାତା-ପିତାଙ୍କ ସ୍ୱପ୍ନ ପୂରଣ କରିବାକୁ ହେଲେ ତୁମକୁ କଠୋର ପରିଶ୍ରମ କରିବାକୁ ପଡ଼ିବ। ରବିବାର ୧୨୪ତମ ଅଧ୍ୟାୟରେ ଦେଶର ବିଭିନ୍ନ ପ୍ରାନ୍ତର ଜନ ସମୂହଙ୍କ ପ୍ରେରଣାଦାୟୀ ପଦକ୍ଷେପ ସହିତ ଓଡ଼ିଶାର ମୟୂରଭଞ୍ଜ ଜିଲାର ଆଦିବାସୀ ମହିଳାମାନଙ୍କ ଦ୍ୱାରା ସାନ୍ତାଳୀ ଶାଢ଼ିର ପୁନରୁଦ୍ଧାର ବିଷୟରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ। ୬୫୦ ଜଣ ଆଦିବାସୀ ମହିଳା ଆଜି ଏହି ଶାଢ଼ି ବୁଣି ଭଲ ରୋଜଗାର କରିବା ସହିତ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ବୋଲି ସେ କହିଛନ୍ତି। ଏଥିସହିତ ପ୍ରଧାନମନ୍ତ୍ରୀ ପ୍ରକୃତିର ସୁରକ୍ଷା ପାଇଁ ଆମର ଦାୟିତ୍ୱ ବିଷୟରେ କେନ୍ଦୁଝରର ନାମ ନେଇଛନ୍ତି। କେନ୍ଦୁଝର ଜିଲାର ପ୍ରମିଳା ପ୍ରଧାନଙ୍କ ପ୍ରୟାସରେ ସଂକୀର୍ତ୍ତନ ମଣ୍ଡଳୀ ଜରିଆରେ କିଭଳି ପରିବେଶ ଓ ଜଙ୍ଗଲର ସୁରକ୍ଷା ସହିତ ଜଙ୍ଗଲ ନିଆଁ ରୋକିବା ପାଇଁ ସଚେତନତା କରାଯାଉଛି ସେ ବିଷୟରେ ପ୍ରଶଂସା କରିଥିବା ମୁଖ୍ୟମନ୍ତ୍ରୀ କହିଥିଲେ।

# ୫୦୦ ମୃତକଙ୍କ ନାମରେ ଉଠୁଛି ଟଙ୍କା

## ଆନନ୍ଦପୁର ପୌରାଞ୍ଚଳରେ ଭତ୍ତା କେଳେଙ୍କାରୀ

ଆନନ୍ଦପୁର,୨୭।୭
(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ପୌରାଞ୍ଚଳରେ ମୃତକଙ୍କ ନାମରେ ଭତ୍ତା ଟଙ୍କା ଉଠାଣ ହେଉଛି। ୧୦ ବର୍ଷ ତଳୁ ମୃତ୍ୟୁବରଣ କରିଥିବା ବୃଦ୍ଧଙ୍କଠାରୁ ଆରମ୍ଭ କରି ବର୍ଷେ ତଳେ ଦେହାନ୍ତ ହୋଇଥିବା ଲୋକଙ୍କ ନାମରେ ଭତ୍ତା ଟଙ୍କା ଉଠାଯାଉଛି। ଏପରିକି ହରିଶ୍ଚନ୍ଦ୍ର ଯୋଜନାରେ ଶବ ସଂସ୍କାର ହୋଇଥିବା ବ୍ୟକ୍ତିଙ୍କ ନାମରେ ମଧ୍ୟ ଭତ୍ତା ଟଙ୍କା ଉଠାଣ ହୋଇ ହରିଲୁଟ୍ କରାଯାଉଥିବା ଅଭିଯୋଗ ହୋଇଛି। ରବିବାର ଘଷିପୁରାଠାରେ ପ୍ରଗତିଶୀଳ ମଞ୍ଚ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଯଜ୍ଞପ୍ରସାଦ ସାହୁ ଏଭଳି ଅଭିଯୋଗ କରିଛନ୍ତି। ସୂଚନା ଅଧିକାର ତଥ୍ୟ ଅନୁଯାୟୀ, ଆନନ୍ଦପୁର ପୌରାଞ୍ଚଳର ୧୬ଟି ୱାର୍ଡରେ ଏଭଳି ହୋଇଛି। ୫୦୦ରୁ ଅଧିକ ମୃତକଙ୍କ ନାମରେ ଭତ୍ତା ଟଙ୍କା ଲୁଟ୍ ହୋଇଛି। ଅନୁମୋଦନ ସଂଖ୍ୟା ଓଆର୍‌ଏସ୍- ୦୯୪୯୫୭୨୬ରେ ଘଷିପୁରା ଅଞ୍ଚଳର ଦୈତାରି ଦାସଙ୍କ ନାମରେ ଭତ୍ତା ମଞ୍ଜୁର ହୋଇଥିଲା। ତେବେ ୧୦ ଡିସେମ୍ବର ୨୦୨୧ରେ ଦୈତାରିଙ୍କ ପରଲୋକ ହୋଇଥିଲା। ମାତ୍ର ତାଙ୍କ ନାମରେ ଭତ୍ତା ଟଙ୍କା ଉଠୁଛି। ସେହିପରି ଘଷିପୁରାର ମଙ୍ଗୁଳି ଚରଣ ସାହୁଙ୍କ ବର୍ଷେ ତଳୁ ମୃତ୍ୟୁ ଘଟିଛି। ହଗୁରୁ ସାହୁଙ୍କ ବର୍ଷେ ପୂର୍ବେ, ବଂଶୀଧର ସାହୁଙ୍କ ୨ ବର୍ଷ ପୂର୍ବେ ମୃତ୍ୟୁ ଘଟିଛି। ସେହିପରି ଲମ୍ବୋଦର ସାହୁ, ଶାଳପଡ଼ାର ମୋହନ ଚରଣ ଜେନା, ଖପରାଖାଇର ଗୁଞ୍ଜର ଜେନା, ମୂଳିଆ ଦେହୁରୀ, କୀର୍ତ୍ତନ ପେରେଇ, ମୁରବାଲିର ଝୁମୁରି ବେହେରା, ସନାତନ ବେହେରା, ଶୈଳଙ୍ଗର ବିଦ୍ୟାଧର ଜେନା ପ୍ରମୁଖ ବର୍ଷେରୁ ଅଧିକ ହେବ ମୃତ୍ୟୁବରଣ କରିଥିଲେ ମଧ୍ୟ ସମସ୍ତଙ୍କ ନାମରେ ଭତ୍ତା ଟଙ୍କା ଉଠାଣ ହେଉଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ, ୫ ବର୍ଷ ତଳେ ବୁଢ଼ିଆ ପାତ୍ରଙ୍କର ମୃତ୍ୟୁ ହୋଇଥିଲା। ଶବ ସଂସ୍କାର ପାଇଁ ତାଙ୍କ ପୁଅ ହରିଶ୍ଚନ୍ଦ୍ର ସହାୟତା ୩ ହଜାର ଟଙ୍କା ପାଇଥିଲେ। ତାଙ୍କ ନାମରେ ମଧ୍ୟ ଭତ୍ତା ଟଙ୍କା ଉଠାଣ ହେଉଥିବା ଯଜ୍ଞପ୍ରସାଦ ଅଭିଯୋଗ କରିଛନ୍ତି। ସେହିପରି ସମସ୍ତ ୱାର୍ଡରେ ୫ଶହରୁ ଅଧିକ ମୃତକଙ୍କ ନାମରେ ଭତ୍ତା ଟଙ୍କା ଉଠାଣ ହେଉଥିବା ସେ କହିଛନ୍ତି। ଦୁର୍ନୀତିରେ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଭତ୍ତା ଅପେକ୍ଷାରେ ଥିବା ବୃଦ୍ଧାବୃଦ୍ଧଙ୍କୁ ନ୍ୟାୟ ଦେବାକୁ ଦାବି ରଖିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ହଇରେ ରସିକ ରସିଲୁ**
**ମଧୁମାଳତୀକୁ ଛାଡ଼ିଦେଇ ଯାହା**
**ପୋକଶୁଙ୍ଘା ବଣେ ପଶିଲୁ।**

ରୂପଠାରୁ ଗୁଣ ମହତ୍ତ୍ୱ କାହିଁ କେତେ ଗୁଣରେ ଅଧିକ ହୋଇଥାଏ। ଗୁଣ ନ ଚିହ୍ନି ରୂପରେ ମୋହିବାର ଫଳ ଅନେକ ସମୟରେ ମନ୍ଦ ହୁଏ ବୋଲି ଏଠାରେ ବ୍ୟଙ୍ଗୋକ୍ତି ଶୈଳୀରେ ପ୍ରକାଶ କରାଯାଇଛି।

**ହାତ ନଡ଼ବଡ଼ କହୁଣି ଖାଏ**
**ଜିଭ ନଡ଼ବଡ଼ ହଗି ଯାଏ।**

ଖାଦ୍ୟକୁ ଠିକ୍ ଭାବେ ଧରି ରଖି ନ ଖାଇପାରିଲେ ଖାଦ୍ୟ କହୁଣିକୁ ବୋହି ଯାଇଥାଏ। ସେହିପରି ଜିହ୍ୱାକୁ ଯିଏ ନିୟନ୍ତ୍ରଣରେ ରଖିପାରି ନ ଥାଏ ତା'ର ପେଟ ଖରାପ ହେବା ଥୟ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:


ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### କର୍ପୋରେଟର ଅମରେଶ ...

ନେବାବେଳେ ସେ ଗଣମାଧ୍ୟମକୁ ବିସ୍ଫୋରକ ବୟାନ ଦେଇଛନ୍ତି। ଅର୍ଚ୍ଚନା ମତେ ଫସାଇଦେଇଛନ୍ତି। ଅର୍ଚ୍ଚନାଙ୍କୁ ପଚାରିଲେ ସେ ଏହି ଘଟଣାରେ ସବୁ କହିପାରିବେ ବୋଲି ଅମରେଶ କହିଛନ୍ତି। ଏପଟେ ଏପରି ଅଭିଯୋଗକୁ ନେଇ ଅର୍ଚ୍ଚନା ମଧ୍ୟ ଭିଡିଓ ଜାରି କରି ଅମରେଶଙ୍କୁ ଟାର୍ଗେଟ୍ କରିଛନ୍ତି। ଅର୍ଚ୍ଚନା କହିଛନ୍ତି, ସେ ଏହି ଘଟଣା ବିଷୟରେ ଜାଣିନାହାନ୍ତି କିମ୍ବା ପୀଡ଼ିତାଙ୍କୁ ମଧ୍ୟ ଚିହ୍ନି ନାହାନ୍ତି। ଘଟଣାର ସତ୍ୟାସତ୍ୟ ଅମରେଶ ଓ ପୀଡ଼ିତା ହିଁ ଜାଣିଥିବେ। ତେବେ ଅମରେଶ କୁକର୍ମରେ ଜଡ଼ିତ ଥିଲେ ବୋଲି ଆଜି ଓଡ଼ିଶାବାସୀଙ୍କୁ ଜଣାଇଦେଇଛନ୍ତି। ସେ ଆହୁରି କହିଛନ୍ତି, ପୂର୍ବରୁ ଅର୍ଚ୍ଚନା ନାଗଙ୍କୁ ସେ ଚିହ୍ନି ନ ଥିଲେ ବୋଲି ଅମରେଶ କହୁଥିଲେ। ଆଜି ସେ କିପରି ଅର୍ଚ୍ଚନାଙ୍କୁ ଜାଣିଗଲେ। ସେ ନିଜ କର୍ମର ଫଳ ଭୋଗୁଛନ୍ତି। ଅମରେଶଙ୍କୁ ଭାଇ ସମ୍ବୋଧନ କରି ସୁଧୁରି ଯାଆନ୍ତୁ ଓ ଭଉଣୀଙ୍କୁ ଅପନିନ୍ଦା ଦିଅନ୍ତୁ ନାହିଁ ବୋଲି ଅର୍ଚ୍ଚନା କହିଛନ୍ତି। ସେହିପରି ଅମରେଶଙ୍କ ସ୍ତ୍ରୀ ବନଜା ଜେନା ସ୍ୱାମୀଙ୍କ ବିରୋଧରେ ଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ନିର୍ବାଚନ ପାଖେଇ ଆସିଲାଣି, ଏଭଳି ଆମ ସହ ଘଟିବ ବୋଲି ଜାଣିଥିଲୁ। କୋର୍ଟ ଉପରେ ପୂର୍ଣ୍ଣ ବିଶ୍ୱାସ ଅଛି, ନ୍ୟାୟ ମିଳିବ ବୋଲି ସେ କହିଛନ୍ତି। ତେବେ ଅମରେଶ ଭୁବନେଶ୍ୱରରୁ ଫେରାର ହୋଇ କଳାକାଦ ଗାଁରେ ଯାହାଙ୍କ ଘରେ ଆତ୍ମଗୋପନ କରିଥିଲେ ତାଙ୍କୁ ପୋଲିସ ତଦନ୍ତ ପରିସରଭୁକ୍ତ କରିଛି। ଉକ୍ତ ବ୍ୟକ୍ତି କିଏ ଓ ଅମରେଶ ତାଙ୍କ ଘରକୁ କାହିଁକି ସୁରକ୍ଷିତ ସ୍ଥାନ ବୋଲି ବାଛିଥିଲେ ବୋଲି ଚର୍ଚ୍ଚା ହେଉଛି। ତେବେ ଅମରେଶଙ୍କ ମାମଲାରେ ସମ୍ପୃକ୍ତି ଆସିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଖବରଦାତା ସମ୍ମିଳନୀରେ ଜୋନ-୪ ଏସିପି ଅଭିମନ୍ୟୁ ନାୟକ କହିଛନ୍ତି। ଏପଟେ ଅମରେଶଙ୍କ ଗିରଫଦାରି ଘଟଣାକୁ ନେଇ ତାଙ୍କ ସମର୍ଥକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସେମାନେ ଲକ୍ଷ୍ମୀସାଗର ଥାନା ପରିସରରେ ଭିଡ ଜମାଇ ହୋହଲ୍ଲା କରିବା ସହ ପୋଲିସର ଗିରଫଦାରିକୁ ନିନ୍ଦା କରିଥିଲେ। ସୂଚନାଯୋଗ୍ୟ, ଅମରେଶ ଜଣେ ୧୯ ବର୍ଷୀୟା ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିବା ବୁଧବାର ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଅମରେଶଙ୍କ ନାଁରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୀଡ଼ିତା ନାବାଳିକା ଥିବା ସମୟରୁ ଅମରେଶ ତାଙ୍କ ସହ ପ୍ରତାରଣା କରି ଅମାନୁଷିକ କାଣ୍ଡ ଘଟାଇଥିବା ଏତଲାରେ ଦର୍ଶାଇଥିଲେ। ଏପରିକି ଅମରେଶ ପୀଡ଼ିତାଙ୍କ ଗର୍ଭପାତ କରାଇ ତାଙ୍କୁ ତଣ୍ଟିଚିପି ହତ୍ୟା ଉଦ୍ୟମ କରିବା ସହ ଭୁବନେଶ୍ୱର ଛାଡ଼ି ଚାଲିଯିବାକୁ ଧମକ ଦେଇଥିଲେ ବୋଲି ଅଭିଯୋଗ ହୋଇଛି।

### ମାଟିତଳୁ ମିଳିଲା ...

ମୁତୟନ ଅର୍ଦ୍ଧସାମରିକ ବାହିନୀ ଓ ଓଡ଼ିଶା ପୋଲିସ ମିଳିତ ଭାବେ କୋମ୍ବିଂ ଅପରେଶନ ଆରମ୍ଭ କରିଥିଲେ। ପ୍ରାୟ ସାଢ଼େ ୪ଟନ୍ ଲୁଟ ବିସ୍ଫୋରକ ଜବତ ହୋଇଥିଲା। କିନ୍ତୁ ମାଓବାଦୀଙ୍କ ପାଲଟା ଜବାବରେ ସେମାନେ ଖଞ୍ଜିଥିବା ଲ୍ୟାଣ୍ଡ ମାଇନ ବିସ୍ଫୋରଣରେ ମେ' ୩୦ରେ କୋମ୍ବିଂ ଅପରେଶନ ବେଳେ କୋବ୍ରା ବାଟାଲିୟନର ଯବାନ ସୁନୀଲ କୁମାର ଗୁରୁତର ଆହତ ହୋଇଥିଲେ। ୩୧ରେ ସରଣ୍ଡା ଜଙ୍ଗଲରେ ମାଓବାଦୀ ଖଞ୍ଜିଥିବା


ମାଟି ତଳୁ ଜବତ ହୋଇଥିବା ଟଙ୍କା।

ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଜଣେ ଗ୍ରାମବାସୀ ଆହତ ହୋଇଥିଲେ। ଜୁନ ୧୪ରେ କେ. ବଲାଙ୍ଗ ଥାନା ଅନ୍ତର୍ଗତ ସିଲିକୁଟା ସଂରକ୍ଷିତ ଜଙ୍ଗଲରେ ପୁଣି ମାଓବାଦୀ ଖଞ୍ଜିଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଜଣେ ଯବାନ ସତ୍ୟବାନ କୁମାର ସିଂ ଶହୀଦ ହୋଇଥିଲେ। ଇତିମଧ୍ୟରେ ଅନେକ ପୋତା ଲ୍ୟାଣ୍ଡ ମାଇନ ଉଦ୍ଧାର ହେବା ସହ ଏକ ବଙ୍କର ଠାବ କରି ଅର୍ଦ୍ଧସାମରିକ ବାହିନୀ ତରଫରୁ ନଷ୍ଟ କରାଯାଇଥିଲା। ପୁଣି ଏବେ ମାଓବାଦୀ ମାଟିତଳେ ଲୁଚାଇ ରଖିଥିବା ୩୫ ଲକ୍ଷ ଟଙ୍କା ଠାବ କରି ଉଦ୍ଧାର କରିବା ପରେ ମାଓବାଦୀଙ୍କ ଅଣ୍ଟା ଦୋହଲି ଯାଇଥିବା ସ୍ୱାଭାବିକ। ହେଲେ ମାଓ ସଙ୍ଗଠନ ଶହୀଦ ସପ୍ତାହ ମଧ୍ୟରେ କିଛି ଯୋଜନା କରୁଥିବା ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ। ଉଭୟ ରାଜ୍ୟ ପୋଲିସ ଏବେ ସତର୍କ ଦୃଷ୍ଟି ରଖିଥିବା ଜଣାପଡିଛି।

### ୨୦ ହଜାର ଟଙ୍କାରେ...

କରି ସମ୍ପୃକ୍ତ ଶିଶୁ କନ୍ୟାର ବାପାଙ୍କୁ ପଚରାଉଚରା ପାଇଁ ଥାନାକୁ ଡକାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ବାଗଡେର ଗାଁର ଜଣେ ବ୍ୟକ୍ତିଙ୍କ ପୂର୍ବରୁ ଏକ ଝିଅ ଥିଲା। ନିକଟରେ ତାଙ୍କ ସ୍ତ୍ରୀ ଟିଟିଲାଗଡ଼ ହସ୍ପିଟାଲରେ ପୁଣି ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। ମହିଳା ଜଣକ ଘରକୁ ଆସିବାର କିଛି ଦିନ ପରେ ବରଗଡ଼ ଜିଲା ପଦ୍ମପୁର ସବ୍‌ଡିଭିଜନ ଅଧୀନ ପାଇକମାଳ ଗାଁର ସମ୍ପୃକ୍ତ ଦମ୍ପତିଙ୍କ ସହ କଥାବାର୍ତ୍ତା କରି ଶିଶୁକନ୍ୟାକୁ ବିକ୍ରି କରି ଦେଇଥିବା ଅଭିଯୋଗ ହୋଇଛି। ବିକ୍ରି କରିଥିବାନେଇ ଶିଶୁକନ୍ୟାର ମା'ବାପା ଏହାକୁ ସ୍ୱୀକାର ମଧ୍ୟ କରିଛନ୍ତି। ଏହି ଦମ୍ପତି ଗରିବ ଶ୍ରେଣୀର ହୋଇଥିବାରୁ ବର୍ଷକ ଅଧିକାଂଶ ସମୟ ଦାଦନ ଖଟିବାକୁ ଯାଇଥାନ୍ତି। ସରକାର ଗରିବ ଲୋକଙ୍କ ପାଇଁ ଅନେକ ଉନ୍ନୟନମୂଳକ ଯୋଜନା ପ୍ରଣୟନ କରିଛନ୍ତି। ହେଲେ ଏହାର ସୁଫଳ ପାଇବାରୁ ଉକ୍ତ ଦମ୍ପତି (ଶିଶୁକନ୍ୟାର ମା'ବାପା)ଙ୍କ ପରିବାର ବଞ୍ଚିତ ହୋଇଛନ୍ତି। ଭଙ୍ଗା ଦଦରା ଘରେ ଅତି ଦୟନୀୟ ଭାବେ ଦିନ କାଟୁଛନ୍ତି ଏହି ପରିବାର। ଫଳସ୍ୱରୂପ ଅଭାବରେ ପଡି ନିଜ ଝିଅକୁ ବିକ୍ରି କରିବାକୁ ପଛାଇ ନାହାନ୍ତି ବୋଲି ଚର୍ଚ୍ଚା ହେଉଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଗ୍ରହସ୍ଥିତି ଆର୍ଥିକ ଅସଙ୍ଗତି ଦୂରକରିବା ସହ ଆଲୋଚନାକୁ ଅଗ୍ରଗାମୀ କରାଇବ। ପୂର୍ବାଲୋଚନା ଅନୁଯାୟୀ ଆଜିର ଯାତ୍ରା, କର୍ମାରମ୍ଭ, ପ୍ରଶାସନିକ ନିଷ୍ପତ୍ତିରେ ସଫଳତା ପାଇବେ। କାଳେ କିଛି ଦେବାକୁ ପଡ଼ିବ,ଏହି ଆଶଙ୍କାରେ ସମ୍ପର୍କୀୟ ଦୂରେଇ ରହିବେ। କର୍ମକ୍ଷେତ୍ରରେ ଜିଦ୍‌ରେ ଅଟଳ ରହିଲେ ସମସ୍ୟାକୁ ନିମନ୍ତ୍ରଣ କରିବେ।

**ବୃଷ**
କୃତ୍ତିକା ନକ୍ଷତ୍ରର ପାରିବାରିକ କ୍ଷେତ୍ରରେ ବୟସ୍କଙ୍କ ଦୁଶ୍ଚିନ୍ତା ବୃଦ୍ଧିପାଇବ। କାର୍ଯ୍ୟ ହାସଲ ସକାଶେ ବନ୍ଧୁଙ୍କ ସାହାଯ୍ୟରୁ ଆଶ୍ୱସ୍ତି ଲଭିବେ। ଯାତ୍ରା, ବାଣିଜ୍ୟ, ପରିବହନ, ଆଇନ ଅଦାଲତ ଓ ଆନୁଷ୍ଠାନିକ କାମ ପାଇଁ ଅସୁବିଧା ହେବ ନାହିଁ। ପ୍ରତ୍ୟେକ ପରିସ୍ଥିତିରେ ମନୋବଳ ଟାଣ ରହିବ ଓ ପଛକୁ ଫେରିବାର ଚିନ୍ତା କରି ନ ପାରନ୍ତି।

**ମିଥୁନ**
କର୍ମକ୍ଷେତ୍ରରେ ଭୁଲ୍‌ବଶତଃ ସ୍ଥଗିତ କାମପାଇଁ ଅନ୍ୟମାନଙ୍କ ନିକଟରେ ମୁଣ୍ଡ ନୁଆଁଇବାକୁ ପଡ଼ିପାରେ। ପୁନର୍ବସୁ ନକ୍ଷତ୍ରର ଶିଳ୍ପ, ବାଣିଜ୍ୟ ଏବଂ ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବା ସୁଯୋଗ ଆସିପାରେ। ଜମିଜମା କାରବାର କିମ୍ବା ପ୍ଲଟ କିଣିବା ଦିଗରେ ଆଲୋଚନା କରିପାରନ୍ତି।

**କର୍କଟ**
ଅଶ୍ଳେଷା ନକ୍ଷତ୍ର ବନ୍ଧୁଙ୍କ କାମରେ ସାମିଲ ହୋଇ ନିଜ କାମକୁ ପଛକୁ ରଖିପାରନ୍ତି। କେତେକ କ୍ଷେତ୍ରରେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ପାରିବାରିକ ସମସ୍ୟାର ସରଳ ସମାଧାନ ପାଇଁ ବନ୍ଧୁଙ୍କ ସାହାଯ୍ୟ ଲୋଡ଼ିପାରନ୍ତି। ସାମାଜିକ କାମ, ସଭାସମିତି, ସାମ୍ବାଦିକତା, ପ୍ରଶାସନିକ କ୍ଷେତ୍ର ଓ ବ୍ୟବସାୟ ପାଇଁ ଦିନଟି ବହୁତ ଭଲ।

**ସିଂହ**
ପରିବାରର ଖର୍ଚ୍ଚ ବୃଦ୍ଧି କାରଣରୁ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। କର୍ମକ୍ଷେତ୍ରରେ ଚାପଗ୍ରସ୍ତ କାରଣରୁ ବାକିଆ କାମ ପାଇଁ ଚିନ୍ତା ବଢିଯିବ। ପାରିବାରିକ କ୍ଷେତ୍ରର ଅମିମାଂସୀତ ଘଟଣାବଳୀକୁ ନେଇ ଗୁରୁଜନଙ୍କ ସହ ଆଲୋଚନା କରିବାକୁ ମନସ୍ଥ କରିବେ। ମଘା ନକ୍ଷତ୍ର ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିପାରନ୍ତି।

**କନ୍ୟା**
କୌଣସି କାମ ଅଟକି ନ ରହିଲେ ମଧ୍ୟ ତାହାକୁ ସଜାଡିବା କ୍ଷେତ୍ରରେ ହଇରାଣ ହେବାକୁ ପଡିବ। ବନ୍ଧୁଙ୍କ କଥାକୁ ପୂର୍ଣ୍ଣ ବିଶ୍ୱାସ କରି ପରକ୍ଷଣରେ ଅନୁତାପ କରିପାରନ୍ତି। ପରିସ୍ଥିତିବଶତଃ କଠିନ ପରିଶ୍ରମ ଓ ଭ୍ରମଣଜନିତ କ୍ଳାନ୍ତି ଓ ଅବସାଦ ଦେଖାଦେବ। ହସ୍ତା ନକ୍ଷତ୍ର ସକାଶେ ବ୍ୟବସାୟିକ ସ୍ଥିତି ଭଲ ରହିବାରୁ ଖୁସି ରହିବେ।

**ତୁଳା**
ପାରସ୍ପରିକ ବୁଝାମଣା ହେତୁ ପରିବାରରେ ଶାନ୍ତି ଫେରିବାର ସୂଚନା ରହିଛି। ବ୍ୟବସାୟରେ ସଫଳତା ହାସଲ କରିବେ କିନ୍ତୁ ଋଣ ପରିଶୋଧ କରିପାରିବେ ନାହିଁ। ସାହିତ୍ୟ, ସାମ୍ବାଦିକତା, ଗବେଷଣା ଓ ରଚନାତ୍ମକ କାମରେ ପ୍ରଶଂସା ପାଇବେ। ବିଶାଖା ନକ୍ଷତ୍ର ଆଇନ ଅଦାଲତରେ ସମସ୍ୟାଜନିତ ଚିନ୍ତା ପ୍ରକଟ କରିପାରନ୍ତି।

**ବିଛା**
ପରିସ୍ଥିତିର ତାଡ଼ନାରେ ଇଚ୍ଛା ନ ଥାଇ ମଧ୍ୟ ବାରମ୍ବାର ମତ ବଦଳାଇବାକୁ ବାଧ୍ୟ ହେବେ। ସଭାସମିତି କିମ୍ବା ଆଲୋଚନା ପରିସରରେ ସାହସିକତା ପ୍ରଦର୍ଶନ କରି ପ୍ରଶଂସିତ ହୋଇପାରନ୍ତି। ଅନୁରାଧା ନକ୍ଷତ୍ର କ୍ରୀଡ଼ା, ସାହିତ୍ୟ ଓ ସଙ୍ଗୀତାଦିରେ ସୁନାମ ଅର୍ଜନ କରିବେ। ଯାନବାହନ ଚାଳନାରେ ସତର୍କ ନ ରହିଲେ ବହୁମୂଲ୍ୟ ଦେବାକୁ ପଡ଼ିପାରେ।

**ଧନୁ**
ଅତୀତ ଘଟଣାକୁ କେନ୍ଦ୍ରକରି ସମାଲୋଚନା ମଧ୍ୟରେ ଅଶାନ୍ତ ରହିପାରନ୍ତି। କର୍ମକ୍ଷେତ୍ରରେ ସ୍ଥଗିତ ରହିଥିବା କାମକୁ ପୁନଃ ଆରମ୍ଭ କରିବା ପାଇଁ ଚିନ୍ତା କରିପାରନ୍ତି। ପ୍ରକାଶନ, ପ୍ରଶାସନ, ସଂଗଠନ, ରାଜନୀତି ଓ ସଭାସମିତିରେ ଶୁଭଫଳ ପାଇବେ। ପୂର୍ବାଷାଢ଼ା ନକ୍ଷତ୍ର ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

**ମକର**
ବିବାଦୀୟ ସ୍ଥିତି ମଧ୍ୟରେ ଗତିକରିବାକୁ ପଡୁଥିବାରୁ ଖୁସିରେ ରହପାରିବେ ନାହିଁ। ଅଟକି ରହିଥିବା କୌଣସି କାର୍ଯ୍ୟ ହଠାତ୍ ଆରମ୍ଭ କରିବାକୁ ସ୍ଥିର କରିବେ। ଶ୍ରବଣା ନକ୍ଷତ୍ର ସାମାଜିକ ସ୍ତରରେ ଅପ୍ରୀତିକର ପରିସ୍ଥିତିଜନିତ ଘଟଣାର ଦିଗ ବଦଳିଯିବ। ଶିଳ୍ପ, ବ୍ୟବସାୟ, ପରିବହନ, ପ୍ରଶାସନ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢିପାରେ।

**କୁମ୍ଭ**
ନୂତନ କର୍ମାରମ୍ଭ ସକାଶେ ଯୋଜନା କରି ବନ୍ଧୁଙ୍କ ସାହାଯ୍ୟ ଲୋଡ଼ିପାରନ୍ତି। ପରିସ୍ଥିତିକୁ ଲାଘବ କରିବା ସକାଶେ ଋଣ ପରିଶୋଧର ପ୍ରତିଶ୍ରୁତି ଦେବାକୁ ପଡ଼ିପାରେ। ଶତଭିଷା ନକ୍ଷତ୍ର ସକାଶେ ଯେତେ ଉପାୟ କଲେ ମଧ୍ୟ ସୁବିଧାରେ କାମ ହାସଲ କଷ୍ଟକର ହେବ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**ମୀନ**
ସମସ୍ୟା ଲାଗିରହିଥିଲେ ମଧ୍ୟ ଆଜିର କୌଣସି କାମ ପାଇଁ ହଇରାଣ ହେବେନାହିଁ। ପୂର୍ବଭାଦ୍ରପଦ୍ ନକ୍ଷତ୍ର ସକାଶେ ପରିସ୍ଥିତିକୁ ଦେଖିଚାହିଁ କାମ କରିବା ଭଲ। ପରିବାରରେ ହେଉ କିମ୍ବା ଅନ୍ୟାନ୍ୟ କ୍ଷେତ୍ରରେ କଡ଼ାକଥା କହିଲେ ଚଳିବନାହିଁ। ରୋଗର ପୀଡ଼ା ବୃଦ୍ଧିରେ ଆତ୍ମୀୟଙ୍କ ସହାନୁଭୂତି ପାଇ ଏକପ୍ରକାର ମନକୁ ବୁଝାଇନେବେ।

ଆଜି ଜୁଲାଇ ୨୮ ତାରିଖ, ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ, ବିଶ୍ୱ ହେପାଟାଇଟିସ୍ ଦିବସ, ଶ୍ରାବଣ ଶୁକ୍ଳ ଚତୁର୍ଥୀ ସୋମବାର। ରାଶିନକ୍ଷତ୍ର-ପୂର୍ବାଫାଲଗୁନୀ/ସିଂହ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ.୦୫.୨୪ ଗତେ ଘ.୦୭.୦୧ ମଧ୍ୟେ, ଘ.୧୦.୩୫ ଗତେ ଘ.୦୧.୧୦ ମଧ୍ୟେ ଶୁଦ୍ଧ ଶୁଭ ବେଳା । ସକାଳ ଘ.୦୭.୦୧ ଗତେ ଘ. ୦୮.୩୮ ମଧ୍ୟେ ରାହୁ କାଳ।

# ଚରିତ୍ର ନ ଥିଲେ ସବୁ ଅସାର

ନାରୀ ନିର୍ଯାତନା ଓ ସେମାନଙ୍କୁ ଯୌନ ଶୋଷଣ ଭଳି କୁତ୍ସିତ କାର୍ଯ୍ୟରେ ରାଜନେତାମାନେ ସମ୍ପୃକ୍ତ ହେବା ଏବଂ ଗିରଫ ହେବା ଭଳି ଅନେକ ଘଟଣା ଦେଖିବାକୁ ମିଳୁଛି। ସାଧାରଣତଃ ନେତା ସିଏ, ଯିଏ ଜନସାଧାରଣ, ସରକାରୀ କଳ ଏବଂ ସରକାରଙ୍କ ମଧ୍ୟରେ ସେତୁ ହୋଇ କାର୍ଯ୍ୟ କରେ। ଲୋକଙ୍କ ଦୁଃଖକଷ୍ଟ ଦୂର ପାଇଁ କାର୍ଯ୍ୟ କରେ, ସମାଜ କଲ୍ୟାଣ କାର୍ଯ୍ୟରେ ନିଜକୁ ସାମିଲ କରେ। ସେହି ବ୍ୟକ୍ତିଙ୍କ ପ୍ରତି ବହୁସଂଖ୍ୟକ ଲୋକଙ୍କ କେବଳ ଭରସା ନ ଥାଏ, ତାଙ୍କୁ ସେମାନେ ଆଦର୍ଶ ଭାବେ ଗ୍ରହଣ କରିଥାନ୍ତି। ତେଣୁ ନେତାଗିରି କୌଣସି ପେସା ନୁହେଁ, ସ୍ୱୟଂପ୍ରବୃତ୍ତ ସେବା। ଏଭଳିସ୍ଥଳେ ନେତାଙ୍କ ପାଖରେ ଯୌନ ନିର୍ଯାତନା ଭଳି ଚାରିତ୍ରିକ ସ୍ଖଳନ ଦେଖାଦେବା ବାଡ଼ ଫସଲ ଖାଇବା ସଦୃଶ। ଜଣେ ନେତାଙ୍କ ଚରିତ୍ରହାନି ହେଲେ ସେ ଲୋକଙ୍କର, ନିଜର ଏବଂ ତାଙ୍କ ସହ ଜଡ଼ିତ ଦଳର ବ୍ୟାପକ କ୍ଷତି ଘଟାଇଥାନ୍ତି। ତେଣୁ ଲୋକେ କୁହନ୍ତି, 'ଥିଲେ ଥାଉ ପଛେ ଗୁଣ ହଜାର, ଚରିତ୍ର ନ ଥିଲେ ସବୁ ଅସାର'। ବିଶେଷକରି ରାଜନୀତିକୁ ଆସୁଥିବା ଯୁବପିଢ଼ି ଏହାକୁ ହୃଦୟଙ୍ଗମ କରି ନିଜକୁ ମାର୍ଜିତ କରି ରଖିବାକୁ ମତ ପ୍ରକାଶ ପାଇଛି।

## ଲୋକଙ୍କ ଭରସା ତୁଟିବାରେ ଲାଗିଛି



ସାଧାରଣ ଜନତା ଏବଂ ବ୍ୟବସ୍ଥା ତଥା ସରକାରଙ୍କ ମଧ୍ୟରେ ଯେଉଁ ଶୂନ୍ୟସ୍ଥାନ ରୁହେ, ତାହା ରାଜନୈତିକ ପଦାଧିକାରୀ ତଥା ନେତାଙ୍କ ଦାରା ପୂରଣ ହୋଇଥାଏ। ଅତୀତରେ ଲୋକଙ୍କ ମଙ୍ଗଳ ସାଧନ ପାଇଁ ରାଜନୈତିକ ବ୍ୟକ୍ତିବିଶେଷ ନିଜର ସର୍ବସ୍ୱ ତ୍ୟାଗ କରି ଇତିହାସ ରଚୁଥିଲେ। ହେଲେ ଏବେ ଯୁଗ ଅନୁସାରେ ତାର ବ୍ୟତିକ୍ରମ ଘଟିଛି। ବସ୍ତୁବାଦୀ ତଥା ବିଳାସବ୍ୟସନ ଜୀବନ ବଞ୍ଚିବା ସ୍ୱପ୍ନ ନେଇ ଲୋକେ ରାଜନୀତିକୁ ଆସୁଛନ୍ତି। ପରେ ଚରିତ୍ରହୀନ କାର୍ଯ୍ୟ କରି ସମାଜ, ସଂସ୍କାର ଓ ପରମ୍ପରାକୁ ଭ୍ରଷ୍ଟ କରିବା ଦ୍ୱାରା ଆଜି ଜନପ୍ରତିନିଧି ଓ ରାଜନୈତିକ ଦଳ ଉପରେ ଲୋକଙ୍କ ଭରସା ତୁଟିବାରେ ଲାଗିଛି।

- ବଳରାମ ପଣ୍ଡା, ସାମାଜିକ କର୍ମୀ, ରାୟଗଡ଼ା

## ସମାଜ ଉପରେ କୁପ୍ରଭାବ ପକାଉଛି



ସମ୍ପ୍ରତି ବହୁ ସ୍ଥାନରେ ଯୌନ ନିର୍ଯାତନା ଘଟଣାମାନ ଲୋକଲୋଚନକୁ ଆସିବାରେ ଲାଗିଛି। ଏଥିରେ ରାଜନୈତିକ ପଦାଧିକାରୀ ବ୍ୟକ୍ତି କିମ୍ବା ଜନପ୍ରତିନିଧିଙ୍କ ସମ୍ପୃକ୍ତି ଏବଂ ତାପରେ ଗିରଫ ଘଟଣା ସମ୍ପୃକ୍ତ ଦଳର ଭାବମୂର୍ତ୍ତିକୁ ନିଶ୍ଚିତ ଭାବେ କ୍ଷୁଣ୍ଣ କରୁଛି। ୩ ହଜାର ବର୍ଷ ପୂର୍ବେ ଚାଣକ୍ୟ ରାଜପଦଧାରୀ କାମପୋଧା (ଯୌନଲିପ୍‌ସା)ଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦେଇଥିଲେ। ତେଣୁ ରାଜନୈତିକ ପଦାଧିକାରୀ ଏଭଳି ଘଟଣାରେ ସମ୍ପୃକ୍ତ ଥିଲେ, ଦଳର ଭାବମୂର୍ତ୍ତି କ୍ଷୁଣ୍ଣ ହେବା ସହ ସମାଜ ଉପରେ ଏହାର କୁପ୍ରଭାବ ପକାଇବ।

- ଡ. ବିଜୟ କୁମାର ମିଶ୍ର, ଅବସରପ୍ରାପ୍ତ ପ୍ରାଧାପକ, ନବରଙ୍ଗପୁର

## ମହିଳାଙ୍କୁ ଅସଦାଚରଣ ବ୍ଲେମ୍ ଗେମ୍ ନ ହେଉ



ବର୍ତ୍ତମାନ ରାଜନୀତିରେ ମହିଳାଙ୍କ ଯୋଗଦାନ ବଢୁଛି। ସେହି ପରିମାଣରେ ରାଜନେତାଙ୍କ ମହିଳାଙ୍କ ପ୍ରତି ଅସଦାଚରଣ ଘଟଣା ପ୍ରତ୍ୟହ ସମ୍ମୁଖକୁ ଆସୁଛି। ବହୁ ସମୟରେ ରାଜନୈତିକ ସୁବିଧା ଯୋଗାଇ ଦେବା ପ୍ରଲୋଭନରେ ବହୁ ଯୁବତୀ ଓ ମହିଳା ରାଜନେତାଙ୍କ ଅସଦାଚରଣର ଶିକାର ହେଉଛନ୍ତି। ଏହା ମହିଳା ସଶକ୍ତୀକରଣକୁ ବିରୋଧାଚରଣ କରୁଥିବାବେଳେ ଦଳର ଭାବମୂର୍ତ୍ତି ଉପରେ ଖରାପ ପ୍ରଭାବ ପକାଉଛି। ଭାରତୀୟ ସଂସ୍କୃତିରେ ମହିଳାଙ୍କୁ ସମ୍ମାନ ଦେବା ପ୍ରାଥମିକ କର୍ତ୍ତବ୍ୟ ଶ୍ରେଣୀରେ ଅଛି। ତେବେ ରାଜନୀତି ପାଇଁ ବହୁ ସମୟରେ ମହିଳାଙ୍କ ମାଧ୍ୟମରେ ଅସଦାଚରଣ ଅଭିଯୋଗ ଆଣି ପ୍ରତିପକ୍ଷକୁ ନିନ୍ଦିତ କରିବା ପ୍ରୟାସ ଜାରି ରହିଛି। ଏପରି ବ୍ଲେମ୍ ଗେମ୍ ଦ୍ୱାରା ରାଜନୈତିକ ଦଳଗୁଡିକ ବଦନାମ ହେଉଛନ୍ତି। ଅପରପକ୍ଷରେ ରାଜନୈତିକ ଦଳଗୁଡ଼ିକରେ ଆଇସିସି (ଇଣ୍ଟରନାଲ କମ୍ପ୍ଲାଂଟସ କମିଟି) ନ ଥିବାରୁ ଏହାର ସତ୍ୟାସତ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

- ମନ୍ମଥ କୁମାର ରାଉତ, ସାମାଜିକ କର୍ମୀ, କେନ୍ଦ୍ରାପଡ଼ା

## ଦଳର ମଧ ମର୍ଯ୍ୟାଦା କ୍ଷୁଣ୍ଣ ହେଉଛି



ଯୌନ ନିର୍ଯାତନା ଏକ ଦଣ୍ଡନୀୟ ଅପରାଧ ହୋଇଥିଲେ ମଧ ଏଥିରେ ବିଭିନ୍ନ ରାଜନୈତିକ ଦଳର ପଦପଦବୀଧାରୀ ନେତାମାନେ ସଂଶ୍ଳିଷ୍ଟ ରହି ଜେଲ ଯାଉଛନ୍ତି। ଏହାଦ୍ୱାରା ନିଜର ମାନମର୍ଯ୍ୟାଦା ହାନି ହେବା ସହ ଦଳର ମର୍ଯ୍ୟାଦା ମଧ କ୍ଷୁଣ୍ଣ ହେଉଛି। ଜଣେ ରାଜନେତା ଅନ୍ୟକୁ ସାହାଯ୍ୟ, ଅନ୍ୟର ବିପଦରେ ଛିଡ଼ା ହେବା କଥା, ମାତ୍ର ସେମାନେ ଯୌନ ନିର୍ଯାତନାରେ ଅଭିଯୁକ୍ତ ହେଲେ ଲୋକଙ୍କ ଭରସା ତୁଟିଯିବ। ସମ୍ପୃକ୍ତ ନେତାଙ୍କର ଅଧୋଗତି ସହ ଦଳ ମଧ୍ୟ ତଳକୁ ଯିବ।

- ଭକ୍ତବନ୍ଧୁ ଧରୁଆ, ସାମାଜିକ କର୍ମୀ, ନୂଆପଡ଼ା

## ରାଜନୈତିକ ଦଳ ପାଇଁ ଶୁଭଙ୍କର ନୁହେଁ



ସବୁ ସରକାରରେ ନାରୀ ନିର୍ଯାତନା ଚାଲିଛି। ନେତାମାନେ ମଧ ଗିରଫ ହେବା ଘଟଣା କାହାକୁ ଅଛପା ନୁହେଁ। ବର୍ତ୍ତମାନ ନାରୀ ନିର୍ଯାତନା ନେଇ ଓଡ଼ିଶା ପଡୁଛି ଉଠୁଛି। ଲୋକଦେଖାଣିଆ ଭାବେ ରାଜନୈତିକ ଦଳଗୁଡ଼ିକ ବିରୋଧ କରୁଛନ୍ତି। ରାଜନୈତିକ ରୁଟି ସେକିବା ପାଇଁ ଏହା ଏକ ପ୍ରହସନ। ଏହା ସମ୍ପୃକ୍ତ ରାଜନୈତିକ ଦଳ ପାଇଁ ଶୁଭଙ୍କର ନୁହେଁ।

- ରାଜେନ୍ଦ୍ର କୁମାର ପଣ୍ଡା, ଶିକ୍ଷାବିତ୍, ବ୍ରହ୍ମପୁର

## ଲୋକଙ୍କ ଭରସା ତୁଟୁଛି



ଯେକୌଣସି ରାଜନୈତିକ ଦଳ ଜନସାଧାରଣଙ୍କ ବିକାଶ ପାଇଁ କାମ କରନ୍ତି। କିନ୍ତୁ ଦଳର କୌଣସି କର୍ମୀ ବା ନେତା ଯଦି ନାରୀ ନିର୍ଯାତନା ଘଟଣାରେ ସମ୍ପୃକ୍ତ ହେବେ, ତେବେ ଏହା ଦଳ ପାଇଁ ଶୁଭଙ୍କର ନୁହେଁ। ଆଗାମୀ ଦିନରେ ଦଳ ପ୍ରତି ଲୋକଙ୍କ ଭରସା ତୁଟିଯାଇପାରେ। ଆଗକୁ ଏସବୁ ନ ହେବା ଦରକାର।

- ସୁରେନ୍ଦ୍ର ବେହେରା, ଆଇନଜୀବୀ, ବ୍ରହ୍ମପୁର

## ତତ୍କାଳ ପଦକ୍ଷେପ ନିଆଯିବା ଆବଶ୍ୟକ



ରାଜନୈତିକ ବ୍ୟକ୍ତିମାନେ ନିଜ ପଦର ଫାଇଦା ନେଇ ଅନେକ ସମୟରେ ନିଜ ଦଳର ମହିଳା କର୍ମୀ ଏବଂ ସାଧାରଣ ମହିଳାଙ୍କ ଉପରେ ପ୍ରଭାବ ବିସ୍ତାର କରିଥାନ୍ତି। ଏପରିକି ସେମାନଙ୍କୁ ଯୌନ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଥାଏ। ଏଥିରେ ସମ୍ପୃକ୍ତ ଦଳର ଭାବମୂର୍ତ୍ତି ନଷ୍ଟ ହେବା ସ୍ୱାଭାବିକ। ଅନେକ ସମୟରେ ନାରୀ ନିର୍ଯାତନାକୁ ନେଇ ସରକାର ପରିବର୍ତ୍ତନ ହୋଇଥିବା ନଜିର ରହିଛି। ତେବେ ଯେତେବେଳେ ବି କୌଣସି ସ୍ଥାନରେ ମହିଳା ନିର୍ଯାତନା ନେଇ ଅଭିଯୋଗ ଆସୁଛି, ତତ୍କାଳ ଏହା ଉପରେ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି।

- ପୁଷ୍ପାରାଣୀ ମହାପାତ୍ର, ସାମାଜିକ କର୍ମୀ, ସମ୍ବଲପୁର

## ଲୋକଙ୍କ ନିକଟକୁ ଖରାପ ବାର୍ତ୍ତା ଯାଇଥାଏ



ମହିଳାମାନେ ପୁରୁଷଙ୍କ ସହିତ ତାଳ ଦେଇ ପ୍ରତି କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରଦର୍ଶନ କରିଚାଲିଛନ୍ତି। ମାତ୍ର ମହିଳାମାନେ କାର୍ଯ୍ୟକ୍ଷେତ୍ରରେ ଯୌନ ନିର୍ଯାତନାର ଶିକାର ହେଉଛନ୍ତି। ତେବେ ମହିଳାଙ୍କୁ ଯୌନ ନିର୍ଯାତନା ଭଳି କୁତ୍ସିତ କାର୍ଯ୍ୟ ଯେତେବେଳେ ରାଜନୈତିକ ଭୂଖଣ୍ଡରେ ଦେଖିବାକୁ ମିଳୁଛି, ତାହାର ପ୍ରଭାବ ଆହୁରି ସୁଦୂରପ୍ରସାରୀ ହେଉଛି। ବିଶେଷକରି ରାଜନୈତିକ ପଦାଧିକାରୀ ଅଥବା ନିର୍ବାଚିତ ଜନପ୍ରତିନିଧି ଯୌନ ନିର୍ଯାତନା ଭଳି ସଙ୍ଗିନ ଅଭିଯୋଗରେ ଛନ୍ଦି ହେଲେ ତାହା ବ୍ୟକ୍ତିଗତ ମାମଲା ନ ହୋଇ ଦଳର ଭାବମୂର୍ତ୍ତିକୁ ମଧ କ୍ଷୁଣ୍ଣ କରୁଛି, ଯଦିଓ ସେଥିପାଇଁ ସଂପୃକ୍ତ ଦଳ ଦାୟୀ ବୋଲି କହିବା ଠିକ୍ ନୁହେଁ। ବିଶେଷକରି ଏଭଳି ଘଟଣା ଘଟିଲେ, ଲୋକଙ୍କ ନିକଟକୁ ଖରାପ ବାର୍ତ୍ତା ଯାଇଥାଏ। କାରଣ ଆମ ଲୋକେ ରାଜନେତାଙ୍କୁ ସର୍ବଦା ଏକ ଆଦର୍ଶ ଚରିତ୍ର ଭାବେ ଦେଖିବାକୁ ଚାହିଁଥାନ୍ତି।

- ସତ୍ୟନାରାୟଣ ପାଢ଼ୀ, ଶିକ୍ଷାବିତ୍, ବରଗଡ଼

## ବାଡ଼ ଫସଲ ଖାଇବା ପରି ଅବସ୍ଥା



ରାଜନୈତିକ ନେତାମାନେ ସାଧାରଣ ଜୀବନରେ ଲୋକମାନଙ୍କ ସେବା କରିବାର ଆଭିମୁଖ୍ୟ ନେଇ ଦଳୀୟ ସଙ୍ଗଠନରେ ସାମିଲ ହୋଇଥାଆନ୍ତି। ହେଲେ ଆଜିକାଲି କେତେଜଣ ରାଜନୈତିକ ବ୍ୟକ୍ତିଙ୍କ ସେହି ଆଭିମୁଖ୍ୟ ନାହିଁ। ବିଭିନ୍ନ ସମୟରେ ସେପରି ନେତାଙ୍କ ନାମରେ ବଳାତ୍କାର, ଯୌନ ଶୋଷଣ ଓ ଅସଦାଚରଣ ଅଭିଯୋଗ ଆସୁଛି। ଏପରି ଅଭିଯୋଗ ଆସିବା ପରେ ସାଧାରଣ ନାଗରିକଙ୍କ ଆଶା ଓ ବିଶ୍ୱାସ ସେହି ନେତା ଓ ଦଳ ଉପରୁ ତୁଟି ଯାଉଛି। ଏବେ ବାଡ଼ ଫସଲ ଖାଇବା ପରି ଅବସ୍ଥା। ସମ୍ପ୍ରତି ରାଜନୀତିରେ ଭଲ ମଣିଷଙ୍କ ଅଭାବ ଦେଖାଦେଇଛି। ସରକାରୀ ଓ ବେସରକାରୀ ସମ୍ପତ୍ତି ଆତ୍ମସାତ୍, ଦାଦାବଟି ଆଦାୟ, କାମ ବଦଳରେ କମିଶନ ଆଦାୟ ସହିତ ବିଭିନ୍ନ ଧମକ ଦେଇ ସେମାନେ ଯୁବତୀ, ମହିଳାମାନଙ୍କୁ ଯୌନଶୋଷଣ କରିବାକୁ ପଛାଉ ନାହାନ୍ତି।

- ଋଷି ପ୍ରଧାନ, ଚାଷୀ, ନୟାଗଡ଼

## ରାଜନୈତିକ ଦଳର ଛବିକୁ ମଳିନ କରିବ



ଓଡ଼ିଶାରେ ସାମ୍ପ୍ରତିକ ସ୍ଥିତିରେ ନାରୀ ନିର୍ଯାତନା ବୃଦ୍ଧି ହେଉଛି। ବିଶେଷକରି ସୌମ୍ୟାଶ୍ରୀଙ୍କ ଆତ୍ମଦାହ ପରେ ଏହା ଚର୍ଚ୍ଚାକୁ ଆସିଛି। ସାଧାରଣ ଜନତା ଜନପ୍ରତିନିଧି ଭାବେ ରାଜନୈତିକ ବ୍ୟକ୍ତିବିଶେଷଙ୍କଠାରୁ ସମାଜ କଲ୍ୟାଣକାରୀ କାର୍ଯ୍ୟ ଆଶା କରିଥାନ୍ତି। ନାରୀ ନିର୍ଯାତନା କ୍ଷେତ୍ରରେ ଏମାନଙ୍କ ସମ୍ପୃକ୍ତି ରହିଲେ ରାଜନୈତିକ ଦଳର ଛବିକୁ ମଳିନ କରିବ। ଏସବୁ କର୍ମ ବାରମ୍ବାର ଘଟି ଚାଲିଲେ ଜନସାଧାରଣ ସେହି ଦଳକୁ ପ୍ରତ୍ୟାଖ୍ୟାନ କରିବାକୁ ପଶ୍ଚାତ୍‌ପଦ ହେବେ ନାହିଁ। ଏହାକୁ ଆଜିର ରାଜନୈତିକ ବ୍ୟକ୍ତି ହୃଦୟଙ୍ଗମ କରିବା ଅତ୍ୟନ୍ତ ଜରୁରୀ।

- ବିଜୟ କୁମାର ସେନାପତି, ସହାୟକ ମହାପ୍ରବନ୍ଧକ, ଆର୍‌ଏସ୍‌ପି, ରାଉରକେଲା

## ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ



ବଳାତ୍କାର, ମହିଳାଙ୍କ ପ୍ରତି ଅତ୍ୟାଚାର ଏକ ସଙ୍ଗିନ ଅପରାଧ। ଏଥିପାଇଁ ଆଇନରେ କଡ଼ାକଡ଼ି ବ୍ୟବସ୍ଥା ରହିଛି। ଏହା ସତ୍ତ୍ୱେ ଏହାର ସଂଖ୍ୟା ବଢୁଛି। ଏଭଳି ଘଟଣାରେ ଶିକ୍ଷିତ, ଆଇନ ବିଷୟରେ ଜାଣିଥିବା ରାଜନୈତିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଦିନକୁ ଦିନ ବଢୁଛି, ଯାହାକି ଅତ୍ୟନ୍ତ ଜଘନ୍ୟ ଓ ସାଂଘାତିକ ବିଷୟ। ଏଣୁ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଦଳ ପକ୍ଷରୁ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ। ଏପରିକି ରାଜନୈତିକ ଦଳ ସେମାନଙ୍କ ପାଇଁ ବଦନାମ ହେଉଛି। ତେଣୁ ଦଳ ସଚେତନ ହେବା ସହ ସେଥିପ୍ରତି କର୍ମଶାଳା କରିବା ଜରୁରୀ।

- ଭକ୍ତବତ୍ସଳ ମହାନ୍ତି, ସାମାଜିକ କର୍ମୀ, କେନ୍ଦୁଝର

## ନେତାଙ୍କ ଆଚାର, ବିଚାରରେ ଶୁଦ୍ଧତା ଜରୁରୀ



ରାଜନୈତିକ ବ୍ୟକ୍ତି ଅଥବା ଜନପ୍ରତିନିଧିମାନେ ସିଧାସଳଖ ଜନତାଙ୍କ ସହ ଜଡ଼ିତ ରହିଥାନ୍ତି। ସେମାନଙ୍କ ପ୍ରତି ଲୋକଙ୍କ ଆସ୍ଥା ଓ ବିଶ୍ୱାସ ରହିଥାଏ। ଏଣୁ ସେମାନଙ୍କ ଆଚାର ଓ ବିଚାରରେ ଶୁଦ୍ଧତା, ବ୍ୟବହାରରେ ସ୍ୱଚ୍ଛତା ରହିବା ଜରୁରୀ। ଆଜି ଯେଉଁଭଳି ଭାବେ ରାଜନୈତିକ ବ୍ୟକ୍ତି ଓ ଜନପ୍ରତିନିଧିଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆସୁଛି, ତାହା ଏକ ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ଏଭଳି ଘଟଣା ଦ୍ୱାରା ଧୀରେ ଧୀରେ ସେମାନଙ୍କ ଉପରୁ ଜନତାଙ୍କ ବିଶ୍ୱାସ ତୁଟିଯାଉଛି। ଏହି କାରଣରୁ ସାଧାରଣ ଜନତା କୌଣସି କାମରେ ଆଗଭଳି ଆଉ ରାଜନୈତିକ ଦଳ ଅଥବା ଜନପ୍ରତିନିଧିଙ୍କ ନିକଟକୁ ଯିବା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏଥିପ୍ରତି ଦଳୀୟ ବ୍ୟକ୍ତିବିଶେଷ ଗୁରୁତ୍ୱ ଦେବା ଜରୁରୀ।

- ପ୍ରବୀଣା ପଟ୍ଟନାୟକ, ସାମାଜିକ କର୍ମୀ, ଖୋର୍ଦ୍ଧା

## ନେତାଙ୍କ କର୍ମଫଳ ଦଳକୁ ପ୍ରଭାବିତ କରିଥାଏ



ନେତା, ପ୍ରଶାସନିକ ଅଧିକାରୀ ପ୍ରମୁଖଙ୍କ ଚାରିତ୍ରିକ ଅବକ୍ଷୟ ଆଜି ସମାଜ ପାଇଁ ଚନ୍ଦ୍ରଗ୍ରହଣ ଅବା ସୂର୍ଯ୍ୟୋପରାଗ ପରିସ୍ଥିତି ସୃଷ୍ଟି କରିଛି। ଜଣେ ନେତାଙ୍କ ଚାରିତ୍ରିକ ସ୍ଖଳନ ତାଙ୍କ ଦଳର ଭାବମୂର୍ତ୍ତିକୁ ବ୍ୟାପକ କ୍ଷତି ପହଞ୍ଚାଉଛି, ଯାହାକି ପରବର୍ତ୍ତୀ ନିର୍ବାଚନରେ ଦଳକୁ ପ୍ରଭାବିତ କରିବା ଆଶଙ୍କା ରହିଥାଏ। ନେତାଙ୍କ କର୍ମଫଳ ଓ ଚରିତ୍ରକୁ ନେଇ ସେହି ରାଜନୈତିକ ଦଳର ଭାଗ୍ୟ ନିର୍ଦ୍ଧାରଣ ହୋଇଥାଏ। ତେଣୁ ଲୋକଙ୍କ ସମସ୍ୟା ତଥା ଅଞ୍ଚଳର ବିକାଶ ପାଇଁ ରାଜନେତାମାନେ ବ୍ରତୀ ହେବା ଆବଶ୍ୟକ।

- ଭାଗୀରଥି ଆଚାର୍ଯ୍ୟ, ସାମାଜିକ କର୍ମୀ, ଯାଜପୁର ରୋଡ୍ ଗୋଶାଳା

## ଦଳର ଭାବମୂର୍ତ୍ତି କ୍ଷୁଣ୍ଣ ହେଉଛି



ଯୌନ ନିର୍ଯାତନା ଘଟଣା ସହ କୌଣସି ରାଜନୈତିକ ପଦାଧିକାରୀ ବା ନେତାଙ୍କ ସମ୍ପୃକ୍ତି ଅଭିଯୋଗ ଆସିବା କ୍ଷଣି ସେହି ନେତାଙ୍କ ଚରିତ୍ରଗତ ସ୍ଖଳନ ସମ୍ପର୍କରେ ଲୋକେ ଆଲୋଚନା କରୁଛନ୍ତି। ସେଭଳି ନେତାଙ୍କ ରାଜନୈତିକ ଭବିଷ୍ୟତ ମଧ ବହୁ ମାତ୍ରାରେ ପ୍ରଭାବିତ ହେଉଛି। ସେହି ବ୍ୟକ୍ତି ଯେଉଁ ଦଳରେ ରହିଛନ୍ତି ସେହି ରାଜନୈତିକ ଦଳର ଭାବମୂର୍ତ୍ତି ମଧ ବହୁ ମାତ୍ରାରେ କ୍ଷୁଣ୍ଣ ହେଉଛି। ଲୋକେ ସେହି ନେତା , ଦଳ ଓ ପୋଲିସକୁ ସନ୍ଦେହ ଚକ୍ଷୁରେ ଦେଖୁଛନ୍ତି। ଏଭଳି ଘଟଣାରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ନ ହେଲେ ଏହା ସମାଜ ଉପରେ ବି କୁପ୍ରଭାବ ପକାଉଛି।

- ନୀଳମଣି ଯୋଷୀ, ସୂଚନା ଅଧିକାର କର୍ମୀ, ବଲାଙ୍ଗୀର

# ମନ୍ କୀ ବାତ୍‌ରେ ପ୍ରମିଳାଙ୍କୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା




'ମନ୍ କୀ ବାତ୍'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେନ୍ଦୁଝରର ପ୍ରମିଳା ପ୍ରଧାନଙ୍କ ପରିବେଶ ସଚେତନତା ଉପରେ ଆଲୋକପାତ କରିବା ଅବସରରେ ଦେଖାଯାଇଥିବା ପୋଷ୍ଟର।

## ପାଲା ମାଧ୍ୟମରେ ଜଙ୍ଗଲ ନିଆଁ ନିରୋଧୀ ସଚେତନତା କରୁଛନ୍ତି

କେନ୍ଦୁଝର,୨୭।୭
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲ୍ଲା ଘଟଗାଁ ରେଞ୍ଜ ଅନ୍ତର୍ଗତ ମୁର୍ଗାବାଡ଼ି ଗ୍ରାମର ପ୍ରମିଳା ପ୍ରଧାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ପ୍ରଶଂସା କରିଛନ୍ତି। ପ୍ରମିଳାଙ୍କ ଜଙ୍ଗଲ ନିଆଁ ବିରୋଧରେ ସଚେତନତା ଉଦ୍ୟମକୁ ଦେଶବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କିପରି ସେ 'ରାଧାକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀ' ଗଠନ କରି ଅଟେଇ ସଂରକ୍ଷିତ ଜଙ୍ଗଲକୁ ଘେରି ରହିଥିବା ଗ୍ରାମର ଲୋକଙ୍କ ମଧ୍ୟରେ ଅଗ୍ନିରୁ ଜଙ୍ଗଲର ସୁରକ୍ଷା ବାର୍ତ୍ତା ପହଞ୍ଚାଉଛନ୍ତି କହିଥିଲେ।

ପ୍ରକାଶ ଯେ, ପ୍ରଧାନମନ୍ତ୍ରୀ ମାସିକ 'ମନ୍ କୀ ବାତ୍' କାର୍ଯ୍ୟକ୍ରମର ୧୨୪ତମ ଏପିସୋଡ୍‌ରେ ତାଙ୍କ ଅଭିଭାଷଣ ସମୟରେ ଜଙ୍ଗଲ ସଂରକ୍ଷଣ ପାଇଁ ଉକ୍ତ ଗୋଷ୍ଠୀର ଅନନ୍ୟ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ପ୍ରଧାନମନ୍ତ୍ରୀ ଗୋଷ୍ଠୀର ପଦକ୍ଷେପକୁ ପ୍ରଶଂସା କରି କହିଥିଲେ, ଲୋକଗୀତ, ପରମ୍ପରା, ଭଜନ ଏବଂ କୀର୍ତ୍ତନ ହେଉଛି ଭାରତର ବିବିଧତାର ସୁନ୍ଦର ଝଲକ। ଓଡ଼ିଶାର କେନ୍ଦୁଝର ଜିଲ୍ଲାରେ ପ୍ରମିଳା ପ୍ରଧାନ 'ରାଧାକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀ' ନାମକ ଗୋଷ୍ଠୀ ଗଠନ କରି ଅଞ୍ଚଳରେ ଜଙ୍ଗଲ ନିଆଁ ବିରୋଧରେ ସଚେତନତା କରୁଛନ୍ତି। ଏଭଳି ଉଦ୍ୟମରେ ପରିବେଶ ସୁରକ୍ଷା ପାଇଁ ଗୋଷ୍ଠୀ କିପରି ମନ୍ତ୍ର ଜପ କରୁଛି ତାହା ଉପରେ ଗୁରୁତ୍ୱ ଦେଇଛନ୍ତି। ଜଙ୍ଗଲ ଏବଂ ପରିବେଶକୁ ସୁରକ୍ଷା ଦେବା ପାଇଁ ସେ ପାରମ୍ପରିକ ଗୀତରେ ନୂତନ ଗୀତ ଯୋଡ଼ି ଲୋକଙ୍କୁ ଜଙ୍ଗଲ ନିଆଁ କେତେ କ୍ଷତି କରେ ତାହା ବୁଝାଇଛନ୍ତି। ଏହି ପାରମ୍ପରିକ ପଦକ୍ଷେପ ମନେପକାଇ ଦେଇଛି, ଆମର ଲୋକ ପରମ୍ପରାରେ ଏବେ ବି ସମାଜର ଉନ୍ନତି ପାଇଁ ଶକ୍ତି ଅଛି ବୋଲି କହିଥିଲେ।

ଏ ନେଇ ପ୍ରମିଳା କହିଛନ୍ତି, 'ପ୍ରଧାନମନ୍ତ୍ରୀ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଜାତିକୁ ସମ୍ବୋଧିତ କରିବା ସମୟରେ ତାଙ୍କ ନାମ ଉଚ୍ଚାରଣ ବହୁତ ଖୁସି ଦେବା ସହ ଆଶ୍ଚର୍ଯ୍ୟ ମଧ କରିଥିଲା। ୧୦ ଜଣ ମହିଳା ସଦସ୍ୟଙ୍କ ସମେତ ପ୍ରାୟ ୧୭ ଜଣ ସଦସ୍ୟଙ୍କୁ ନେଇ ଗୋଷ୍ଠୀ ଗଠନ କରିଥିଲେ। ଏହା ମାଧ୍ୟମରେ ବିଲୁପ୍ତ ହୋଇଯାଇଥିବା ପାରମ୍ପରିକ ସଂକୀର୍ତ୍ତନ ସଂସ୍କୃତିକୁ ପୁନର୍ଜୀବିତ କରିଛନ୍ତି। ଦୁଇ ବର୍ଷ ହେଲା ବନ ବିଭାଗ ସହାୟତାରେ ଜଙ୍ଗଲ ନିଆଁ ରୋକିବାକୁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହାକୁ ଆଗକୁ ବଢ଼ାଇନେବାକୁ ମୃଦଙ୍ଗ, ଝାଞ୍ଜ ଆଦି ବଜାଇ ଗାଁ ଗାଁ ବୁଲି 'ଶୁଣରେ ଶୁଣରେ ଭାଇ ଭଉଣୀ, ଜଙ୍ଗଲରେ ନିଆଁ ଲଗାଅ ନାହିଁ। ବନ ସୁରକ୍ଷା ସମିତି ଗଢ଼ି, ଉଜୁଡ଼ା ଜଙ୍ଗଲ ଦେବା ସଜାଡ଼ି' ଗୀତ ଗାଇ ସଚେତନତା ଜାରି ରଖିଛନ୍ତି।

ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି କହିଛନ୍ତି, ଗତ ବର୍ଷ ୧୦ଟି ସଂକୀର୍ତ୍ତନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଲୋକଙ୍କ ମଧ୍ୟରେ ଭାବପ୍ରବଣ ଏବଂ ଆଧ୍ୟାତ୍ମିକ ପ୍ରତିକ୍ରିୟା ସୃଷ୍ଟି କରିଥିଲା। ଏହି ପ୍ରକାର ସଚେତନତା ଯୋଗୁ ଘଟଗାଁ ରେଞ୍ଜରେ ଜଙ୍ଗଲ ଅଗ୍ନିକାଣ୍ଡ ଘଟଣା ହ୍ରାସ ପାଇଛି। ୨୦୨୩ରେ ୨୮୮ଟି ସ୍ଥାନରେ ନିଆଁ ଲାଗିଥିବା ବେଳେ ୨୦୨୪ରେ ୮୦ ଏବଂ ୨୦୨୫ରେ ୨୬ଟି ସ୍ଥାନକୁ ହ୍ରାସ ପାଇଛି। ସେହିପରି କେନ୍ଦୁଝର ଡିଭିଜନରେ ୨୦୨୩ରେ ୧୭୭୨ଟି ଅଗ୍ନି ନିର୍ବାପନ ସ୍ଥାନ ଚିହ୍ନଟ ହୋଇଥିବା ବେଳେ ୨୦୨୫ରେ ତାହା ୭୨୭ ସ୍ଥାନକୁ ହ୍ରାସ ପାଇଛି। ପ୍ରମିଳା ପ୍ରଧାନଙ୍କ ଅବଦାନ ଅଗ୍ନି ସଚେତନତାଠାରୁ ଅଧିକ। ସେ ତାଙ୍କ ପ୍ରଦର୍ଶନ ମାଧ୍ୟମରେ ଶିକାର ବିରୋଧୀ, ବନୀକରଣ ବାର୍ତ୍ତା, ହାତୀ ସଂରକ୍ଷଣ ସଚେତନତା, ବଢୁଥିବା ମଣିଷ-ପଶୁ ସଂଘର୍ଷକୁ ସମ୍ବୋଧିତ କରିବା ସମେତ ଅନେକ କାର୍ଯ୍ୟକ୍ରମରେ ଆଗରେ ରହିଥିବା ଡିଏଫ୍‌ଓ କହିଛନ୍ତି।

DSPL-187



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବିଶ୍ୱ ହେପାଟାଇଟିସ୍ ଦିବସ
୨୮ ଜୁଲାଇ ୨୦୨୫

- ଜନ୍ମର ୨୪ ଘଣ୍ଟା ମଧ୍ୟରେ ନବଜାତ ଶିଶୁକୁ ହେପାଟାଇଟିସ୍ ପ୍ରତିଷେଧକ ଟୀକା ଦିଆଯାଏ। ସମସ୍ତ ସରକାରୀ ଡାକ୍ତରଖାନାରେ ଏହା ବିନା ମୂଲ୍ୟରେ ମିଳେ।
- ହେପାଟାଇଟିସ୍‌ରୁ ରକ୍ଷା ପାଇବା ପାଇଁ :
  - ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ହେପାଟାଇଟିସ୍ 'ବି' ଓ 'ସି' ର ପରୀକ୍ଷା ବିନା ମୂଲ୍ୟରେ କରାଇ ନିଅନ୍ତୁ।
  - କେବଳ ସ୍ୱୀକୃତିପ୍ରାପ୍ତ ବ୍ଲଡ୍ ବ୍ୟାଙ୍କରୁ ରକ୍ତ ଓ ରକ୍ତଜାତ ଦ୍ରବ୍ୟ ଗ୍ରହଣ କରନ୍ତୁ।
  - ଅସୁରକ୍ଷିତ ଯୌନ ସମ୍ପର୍କରୁ ଦୂରେଇ ରୁହନ୍ତୁ।
  - ଭଲ ଭାବରେ ହାତ ଧୋଇବା ସହ ତଟକା ଖାଦ୍ୟ ଖାଆନ୍ତୁ ଓ ବିଶୁଦ୍ଧ ପାନୀୟ ଜଳ ବ୍ୟବହାର କରନ୍ତୁ।
- ହେପାଟାଇଟିସ୍ ପଜିଟିଭ୍ ଗର୍ଭବତୀ ମହିଳାଙ୍କର ପ୍ରସବ ଡାକ୍ତରଖାନାରେ କରାନ୍ତୁ ଏବଂ ନବଜାତ ଶିଶୁକୁ ହେପାଟାଇଟିସ୍ ଇମ୍ୟୁନୋଗ୍ଲୋବୁଲିନ୍ ଇଞ୍ଜେକ୍ସନ ଦେଇ ସୁରକ୍ଷିତ ରଖନ୍ତୁ।

ଆର୍ଥିକ, ସାମାଜିକ, ବ୍ୟବସ୍ଥାଗତ ପ୍ରତିବନ୍ଧକ ତଥା ଅନ୍ଧବିଶ୍ୱାସକୁ ଦୂରେଇ ଦେବା ଏବଂ ହେପାଟାଇଟିସ୍‌କୁ ପ୍ରତିରୋଧ କରିବା

ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପ ଲାଇନ୍: ୧୦୪

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/
OIPR-10003/13/0240/2526

# କାମ୍ବୋଡିଆ-ଥାଇଲାଣ୍ଡ

କିଛି ବର୍ଷ ହେବ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଯୁଦ୍ଧ ଓ ସଂଘର୍ଷ ଲାଗି ରହିଛି। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଚାଲିଥିବା ବେଳେ ମଧ୍ୟପ୍ରାଚ୍ୟରେ ଇସ୍ରାଏଲ-ହମାସ ଓ ପରେ ଇସ୍ରାଏଲ-ଇରାନ ଯୁଦ୍ଧ ନୂଆ ସମୀକରଣ ସୃଷ୍ଟି କରିଛି। ଭାରତ ଓ ପାକିସ୍ତାନ ମଧ୍ୟରେ ମେ' ୨୦୨୫ରେ ୪ ଦିନିଆ ଯୁଦ୍ଧ ଆମେ ଅନିଶା କରିଛେ। ନଗଦ ଘଟଣାକୁ ଦେଖିଲେ ସାମ୍ନାକୁ ଆସିଛି କାମ୍ବୋଡିଆ-ଥାଇଲାଣ୍ଡ ଯୁଦ୍ଧ। ଦକ୍ଷିଣ ପୂର୍ବ ଏସିଆ ଦେଶ କାମ୍ବୋଡିଆ। ଏହା ପ୍ରାଚୀନ ମନ୍ଦିର ଓ ସୂକ୍ଷ୍ମ କାରୁକାର୍ଯ୍ୟରେ ପରିପୂର୍ଣ୍ଣ। ଅନ୍ୟପକ୍ଷରେ ଏହାର ଉତ୍ତର ପଶ୍ଚିମାଞ୍ଚଳରେ ପଡ଼ୋଶୀ ଥାଇଲାଣ୍ଡ। ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାରେ ଏହା ବିଶ୍ୱର ଅନ୍ୟତମ ଅଗ୍ରଣୀ ରାଷ୍ଟ୍ର ଭାବେ ପରିଚିତ। ଦୁଇ ଦେଶ ମଧ୍ୟରେ ସୀମାକୁ ନେଇ ଶତାବ୍ଦୀ ବ୍ୟାପୀ ବିବାଦ ରହିଆସିଛି। ୮୦୦ କିଲୋମିଟର ଦୀର୍ଘ ସୀମା ଘଞ୍ଚ ଜଙ୍ଗଲ ଯୋଗୁ ଦୁର୍ବଳ ଭାବେ ଚିହ୍ନଟ ହୋଇଥିବାରୁ ଦୁଇ ଦେଶ ପରସ୍ପର ଆଡ଼କୁ ମାଡ଼ି ଆସୁଛନ୍ତି। ବିଶେଷକରି ଖେମର ସାମ୍ରାଜ୍ୟ ବେଳେ ଦୁଇ ଦେଶର ସୀମାନ୍ତ ଅଞ୍ଚଳରେ ନିର୍ମିତ ପ୍ରେହ ଭିହିୟାର ମନ୍ଦିର ଓ ତା'ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ନେଇ ସଂଘର୍ଷ ଏବେ ଜୋର ଧରିଛି। ୧୯୬୨ରେ ଅନ୍ତର୍ଜାତୀୟ ନ୍ୟାୟ ଅଦାଲତ (ଆଇସିଜେ) ଏହା ଉପରେ କାମ୍ବୋଡିଆର ମାଲିକାନା ଥିବା ନେଇ ରାୟ ଦେଇଥିଲେ। କିନ୍ତୁ ଥାଇଲାଣ୍ଡ ଉକ୍ତ ମନ୍ଦିର ନିକଟବର୍ତ୍ତୀ ଅଞ୍ଚଳ ନିଜର କହି ଐତିହାସିକ ମାନଚିତ୍ର ଓ କାଗଜପତ୍ରର ପ୍ରମାଣ ଦର୍ଶାଇ ଚାଲିଛି, ଯଦ୍ୱାରା ଦୁଇ ଦେଶ ମଧ୍ୟରେ ସମ୍ପୃକ୍ତ ଅଞ୍ଚଳ ବିବାଦର ମୁଖ୍ୟ କେନ୍ଦ୍ରବିନ୍ଦୁ ପାଲଟିଯାଇଛି। ଏବର ସଂଘର୍ଷକୁ ଦେଖିଲେ ପରସ୍ପର ସୀମା ମାଡ଼ିବସିବାକୁ କେନ୍ଦ୍ର କରି ଦୁଇ ଦେଶର ସେନା ଗତ ୪ ଦିନ ହେବ ଯୁଦ୍ଧରେ ଲିପ୍ତ ରହିବାରୁ ୩୪ ଜଣଙ୍କ ପ୍ରାଣହାନି ଘଟିଛି, ଯେଉଁଥିରେ ଅଧିକାଂଶ ନାଗରିକ ଥିବା କୁହାଯାଉଛି। ଏଥିରେ ୧,୩୦,୦୦୦ ଲୋକ ବାସଚ୍ୟୁତ ହୋଇସାରିଲେଣି। ଜୁଲାଇ ୨୪ରେ ସୀମାନ୍ତ ଅଞ୍ଚଳରେ ବିସ୍ଫୋରଣ ଘଟିବାରୁ ୫ ଜଣ ଥାଇ ସୈନ୍ୟଙ୍କ ମୃତ୍ୟୁ ଘଟିବା ପରେ ସଂଘର୍ଷ ବ୍ୟାପକ ହୋଇଥିଲା। ଜୁଲାଇ ୨୫ରେ ଏହି ପ୍ରସଙ୍ଗ ଜାତିସଂଘରେ ଆଲୋଚନା ହୋଇଥିବା ବେଳେ ଦୁଇ ଦେଶ ପରସ୍ପରକୁ ଦାୟୀ କରୁଛନ୍ତି। ଥାଇଲାଣ୍ଡ ରାଷ୍ଟ୍ରଦୂତ ଚେର୍ଡଚାଇ ଚାଇଭାଇଭିଡ୍ କହିଛନ୍ତି, କାମ୍ବୋଡିଆ ତାଙ୍କ ଅଞ୍ଚଳକୁ ମାଡ଼ି ଆସିବାରୁ ଏଭଳି ସ୍ଥିତି ଉପୁଜିଛି। ଅନ୍ୟପକ୍ଷରେ କାମ୍ବୋଡିଆ ମଧ୍ୟ ଥାଇଲାଣ୍ଡ ବିରୋଧରେ ସମାନ ଅଭିଯୋଗ ଆଣିଛି। ଏଭଳି ସ୍ଥଳେ ଜାତିସଂଘ ଦୁଇ ରାଷ୍ଟ୍ରକୁ ସଂଯମ ରକ୍ଷା କରି ଆଲୋଚନା ଟେବୁଲକୁ ଆସିବା ଲାଗି ପରାମର୍ଶ ଦେଇଛି।

> **ଏବର ସଂଘର୍ଷକୁ ଦେଖିଲେ ପରସ୍ପର ସୀମା ମାଡ଼ିବସିବାକୁ କେନ୍ଦ୍ର କରି ଦୁଇ ଦେଶର ସେନା ଗତ ୪ ଦିନ ହେବ ଯୁଦ୍ଧରେ ଲିପ୍ତ ରହିବାରୁ ୩୪ ଜଣଙ୍କ ପ୍ରାଣହାନି ଘଟିଛି, ଯେଉଁଥିରେ ଅଧିକାଂଶ ନାଗରିକ ଥିବା କୁହାଯାଉଛି। ଏଥିରେ ୧,୩୦,୦୦୦ ଲୋକ ବାସଚ୍ୟୁତ ହୋଇସାରିଲେଣି। ଜୁଲାଇ ୨୪ରେ ସୀମାନ୍ତ ଅଞ୍ଚଳରେ ବିସ୍ଫୋରଣ ଘଟିବାରୁ ୫ ଜଣ ଥାଇ ସୈନ୍ୟଙ୍କ ମୃତ୍ୟୁ ଘଟିବା ପରେ ସଂଘର୍ଷ ବ୍ୟାପକ ହୋଇଥିଲା। ଜୁଲାଇ ୨୫ରେ ଏହି ପ୍ରସଙ୍ଗ ଜାତିସଂଘରେ ଆଲୋଚନା ହୋଇଥିବା ବେଳେ ଦୁଇ ଦେଶ ପରସ୍ପରକୁ ଦାୟୀ କରୁଛନ୍ତି।**

ଇତିମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ଚିରାଚରିତ ଶୈଳୀରେ ଦୁଇ ଦେଶ ମଧ୍ୟରେ ମଧ୍ୟସ୍ଥତା କରିବାକୁ ଆଗେଇ ଆସିଛନ୍ତି। ଉଭୟ ଦେଶ ତୁରନ୍ତ ଯୁଦ୍ଧ ବନ୍ଦ କରିବା ଲାଗି ସେ ଆହ୍ୱାନ ଦେଇଛନ୍ତି। ସେମାନେ ଯୁଦ୍ଧ ବନ୍ଦ ନ କଲେ ଆମେରିକା ସେମାନଙ୍କ ସହିତ ବାଣିଜ୍ୟ ଚୁକ୍ତି କରିବ ନାହିଁ ବୋଲି ଟ୍ରମ୍ପ ଚେତାବନୀ ଦେଇଛନ୍ତି। ଏ ନେଇ କାମ୍ବୋଡିଆ ପ୍ରଧାନମନ୍ତ୍ରୀ ହୁନ୍ ମନେଟ ଏବଂ ଥାଇଲାଣ୍ଡ କାର୍ଯ୍ୟକାରୀ ପ୍ରଧାନମନ୍ତ୍ରୀ ଫୁମ୍‌ଥାମ ୱେଚେୟାଚାଇଙ୍କ ସହ ସେ କଥା ହେବେ ବୋଲି ୨୬ ଜୁଲାଇରେ କହିଥିଲେ। ଏହା କହିବା ପରେ କାକତାଳୀୟ ନ୍ୟାୟରେ ଦୁଇ ଦେଶ ଆଲୋଚନା ଟେବୁଲରେ ବସିବା ପାଇଁ ସଙ୍କେତ ଦେଉଥିବା ଖବର ମିଳିଛି। ଏହା ନିଶ୍ଚିତ ଭାବେ ପଡ଼ୋଶୀ ଦେଶର ସୈନ୍ୟ ଓ ନାଗରିକଙ୍କ ପାଇଁ ଏକ ସକାରାତ୍ମକ ଖବର। ଏଠାରେ ମନେପକାଇ ଦିଆଯାଇପାରେ ଯେ, ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ୨୫ ଜଣ ଭାରତୀୟ ଓ ଜଣେ ନେପାଳୀ ପର୍ଯ୍ୟଟକଙ୍କୁ ହତ୍ୟା କରାଯାଇଥିଲା। ପରେ ଭାରତ ପକ୍ଷରୁ ପାକିସ୍ତାନ ଉପରେ 'ଅପରେଶନ ସିନ୍ଦୂର' କରାଯାଇଥିଲା। ଫଳରେ ଦୁଇ ଦେଶ ମଧ୍ୟରେ ୪ ଦିନ ଧରି ଯୁଦ୍ଧ ଲାଗିଥିଲା। ଟ୍ରମ୍ପଙ୍କ ହସ୍ତକ୍ଷେପ ଯୋଗୁ ଯୁଦ୍ଧବିରତି ହୋଇଥିବା ନେଇ କୁହାଯାଉଥିଲା। ଅନୁରୂପ ଘଟଣା କାମ୍ବୋଡିଆ-ଥାଇଲାଣ୍ଡ ମଧ୍ୟରେ ଦେଖାଦେବା ପରେ ଟ୍ରମ୍ପଙ୍କ ଶାନ୍ତି ବୁଝାମଣା ପାଇଁ ସବୁଠାରେ ହସ୍ତକ୍ଷେପ ଆଲୋଚନାର ବିଷୟ ହୋଇଛି। ହୁଏତ ଟ୍ରମ୍ପ ଏସବୁଠାରେ ଆମେରିକାକୁ ସୁହାଉଥିବା ବାଣିଜ୍ୟ ଚୁକ୍ତିକୁ ଆଖି ଆଗରେ ରଖୁଛନ୍ତି। ଅନ୍ୟପକ୍ଷେ ନୋବେଲ ଶାନ୍ତି ପୁରସ୍କାର ଅନିଶା କରି ସେ ସବୁ ଦ୍ୱନ୍ଦ୍ୱ ଭିତରେ ନିଜକୁ ସାମିଲ କରି ଶାନ୍ତି ବାର୍ତ୍ତାର ଛାଞ୍ଚ ବାଣ୍ଟୁଛନ୍ତି। ହୁଏତ କାମ୍ବୋଡିଆ ଓ ଥାଇଲାଣ୍ଡ ଏହି ମୁହୂର୍ତ୍ତରେ ସଂଘର୍ଷ ବଢ଼ାଇବାକୁ ଚାହୁଁ ନ ଥାଇ ପାରନ୍ତି। ତେବେ ଏହି ସମୟରେ ଟ୍ରମ୍ପଙ୍କ ହସ୍ତକ୍ଷେପ ଶାନ୍ତି ପ୍ରତିଷ୍ଠା ପାଇଁ ଏକ ବାଟ ଫିଟାଇ ଥାଇପାରେ ବୋଲି କୁହାଯାଇପାରେ।

# ଜାତିଭିତ୍ତିକ ଜନଗଣନା: ଆଶା ଓ ସଂଶୟ

ଅଧ୍ୟାପକ ଗୋପବନ୍ଧୁ

ଶେଷରେ କେନ୍ଦ୍ର ସରକାର ଦେଶରେ ଜାତିଭିତ୍ତିକ ଜନଗଣନା କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହା ଏକ ଅପ୍ରତ୍ୟାଶିତ ଘୋଷଣା। କାରଣ ପୂର୍ବରୁ କେନ୍ଦ୍ର ସରକାର ଜାତିଭିତ୍ତିକ ଜନଗଣନା ସପକ୍ଷରେ ନାହାନ୍ତି ବୋଲି ଘୋଷଣା କରିଥିଲେ ଓ ସାଧାରଣ ଜନତା ଭାବି ନେଇଥିଲେ ଯେ ଏ ସରକାର ସମୟରେ ଆଉ ଜାତିଭିତ୍ତିକ ଜନଗଣନା ହେବାର ସମ୍ଭାବନା ନାହିଁ। ଏପରି ପରିସ୍ଥିତିରେ ହଠାତ ଜାତିଭିତ୍ତିକ ଜନଗଣନା କରିବାର ଘୋଷଣା ଅନେକଙ୍କୁ ଚକିତ କରିଛି। ଏହା ଉପରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ଦଳେ ଏହାକୁ ସ୍ୱାଗତ କରୁଥିବା ବେଳେ ଆଉ କେତେକେ ଏହାକୁ ସମର୍ଥନ କରୁନାହାନ୍ତି। ଯେଉଁମାନେ ଦିନେ ଜାତିଭିତ୍ତିକ ଜନଗଣନା ବିରୋଧରେ କହୁଥିଲେ ସେମାନେ ଏବେ ଚୁପ। ବିରୋଧୀ ମେଣ୍ଟ ଜାତିଭିତ୍ତିକ ଜନଗଣନା ସପକ୍ଷରେ ଦାବିକରି ଆସୁଥିଲା। ଏବେ ଏ ଘୋଷଣାକୁ ବିରୋଧୀ ମେଣ୍ଟ ମଧ୍ୟ ସ୍ୱାଗତ କରିଛି। ତେଣୁ ଜାତିଭିତ୍ତିକ ଜନଗଣନାର ସପକ୍ଷରେ ସମର୍ଥନ ମଜଭୁତ ଥିବା ବେଳେ ବିରୋଧୀ ସ୍ୱର କ୍ଷୀଣ।

ଦେଶରେ ଜାତିଭିତ୍ତିକ ଜନଗଣନା ସାମାଜିକ ବିକାଶ କ୍ଷେତ୍ରରେ ଅପରିହାର୍ଯ୍ୟ ବୋଲି ଅନେକଙ୍କ ମତ। ଏହାଦ୍ୱାରା ପ୍ରତ୍ୟେକ ଜାତି ଓ ଜାତିକୁ ନେଇ ଗଠିତ ହୋଇଥିବା ବର୍ଗ ସମ୍ବନ୍ଧରେ ଠିକ୍ ତଥ୍ୟ ମିଳିପାରିବ। ଏହା କେବଳ ପରିସଂଖ୍ୟାନକୁ ସୂଚିତ କରିବ ତାହା ନୁହେଁ, ଏହା ସହିତ ପ୍ରତ୍ୟେକ ବର୍ଗ ଓ ଜାତିର ଆର୍ଥିକ ଓ ଶିକ୍ଷାଗତ ସ୍ଥିତିକୁ ମଧ୍ୟ ସୂଚିତ କରିବ। ଫଳରେ ବିକାଶର ଦୌଡ଼ରେ କେଉଁ ଜାତି କେତେ ଆଗେଇଛି ଓ କେଉଁ ଜାତି ପଛରେ ପଡ଼ିଯାଇଛି ତାହା ତଥ୍ୟ ସହିତ ଉପଲବ୍ଧ ହେବ। ଏପରି କ୍ଷେତ୍ରରେ ତୁଳନାତ୍ମକ ଭାବେ ପଛରେ ପଡ଼ିଥିବା ଜାତିଗୁଡ଼ିକର ବିକାଶ ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ନେଇପାରିବେ। ସେହିପରି ବର୍ଗ କ୍ଷେତ୍ରରେ ମଧ୍ୟ ତଥ୍ୟଭିତ୍ତିକ ସ୍ଥିତି ଉପଲବ୍ଧ ହୋଇପାରିବ। ସାମାଜିକ ଓ ଆର୍ଥିକ ବୃତ୍ତିକୁ ନେଇ ଦେଶରେ ଚାରୋଟି ବର୍ଗ ରହିଛି। ଅନୁସୂଚିତ ଜାତି(ଏସ୍‌ସି), ଅନୁସୂଚିତ ଜନଜାତି(ଏସ୍‌ଟି), ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି) ଓ ସାଧାରଣ ବର୍ଗ। ଓଡ଼ିଶାରେ ସାମାଜିକ ଓ ଆର୍ଥିକ ଭାବେ ପଛୁଆ ବର୍ଗ(ଏସ୍‌ଇବିସି) ଓବିସିର ଏକ ପରିବର୍ତ୍ତିତ ରୂପ। ଜାତିଭିତ୍ତିକ ଜନଗଣନା ହେଲେ କେଉଁ ବର୍ଗର ସଂଖ୍ୟା କେତେ ଏବଂ ସେମାନେ ଚାକିରି ଓ ପ୍ରଶାସନିକ ସେବାରେ କେତେ ଅଛନ୍ତି, ଜମି ମାଲିକାନା ଓ ବାଣିଜ୍ୟ ବ୍ୟବସାୟରେ କେତେ ଅଛନ୍ତି ଏବଂ ଶିକ୍ଷା ଦୃଷ୍ଟିକୋଣରୁ କେତେ ଆଗେଇଛନ୍ତି ତାହାର ସ୍ପଷ୍ଟ ଚିତ୍ର ମିଳିପାରିବ। କୌଣସି ବର୍ଗ ନିଜର ସଂଖ୍ୟା ଅନୁପାତରୁ ତଳେ ଥିଲେ ଆନୁପାତିକ ପ୍ରତିନିଧି ପାଇଁ ପଦକ୍ଷେପ ନିଆଯାଇପାରିବ।

ପୂର୍ବରୁ ଅନୁସୂଚିତ ଜାତି ଓ ଜନଜାତିଙ୍କ ପରିସଂଖ୍ୟାନ ନିର୍ଣ୍ଣୟ ହୋଇଆସିଛି। ଅର୍ଥାତ ତାଙ୍କ ସାମଗ୍ରିକ ସଂଖ୍ୟା କେତେ ପ୍ରତି ଜନଗଣନାରେ



ତାହାର ହିସାବ ମିଳୁଛି। କିନ୍ତୁ ସାମଗ୍ରିକଭାବେ ଏମାନେ ଉଚ୍ଚଶିକ୍ଷା, ପ୍ରଶାସନିକ ସେବା, ବାଣିଜ୍ୟ ବ୍ୟବସାୟ, ଜମିଜମା ମାଲିକାନା ଇତ୍ୟାଦି କ୍ଷେତ୍ରରେ କେତେ ଭାଗୀଦାରି, ତାହାର ପରିସଂଖ୍ୟାନ ନାହିଁ। ପ୍ରସ୍ତାବିତ ଜାତିଭିତ୍ତିକ ଜନଗଣନାରେ ଏହା ଉପରେ ଏକ ସ୍ପଷ୍ଟ ଚିତ୍ର ଉପଲବ୍ଧ ହେବ। ବଡ଼କଥା ହେଉଛି ଏସ୍‌ସି ଓ ଏସ୍‌ଟି ଅନ୍ତର୍ଭୁକ୍ତ ପ୍ରତ୍ୟେକ ଜାତିର ଏ ଦୃଷ୍ଟିରୁ ସ୍ଥିତିର ଅବସ୍ଥା କ'ଣ ତାହାର ପ୍ରାଞ୍ଜଳ ରୂପ ସମ୍ମୁଖକୁ ଆସିବ। ଦେଖାଯାଉଛି ଏହି ବର୍ଗ ଅନ୍ତର୍ଗତ ଜାତିଗୁଡ଼ିକ ମଧ୍ୟରେ ବିକାଶର ତାରତମ୍ୟ ରହିଛି। କିଛି ଜାତି ତୁଳନାତ୍ମକ ଭାବେ ବହୁ ଆଗକୁ ଆଗେଇ ଯାଉଥିବା ବେଳେ ଆଉ କେତେକ ଜାତି ପୂର୍ବବତ ତଳେ ପଡ଼ିଛନ୍ତି। ତେଣୁ ତଳେ ପଡ଼ିଥିବା ଜାତିମାନଙ୍କର ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରିବାରେ ଜାତିଭିତ୍ତିକ ଜନଗଣନା ସହାୟକ ହେବ। ସାମାଜିକ ସମତା ପ୍ରତିଷ୍ଠା ଦିଗରେ ଏହା ଉପାଦେୟ ହେବ।

ଦେଶରେ ସଂଖ୍ୟାଲଘୁମାନଙ୍କ ପରିସଂଖ୍ୟାନ ଜନଗଣନା ସମୟରେ କରାଯାଉଛି। କିନ୍ତୁ ତାଙ୍କ ସ୍ଥିତିଗତ ଅବସ୍ଥିତି ଉପରେ ତଥ୍ୟ ସଂଗ୍ରହ ହୁଏ ନାହିଁ। ଜାତିଭିତ୍ତିକ ଜନଗଣନା ହେଲେ ଏହା ମଧ୍ୟ ଉପଲବ୍ଧ ହେବ। ଭାରତବର୍ଷରେ ମୁଖ୍ୟ ସମସ୍ୟା ହେଉଛି ଓବିସି ପରିସଂଖ୍ୟାନକୁ ନେଇ। ସାଧୀନତା ପରେ ଜାତିଭିତ୍ତିକ ଜନଗଣନା ହୋଇନଥିବା ଯୋଗୁ ଏମାନଙ୍କ ସଂଖ୍ୟା କେତେ ଏବଂ ଆର୍ଥିକ ଓ ଶିକ୍ଷାଗତ ସ୍ଥିତି କ'ଣ, ଚାକିରି ଓ ପ୍ରଶାସନରେ ଭାଗୀଦାରି କେତେ, ତାହାର ତଥ୍ୟ ଉପଲବ୍ଧ ନୁହେଁ। ଦେଶରେ ଶେଷଥର ପାଇଁ ଜାତିଭିତ୍ତିକ ଜନଗଣନା ହୋଇଥିଲା ବ୍ରିଟିଶରାଜ ସମୟରେ ୧୯୩୧ ମସିହାରେ। ଏହାପରେ ୨୦୧୧ ମସିହାରେ ଜାତିଭିତ୍ତିକ ଜନଗଣନା ହୋଇଥିଲା, କିନ୍ତୁ ଏହାକୁ ତ୍ରୁଟିପୂର୍ଣ୍ଣ ଦର୍ଶାଇ ସାର୍ବଜନୀନ କରାଗଲା ନାହିଁ। ମଣ୍ଡଳ ଆୟୋଗ ୧୯୩୧ ମସିହାର ପରିସଂଖ୍ୟାନ ଆଧାରରେ ୧୯୮୦ ମସିହାରେ ତାଙ୍କ ରିପୋର୍ଟରେ ଓବିସିଙ୍କ ସଂଖ୍ୟା ସମୁଦାୟ ଜନସଂଖ୍ୟାର ୫୨% ବୋଲି ଦର୍ଶାଇଥିଲେ। କିନ୍ତୁ ଏବେ ସର୍ବୋଚ୍ଚ ନ୍ୟାୟାଳୟ ଓବିସି ସମ୍ବନ୍ଧିତ କେସ୍‌ରେ ଏହି ପରିସଂଖ୍ୟାନକୁ ଗ୍ରହଣ କରୁନାହାନ୍ତି। ନିର୍ଦ୍ଦିଷ୍ଟ ସଂଖ୍ୟା ସହିତ ସ୍ଥିତିଗତ ତଥ୍ୟ ମାଗୁଛନ୍ତି। ତେଣୁ ଜାତିଭିତ୍ତିକ ଜନଗଣନା ଅପରିହାର୍ଯ୍ୟ ହୋଇପଡ଼ିଛି। ଏହା ବାଦ ଦେଶରେ ଅଗ୍ରସର ବା ସାଧାରଣ ବର୍ଗଙ୍କ ସଂଖ୍ୟା କେତେ ତାହାର ମଧ୍ୟ ତଥ୍ୟ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ଏମାନଙ୍କ ଭାଗୀଦାରି କେତେ ତାହାର ମଧ୍ୟ ସ୍ପଷ୍ଟ ଚିତ୍ର ନାହିଁ। ଜାତିଭିତ୍ତିକ ଜନଗଣନାରେ ଏହା ମଧ୍ୟ ସ୍ପଷ୍ଟ ହେବ।

ଯେଉଁମାନେ ସାମାଜିକ ନ୍ୟାୟର ସମର୍ଥକ, ଯେଉଁମାନେ ସମତାଭିତ୍ତିକ ସମାଜ କଥା କହନ୍ତି, ଯେଉଁମାନେ ସମାଜକୁ ବିକାଶର ମାର୍ଗରେ ଆଗେଇ ନେବାକୁ ଚାହାନ୍ତି, ସେମାନେ ସର୍ବଦା ଜାତିଭିତ୍ତିକ ଜନଗଣନାର ସପକ୍ଷରେ ମତବ୍ୟକ୍ତ କରିଆସିଛନ୍ତି। ଏମାନଙ୍କ ମତରେ ଏକ ବିଷମ ସମାଜ କଦାପି କ୍ଷିପ୍ର ବେଗରେ ଆଗେଇ ପାରିବ ନାହିଁ। ସାମାଜିକ ସମାନତା ନଥିଲେ ସୁସ୍ଥ ଗଣତାନ୍ତ୍ରିକ ପ୍ରକ୍ରିୟା କାର୍ଯ୍ୟକାରୀ ହୋଇପାରିବ ନାହିଁ। ସମାନତା, ସ୍ୱତନ୍ତ୍ରତା, ଭ୍ରାତୃତ୍ୱବୋଧ ଓ ନ୍ୟାୟ ହୋଇଛି ଗଣତନ୍ତ୍ରର ଆଭୂଷଣ। ଜାତିବାଦ ହେଉଛି ଏ ସମସ୍ତର ପରିପନ୍ଥୀ। ଏଥିରୁ ମୁକ୍ତି ପାଇବା ପାଇଁ ହେଲେ ସମସ୍ତ ବର୍ଗର ସମାନ ଭାଗୀଦାରିକୁ କାର୍ଯ୍ୟକାରୀ କରିବାକୁ ପଡ଼ିବ। ଜାତି ଜାତି ମଧ୍ୟରେ ବିକାଶ ବୃଦ୍ଧିରୁ ସମତୁଲ୍ୟତା ସ୍ଥାପନ କରିବାକୁ ହେବ। ଯେଉଁଦିନ ସମସ୍ତ ଜାତି ବିକଶିତ ହୋଇ ପରସ୍ପର ସହ ସମକକ୍ଷ ହୋଇଯିବେ ସେହିଦିନ ଜାତି ତାହାର ପ୍ରାସଙ୍ଗିକତା ହରାଇବ। ତେଣୁ ଏହି ଗୋଷ୍ଠୀଟି ଜାତିଭିତ୍ତିକ ଜନଗଣନା ସିଦ୍ଧାନ୍ତକୁ ସ୍ୱାଗତ କରିଛନ୍ତି ଓ ଆଶା ରଖୁଛନ୍ତି ଜନଗଣନା ପରେ ପ୍ରତ୍ୟେକ ବର୍ଗ ସଂଖ୍ୟାନୁପାତରେ ସଂରକ୍ଷଣ ସୁବିଧା ପାଇପାରିବେ, ବିଶେଷ କରି ଓବିସିମାନେ। ଏହା ସହିତ ପଛରେ ପଡ଼ିଥିବା ଜାତିମାନଙ୍କର ବିକାଶ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇପାରିବ। ରାଷ୍ଟ୍ରୀୟ ସ୍ୱାର୍ଥ ଦୃଷ୍ଟିକୋଣରୁ ଏହା ଏକ ସକାରାତ୍ମକ ପଦକ୍ଷେପ।

ଯେଉଁମାନେ ଜାତିଭିତ୍ତିକ ଜନଗଣନାକୁ ବିରୋଧ କରୁଛନ୍ତି ତାଙ୍କ ସଂଶୟ ଯେ ଏହା ଦେଶରେ ଜାତିବାଦକୁ ବଢ଼ାଇବ ଓ ଜାତିବାଦୀ ରାଜନୀତିକୁ ପ୍ରଗାଢ଼ିତ କରିବ। ବେଳେବେଳେ ବିଭିନ୍ନ ସାମ୍ପ୍ରଦାୟିକ ଗୋଷ୍ଠୀ, ଓବିସି, ଏସ୍‌ସି ଏସ୍‌ଟିମାନେ ସଂଗଠିତ ହୋଇ ରାଜନୀତି ଆରମ୍ଭ କରିବେ। ସଂଖ୍ୟାଧିକ୍ୟ ଗୋଷ୍ଠୀ ସଂଖ୍ୟାନ୍ୟୁନଙ୍କ ଉପରେ ଅତ୍ୟାଚାର କରିବାର ସମ୍ଭାବନା ମଧ୍ୟ ରହିଛି। ଅଗ୍ରସର ଓ ଅନଗ୍ରସର ଜାତି ସମୂହ ମଧ୍ୟରେ ସଂଘର୍ଷ ବାତାବରଣ ସୃଷ୍ଟି ହୋଇପାରେ। ଜାତିନାମରେ ଦକ୍ଷତାକୁ ଅଣଦେଖା କରାଯିବ। ଏପରି ଜନଗଣନା ଅନଗ୍ରସର ଜାତି ସମୂହକୁ ସଂଗଠିତ କରିଦେବ। ବର୍ତ୍ତମାନର ସାମାଜିକ ସ୍ଥିତାବସ୍ଥାକୁ ଭାଙ୍ଗିଦେବ। ବାସ୍ତବରେ ଏପରି ସଂଶୟ ଅମୂଳକ। ଭାରତ ଗଣତାନ୍ତ୍ରିକ ଦେଶ। ସମସ୍ତେ ସମସ୍ତଙ୍କୁ ସମ୍ମାନ ଜଣାଉଛେ ଓ ସମସ୍ତେ ସମସ୍ତଙ୍କ ସମାନ ଅଧିକାରକୁ ସ୍ୱୀକାର କଲେ କୌଣସି ବିଭ୍ରାଟ ସୃଷ୍ଟି ହେବ ନାହିଁ। ଯେଉଁମାନେ ସମାଜର ପଛ ଧାଡ଼ିରେ ରହିଛନ୍ତି ତାଙ୍କୁ ଆଗକୁ ଆଣିବା ହେଉଛି ଜାତିଭିତ୍ତିକ ଜନଗଣନାର ଅସଲ ଉଦ୍ଦେଶ୍ୟ। ଲକ୍ଷ୍ୟ ହେଉଛି ସମସ୍ତଙ୍କୁ ସମସ୍ତ କ୍ଷେତ୍ରରେ ସମାନ ଭାଗୀଦାରି କରାଇ ରାଷ୍ଟ୍ରର ବିକାଶ ପ୍ରକ୍ରିୟାରେ ସାମିଲ କରିବା। ଏପରି ମହତ ପଦକ୍ଷେପକୁ ରାଜନୀତିର ଊର୍ଦ୍ଧ୍ୱରେ ରଖାଯାଉ ଓ ସରକାରଙ୍କ ନିଷ୍ପତ୍ତିକୁ ଆନ୍ତରିକତାର ସହିତ ସ୍ୱାଗତ କରାଯାଉ।


ବାରିପଦା, ମୟୂରଭଞ୍ଜ,
ମୋ: ୭୦୦୮୯୭୬୧୮୦

# ହେପାଟାଇଟିସ୍ ଓ ଯକୃତ କର୍କଟ

ଡା. ଉମେଶ ଚନ୍ଦ୍ର ପାତ୍ର

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ହେପାଟାଇଟିସ୍ ବିପକ୍ଷରେ ଲୋକମାନଙ୍କୁ ସଚେତନ କରିବା ଲକ୍ଷ୍ୟରେ ପ୍ରତିବର୍ଷ ଜୁଲାଇ ୨୮ ତାରିଖରେ ବିଶ୍ୱ ହେପାଟାଇଟିସ୍ ଦିବସ ପାଳନ କରିଆସୁଛି। ବିଶ୍ୱବ୍ୟାପୀ ଏହି ଦିବସ ପାଳନ ହୋଇଥାଏ। ପ୍ରତିବର୍ଷ ପରି ଚଳିତ ବର୍ଷର ବାର୍ତ୍ତା ରହିଛି 'ହେପାଟାଇଟିସ୍: ତାଲା ଏହାକୁ ଭାଙ୍ଗିବା'। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ହେପାଟାଇଟିସ୍ ବିପକ୍ଷରେ ଲୋକମାନଙ୍କୁ ସଚେତନ କରିବା ଲକ୍ଷ୍ୟରେ ପ୍ରତିବର୍ଷ ଏହି ଦିବସ ପାଳନ କରିଆସୁଛି। ମିଳିତ ଭାବେ ଏକପ୍ରକାର ସଂକ୍ରାମକ ରୋଗକୁ ହେପାଟାଇଟିସ୍ କୁହାଯାଏ। ସାଧାରଣ ଅର୍ଥରେ ବୁଝିବାକୁ ଗଲେ ଏହା ଲିଭର ସମ୍ବନ୍ଧୀୟ ଏକ ସଂକ୍ରାମକ ରୋଗ। ହେପାଟାଇଟିସ୍‌କୁ ୫ଟି ଶ୍ରେଣୀଭୁକ୍ତ କରାଯାଇଛି। ସେଗୁଡ଼ିକ ହେଲା ଏ, ବି, ସି, ଡି ଏବଂ ଇ। ଏହି ଦିବସର ଆଭିମୁଖ୍ୟ ହେଉଛି ରୋଗର ପ୍ରତିକାର ଓ ଚିକିତ୍ସା। ସମଗ୍ର ବିଶ୍ୱରେ କୋଟି କୋଟି ବ୍ୟକ୍ତି ହେପାଟାଇଟିସ୍ ଦ୍ୱାରା ଆକ୍ରାନ୍ତ। ଏହାର ଭୟାବହତା ଓ ଦୁର୍ବଳ ଚିକିତ୍ସା ସେବା ହେତୁ ପ୍ରତିବର୍ଷ ପ୍ରାୟ ୧୪ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡ଼ୁଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମୁତାବକ ପ୍ରତିବର୍ଷ ବିଶ୍ୱରେ ପାଖାପାଖି ୫୦ କୋଟି ଲୋକ ହେପାଟାଇଟିସ୍-ବି, ଅଥବା ହେପାଟାଇଟିସ୍-ସି ରୋଗରେ ପୀଡ଼ିତ। ଚିକିତ୍ସକଙ୍କ ମତରେ, ଯଦି ହେପାଟାଇଟିସ୍-ବି କିମ୍ବା ସି ରୋଗର ଉପଯୁକ୍ତ ଚିକିତ୍ସା କରା ନ ଯାଏ ତେବେ ଏହା ଲିଭର ସିରୋସିସ୍, ଲିଭର କ୍ୟାନ୍ସର ଭଳି ଗୁରୁତର ସମସ୍ୟା ସୃଷ୍ଟି କରିପାରେ। ଅନେକଙ୍କର ଧାରଣା ରହିଛି ଯେ, ହେପାଟାଇଟିସ୍‌ଠାରୁ ଏଡ୍‌ସ ଅତ୍ୟନ୍ତ ଭୟାବହ ରୋଗ। କିନ୍ତୁ ସତକଥା ହେଉଛି, ପ୍ରତିବର୍ଷ ଏଡ୍‌ସରେ ଯେତିକି ଲୋକ ମରୁନାହାନ୍ତି ତା'ଠାରୁ ଅଧିକ ମରୁଛନ୍ତି ହେପାଟାଇଟିସ୍-ବି ଅଥବା ସି ରୋଗରେ। ହେପାଟାଇଟିସ୍ ସଂସ୍ଥା ଏବଂ ସ୍ୱେଚ୍ଛାସେବୀମାନେ ପ୍ରତିବର୍ଷ ଏହି ଦିବସରେ ଲୋକମାନଙ୍କୁ ବିଭିନ୍ନ ସଚେତନଧର୍ମୀ ବାର୍ତ୍ତା ଦେଇଥାନ୍ତି। ୨୦୦୪ ମସିହାରେ ୟୁରୋପୀୟ ରାଷ୍ଟ୍ର ଏବଂ ମଧ୍ୟ ପୂର୍ବ ରାଷ୍ଟ୍ରର ଲେଭେରେ ଲିଭର ସଂସ୍ଥା ଓ ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଦ୍ୱାରା ପ୍ରଥମେ ଏହାକୁ ନେଇ ଏକ ପ୍ରାରମ୍ଭିକ ଆଲୋଚନା ହୋଇଥିଲା। ୨୦୦୮ରେ ବିଶ୍ୱ ହେପାଟାଇଟିସ୍ ଦୁଶ୍ଚିନ୍ତାମା ବୈଠକରେ ୧୯ମେ' ବିଶ୍ୱ ହେପାଟାଇଟିସ୍ ଦିବସ ଭାବେ ଘୋଷଣା କରାଯାଇଥିଲା। କିନ୍ତୁ ୨୦୧୦ରେ ହେପାଟାଇଟିସ୍-ବି ଭୂତାଣୁ ଆବିଷ୍କାର କରିଥିବା ନୋବେଲ ପୁରସ୍କାର ବିଜେତା ବାରୁଚ୍ ସାମୁଏଲ ବ୍ଲୁମବର୍ଗଙ୍କ ଜନ୍ମଦିନ ଅବସରରେ ଜୁଲାଇ ୨୮କୁ ବିଶ୍ୱ ହେପାଟାଇଟିସ୍ ଦିବସ ଘୋଷଣା କରାଯାଇଥିଲା। ବର୍ତ୍ତମାନ ବିଶ୍ୱର ପ୍ରାୟ ଶହେଟି ରାଷ୍ଟ୍ର ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ହେପାଟାଇଟିସ୍‌ରୋଗକୁ ନିବାରିବା ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି।

ଲିଭର କ୍ୟାନ୍ସର ଏକ ମାରାତ୍ମକ ରୋଗ। କିନ୍ତୁ ଏହି ବ୍ୟାଧିର ନିରାକରଣ ହୋଇପାରେ। ପ୍ରତିବର୍ଷ ପୃଥିବୀରେ ୬ଲକ୍ଷ ବ୍ୟକ୍ତି ଲିଭର କ୍ୟାନ୍ସରରେ ମୃତ୍ୟୁବରଣ କରିଥାନ୍ତି। ସମଗ୍ର ପୃଥିବୀରେ ଏହି କ୍ୟାନ୍ସରର ସ୍ଥାନ ଷଷ୍ଠରେ। ମହିଳାଙ୍କ ଅପେକ୍ଷା ପୁରୁଷଙ୍କ ଭିତରେ ଏହି ରୋଗର ପ୍ରାଦୁର୍ଭାବ ବେଶି।



ପୁରୁଷଙ୍କ ଭିତରେ ଏହା ପଞ୍ଚମ ଓ ମହିଳାଙ୍କ ଭିତରେ ଏହା ଅଷ୍ଟମ ସ୍ଥାନରେ ଅଛି। ଫୁସଫୁସ୍ କ୍ୟାନ୍ସର ଓ ପେଟ କ୍ୟାନ୍ସର ପରେ ଲିଭର କ୍ୟାନ୍ସରକୁ ହିଁ ବେଶି ବ୍ୟକ୍ତି ମୃତ୍ୟୁମୁଖରେ ପଡ଼ନ୍ତି। ହେପାଟାଇଟିସ୍ ବି ଓ ସି ଏହି ରୋଗର ମୁଖ୍ୟ କାରଣ। ଏସିଆ ଓ ଆଫ୍ରିକାରେ ହେପାଟାଇଟିସ୍ ବି ୮୦% ଓ ଆମେରିକା ଓ ଜାପାନ ଦେଶରେ ହେପାଟାଇଟିସ୍ ସି ୬୫% ହେଉଛି ଲିଭର କ୍ୟାନ୍ସରର ମୁଖ୍ୟ କାରଣ। ଏହି ହେପାଟାଇଟିସ୍ ବି ଓ ସି ସାଧାରଣତଃ ଦୂଷିତ ରକ୍ତ, ଦୂଷିତ ସିରିଞ୍ଜ ଓ ଛୁଞ୍ଚି ମାଧ୍ୟମରେ କିମ୍ବା ଅସୁରକ୍ଷିତ ଯୌନ ସମ୍ପର୍କ ମାଧ୍ୟମରେ ଜଣଙ୍କଠୁ ଅନ୍ୟ ଜଣଙ୍କ ଶରୀରକୁ ପ୍ରବେଶ କରିଥାଏ। ଯେଉଁମାନେ ଅତ୍ୟଧିକ ମଦ୍ୟପାନ କରନ୍ତି ସେମାନେ ଲିଭର ସିରୋସିସ୍ ଓ କ୍ୟାନ୍ସର ରୋଗରେ ପୀଡ଼ିତ ହୁଅନ୍ତି। ଲିଭରରେ ଅତ୍ୟଧିକ ଚର୍ବି ଜମିବା, ଧୂମ୍ରପାନ ସେବନ, ଡାଇବେଟିସ୍ ଓ ଆଫ୍ଲାଟକ୍ସିନ୍ ସେବନ ମାଧ୍ୟମରେ ଲିଭର କ୍ୟାନ୍ସର ହୋଇଥାଏ। ହିମୋକ୍ରୋମାଟୋସିସ୍ (ଲିଭରରେ ଅତ୍ୟଧିକ ଲୌହକଣା ଜମିବା, ଟାଇରୋସିନୋସିସ୍, ଆଲ୍‌ଫା-୧ ଏଣ୍ଟିଟ୍ରିପ୍‌ସିନ୍ ଅଭାବ ବ୍ୟକ୍ତିଙ୍କୁ ମଧ୍ୟ ଏହି କ୍ୟାନ୍ସର ରୋଗ ହୁଏ। ଏହି କାରଣଗୁଡ଼ିକ ମଧ୍ୟରୁ ହେପାଟାଇଟିସ୍ ବି, ସି, ମଦ୍ୟପାନ, ଧୂମ୍ର ସେବନ, ଚର୍ବିଜନିତ ରୋଗ ଓ ଡାଏବେଟିସ୍ ହେଉଛି ପ୍ରଧାନ ରୋଗ, ଯେଉଁଥିରେ କି ପରବର୍ତ୍ତୀ ଅବସ୍ଥାରେ ରୋଗୀ ଲିଭର କ୍ୟାନ୍ସରରେ ଆକ୍ରାନ୍ତ ହୁଏ। ଭାରତରେ ହେପାଟାଇଟିସ୍ ବି ସାଧାରଣତଃ ୨ରୁ ୭% ଜନସାଧାରଣଙ୍କ ଭିତରେ ଦେଖାଯାଏ।

ବେଶିରେ ହେପାଟାଇଟିସ୍‌ବି ଭୂତାଣୁର ବାହକଙ୍କ ସଂଖ୍ୟାରେ ଅଛନ୍ତି। ଏହି ବାହକମାନେ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି। ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମା'ଠାରୁ ଭୂତାଣୁର ଶିକାର ହୋଇଥାନ୍ତି। ଯାହାକୁ ଭିଧା ପ୍ରସାରଣ କୁହାଯାଏ। ଭୂତାଣୁ ପ୍ରସାରଣର ଦ୍ୱିତୀୟ ମାଧ୍ୟମ ହେଉଛି ଗୋଟିଏ ପିଲାଠାରୁ ଅନ୍ୟ ଏକ ପିଲାକୁ ସଂକ୍ରମଣ। ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ। ଆମ ଦେଶରେ ବର୍ତ୍ତମାନ ପାଖାପାଖି ୫କୋଟି ହେପାଟାଇଟିସ୍ 'ବି' ଭୂତାଣୁର ବାହକ ଅଛନ୍ତି। ଯେଉଁମାନେ ପରବର୍ତ୍ତୀ କାଳରେ ଯକୃତ ସିରୋସିସ୍ ଓ ଯକୃତ କର୍କଟ ରୋଗରେ ଆକ୍ରାନ୍ତ ହୋଇପାରନ୍ତି। ହେପାଟାଇଟିସ୍ ବି ଏଚ୍‌ଆଇଭିଠାରୁ ଶହେଗୁଣ ଅଧିକ ସଂକ୍ରାମକ। ଯକୃତ କର୍କଟ ରୋଗରେ ୯୦-୯୫% ବ୍ୟକ୍ତି ନିଦାନରୁ ୧ ବର୍ଷ ଭିତରେ ମୃତ୍ୟୁମୁଖରେ ପଡ଼ନ୍ତି। ତେଣୁ ଏହିପରି ଏକ ମାରାତ୍ମକ ବ୍ୟାଧିର ନିରାକରଣ ହେଉଛି ଆମମାନଙ୍କ ସମ୍ମୁଖରେ ଏବେ ବଡ଼ ଆହ୍ୱାନ। ଆମେମାନେ ଯଦି ହେପାଟାଇଟିସ୍ ବିକୁ ଟିକା ମାଧ୍ୟମରେ ସମ୍ପୂର୍ଣ୍ଣ ନିରାକରଣ କରିପାରିବୁ ତା'ହେଲେ ଲିଭର କ୍ୟାନ୍ସରର ସଂଖ୍ୟା ମଧ୍ୟ କମିଯିବ। ମଦ୍ୟପାନ ବନ୍ଦ କରିବା ଅନ୍ୟ ଏକ ପଦକ୍ଷେପ। ଏହାଦ୍ୱାରା ଲିଭର ସିରୋସିସ୍ ଓ ଲିଭର କ୍ୟାନ୍ସରକୁ ମଧ୍ୟ ନିରାକରଣ କରାଯାଇ ପାରିବ। ରକ୍ତଦାନଙ୍କଠାରୁ ରକ୍ତରେ ହେପାଟାଇଟିସ୍ ବି ଓ ସି ପରୀକ୍ଷା ମାଧ୍ୟମରେ ହେପାଟାଇଟିସ୍ ବି ଓ ସିକୁ ମଧ୍ୟ ନିୟନ୍ତ୍ରଣ କରାଯାଇପାରିବ। ଡାଇବେଟିସ୍, ଅତ୍ୟଧିକ ଧୂମ୍ରପାନ ଇତ୍ୟାଦି ମଧ୍ୟ ବନ୍ଦକରିବା ନିୟନ୍ତ୍ରଣ ସାପେକ୍ଷ। ଆଫ୍ଲାଟକ୍ସିନ୍ ମାଧ୍ୟମରେ ଯେଉଁ ଲିଭର କ୍ୟାନ୍ସର ବ୍ୟାପେ, ତାହାକୁ ମଧ୍ୟ ଉପଯୁକ୍ତ ଖାଦ୍ୟ ସଂରକ୍ଷଣ ମାଧ୍ୟମରେ ରୋକାଯାଇପାରିବ। ଜନସାଧାରଣଙ୍କ ମଧ୍ୟରେ ଯେଉଁଭଳି ଏହି ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ପାଇଲେ ଲିଭର କ୍ୟାନ୍ସର ଭଳି ଏକ ମାରାତ୍ମକ ରୋଗକୁ ମଧ୍ୟ ନିୟନ୍ତ୍ରଣ କରାଯାଇପାରିବ।

ଅବସରପ୍ରାପ୍ତ ପ୍ରଫେସର, ଲିଭର ବିଶେଷଜ୍ଞ,
କଟକ, ମୋ: ୯୪୩୭୦୫୧୯୫୭

## ଏଇ ଭାରତରେ

ନିଶା କଲାରେ ମଣିଷ ବେଳେବେଳେ ଏତେ ହିଂସ୍ର ପାଲଟିଯାଏ ଯେ ଅତି ଅମାନୁଷିକ କାମ କରିବସେ। ଏମିତିକି ଜନ୍ମକଲା ମା'ଙ୍କୁ ବି ହତ୍ୟା କରିପାରେ! ଏଭଳି ଏକ ଘଟଣା ଘଟିଛି ହରିୟାଣାର ନୂହ ଜିଲ୍ଲା ଉଣାସିକା ଗାଁରେ। ମାତ୍ର ୨୦ ଟଙ୍କା ପାଇଁ ଏହି ଗାଁର ଜମସେଦ ନିଜ ମା'ଙ୍କୁ କୁରାଢ଼ିରେ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ଜମସେଦ ଦୀର୍ଘଦିନ ଧରି ମଦ ଓ ଅନ୍ୟାନ୍ୟ ନିଶାରେ ବୁଡ଼ି ରହୁଥିଲେ। ନିଶା ପାଇଁ ସେ ଅନ୍ଧ ପାଲଟି ଯାଉଥିଲେ। ଏଥିପାଇଁ ସେ ପ୍ରାୟ ସମୟ ମା'ଙ୍କଠାରୁ ଟଙ୍କା ମାଗୁଥିଲେ। ମନା କଲେ ସେ ମାଡ଼ ଗାଳି ଦେଇ ଜୋର କରି ଟଙ୍କା ନେଇଯାଉଥିଲେ। ଏମିତିକି ଘରୁ ବିଭିନ୍ନ ଜିନିଷ ଚୋରି ବି କରୁଥିଲେ। ନିଶା କଲାରେ ସେ ଏମିତି ବାନ୍ଧି ହୋଇ ପଡ଼ିଥିଲେ ଯେ ତାଙ୍କୁ ଅନେକ ଥର ଜଣା ପଡୁ ନ ଥିଲା। ସେଥିପାଇଁ ତ ନିଶା ଖାଇବାକୁ ୨୦ ଟଙ୍କା ନ ଦେବାରୁ ସେ କ୍ରୋଧରେ ହିଂସ୍ର ପାଲଟି ଯାଇଥିଲେ। ଟଙ୍କା ନ ଦେଲେ ସେ ମା'ଙ୍କୁ ମାରିଦେବେ ବୋଲି ଧମକ ବି ଦେଇଥିଲେ। ତେବେ ରହିଯା ନିଶା ଖାଇବା ପାଇଁ ଆଉ ଟଙ୍କା ଦେବେ ନାହିଁ ବୋଲି ସ୍ପଷ୍ଟ ଜଣାଇଥିଲେ। ଏଥରେ ଜମସେଦ ଭୟଙ୍କର ଭାବରେ ରାଗିଯାଇ ପାଖରେ ଥିବା କୁରାଢ଼ିରେ ଅତି ନିର୍ମମଭାବେ ହାଣି ହତ୍ୟା କରିଥିଲେ। ଜମସେଦଙ୍କ ଅନ୍ୟ ଦୁଇଭାଇ ଘଟଣା ବେଳେ ଘରେ ନ ଥିବା ସମୟରେ ସେ ଏହିଭଳି ଘଟାଇଥିଲେ। ଘର ଲୋକେ ଏ ସମ୍ପର୍କରେ ଜାଣିବା ପରେ ଥାନାରେ ଅଭିଯୋଗ କରି ଜମସେଦଙ୍କୁ ଜେଲ ପଠାଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୮ ଜୁଲାଇ ୧୯୭୬**

- ଭଦ୍ରକ ନିର୍ବାଚନ ମଣ୍ଡଳୀରୁ ବିଧାନସଭାକୁ ନିର୍ବାଚିତ ଯୁଗଳ କିଶୋର ପଟ୍ଟନାୟକ ହାଇକୋର୍ଟଙ୍କ ରାୟ ବିରୁଦ୍ଧରେ ସୁପ୍ରିମକୋର୍ଟରେ କରିଥିବା ଅପିଲକୁ କୋର୍ଟ ଖାରଜ କରିଦେଇଛି।
- ପାକିସ୍ତାନ ସରକାର ପୂର୍ବରୁ ଧାର୍ଯ୍ୟ ଥିବା ଯୌତୁକ ଦାବିର ହାରକୁ ୫ ହଜାର ଟଙ୍କାକୁ କମାଇ ଆଣି ଏ ସଂକ୍ରାନ୍ତରେ ଏକ ବିଲ୍ ପାର୍ଲାମେଣ୍ଟରେ ପାସ୍ କରିଛନ୍ତି।

## ଚିରନ୍ତନୀ

ବରଷୁ ତପତ କଣା ପଛେ ମାରତଣ୍ଡ
ଆସୁ ପଛେ ଗରଜନ ବଜ୍ର ପରଚଣ୍ଡ
ଗହନ ଝଞ୍ଜା ବତାସି ଆସୁ ପଛେ ବେଗେ ଭାସି
ସେ ରାଜରେ ନାହିଁ ତାର ପଥ
ଗୋଟିଏ ଆଶ୍ୱେଷେ ଯହିଁ ପୂରେ ମନୋରଥ।
-(ଆଶ୍ୱେଷ ସର୍ଗ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | 7 | | | | 6 | | |
| | | | | 1 | 3 | | | 4 |
| 1 | 8 | | | | | | | 9 |
| | | 9 | 2 | | | | | |
| | 3 | | 8 | | 5 | | | |
| 4 | | 1 | | | 3 | | | |
| | | | | | | 1 | | |
| 7 | | | | | | 8 | | 5 |
| 2 | | | 6 | | | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 3 | 9 | 8 | 4 | 2 | 7 | 6 |
| 4 | 9 | 6 | 7 | 3 | 2 | 5 | 8 | 1 |
| 2 | 7 | 8 | 5 | 1 | 6 | 9 | 3 | 4 |
| 3 | 4 | 1 | 2 | 6 | 8 | 7 | 5 | 9 |
| 9 | 8 | 2 | 1 | 7 | 5 | 4 | 6 | 3 |
| 5 | 6 | 7 | 4 | 9 | 3 | 1 | 2 | 8 |
| 8 | 1 | 9 | 6 | 5 | 7 | 3 | 4 | 2 |
| 7 | 3 | 4 | 8 | 2 | 9 | 6 | 1 | 5 |
| 6 | 2 | 5 | 3 | 4 | 1 | 8 | 9 | 7 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ରାଜନୀତିରେ ଶାଳୀନତା ରହୁ

ମହାଶୟ,

ସମ୍ପ୍ରତି ବିଭିନ୍ନ ରାଜନୈତିକ ଦଳର ନେତାମାନେ ପରସ୍ପର ବିରୋଧରେ ଅଶାଳୀନ କଟୁ ମନ୍ତବ୍ୟ ଦେଉଥିବା ଦେଖାଯାଉଛି। ଏବେ ବାଲେଶ୍ୱରର ୨ ରାଜନେତାଙ୍କ ପରସ୍ପର ମଧ୍ୟରେ କୁଆରଟେନା ଏତେ ନିମ୍ନ ଧରଣର ଥିଲା ଯେ, ସେମାନଙ୍କଠାରୁ ତାହା ଆଶା କରାଯାଉନ ଥିଲା। ସମୟ ଥିଲା ସର୍ବଭାରତୀୟ ନେତା ବିଭିନ୍ନ ଦଳରେ ପ୍ରତିନିଧିତ୍ୱ କରୁଥିଲେ ମଧ୍ୟ ପରସ୍ପର ସ୍ନେହ, ଶ୍ରଦ୍ଧା ଓ ସମ୍ପର୍କ ମଧୁର ଥିଲା। ନିର୍ବାଚନ ସମୟରେ ବିଭିନ୍ନ ଦଳ ନୀତି ବିରୋଧରେ ବିଷୋଦ୍‌ଗାର କରୁ ନ ଥିଲେ। ଏବେ ସାମ୍ବାଦିକ ସମ୍ମିଳନୀ କରି ଜଣେ ବିଧାୟକ ଓ ଅନ୍ୟଜଣେ ମହିଳା ସାଂସଦ ପ୍ରାର୍ଥୀଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଚରମସୀମାରେ ପହଞ୍ଚାଇଛି। ରାଜନୀତିରେ ତିକ୍ତତା ଏବେ ବଢ଼ିଯାଇଛି। ପଣ୍ଡିତ ନେହେରୁ ଓ ଅଟଳ ବିହାରୀ ବାଜପେୟୀ କଂଗ୍ରେସ-ଭାଜପା ଦଳର ପ୍ରତିଷ୍ଠିତ ରାଜନେତାଙ୍କ ମଧ୍ୟରେ ଯେଉଁଭଳି ଶ୍ରଦ୍ଧା ସମ୍ମାନ ବନ୍ଧୁତା ଥିଲା ତାହା ଆଜି ବିରଳ। ସଂସଦରେ ପରସ୍ପର ଶାଳୀନତାରେ ଭିତରେ ଯୁକ୍ତି ସମାଲୋଚନା କରୁଥିଲେ। ଦକ୍ଷିଣ ଶାସକ ଓ ବିରୋଧୀ ଦଳର ନେତାଙ୍କ ନୀତି ଆଦର୍ଶ ଓ ବ୍ୟକ୍ତିତ୍ୱ ଆଜିର ନେତା ଅନୁସରଣ କରନ୍ତୁ।

-ନିର୍ମଳ ଚନ୍ଦ୍ର ସାମଲ, ପୋଖରୀପୁଟ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୭୦ରୁ ଉର୍ଦ୍ଧ୍ୱ ବାଇକ୍ ଜବତ

କେନ୍ଦୁଝର,(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଟାଉନ ପୋଲିସ ସମ୍ପ୍ରତି ସହର ସୀମା ମଧ୍ୟରେ ଚାଲୁଥିବା ଅନଧିକୃତ ଏବଂ ଅସୁରକ୍ଷିତ ବାଇକ୍ ବିରୋଧରେ ସ୍ୱତନ୍ତ୍ର ଅଭିଯାନ ଚଳାଇଛି। ଏହି କ୍ରମରେ ରବିବାର ୭୦ରୁ ଉର୍ଦ୍ଧ୍ୱ ବାଇକ୍ ପୋଲିସ ଜବତ କରିଛି। ବାଇକ୍‌ଗୁଡ଼ିକ ପଞ୍ଜିକରଣ ନମ୍ବର ପ୍ଲେଟ ବିନା ଚାଲୁଥିବା, ଅତ୍ୟଧିକ ଶବ୍ଦ ସୃଷ୍ଟି କରୁଥିବା, ଆଇନ ଅନୁଯାୟୀ ଉଚ୍ଚ-ସୁରକ୍ଷା ନମ୍ବର ପ୍ଲେଟ ବିନା ଚାଲୁଥିବା ଜଣାପଡ଼ିଛି।



**କେନ୍ଦୁଝର**

# ତଥ୍ୟରେ ତାଳମେଳ ରହୁନି, କ୍ଷତିପୂରଣ ପ୍ରଦାନରେ ସମସ୍ୟା

**କେନ୍ଦୁଝର,୨୭।୭ (ନରେଶ ଚନ୍ଦ୍ର ପଟ୍ଟନାୟକ)**

ବର୍ଷାଦିନ ଆସିଲେ ସାପ କାମୁଡ଼ା ମାମଲା ବୃଦ୍ଧି ପାଏ। ବିଷାକ୍ତ ସାପ କାମୁଡ଼ାରେ ବହୁ ସଂଖ୍ୟାରେ ଲୋକେ ମୃତ୍ୟୁବରଣ କରୁଛନ୍ତି। ସାପ କାମୁଡ଼ା ଜନିତ ମୃତ୍ୟୁରେ ସରକାର ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦେଉଛନ୍ତି। ମାତ୍ର ସାପ କାମୁଡ଼ାଜନିତ ମୃତ୍ୟୁ ତଥ୍ୟରେ ବିଭାଗୀୟ ତାଳମେଳ ରହୁ ନ ଥିବାରୁ ଅନେକ ସମୟରେ ଅନେକ ପରିବାର କ୍ଷୟକ୍ଷତି ପାଇ ପାରନ୍ତି ନାହିଁ। ସାପ କାମୁଡ଼ାରେ ମୃତଙ୍କ ତଥ୍ୟ ସ୍ୱାସ୍ଥ୍ୟ ବିଭାଗ, ସ୍ୱତନ୍ତ୍ର ରିଲିଫ କମିଶନର ଏବଂ କ୍ଷତିପୂରଣ ପ୍ରଦାନ କରୁଥିବା ରାଜସ୍ୱ ବିଭାଗ ପାଖରେ ଥାଏ। ତେବେ ସବୁ ବିଭାଗର ସମନ୍ୱୟ ଅଭାବରୁ ଏଭଳି ସଂଖ୍ୟାରେ ପାର୍ଥକ୍ୟ ଦେଖାଦେଇଥାଏ। କ୍ଷତିପୂରଣ ପ୍ରଦାନ ନେଇ ବିବାଦ ଦେଖାଦେଇଥାଏ।

ପ୍ରକାଶ ଯେ, ରାଜସ୍ୱମନ୍ତ୍ରୀଙ୍କ ୨୦୨୩-୨୪ ବିଧାନସଭା ତଥ୍ୟ ସହିତ ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି)ଙ୍କ ଦ୍ୱାରା ପ୍ରସ୍ତୁତ ବାର୍ଷିକ ରିପୋର୍ଟ ଅନ୍ ନାଚୁରାଲ କାଲାମିଟିଜ ତଥ୍ୟରେ ଆଦୌ ତାଳମେଳ ନ ଥିବା ଅଭିଯୋଗ ହେଉଛି। ୨୦୨୩-୨୪ ବର୍ଷ ପାଇଁ ଏସ୍‌ଆର୍‌ସିଙ୍କ ରିପୋର୍ଟରେ କେନ୍ଦୁଝରରେ ସାପକାମୁଡ଼ାରେ ମୋଟ ୭୫ ଜଣଙ୍କ ମୃତ୍ୟୁ ହୋଇଛି। ୫୭ ଜଣଙ୍କୁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯାଇଥିବା ଉଲ୍ଲେଖ ରହିଛି। ସମାନ ବର୍ଷରେ ରାଜସ୍ୱ ମନ୍ତ୍ରୀଙ୍କ ତଥ୍ୟରେ ମୋଟ ୭୭ ଜଣଙ୍କ ମୃତ୍ୟୁ ହୋଇଥିବା ଏବଂ ୬୨ ଜଣଙ୍କୁ ଅନୁକମ୍ପାମୂଳକ ସହାୟତା ରାଶି ଦିଆଯାଇଥିବା ଉଲ୍ଲେଖ ରହିଛି। ଉଭୟ ରିପୋର୍ଟକୁ ତୁଳନା କଲେ, ଏସ୍‌ଆର୍‌ସିଙ୍କ ୨୦୨୩-୨୪ ରିପୋର୍ଟ ଅପେକ୍ଷା ମନ୍ତ୍ରୀଙ୍କ ବିଧାନସଭା

**କେନ୍ଦୁଝରରେ ସାପ କାମୁଡ଼ା ମୃତ୍ୟୁ ସଂଖ୍ୟା ବଢୁଛି**

ତଥ୍ୟରେ ରାଜ୍ୟରେ ୧୩୪ ଅଧିକ ମୃତ୍ୟୁ ଏବଂ ୨୯୪ ଅଧିକ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯାଇଛି। ଟଙ୍କାରେ ହିସାବ କଲେ ୨୦୨୩-୨୪ରେ ଏସ୍‌ଆର୍‌ସିଙ୍କ ରିପୋର୍ଟରେ ୨୯.୨୦ କୋଟି ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରାଯାଇଥିବା ବେଳେ, ମନ୍ତ୍ରୀଙ୍କ ତଥ୍ୟରେ ୪୦.୮୮ କୋଟି ଟଙ୍କା ପ୍ରଦାନ କରାଯାଇଛି। ଅର୍ଥାତ, ମନ୍ତ୍ରୀଙ୍କ ତଥ୍ୟରେ ଦିଆଯାଇଥିବା ଅନୁକମ୍ପା, ଏସ୍‌ଆର୍‌ସିଙ୍କ ରିପୋର୍ଟରେ ଦିଆଯାଇଥିବା ଅନୁକମ୍ପା ଅପେକ୍ଷା ମୋଟ ୧୧.୬୮ କୋଟି ଟଙ୍କା ଅଧିକ। ଯାହାକି ସରକାରଙ୍କ ରାଜସ୍ୱରୁ ଯାଇଥିବାରୁ ଏହାର ଠିକ୍ ଯାଞ୍ଚ ହେବା ଜରୁରୀ ବୋଲି ମତ ପ୍ରକାଶ ପାଇଛି। ତଥ୍ୟରେ ତାଳମେଳ ରହୁ ନ ଥିବାରୁ ଅନେକ କ୍ଷତିଗ୍ରସ୍ତ ସହାୟତା ପାଇପାରୁନାହାନ୍ତି। ସ୍ନେକ ହେଲ୍ପଲାଇନ ପକ୍ଷରୁ କେନ୍ଦୁଝରରେ ନିକଟରେ ଅନୁଷ୍ଠିତ କର୍ମଶାଳାରେ ରାଜ୍ୟ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ଆଲୋଚନା କରି ତଥ୍ୟ ଉପସ୍ଥାପନା ପରେ ଉପସ୍ଥିତ ଅଧିକାରୀ ଓ ସାମିଲ ହୋଇଥିବା ବିଭିନ୍ନ ବିଭାଗର ଅଧିକାରୀ, ସାପ ଧରାଳିମାନଙ୍କୁ ଚକିତ କରିଥିଲା। ଅନ୍ୟପକ୍ଷେ ସାପଧରିଲେ ବା ମାରିଲେ ଦଣ୍ଡନୀୟ। ତେବେ ବନ୍ୟପ୍ରାଣୀ ଆକ୍ରମଣରେ ମୃତ୍ୟୁବରଣ କଲେ ୧୦ ଲକ୍ଷ ଟଙ୍କା କ୍ଷତିପୂରଣର ବ୍ୟବସ୍ଥା ଥିବା ବେଳେ ସାପ ଏକ ବନ୍ୟପ୍ରାଣୀ ହୋଇଥିଲେ ହେଁ ସେ କ୍ଷେତ୍ରରେ ୪ ଲକ୍ଷ ଟଙ୍କା କ୍ଷତିପୂରଣ ମିଳୁଥିବାରୁ ସ୍ନେକ ହେଲ୍ପ ଲାଇନ, ଓଡ଼ିଶା ପକ୍ଷରୁ ପ୍ରଶ୍ନ ଉଠିଛି। ଏଣୁ ସାପକାମୁଡ଼ାରେ ମୃତ୍ୟୁବରଣ କଲେ ୧୦ ଲକ୍ଷ ଟଙ୍କା ଦେବାକୁ ଦାବି କରାଯାଇଛି।

ସ୍ନେକ ହେଲ୍ପ ଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ସରକାର ସାପକାମୁଡ଼ା ରୋଗୀଙ୍କର ପ୍ରଥମ ୪ ଦିନ ଚିକିତ୍ସା ଘରୋଇ ଡାକ୍ତରଖାନାରେ ମଧ୍ୟ ମାଗଣା ହେଉ ବୋଲି ନିର୍ଦ୍ଦେଶନାମା ଜାରି କରନ୍ତୁ। ଏହା ଦ୍ୱାରା ଭଲ ଚିକିତ୍ସା ଓ ଆଇସିୟୁ ଯୋଗୁ ଲୋଗୀଙ୍କ ଜୀବନ ବଞ୍ଚିଯିବ। ଏ ନେଇ ସିଡିଏମଓ ଡା. ବି. ବି. ମିଶ୍ର କହିଛନ୍ତି, ସାପ କାମୁଡ଼ା ରୋଗୀଙ୍କୁ ଆଣ୍ଟି ଭେନମ ଇଞ୍ଜେକଶନ ଦିଆଯାଇଥାଏ। ମୃତ୍ୟୁବରଣକଲେ ବ୍ୟବଚ୍ଛେଦ କରାଯାଇଥାଏ। ବହୁ ରୋଗୀ ଗୁରୁତର ହେଲେ ବଡ଼ ଡାକ୍ତରଖାନାକୁ ପଠାଯାଇଥାଏ।



କେନ୍ଦୁଝର ପୌରପାଳିକା ଅନ୍ତର୍ଗତ ୪ ନମ୍ବର ୱାର୍ଡ ହୁଡ଼କୋ କଲୋନୀକୁ ଯାଇଥିବା ରାସ୍ତାର ଧନୁର୍ଜୟପୁର ଠାରେ ଏକ ବିଦ୍ୟୁତ୍ ଖୁଣ୍ଟ ଓ ତାରରେ ଲତା ଗୁଡାଇ ହୋଇଛି। (ଫଟୋ- ଦୀପକ ମିଶ୍ର)

## ବନ୍ୟାପଣିରେ ପମ୍ପ୍ ହାଉସ୍ କ୍ଷତିଗ୍ରସ୍ତ

**ଚମ୍ପୁଆ,୨୭।୭(ମହେଶ୍ୱର ଦାସ)**

କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡରେ ଲଘୁଚାପ ଜନିତ ଲଗାଣ ବର୍ଷା ଫଳରେ ନାହିଁ ନ ଥିବା କ୍ଷୟକ୍ଷତି ଦେଖିବାକୁ ମିଳିଛି। ବୈତରଣୀ ନଦୀର ଜଳସ୍ତର ବୃଦ୍ଧି ଫଳରେ ଉଠାଜଳସେଚନ ପ୍ରକଳ୍ପ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଚମ୍ପୁଆ ଉଠା ଜଳସେଚନ ବିଭାଗ ଅଧୀନସ୍ଥ ପର୍ଶଳା ପଞ୍ଚାୟତର ତେନ୍ତଳା ଗ୍ରାମରେ ଥିବା ୩ ନମ୍ବର ଉଠା ଜଳସେଚନ ପ୍ରକଳ୍ପଟି ନଦୀ ପାଣିରେ ବୁଡ଼ି ଯାଇଛି। ପ୍ରକଳ୍ପରେ ଲାଗିଥିବା ମୋଟର, ଷ୍ଟାଟର, ଫୁଟ୍‌ବଲ, ପାଇପ୍ ଓ ପମ୍ପ ଘର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ପ୍ରଖର ସ୍ରୋତରେ ପମ୍ପ ଘର କ୍ଷତିଗ୍ରସ୍ତ ହୋଇଥିବା ବେଳେ ଆନୁସାଙ୍ଗିକ ସରଞ୍ଜାମ ନଦୀ ଗର୍ଭକୁ ଯାଇଥିବା ଅନୁମାନ କରାଯାଉଛି। ଏ ନେଇ ବିଭାଗୀୟ ଭାରପ୍ରାପ୍ତ ସହକାରୀ ନିର୍ବାହୀଯନ୍ତ୍ରୀ ବୁଧୁରାୟ ସାଙ୍ଗେ ସାମ୍ବାଦ କହିଛନ୍ତି, ନଦୀରେ ଜଳସ୍ତର ବୃଦ୍ଧି ଫଳରେ ଏଭଳି ଘଟଣା ଘଟିଛି। ସରଞ୍ଜାମ ନଦୀ ଗର୍ଭରେ ପଡ଼ିଥିବା ଅନୁମାନ କରାଯାଉଛି। ନଦୀ ପାଣି କମିଲେ ଉଦ୍ଧାର କାର୍ଯ୍ୟ କରାଯିବା ସହିତ ସରକାରୀ ନିୟମ ଭିତରେ ଚାଷୀଙ୍କ ସ୍ୱାର୍ଥ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ।

## ଯୌନଶୋଷଣ ନିବାରଣ ସଚେତନତା

ଚମ୍ପୁଆ,୨୭।୭(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ତାଲୁକ ଆଇନ ସେବା କମିଟି ପକ୍ଷରୁ ମହିଳା ଯୁକ୍ତ ୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ପିଓଏସ୍‌ଏଚ୍(ପୋଷ) ଆଇନ କର୍ମଶାଳା ତଥା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା କମିଟି ମୁଖ୍ୟ ତଥା ଅତିରିକ୍ତ ଜିଲା ଦୌରାଜଜ୍ ପ୍ରଣୟ କୁମାର ଦାସ, ସବଜଜ୍ ଜିତେନ୍ଦ୍ର ଦାସ, ଏସ୍‌ଡିଜେଏମ ଦିପକ କୁମାର ସାଥୁଆ, ଜେଏମ୍‌ଏଫ୍‌ସି ଶୁଶ୍ରୀ ସୁସ୍ମିତା ମିଶ୍ର, ଓକିଲ ସଂଘ ସଭାପତି ରମେଶ ଚନ୍ଦ୍ର ପ୍ରଧାନ, ଆଇନ୍‌ଜୀବୀ ବିଷ୍ଣୁଚରଣ ରାଠୋର ଓ ବିଦ୍ୟାଳୟ ଅଧକ୍ଷ ଭକ୍ତବନ୍ଧୁ ପ୍ରଧାନ ଯୋଗଦେଇ ମହିଳା ସୁରକ୍ଷା ଆଇନ ବିଷୟରେ ଅବଗତ କରିବା ସହିତ ଶୋଷଣ ବିରୋଧରେ ଆଇନଗତ ସହାୟତା ନେବାକୁ ପରାମର୍ଶ ଦେଇଥିଲେ। ଅବଦୁଲ ସୁରଜ ଖାନ, ରାମକୃଷ୍ଣ ଜିତ୍ ସହଯୋଗ କରିଥିଲେ।

## ସ୍କୁଲ ପରିସରରେ ଟାରାରୋପଣ

କେନ୍ଦୁଝର,୨୭।୭(ଦୀପକ ମିଶ୍ର): 'ବୃକ୍ଷ ହିଁ ଜୀବନ' ଏହାକୁ ଆଧାର କରି କେନ୍ଦୁଝରଗଡ଼ସ୍ଥ ଡିଏନ୍ ହାଇସ୍କୁଲ ପରିସରରେ ଟାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସ୍କୁଲର ୧୯୭୬ ବ୍ୟାଚ୍ ପୁରାତନ ଛାତ୍ର ସେମାନଙ୍କର ମାଟ୍ରିକ୍ ପାସ କରିବାର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଟାରାରୋପଣ କରିଥିଲେ। ଉତ୍ତମ ପରିବେଶ ସୃଷ୍ଟି ଲାଗି ସବୁଜ ବଳୟର ଆବଶ୍ୟକତା ଆଜିର ମାନବ ସମାଜ ପାଇଁ ନିହାତି ଅପରିହାର୍ଯ୍ୟ ହୋଇ ପଡ଼ିଥିବାରୁ ଏହି ବ୍ୟାଚର ଛାତ୍ର ତଥା ବରିଷ୍ଠ ନାଗରିକମାନେ ସଚେତନା ମୂଳକ ମାର୍ଗଦର୍ଶନ କରିଥିଲେ। ଏଥି ସହିତ ବିଦ୍ୟାଳୟ ପରିସରରେ ଚଳିତ ବର୍ଷ ଡିସେମ୍ବର ୧୪ରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲେ। କାର୍ଯ୍ୟକ୍ରମକୁ ସଫଳ କରବା ନିମନ୍ତେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ପୁରାତନ ଛାତ୍ର ଦୀନବନ୍ଧୁ ସାହୁ, ଅନୁପ ମହାନ୍ତି, ରାଜ କିଶୋର ସାହୁ, ଉମାକାନ୍ତ ପାତ୍ର, ନିରଞ୍ଜନ ବେହେରା, ଗୌରଙ୍ଗ ସାହୁ, ଜଗନ୍ନାଥ ଦାଶ, ଦିଲ୍ଲୀପ ପୃଷ୍ଟି, ନିମାଁଇ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ।

# ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ



ଓଷ୍ଟାର ସଦସ୍ୟମାନେ।

**ଢେଙ୍କିକୋଟ,୨୭।୭(ନୀଳମଣି ମଣ୍ଡଳ)**

କେନ୍ଦୁଝର ଜିଲା ଢେଙ୍କିକୋଟ୍ ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟ ସାନ୍ତରାପୁରଠାରେ ଘଟଗାଁ ବ୍ଲକ୍ ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ସତପଥୀଙ୍କ ସଭାପତିତ୍ୱରେ ଅତିଥିଭାବେ ରାଜ୍ୟ ଓଷ୍ଟାର କାର୍ଯ୍ୟକାରୀ ସଦସ୍ୟ ଜ୍ଞାନେନ୍ଦ୍ର ଦେଓ, ଜିଲାର ସମ୍ପାଦକ ରଞ୍ଜନ ଘଡ଼େଇ, ଜିଲା କାର୍ଯ୍ୟକାରୀ ସଭାପତି ସୁଧାକର ପଣ୍ଡା, ଜିଲା ଉପସଭାପତି ମନୋଜ କୁମାର ପଣ୍ଡା ଓ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ସୁବ୍ରତ କୁମାର ଲେଙ୍କା ଯୋଗ ଦେଇଥିଲେ। ଘଟଗାଁ ବ୍ଲକ୍ ସମ୍ପାଦକ ମନୋଜ କୁମାର ପଣ୍ଡା ଜିଲାକୁ ନିର୍ବାଚିତ ହୋଇଥିବାରୁ ବ୍ଲକ୍‌ର ନୂତନ ନେତୃତ୍ୱ ଚୟନ କରାଯାଇଥିଲା। ସର୍ବ ସମ୍ମତି କ୍ରମେ ଶିକ୍ଷକ ନେତା ସନ୍ତୋଷ କୁମାର ଶତପଥି ସମ୍ପାଦକ ପୋଇପାଣି ହାଇସ୍କୁଲର ପ୍ରଧାନଶିକ୍ଷକ ଗୋଲୋକ ବିହାରି ସାହୁ ସଭାପତି, ଘଗଗାଁ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ କେଶବ ମିଶ୍ର କାର୍ଯ୍ୟକାରୀ ସଭାପତି, ମୁକ୍ତାପୁର ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିଲୋଚନ ମହାନ୍ତ ଉପସଭାପତି, ଅନିତା ଦାସ ମହିଳା ଉପସଭାପତି, ମେଲାଣ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭୀମସେନ ସାହୁ ସହ ସମ୍ପାଦକ, ସସ୍ମିତା ମଲ୍ଲିକ ମହିଳା ସହ ସମ୍ପାଦକ, ମୂରଲୀଧର ମହାକୁଡ ଓ ଗଜେନ୍ଦ୍ର ମହାନ୍ତ ରାଜ୍ୟ କାଉନ୍‌ସିଲ ସଦସ୍ୟ ଏବଂ ବିନୋଦ ବିହାରୀ ସେଠୀ, ବରାହଟିପୁରା ହାଇସ୍କୁଲର ଜିତେନ୍ଦ୍ର କୁମାର ନାୟକ ଓ ଢେଙ୍କିକୋଟ ହାଇସ୍କୁଲର ପ୍ରଧାନଶିକ୍ଷକ ଦିପ୍ତି ଶୋଭା ବେହେରା ଜିଲା କାଉନ୍‌ସିଲ ସଦସ୍ୟଭାବେ ମନୋନୀତ ହୋଇଥିଲେ। ଶେଷରେ ମନୋହରପୁର ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକପଞ୍ଚାନନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ୨.୬୧ ଲକ୍ଷ ଟଙ୍କା ଠକେଇ ମାମଲା: ଜଣେ ଗିରଫ

କେନ୍ଦୁଝର,୨୭।୭(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଟାଉନ ପୋଲିସ ଠକେଇ ମାମଲାରେ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ପାଟଣା ଥାନା କୁତାବେଢ଼ା ଗ୍ରାମର ଗଣେଶ୍ୱର ନୁନାରାମ ମାଝି (୨୯)। ସୂଚନା ଅନୁଯାୟୀ, ଥାନା ଅନ୍ତର୍ଗତ ଘୁଟୁରର ପୁରନ୍ଦର ରାଉଳଙ୍କ ସ୍ତ୍ରୀ ସସ୍ମିତା ରାଉଳ (୨୯) ଓ ଅଭିଯୁକ୍ତଙ୍କ ସ୍ତ୍ରୀ ଶୈଳେନ୍ଦ୍ରୀ ହେମ୍ବ୍ରମ କେନ୍ଦୁଝରର ଆଇଟିଡିଏ କାର୍ଯ୍ୟାଳୟରେ ଆଉଟସୋର୍ସିଂ କାର୍ଯ୍ୟରେ ସହକର୍ମୀ ଥିଲେ। ପାରସ୍ପରିକ ବିଶ୍ୱାସ ଯୋଗୁ ଅଭିଯୋଗକାରୀ ୨୪ ଜାନୁୟାରୀ ୨୦୨୪ରେ ୨ ଲକ୍ଷ ୬୧ ହଜାର ଟଙ୍କା ନେଇଥିଲେ। ୫୦ ହଜାର ଟଙ୍କା ଫେରାଇ ଦେଇଥିଲେ। କିନ୍ତୁ ବାକି ଟଙ୍କା ଫେରସ୍ତ କରି ନ ଥିଲେ। ଟଙ୍କା ଫେରସ୍ତ କରିବାକୁ କହିବାରୁ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଉଥିଲେ। ସସ୍ମିତାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ.୫୧୨/୨୦୨୫) ରୁଜୁ କରି ନୁନାରାମଙ୍କୁ ଗିରଫ କରିଥିଲା। ଶନିବାର କୋର୍ଟଚାଲାଣ କରିଥିବା ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ ସୂଚନା ଦେଇଛନ୍ତି।

## ନିଶା ନିବାରଣ ସଚେତନତା

ଚମ୍ପୁଆ,୨୭।୭(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ମହତାବ ଉଚ୍ଚ ବିଦ୍ୟାଳୟଠାରେ ଉପଖଣ୍ଡସ୍ତରୀୟ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷ, ଚମ୍ପୁଆ ଅବକାରୀ ବିଭାଗ ସୌଜନ୍ୟରୁ ୭୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ନେଇ ନିଶା ସମ୍ବନ୍ଧୀୟ ରଚନା, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ 'ଆମ ସଂକଳ୍ପ ନିଶା ନୁହଁ ଜୀବନ' ମାଧ୍ୟମରେ ଏକ ସଚେତନତାର ବାର୍ତ୍ତା ଅବକାରୀ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଛି। ଅବକାରୀ ବିଭାଗ ଅଧିକାରୀ ଏଚ୍ ଜଗାରାଉଙ୍କ ତତ୍ତ୍ୱାବଧାନରେ ୩ ଜଣ ଲେଖାଏ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲୋକନାଥ ଗୁଇଁଙ୍କ ନେତୃତ୍ୱରେ ଶିକ୍ଷୟିତ୍ରୀ, ଶିକ୍ଷକ ପରିଚାଳନା କରିଥିଲେ।

# ୪ ଘର ଭାଙ୍ଗିଲେ ହାତୀ



ଡିଏଫଓ ହାତୀ ଭାଙ୍ଗିଥିବା ଘର ଦେଖୁଛନ୍ତି।

**ପାଟଣା,୨୭।୭(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ରେଞ୍ଜ ପାଟଣା ବିଟ୍ ଓ ପୋଇ ପାଣି ବିଟ୍‌ରେ ଶନିବାର ରାତିରେ ୨୯ ଟିକିଆ ହାତୀପଲ ୪ଟି ଘର ଭାଙ୍ଗି ଦେଇଛନ୍ତି। ଘଟଣାସ୍ଥଳରେ ବିଳମ୍ବିତ ରାତିରେ ଡିଏଫ୍‌ଓ ଧନ୍‌ରାଜ ହନୁମନ୍ତ ଧାମ୍‌ଧେର ପହଞ୍ଚି ରେଞ୍ଜର ବନବିହାରି ସର୍ଦ୍ଦାରଙ୍କ ସହ ହାତୀ ଭାଙ୍ଗିଥିବା ଘର ପରିଦର୍ଶନ କରି ସ୍ଥିତି ଅନୁଧାନ କରିଥିଲେ। ହାତୀପଲ ପୋଇପାଣି ବିଟ୍ ଯମୁନାପୋଷି ଗ୍ରାମର ପ୍ରଫୁଲ୍ଲ ଚନ୍ଦ୍ର ନାଏକ, ଧନୁର୍ଜୟପୁରର ବିଶି କେଶନ ମହାକୁଡ଼ଙ୍କ ମାଟି ଘର, ପାଟଣା ବିଟ୍ ବାଲିବନ୍ଧ ଗ୍ରାମର ବିନି ମହାରଣାଙ୍କ ଛାତଘର ଓ ଗାଲ ଫୁଲା ଗ୍ରାମର ଶୁକ୍ରା ମୁଣ୍ଡାଙ୍କ ମାଟି ଘର ଭଙ୍ଗି ଦେଇଛନ୍ତି। ହାତୀପଲ ସନ୍ଧ୍ୟାରେ ପୋଇ ପାଣି ବିଟ୍ ପାଟଣା ସଂରକ୍ଷିତ ଜଙ୍ଗଲ ଭରାଣ୍ଡିଆ ଜଙ୍ଗଲରେ ଡେରା ପକାଇଥିବା ପାଟଣା ବନପାଳ ନିରଞ୍ଜନ ସେଠୀ କହିଛନ୍ତି। ସେହିପରି ଆଉ ଏକ ୯ ଟିକିଆ ହାତୀପଲ ତଣ୍ଡବିଟ୍ ଘାଟ ବାଲିଯୋଡ଼ି ଗ୍ରାମ ନିକଟରେ ଡେରା ପକାଇବା ସହ ଧାନ ତଳି ନଷ୍ଟ କରିଦେଇଛନ୍ତି। ହାତୀପଲଙ୍କ ଉପଦ୍ରବରେ ଅଞ୍ଚଳବାସୀ ଅତିଷ୍ଠ ହେବା ସହ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ବନ ବିଭାଗ ହାତୀପଲଙ୍କୁ ଘଉଡ଼ାଇବାରେ ବିଫଳ ହେଉଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇଛି।

# ଜିଲାସ୍ତରୀୟ ଲୋକ ଅଦାଲତ

କେନ୍ଦୁଝର,୨୭।୭(ଦୀପକ ମିଶ୍ର): କେନ୍ଦୁଝର ଜିଲା ଆଇନସେବା ପ୍ରାଧିକରଣ ତରଫରୁ ଜିଲା କୋର୍ଟ ପରିସରରେ ଜିଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲାସ୍ତରୀୟ ଲୋକ ଅଦାଲତକୁ ଜିଲା ଜଜ୍ କୋର୍ଟ ପରିସରରେ ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜଜ୍ ଗୋପାଳ ଚନ୍ଦ୍ର ବେହେରା, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ହିମାଂଶୁ ଶେଖର ବିଶ୍ୱାଳ, ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ନାୟକ, ରେଜିଷ୍ଟ୍ରାର ସୁଚେତା କୃପାଳିନୀ, ଉପଖଣ୍ଡୀୟ ବିଚାରପତି ସୁମିତ୍ରା କୁମାରୀ ଦାସ, କନିଷ୍ଠ ପ୍ରଥମ ଶ୍ରେଣୀ ବିଚାରପତି ଅମ୍ବିକେଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ କାର୍ଯ୍ୟଭାର ସମ୍ଭାଳି ଥିଲେ। ସମୁଦାୟ



ଜଜ୍ ମାମଲାର ଶୁଣାଣି କରୁଛନ୍ତି।

୨୫ଟି ଏନ୍‌ଆଇ ଆକ୍ଟ ମକଦ୍ଦମା ସମାଧାନ କରାଯାଇ ୧ କୋଟି ୪୪ ଲକ୍ଷ ୪୨ ହଜାର ୩୩୬ ଟଙ୍କା ଆଦାୟ ହୋଇଥିଲା। କାର୍ଯ୍ୟକ୍ରମକୁ କୋର୍ଟ ପରିଚାଳକ ଅଚ୍ୟୁତାନନ୍ଦ ସାମନ୍ତରା, ନାଜିର ନିର୍ମଳ କୁମାର ନାଏକ, ଆଇନସେବା ପ୍ରାଧିକରଣର ପ୍ୟାନେଲ ଅଧିବକ୍ତା ସୁନିଲ କୁମାର ମହାନ୍ତ, ଶକ୍ତି ପ୍ରସାଦ ଶତପଥି, ପ୍ରାଧିକରଣ କର୍ମୀ ସତ୍ୟରଞ୍ଜନ ଦାସ, ସ୍ନେହଲତା ବାସ୍କେ, ଦେବବ୍ରତ ଦାସ, ମାନସ ରଞ୍ଜନ ନାଏକ, ଶିଶିର କୁମାର ସାହୁ ସହଯୋଗ କରିଥିଲେ।

## ରେଳ କର୍ମଚାରୀଙ୍କ ସାଧାରଣ ସଭା

**କେନ୍ଦୁଝର,୨୭।୭(ନରେଶ ଚନ୍ଦ୍ର ପଟ୍ଟନାୟକ)**

ପୂର୍ବତଟ ରେଳପଥ ଅନ୍ତର୍ଗତ ଖୋର୍ଦ୍ଧାରୋଡ୍ ମଣ୍ଡଳର କେନ୍ଦୁଝରଗଡ଼ରେ କାର୍ଯ୍ୟରତ ରେଳ ଚାଳକ, ସହଚାଳକ ସମେତ ଟ୍ରେନ୍ ପରିଚାଳକଙ୍କ ସାଧାରଣ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ କେନ୍ଦୁଝର-ଜଖପୁରା ଓ ଜଖପୁରା-କେନ୍ଦୁଝର ରେଳ ପରିଚାଳନା ନିମନ୍ତେ ମିଳୁଥିବା ମାଇଲେଜ ଭତ୍ତାକୁ ଚଳିତ ମାସ ୧୭ ତାରିଖରୁ ୧୮୨ କି.ମି. ପରିବର୍ତ୍ତେ ୧୨୫ କି.ମି. ଭତ୍ତା ପ୍ରଦାନ କରାଯାଉଛି। ପୂର୍ବରୁ ମିଳୁଥିବା ଭତ୍ତାକୁ ପୁନର୍ବାର ପ୍ରଦାନ ନିମନ୍ତେ ସଭାରେ ପୂର୍ବତଟ ରେଳପଥ ଶ୍ରମିକ ୟୁନିୟନର ସାଧାରଣ ସମ୍ପାଦକ ପିକେ ପାଟଶାଣୀ କହିଛନ୍ତି। ମାଇଲେଜ ଭତ୍ତାକୁ ୧୨୫ କି.ମି. ପରିବର୍ତ୍ତେ ୧୮୨ କି.ମି. ପ୍ରଦାନ କରିବା ଓ ଅନ୍‌ଡ୍ୟୁଟି ପୂର୍ବରୁ ୧୫ମିନିଟ ପରିବର୍ତ୍ତେ ଆଗଭଳି ୩୦ ମିନିଟ୍ ସମୟ ପ୍ରଦାନ ନିମନ୍ତେ ଆଗାମୀ ୩୦ ତାରିଖରୁ ଧାରଣା ଦେବେ ବୋଲି ସୂଚନା ଦେଇଛନ୍ତି। ଶ୍ରମିକ ୟୁନିୟନର ସମର୍ଥନରେ ଖୋର୍ଦ୍ଧା ରେଳ ମଣ୍ଡଳର ସିନିୟର ଡ଼ିଇଇ ଅପିସଙ୍କ ସମେତ ସିନିୟର ଡିପିଓ, ଆରପିଏଫ କେନ୍ଦୁଝରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

# କୁମୁଣିଆ-ଗୋହିରା ରାସ୍ତାରେ ଟାରାରୋପଣ

**ଆନନ୍ଦପୁର,୨୭।୭ (ସୁଶାନ୍ତ କୁମାର ସାହୁ)**

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଆନନ୍ଦପୁର ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍‌ର ସ୍ୱେଚ୍ଛାସେବୀ ଓ ତ୍ରିଲୋଚନ ସାହୁଙ୍କ ସହଯୋଗରେ ଆନନ୍ଦପୁର ବ୍ୟାରେଜ ନିକଟସ୍ଥ କୁମୁଣିଆ ଗୋହିରା ରାସ୍ତାରେ ଟାରାରୋପଣ କରାଯାଇଛି। ତ୍ରିଲୋଚନଙ୍କ ନେତୃତ୍ୱରେ ଆନନ୍ଦପୁର ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର୍ ଓଜେଲ ପଟ୍ଟନାୟକ ଏବଂ ସ୍ୱେଚ୍ଛାସେବୀ ପ୍ରୀତିପଲ ସାହୁ, ସୁଭ୍ରାନନ୍ଦ ବିଶ୍ୱାଳ, ଆଶୁତୋଷ ମଲ୍ଲିକ, ଚିତ୍ତରଞ୍ଜନ ସାହୁ, ଧନଞ୍ଜୟ ପତ୍ର, ମନ୍ମଥ ନାରାୟଣ ସାହୁ, ଜୟଶୁଭଙ୍କର ଜେନା, ଆଶିଷ ସାମଲ, ରାଜେଶ ସାହୁ, ଓମ ଶକ୍ତି ଜେନା, ଆଶିଷ ସାହୁ, ରାଜ କିଶୋର ବାରିକ, ରଞ୍ଜିତ ନାୟକ ଓ ପ୍ରସନ୍ନ ନାହାକ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ୭୦ରୁ ଉର୍ଦ୍ଧ୍ୱଟାରାରୋପଣ କରାଯାଇଥିଲା।



ସ୍ୱେଚ୍ଛାସେବୀ କର୍ମଚାରୀ ଓ ଛାତ୍ରୀଛାତ୍ରମାନେ।

# ମାସେ ହେଲା ଡାକଘର ମୁଖ୍ୟ ଫାଟକରେ ତାଲା

**ବଡ଼ବିଲ,୨୭।୭(ଦେବପ୍ରିୟ ରଣା)**

**ଅସୁରକ୍ଷିତ ବଡ଼ବିଲ ମୁଖ୍ୟ ଡାକଘର**

- ପ୍ରବେଶପଥ ଛାତରୁ କଂକ୍ରିଟ୍ ଖସୁଛି
- ଡାକସେବାରୁ ବଞ୍ଚିତ ଲୋକେ

କେନ୍ଦୁଝର ଜିଲା ରାଜ୍ୟ ସୀମାନ୍ତ ବଡ଼ବିଲ ମୁଖ୍ୟ ଡାକଘରେ ଦୀର୍ଘ ଏକ ମାସ ହେଲାଣି ତାଲା ଝୁଲୁଛି। ଡାକଘର ବନ୍ଦଥିବା ଦେଖି ଲୋକେ ଫେରିଯାଉଥିବାରୁ ସରକାରଙ୍କ ବିଭିନ୍ନ ଡାକ ସେବାରୁ ବଞ୍ଚିତ ହେଉଛନ୍ତି। ତେବେ ପ୍ରକୃତପକ୍ଷେ ଡାକଘରେ ତାଲା ପଡ଼ି ନ ଥିବାବେଳେ ଅସୁରକ୍ଷିତ ପ୍ରବେଶପଥକୁ ବନ୍ଦ କରି ଲୋକଙ୍କ ସୁରକ୍ଷା ନିମିତ୍ତ ଡାକଘରର ପାର୍ଶ୍ୱଦ୍ୱାର ଖୋଲା ରଖାଯାଇଥିବା ଜଣାପଡ଼ିଛି। ଅନେକ ଲୋକ ଫେରିଯାଉଥିବାବେଳେ କେତେକ ପାର୍ଶ୍ୱଦ୍ୱାର ଖୋଲାଥିବା ଜାଣିବା ପରେ ଡାକ ସେବାର ଲାଭ ନେବାକୁ ସକ୍ଷମ ହେଉଛନ୍ତି।

ସୂଚନା ଅନୁଯାୟୀ, ବଡ଼ବିଲ ମୁଖ୍ୟ ଡାକଘର ବହୁପୁରାତନ ହୋଇଥିବାବେଳେ ଲଗାଣ ବର୍ଷା ଯୋଗୁ ଡାକଘର ଭିତରେ ଥିବା ଏକାଧିକ ସ୍ଥାନରେ ଛାତରୁ ପାଣି ଝରୁଛି। ଡାକଘର ସମ୍ମୁଖ ମୁଖ୍ୟ ପ୍ରବେଶପଥର ମୁଖ୍ୟ ଫାଟକ ନିକଟରେ ଥିବା ଛାତ ଅସୁରକ୍ଷିତ



ତାଲା ପଡ଼ିଥିବା ବଡ଼ବିଲ ମୁଖ୍ୟ ଡାକଘର।

ହୋଇପଡ଼ିଛି। ଛାତରୁ କଂକ୍ରିଟ୍ ଅତଡ଼ା ଖସୁଥିବାରୁ ଡାକସେବା ନିମନ୍ତେ ଆସୁଥିବା ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରବେଶପଥ ମୁଖ୍ୟ ଦ୍ୱାରରେ ତାଲା ଲଗାଯାଇଛି। ତେବେ ଡାକଘର ପାର୍ଶ୍ୱଦ୍ୱାରକୁ ଜନସାଧାରଣଙ୍କ ନିମନ୍ତେ ଖୋଲାଯାଇଥିଲେ ହେଁ ତାହା ସମସ୍ତେ ଜାଣି ନ ପାରି ଫେରିଯାଉଥିବା ଜଣାପଡ଼ିଛି। କାଁ ଭାଁ ଲୋକେ ଡାକଘର ପାର୍ଶ୍ୱଦ୍ୱାର ଖୋଲାଥିବା ଜାଣିବା ପରେ ଡାକସେବା ପାଉଥିବା ଜଣାପଡ଼ିଛି। ଏ ନେଇ ବଡ଼ବିଲ ପୋଷ୍ଟ ମାଷ୍ଟର ବସନ୍ତ କୁମାର ପାତ୍ର କହିଛନ୍ତି, ବଡ଼ବିଲ ମୁଖ୍ୟ ଡାକଘରର ଅଧିକାଂଶ ସ୍ଥାନରେ ଛାତରୁ ପାଣି ଝରୁଛି। ଏଭଳି ପରିସ୍ଥିତିରେ ଡାକ କାଗଜପତ୍ରକୁ ସୁରକ୍ଷିତ ରଖିବା ଅସମ୍ଭବ ହୋଇପଡ଼ିଛି। ଏ ସମ୍ପର୍କରେ କେନ୍ଦୁଝର ଜିଲା ଡାକ ବିଭାଗ ଡିଭିଜନାଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଗତ ୨ମାସ ତଳୁ ଅବଗତ କରାଯାଇଥିବା ବେଳେ ଗତ ୧ମାସ ତଳେ ସମ୍ବଲପୁରରୁ ସହକାରୀ ଯନ୍ତ୍ରୀ ବଡ଼ବିଲ ଆସି ଡାକଘରକୁ ବୁଲି ଦେଖିଛନ୍ତି। ଗତ ୧ମାସ ତଳେ ଡାକଘର ମୁଖ୍ୟ ପ୍ରବେଶ ପଥର ଛାତରୁ କଂକ୍ରିଟ୍ ଅତଡ଼ା ଖସିଯାଇଥିବା ବେଳେ ଜଣେ ଅଳ୍ପକେ ବର୍ତ୍ତିଯାଇଥିଲେ। ଫଳରେ ସମ୍ମୁଖ ପ୍ରବେଶପଥ ମୁଖ୍ୟ ଫାଟକରେ ତାଲା ପକାଯାଇଛି। ଜନସାଧାରଣଙ୍କୁ ସେବା ଯୋଗାଇଦେବା ନିମନ୍ତେ ଡାକଘରର ପାର୍ଶ୍ୱଦ୍ୱାରକୁ ବ୍ୟବହାର କରାଯାଉଛି। ଜନସାଧାରଣ ଓ ଡାକଘର କର୍ମଚାରୀଙ୍କ ସୁରକ୍ଷା ନିମିତ୍ତ ଏଭଳି ପଦକ୍ଷେପ ନିଆଯାଇଥିବା ପୋଷ୍ଟମାଷ୍ଟର ପାତ୍ର କହିଛନ୍ତି।


ଭଣ୍ଡାରିପୋଖରୀ ବ୍ଲକରେ ଏକ ବିଦ୍ୟାଳୟ ପରିସରରେ ବନ୍ୟାପାଣି।


ଧାମନଗର ବ୍ଲକର ସୋହଡ଼ା ପଞ୍ଚାୟତରେ ଜିଲାପାଳ ଦିଲୀପ ରାଉତରାଏ ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରୁଛନ୍ତି।


ପଧାନୀ ପଞ୍ଚାୟତରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

# ବନ୍ୟାରେ ବୁଡ଼ିଛି ତଳିଆ ଅଞ୍ଚଳ

ଧାମନଗର,୨୭।୭ (ଦେବେନ୍ଦ୍ର ଆଦିଆ/ସନ୍ତୋଷ କୁମାର ମହାପାତ୍ର)


କଣ୍ଠାପାରିଠାରେ ଏକ ମନ୍ଦିର ପାଣିଘେରରେ ରହିଛି।

- ଶତାଧିକ ହେକ୍ଟର ଚାଷଜମି ଜଳମଗ୍ନ
- ପ୍ରଭାବିତ ଅଞ୍ଚଳ ବୁଲି ଦେଖିଲେ ମନ୍ତ୍ରୀ
- ଘର ଘର ବୁଲି ଶୁଖିଲା ଖାଦ୍ୟ ବାଣ୍ଟିଲେ ଜିଲାପାଳ

ବୈତରଣୀ ନଦୀରେ ବନ୍ୟାଜଳ ହ୍ରାସ ପାଇଥିବା ବେଳେ ତଳିଆ ଅଞ୍ଚଳ ବୁଡ଼ି ରହିଛି। ବୈତରଣୀରେ ଜଳସ୍ତର କମିବା ପରେ ଧାମନଗର ବ୍ଲକର ଆନନ୍ଦପୁର, ଖଡ଼ିପଦା, ସୋହଡ଼ା, ପଧାନି, କରଦା ଓ ଅର୍ଜୁନପୁର ପଞ୍ଚାୟତରେ ପାଣି କମିଛି। ହେଲେ ଧୁଷୁରୀ, ବମକୁରା, କାଶୀମପୁର, ହସନାବାଦ, ପାଳସାହି ଅଞ୍ଚଳରେ ପାଣି ବଢ଼ୁଛି। ଉପରମୁଣ୍ଡରେ ବର୍ଷା ନ ଥିବାରୁ ସୋମବାର ସକାଳ ସୁଦ୍ଧା ଏସବୁ ଅଞ୍ଚଳରେ ସ୍ଥିତିସ୍ୱାଭାବିକଅବସ୍ଥାକୁଫେରିଆସିବ ବୋଲି ଧାମନଗର ଜଳ ସମ୍ପଦ ସହକାରୀ ନିର୍ବାହୀ ଯନ୍ତ୍ରୀ କିଶୋର କୁମାର ଦାସ କହିଛନ୍ତି।

ଆନନ୍ଦପୁର ପଞ୍ଚାୟତର ମଲ୍ଲିମାହାରା ଓ ସୋହଡ଼ା ପଞ୍ଚାୟତର ଗୌରାଙ୍ଗପୁର ଏସ୍କେପ୍‌ର ଦକ୍ଷିଣ ପାର୍ଶ୍ୱରେ ସୁରକ୍ଷା ପ୍ରାଚୀର ନିର୍ମାଣ ହୋଇଥିବାରୁ ବନ୍ୟା ନିୟନ୍ତ୍ରଣ ହୋଇପାରିଛି। ଆଖୁଆପଦାଠାରେ ବୈତରଣୀର ଜଳସ୍ତର ବିପଦ ସଙ୍କେତଠାରୁ ୨ ମିଟର ଉଚ୍ଚରେ ଥିବା ସମୟରେ ମଧ୍ୟ ୨ ଏସ୍କେପ ବାଟେ ପାଣି ନିଷ୍କାସନ କମିଛି। ତେବେ ବୈତରଣୀର ଶାଖା ଗେଙ୍ଗୁଟି ନଦୀବନ୍ଧରେ ଥିବା ପାହାଡ଼ପୁର ଏସ୍କେପ, ମଠମାହାରା ଓ କନ୍‌କେଇ ଏସ୍କେପ୍ ବାଟେ ପାଣି ପଶିବାରୁ ଖଡ଼ିପଦା, ସୋହଡ଼ା ଓ କରଦା ପଞ୍ଚାୟତର ବହୁ ଗାଁ ଜଳମଗ୍ନ ହୋଇଛି। ଖଡ଼ିପଦା ଓ କାଞ୍ଜିଆପାଳ ମଧ୍ୟରେ ଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତା ବୁଡ଼ିଯିବାରୁ କାଞ୍ଜିଆପାଳ ଗ୍ରାମ ଜଳବନ୍ଦୀ ହୋଇଛି। ବନ୍ୟାରେ ଧାମନଗର ବ୍ଲକର ଶତାଧିକ ହେକ୍ଟର ଚାଷଜମି ଜଳମଗ୍ନ ହୋଇରହିଛି। ଅଧିକାଂଶ ଜମିରେ ଧାନ ଗଛ ପଚି ଯାଇଥିବା ଆଶଙ୍କା କରାଯାଉଛି। ପାଣି ଛାଡ଼ିଲେ ଏହାର ଆକଳନ କରାଯିବ ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଇଛି।

ରବିବାର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ହସନାବାଦର ପଙ୍ଗଟା, ଅସ୍ତ୍ରକ, ଗୋପବନ୍ଧୁନଗର, ପଧାନିର ଦାସପାରୀ, ଶଇଲ, ଅର୍ଜୁନପୁର ପଞ୍ଚାୟତ, ବମକୁରା, ଧୁଷୁରୀ, ସୋହଡ଼ାର ଗୌରାଙ୍ଗପୁର, ବାଲିପଡ଼ା, ପିଟେଇପୁର ଓ ଆନନ୍ଦପୁରର ମଲ୍ଲିମାହାରା ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରଶାସନ ପକ୍ଷରୁ ପାଣିଘେରରେ ଥିବା ଲୋକଙ୍କୁ ଶୁଖିଲା ଖାଦ୍ୟ ଓ ପାନୀୟଜଳ ଯୋଗାଇ ଦିଆଯାଇଛି। ସ୍କୁଲ ଗୃହ ଓ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର ହୋଇଥିବା ଲୋକଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଛି। ଭଦ୍ରକ ଜିଲାପାଳ ଦିଲୀପ ରାଉତରାଏ ବନ୍ୟା ପ୍ରଭାବିତ ସୋହଡ଼ା ପଞ୍ଚାୟତରେ ଘର ଘର ବୁଲି ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। ମୁସ୍ତଫାପୁର ପଞ୍ଚାୟତର ଗୋହିରାଟିକିରି ମଠରେ ଥିବା ମହନ୍ତ ଓ ତିନି ଜଣ ମାତାଙ୍କ ପାଇଁ ଖାଦ୍ୟ ପଠାଯିବା ସହ ତିନିଜଣ ମାତାଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। କଣ୍ଠାପାରୀ, ଦାସପାରୀ ଓ ହସନାବାଦରେ ପାୱାର ବୋଟ୍ ଏବଂ ମୋଟର ବୋଟ୍‌କୁ ସଜାଗ ରଖାଯାଇଛି। ଅଗ୍ନିଶମ ବାହିନୀ ମଧ୍ୟ ସଜାଗ ହୋଇ ରହିଛନ୍ତି। ରବିବାର ଓ ଶ୍ରାବଣ ମାସର ସୋମବାର ଥିବାରୁ କାଉଡ଼ିଆମାନେ ପାଣି ଉଠାଉଛନ୍ତି। ଏଥିପାଇଁ ନଦୀବନ୍ଧ ଓ ଗାଧୁଆ ତୁଠ ପାଖରେ ପୋଲିସ ମୁତୟନ କରାଯାଇଛି। ଗତବର୍ଷ ବନ୍ଧବାଡ଼ ମରାମତି ହୋଇଥିଲେ ବି ବୈତରଣୀର ବାମପାର୍ଶ୍ୱ ବନ୍ଧରେ ଅନେକ ସ୍ଥାନରେ ଘଳିଆ ପଡ଼ିଛି। ମୁଥାନଗର, କଣ୍ଠାପାରୀ, ଦାସପାରୀ ଓ ପିଟେଇପୁରରେ ଘଳିଆ ପଡ଼ିଥିଲା। ଜଳ ସମ୍ପଦ ବିଭାଗର କର୍ମଚାରୀ ଓ ସ୍ଥାନୀୟ ଗ୍ରାମବାସୀ ରାତିରେ ଘଳିଆ ବନ୍ଦ କରିଥିଲେ। ମଲ୍ଲିମାହାରା ଏସ୍କେପ୍‌ର ତଳ ଭାଗ କାମ ନିମ୍ନମାନର ହୋଇଥିବାରୁ ତଳ ବାଟେ ପାଣି ଲିକ୍ ହେଉଥିବା ଦେଖାଯାଇଛି। ପ୍ରତି ସ୍ଥାନର ସ୍ଲିଲ୍ ୱେ ତଳେ ବଡ଼ ବଡ଼ ଘଳିଆ ପଡ଼ି ପାଣି ବାହାରୁଛି। ଆଉ ଗୋଟେ ବଡ଼ ବନ୍ୟା ହେଲେ ମଲ୍ଲିମାହାରା ଏସ୍କେପ୍‌ର ସୁରକ୍ଷା ପ୍ରାଚୀର ଭୁଶୁଡ଼ି ପଡ଼ିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

# ୫ ପଞ୍ଚାୟତ ଜଳବନ୍ଦୀ



ଭଣ୍ଡାରିପୋଖରୀ,୨୭।୭ (ରାଜେନ୍ଦ୍ର ଶତପଥୀ)

## କଣ୍ଟିଘାଇରେ ୬ ଫୁଟର ବନ୍ୟାଜଳ
## ବିପଦ ସଙ୍କେତ ତଳେ ବୈତରଣୀ

ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁ ବୈତରଣୀ ନଦୀରେ ବନ୍ୟା ଆସିଛି। ଶନିବାର ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ଆଖୁଆପଦା ଆନିକଟଠାରେ ନଦୀର ଜଳସ୍ତର ବଢ଼ି ବିପଦ ସଙ୍କେତ ଟପିଥିଲା। ତେବେ ରବିବାର ଏଠାରେ ଜଳସ୍ତର ବିପଦ ସଙ୍କେତ ତଳକୁ ଖସିଛି। ସୂଚନା ଅନୁଯାୟୀ, ଶନିବାର ରାତି ଗୋଟାଏ ସମୟରେ ଆଖୁଆପଦାଠାରେ ନଦୀର ଜଳସ୍ତର ସର୍ବାଧିକ ୧୮.୯୯ ମିଟରରେ ପହଞ୍ଚି ସ୍ଥିର ହୋଇଯାଇଥିଲା। ରାତି ୩ଟାରେ ଧୀରେ ଧୀରେ ହ୍ରାସ ପାଇଥିଲା। ରବିବାର ମଧ୍ୟାହ୍ନ ୧୨ଟା ବେଳେ ଜଳସ୍ତର ବିପଦ ସଙ୍କେତ ୧୮.୩୩ ମିଟର ତଳକୁ ଆସିଥିଲା। ରାତି ୮ଟା ସୁଦ୍ଧା ଜଳସ୍ତର ୧୭.୭୧ ମିଟର ରହିଥିଲା। ତେବେ ନଦୀର କଣ୍ଟିଘାଇ ଦେଇ କେବଳ ବନ୍ୟାଜଳ ୬ ଫୁଟ ଉଚ୍ଚତାରେ ଜନବସତି ଆଡ଼କୁ ପ୍ରବେଶ କରି ବ୍ଲକର ୫ ପଞ୍ଚାୟତ ଷୋଳମପୁର, ମାଳଦା, ରହଣିଆ, ନପଙ୍ଗ ଓ କୁରିଗାଁକୁ ଜଳମଗ୍ନ କରିଛି। ବହୁ ଚାଷଜମି ବୁଡ଼ିଯାଇଛି। ବାହାଣିଆ, ସାରଣା, ଷଠଙ୍ଗା, ଚତୁର୍ଭୁଜପୁର, ଜୋରାଗଡ଼ିଆ ଆଦି ଗ୍ରାମ ରାସ୍ତା ବୁଡ଼ି ରହିଛି। ନଦୀରୁ ଜଳସ୍ତର କମିଯାଇଥିଲେ ମଧ୍ୟ କଣ୍ଟିଘାଇ ବନ୍ୟାଜଳରେ ଗ୍ରାମଗୁଡ଼ିକ ଜଳବନ୍ଦୀ ହୋଇଛି।

ଭଣ୍ଡାରିପୋଖରୀ-ମଣିନାଥପୁର ପୂର୍ତ୍ତ ରାସ୍ତାର ୨ଟି ସ୍ଥାନରେ ବନ୍ୟାଜଳ ପ୍ରବାହିତ ହୋଇ କିଛି ସମୟ ପାଇଁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ପରେ ପାଣି କମିଯାଇଥିଲା। ନଦୀର ବାଲିପୋଖରୀ ଏସ୍କେପ୍ ନିକଟକୁ ବନ୍ୟାଜଳ ଯାଇ ନ ଥିଲା। ହେଲେ କଣ୍ଟିଘାଇର ନିରାକରଣ କରା ନ ଯିବାରୁ ପୂର୍ବଭଳି ବନ୍ୟାଜଳ ପ୍ରବେଶ କରିଛି। ନଦୀରେ ଜଳ ପ୍ରବାହରେ ବାଧା ସୃଷ୍ଟି ହୋଇ ନ ଥିବାରୁ ବନ୍ୟା କ୍ଷୟକ୍ଷତି ଅଧିକ ହୋଇନାହିଁ ବୋଲି ଜଳସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# 'ଦେଶମାତୃକା ପାଇଁ ବଳିଦାନ ବ୍ୟର୍ଥ ଯିବନାହିଁ'



ଅତିଥିଙ୍କ ସହ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ର।

ଭଦ୍ରକ,୨୭।୭ (ସନାତନ ରାଉତ)

ରୋଟାରି କ୍ଲବ୍ ମିଡ୍‌ଟାଉନ ଭଦ୍ରକ ପକ୍ଷରୁ ଶନିବାର ଟାଉନ ହଲ୍‌ରେ କାର୍ଗିଲ୍ ବିଜୟ ଦିବସ ପାଳିତ ହୋଇଯାଇଛି। ରାଷ୍ଟ୍ର ପ୍ରେମରେ ନିଜକୁ ଅନୁପ୍ରାଣୀତ କରି ସମାଜ ପାଇଁ କିଛି ଜନହିତକର କାର୍ଯ୍ୟ କରିପାରିଲେ, ତାହା ହିଁ ଶହୀଦଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ। ଦେଶମାତୃକା ପାଇଁ ଶହୀଦମାନଙ୍କ ବଳିଦାନ କେବେ ବ୍ୟର୍ଥ ଯିବନାହିଁ ବୋଲି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଜିଲାପାଳ ଦିଲୀପ ରାଉତରାଏ କହିଥିଲେ। ଅନ୍ୟତମ ଅତିଥି ଭାବେ ଏସ୍‌ପି ମନୋଜ ରାଉତ, ରୋଟାରି ଗଭର୍ନର ମନୋଜ ତ୍ରିପାଠୀ, ଏନ୍‌ସିସି କର୍ନେଲ ଅନୀଲ କୁମାର, ରୋଟାରି ଆସିଷ୍ଟାଣ୍ଟ ଗଭର୍ନର ଦେବବ୍ରତ ଭଞ୍ଜ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ କାର୍ଗିଲ୍ ଯୁଦ୍ଧରେ ଭଦ୍ରକ ଜିଲାର ଏକମାତ୍ର ଶହୀଦ ନିରଞ୍ଜନ ବେହେରାଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ କ୍ୟାଣ୍ଡେଲ ଜଳାଇ ସମସ୍ତ କାର୍ଗିଲ ଶହୀଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ରୋଟାରିଆନ ପ୍ରୀତି ଅଗ୍ରୱାଲ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ସନ୍ଧ୍ୟା ଗୁପ୍ତା ସଭାରେ ପୌରୋହିତ୍ୟ କରିଥିଲେ। ରୋଟାରିଆନ ଅତିଶ ବେହେରା ଓ ଚୈତାଳୀ ଖିଲାର ଅତିଥି ପରିଚୟ ଦେଇଥିଲେ।

ଏହି ଅବସରରେ ବକ୍ତୃତା ଓ ଦେଶାତ୍ମବୋଧକ ସାଂସ୍କୃତିକ ନୃତ୍ୟ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଚାରକ ଭାବେ ଲଲାଟେନ୍ଦୁ ମହାନ୍ତି, ଅନୁଗ୍ରହ ଦୀକ୍ଷିତ, ରୁଦ୍ରମାଧବ ବାରିକ, ପ୍ରାଧାପିକା ସତୀରାଣୀ ମହାନ୍ତି, ପ୍ରାଧାପକ ସଂଗ୍ରାମ କେଶରୀ ମହାନ୍ତି, ଡ. ରମେଶ ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ। କ୍ଲବ୍‌ର ବେଦପ୍ରକାଶ ଗୁପ୍ତା, ରତନଲାଲ ଗୁପ୍ତା, ପ୍ରମୋଦ ଲାଖାନୀ, ରାହୁଲ ଖେରିଆ, ଅଶୋକ ଲାଖାନୀ, ଗୌରବ ଅଗ୍ରୱାଲ, ଅଞ୍ଜୁ ଗୁପ୍ତା, ପୁଷ୍ପିତା ଜେନା, ପ୍ରିୟଦର୍ଶନୀ ମଲ୍ଲିକ, ରତନ ଗୁପ୍ତା, ସନାତନ ଜେନା, ନିରଞ୍ଜନ ମଲ୍ଲିକ, ମନୋଜ ଅଗ୍ରୱାଲଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ପାଦକ ସୀଲୁ ଲାଖାନୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଛାତ୍ର ଜାଗୃତି ଅଭିଯାନ

ଭଦ୍ରକ,୨୭।୭ (ସନାତନ ରାଉତ)

ଭଦ୍ରକ ନୂଆବଜାରସ୍ଥିତ ଭାଗବତ କଲ୍ୟାଣ ମଣ୍ଡପରେ ରବିବାର ଅପରାହ୍ନରେ ନବନିର୍ମାଣ ଯୁବ ଛାତ୍ର ସଙ୍ଗଠନ ପକ୍ଷରୁ ଛାତ୍ର ଜାଗୃତି ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଂଯୋଜକ ଏମ୍‌ଡି ମନୱର ଅଲ୍ଲୀଙ୍କ ସଞ୍ଚାଳନ ଓ ଜିଲା ସଂଯୋଜକ ଜହିର ଖାନଙ୍କ ନେତୃତ୍ୱରେ କର୍ମକର୍ତ୍ତା ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସଂଯୋଜକ ଅଲ୍ଲୀ କହିଛନ୍ତି, ଦେଶକୁ ଗଢ଼ି ତୋଳିବାରେ ଛାତ୍ରୀଛାତ୍ରଙ୍କ ପ୍ରମୁଖ ଭୂମିକା ରହିଛି। କିନ୍ତୁ ଯୁବଛାତ୍ରଙ୍କ ଉପରେ କଲେଜ କ୍ୟାମ୍ପସରେ ଅତ୍ୟାଚାର ହେଉଛି। ବାଲେଶ୍ୱର ଏଫ୍‌ଏମ୍ କଲେଜର ମୃତ ଛାତ୍ରୀଙ୍କ ସ୍ମୃତିରେ ଓଡ଼ିଶାରେ ଛାତ୍ର ଜାଗୃତି ଅଭିଯାନ ଆରମ୍ଭ ହୋଇଛି। ଛାତ୍ରୀଛାତ୍ର ହାତକୁ ହାତ ମିଶାଇ ଏକଜୁଟ ହେଲେ ଛାତ୍ର ସମାଜ ମୁକ୍ତିର ପଥ ଦେଖିବ। ସଙ୍ଗଠନ ପକ୍ଷରୁ ଅଗଷ୍ଟ ୪ରୁ ୧୮ ଯାଏ ବାଲେଶ୍ୱରରୁ ଭୁବନେଶ୍ୱର ପଦଯାତ୍ରା କରାଯିବ ବୋଲି ସମ୍ମିଳନୀରେ ସୂଚନା ଦିଆଯାଇଛି। ସବିର ଖାନ, ସେକ ଭୁଟୁ, ସେକ ରାଜା, ସାଜିଦ ଖାନ ପ୍ରମୁଖ ଉପସ୍ଥିତ ଥିଲେ।

# କାଉଡ଼ିଆଙ୍କୁ ପୀଠକୁ ଯିବାକୁ ବାରଣ କଲା ପୋଲିସ

ଧୁଷୁରୀ, ୨୭।୭ (ଦୀପ୍ତିରଞ୍ଜନ ନାୟକ)

## ଆରଡ଼ି-ଯାଜପୁର ଯୋଗାଯୋଗ ବିଚ୍ଛିନ୍ନ

ଚାନ୍ଦବାଲି ବ୍ଲକ ଓଳଗ ପଞ୍ଚାୟତର ବୋଡ଼କ ନିକଟରେ ୨୦ ନଂ. ଜାତୀୟ ରାଜପଥ ଉପରେ ବୈତରଣୀ ନଦୀର ବନ୍ୟାଜଳ ପ୍ରାୟ ୩ ଫୁଟ ଉଚ୍ଚରେ ପ୍ରବାହିତ ହେଉଛି। ଫଳରେ ଆରଡ଼ି-ଯାଜପୁର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଆରଡ଼ି ଆଖଣ୍ଡଳମଣି ପୀଠକୁ ଜଳଲାଗି କରିବାକୁ ଆସୁଥିବା କାଉଡ଼ିଆଙ୍କୁ ରବିବାର ଅପରାହ୍ନଠାରୁ ଏଠାକୁ ଯିବାକୁ ବାରଣ କରାଯାଇଛି। ନଦୀରେ କୁମ୍ଭୀର ଅଛନ୍ତି ଓ ରାସ୍ତାରେ ଜଳସ୍ରୋତ ଯୋଗୁ ଜୀବନ ପ୍ରତି ବିପଦ ଥିବା ଧୁଷୁରୀ ପୋଲିସ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରିଛି। ସମସ୍ତ ଯାନକୁ ଅଟକାଯାଇଛି। ବନ୍ୟାଜଳ ପ୍ରବାହିତ ହେବାରୁ ଓଳଗ, ସୁନ୍ଦରପୁର, ନାନ୍ଦପୁର, ଆରଡ଼ି ଆଦି ପଞ୍ଚାୟତ ଅଧୀନ ସମସ୍ତ ଗାଁର ଚାଷଜମି ବୁଡ଼ି ଯାଇଥିବା ବେଳେ ଫସଲ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ବୈତରଣୀ ଏବଂ କୋଚିଲା ନଦୀର ବନ୍ୟା ଯୋଗୁ ଧାମନଗର ବ୍ଲକ ଅଧୀନ ହସନାବାଦ ପଞ୍ଚାୟତର ଅସ୍ତ୍ରକ, ଅନଳଡିହ, ଗୋପବନ୍ଧୁନଗର, ମଠସାହି, ବନବାଗ ଏବଂ ଅର୍ଜୁନପୁର ପଞ୍ଚାୟତର ବାଲିପାଟଣା, ସଇଲୋ, ମମାଦୁଲା ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି। ଧୁଷୁରୀ- ଯାଜପୁର ରାସ୍ତା ସଂଯୋଗ ବିଚ୍ଛିନ୍ନ ହୋଇଯାଇଛି। କୋଚିଲା ନଦୀରେ ପାଣି ବଢ଼ିବାରୁ ପଙ୍ଗଟା ଘାଟ ବ୍ରିଜ୍ ଛାତରେ ପିଟି ହେଉଛି। ବିପଦସଙ୍କୁଳ ବ୍ରିଜ୍ ଏବଂ ଉପରମୁଣ୍ଡରେ ଦୁର୍ବଳ ନଦୀବନ୍ଧ ଥିବାରୁ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଭଦ୍ରକ ଜିଲା ପ୍ରଶାସନିକ ଅଧିକାରୀ ପହଞ୍ଚି ବନ୍ୟା ସ୍ଥିତି ଅନୁଧ୍ୟାନ କରିଛନ୍ତି।



୨୦ ନଂ. ଜାତୀୟ ରାଜପଥ ଉପରେ ବନ୍ୟାଜଳ ପ୍ରବାହିତ।

# ଚାରାରୋପଣ, ସଚେତନତା ସଭା

ଭଦ୍ରକ,୨୭।୭ (ରବିନାରାୟଣ ଖିଲାର)

ବନ ମହୋତ୍ସବ ମାସ ଉପଲକ୍ଷେ ଉତ୍କଳ ସାମ୍ବାଦିକ ସଂଘ ସହବନ୍ଧିତ ଭଦ୍ରକ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ରବିବାର ମନମୋହନ ସଙ୍ଗୀତ ପରିଷଦ ପ୍ରାଙ୍ଗଣରେ ଚାରାରୋପଣ, ସଚେତନତା ସଭା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିବେଶ ସୁରକ୍ଷା ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ଖବରଦାତା ରାମନାରାୟଣ ମହାନ୍ତିଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧୀର ରଞ୍ଜନ ନାୟକ ଓ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ତଥା ରୋଟାରିଆନ ଜିଲା ସମ୍ପାଦକ ବାଦଲ ମହାପାତ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଶିଷ୍ଟ ଅତିଥି ଭାବେ ଅଧ୍ୟକ୍ଷ ନୀହାର ରଞ୍ଜନ କର, ଖବରଦାତା ନୀହାର ଦାସ, ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗର କର୍ମଚାରୀ ମିନାକ୍ଷୀ ଗଡ଼ବରୁ, ଖବରଦାତା ଅବିନାଶ ପଣ୍ଡା, ଅଶ୍ୱିନୀ ପାଢ଼ୀ, ପ୍ରଦୀପ ବଳ, ସୁଜୟ ପାକଳ, ଉପସଭାପତି ସଞ୍ଜୀବ ନାୟକ, ଅବଦୁଲ ଫିରୋଜ ଖାଁ, ଅଶୋକ ସାହୁ, ଜୟ ଜଗନ୍ନାଥ ମଲ୍ଲିକ, ଆଲୋକ ନାୟକ, ଜଗବନ୍ଧୁ ପତି, ସୌଜନ୍ୟ ପ୍ରକାଶ ପାଣିଗ୍ରାହୀ, ସୁଶାନ୍ତ ରାଉତ, ସେକ ଜାଫର ଅଲ୍ଲୀ, ମନୋରଞ୍ଜନ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ଜାନକୀ ପାଢ଼ୀ, ସଂଯୁକ୍ତା ଯାଦବ, ଅଞ୍ଜନା ମିଶ୍ର, ମନୋରମା ରାୟ, ସଂଯୁକ୍ତା ବଳ ନାୟକ, ଗୀତାଞ୍ଜଳି ଅଗସ୍ତି, ଶ୍ରଦ୍ଧା ମିଶ୍ର ପ୍ରମୁଖ ବୃକ୍ଷ ଉପରେ କବିତା ପାଠ କରିଥିଲେ। କଣ୍ଠଶିଳ୍ପୀ ଶଶିକଳା ମିଶ୍ର ପ୍ରାରମ୍ଭିକ ସଙ୍ଗୀତ ଗାଇଥିଲେ। ଆଦ୍ୟାଶା ପାକଳ, ସରୋଜ ନାୟକ ପ୍ରମୁଖ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିଲେ। ଖବରଦାତା ଅପୂର୍ବ ରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।


ସଚେତନତା ସଭାରେ ଉପସ୍ଥିତ ଅତିଥି।

# ଭୁଲ୍ ଚିକିତ୍ସାରୁ ହାତ ହରାଇଲେ ନାବାଳକ

ଭଦ୍ରକ,୨୭।୭ (ସନାତନ ରାଉତ)

## ଥାନାରେ ମାମଲା ରୁଜୁ, ତଦନ୍ତରେ ବିଳମ୍ବ ଅଭିଯୋଗ

ବାଇକ୍ ଦୁର୍ଘଟଣାରେ ଜଣେ ନାବାଳକ ତଥା ମେଧାବୀ ଛାତ୍ରଙ୍କ ହାତ ଭାଙ୍ଗିଯାଇଥିଲା। ଚିକିତ୍ସା ଅବହେଳାରୁ ଭାଙ୍ଗିଥିବା ହାତ ହରାଇବାକୁ ପଡ଼ିଲା। ଏନେଇ ଭଦ୍ରକ ଟାଉନ ଥାନାରେ ଅଭିଯୋଗ ପରେ ମାମଲା ରୁଜୁ କରାଯାଇଛି। ଗତ ୧୬ ତାରିଖରୁ ମାମଲା ରୁଜୁ କରାଯାଇଥିଲେ ମଧ୍ୟ ଡାକ୍ତରଙ୍କୁ ଥାନାକୁ ଆଣି ପଚରାଉଚରା କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ କରି ନାବାଳକଙ୍କ ପରିବାର ଲୋକେ ଗଣମାଧ୍ୟମକୁ ଜଣାଇବା ପରେ ଘଟଣା ସାମ୍ନାକୁ ଆସିଛି।

ସୂଚନା ଅନୁଯାୟୀ, ଚାନ୍ଦବାଲି ଥାନା ଅଧୀନ ତଳବନ୍ଧ ଅଞ୍ଚଳର ଶରତ ଚନ୍ଦ୍ର ରାଉତ ତାଙ୍କ ପୁଅ ପ୍ରତ୍ୟୁଷ(୧୬)ଙ୍କୁ ଗତ ଜୁନ୍ ୧୫ରେ ବାଇକ୍‌ରେ ନେଇଯାଉଥିବା ବେଳେ ଏକ ଗାଈ ସହ ଧକ୍କା ହେବାରୁ ଦୁର୍ଘଟଣା ଘଟିଥିଲା। ବାଇକ୍‌ଟି ପଡ଼ିଯାଇ ପୁଅର ବାମହାତ ଭାଙ୍ଗିଯିବାରୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟର ଅସ୍ଥିଶଲ୍ୟ ବିଭାଗର ଅଭିଜ୍ଞ ଡାକ୍ତରଙ୍କୁ ଦେଖାଇବାକୁ ଶରତ ଭଦ୍ରକର ଘରୋଇ କ୍ଲିନିକକୁ ତାଙ୍କୁ ନେଇଥିଲେ। ଏକ୍ସ-ରେ ରିପୋର୍ଟ ଦେଖିବା ପରେ ୨ ଦିନ ପରେ ଅପରେଶନ କରାଯିବ ବୋଲି ଡାକ୍ତର କହିବା ସହ ପେନ୍‌କିଲର୍ ଦେବାକୁ ପରାମର୍ଶ ଦେଇଥିଲେ। ୧୭ ତାରିଖରେ ଅନ୍ୟ ଏକ ନର୍ସିଂହୋମ୍‌ରେ ଅପରେଶନ କରିବା ପାଇଁ ଡାକ୍ତର ଜଣକ ଡାକିଥିଲେ। ସନ୍ଧ୍ୟା ୬ଟାରେ ଅପରେଶନ ଥିଏଟରରେ ନାବାଳକଙ୍କୁ ଭର୍ତ୍ତି କରାଯାଇଥିବା ବେଳେ ରାତି ୧ଟା ୧୫ ପର୍ଯ୍ୟନ୍ତ ବାହାରି ନ ଥିଲେ। ପରିବାର ଲୋକଙ୍କୁ ଡାକ୍ତର ଅପରେଶନ ଥିଏଟର୍‌କୁ ଡକାଇ ହାତରେ ବ୍ୟାଣ୍ଡେଜ ହୋଇଥିବା ସ୍ଥାନଟି ସମ୍ପୂର୍ଣ୍ଣ ପଚିଯାଇଥିବା ଦେଖାଇଥିଲେ। ବଡ଼ ମେଡିକାଲ କିମ୍ବା କୌଣସି ଘରୋଇ ହସ୍ପିଟାଲକୁ ନେବାକୁ ସେ କହିଥିଲେ। ସେହି ରାତିରେ ପରିବାର ଲୋକେ ପ୍ରତ୍ୟୁଷଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ ନେଇଯାଇଥିଲେ। ସେଠାରେ ପରୀକ୍ଷା ପରେ ଭୁଲ୍ ଚିକିତ୍ସା ହୋଇଥିବାରୁ ହାତର ସ୍ନାୟୁ ସବୁ ନଷ୍ଟ ହୋଇଯାଇଛି। ହାତଟି ସମ୍ପୂର୍ଣ୍ଣ ପଚିଯାଇଥିବାରୁ ହାତ କାଟିବା ବ୍ୟତୀତ ଅଲଗା କିଛି ବିକଳ୍ପ ନାହିଁ ବୋଲି ସେଠାରେ ଡାକ୍ତର ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାରର ସମ୍ମତିକ୍ରମେ ବାମହାତ କହୁଣିଠାରୁ କାଟି ଦିଆଗଲା। ଭଦ୍ରକ ନର୍ସିଂହୋମ୍‌ରେ ପ୍ରଥମେ ଭୁଲ୍ ଚିକିତ୍ସା କରାଯାଇଥିବାରୁ ଏପରି ଘଟିଥିବା ନେଇ ଶରତ ଜୁଲାଇ ୧ରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ ପରେ ମାମଲା (ନଂ.୪୦୭/୨୫) ରୁଜୁ କରିଛି। ଭୁଲ୍ ଚିକିତ୍ସା କରିଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ କ୍ଷତିପୂରଣ ପାଇଁ ଶରତ ଥାନାରେ ଦାବି ଜଣାଇଥିଲେ। ୩ ଥର ଟାଉନ ଥାନାକୁ ଆସି ଦେଖା କରିଥିଲେ ମଧ୍ୟ ଚିକିତ୍ସାରେ ଅବହେଳା କରିଥିବା ଡାକ୍ତର ଏମ୍. ମନୋଜଙ୍କୁ ଥାନାକୁ ଡାକି ଏପର୍ଯ୍ୟନ୍ତ ପଚରାଉଚରା କରାଯାଇ ନ ଥିବାରୁ ଶରତ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ର କହିଛନ୍ତି, ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଛି। ମେଡିକାଲ ବୋର୍ଡ ଅଭିଯୋଗର ତଦନ୍ତ କରି ଚିକିତ୍ସାରେ ଅବହେଳା ହୋଇଛି ବୋଲି ରିପୋର୍ଟ ପ୍ରଦାନ କଲେ ଡାକ୍ତରଙ୍କୁ ହାଜର ପାଇଁ ନୋଟିସ କରାଯିବ ଓ ବୟାନ ରେକର୍ଡ କରାଯିବ। ଅଭିଯୋଗ ସମ୍ପର୍କରେ ଡା. ଏମ୍. ମନୋଜଙ୍କୁ ପଚାରିବାରୁ ଭଦ୍ରକରେ ଠିକ୍ ଚିକିତ୍ସା କରାଯାଇଛି। ସମସ୍ତ ଚିକିତ୍ସା ବିଷୟରେ ନାବାଳକଙ୍କ ପରିବାର ଲୋକ ଅବଗତ ନ ଥିବାରୁ ଥାନାରେ ଏତଲା ଦେଇଛନ୍ତି ବୋଲି ସେ କହିଛନ୍ତି।

## ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ରାଇରଙ୍ଗପୁର, (ମାନସ ମହାନ୍ତି): ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଞ୍ଚଳରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ସେ ହେଲେ କୁନି ନାଏକ ( ୫୫ )। ଗୁରୁତର ଅବସ୍ଥାରେ କୁନିଙ୍କୁ ପରିବାରବର୍ଗ ମଣଦାସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହକୁ ଜବତ କରି ରାଇରଙ୍ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

ମୟୂରଭଞ୍ଜ

# ବନ୍ୟାରେ ୩୩୪୪ ଲୋକ ପ୍ରଭାବିତ

## ସୁବର୍ଣ୍ଣରେଖାରେ କମୁଛି ଜଳସ୍ତର, ବଢୁଛି ଦୁର୍ଦ୍ଦଶା

ବାରିପଦା,୨୭।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ଉପଜିଲାପାଳ ଦୟାସିନ୍ଧୁ ପରିଡ଼ା ରାସଗୋବିନ୍ଦପୁର ବ୍ଲକର ଟିକାୟତପୁର ଗ୍ରାମରେ ବନ୍ୟା ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ମୟୂରଭଞ୍ଜ ଜିଲା ଦେଇ ପ୍ରବାହିତ ନଦୀଗୁଡ଼ିକର ଜଳସ୍ତର ରବିବାର ହ୍ରାସ ପାଇଛି। ସୁବର୍ଣ୍ଣରେଖା ନଦୀରେ ବନ୍ୟାଜଳ କମିଥିଲେ ମଧ ନଦୀ ସଂଲଗ୍ନ ଅଞ୍ଚଳଗୁଡ଼ିକରେ ଦୁର୍ଦ୍ଦଶା ବଢ଼ିଯାଇଛି। ଧାନ ଚାଷ ପ୍ରଭାବିତ ହୋଇଥିବା ବେଳେ ପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଜିଲା ଓ ବ୍ଲକ ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିର ଆକଳନ ଜାରି ରହିଥିବା ବେଳେ ଜନଜୀବନକୁ ସୁରକ୍ଷିତ ରଖିବାକୁ ଉଦ୍ୟମ ଜାରି ରଖାଯାଇଛି।

ଲଗାଣ ବର୍ଷା ଯୋଗୁ ଜିଲାର ୩ଟି ବ୍ଲକରେ ବନ୍ୟା ସ୍ଥିତି ଉପୁଜିଛି। ଫଳରେ ୨୫ ପଞ୍ଚାୟତ ଅଧୀନ ୩୫ ଗ୍ରାମର ୩୩୪୪ ଲୋକ ପ୍ରଭାବିତ ହୋଇଛନ୍ତି। ଜିଲା ଦେଇ ପ୍ରବାହିତ ସୁବର୍ଣ୍ଣରେଖା ନଦୀରେ ବନ୍ୟା ସ୍ଥିତି ଦେଖାଦେଇଥିଲା। ଝାଡ଼ଖଣ୍ଡ ରାଜ୍ୟ ଗାଲୁଡିହୀ ଡ୍ୟାମ୍‌ରୁ ପାଣି ଛଡ଼ା ହେବାରୁ ସୁବର୍ଣ୍ଣରେଖାରେ ବନ୍ୟାଜଳ ଆସିଥିଲା। ଶନିବାର ବିଳମ୍ବିତ ରାତିରେ ଏହି ଜଳ ସାରସକଣା ବ୍ଲକ ଶୀର୍ଷା ପଞ୍ଚାୟତର ନେଦା ଓ ବଣଗାଁ ଗ୍ରାମରେ ପ୍ରବେଶ କରିଥିଲା। ଫଳରେ ଦୁଇ ଗାଁ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ଲୋକଙ୍କ ଘରେ ବନ୍ୟାପାଣି ପଶିଥିବା ବେଳେ ଅନେକ ଚାଷଜମିରେ ବାଲିସ୍ତର ପଡ଼ିଛି। ଯାହାକୁ ନେଇ ଗ୍ରାମବାସୀଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ସେହିପରି ରବିବାର ଅପରାହ୍ନ ସୁଦ୍ଧା ରାସଗୋବିନ୍ଦପୁର ବ୍ଲକ ଅଧୀନ ଟିକାୟତପୁର ଗ୍ରାମରେ ବନ୍ୟା ଜଳ ପ୍ରବେଶ କରିବାର ଆଶଙ୍କା ଦେଖାଦେଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଓଡ୍ରାଫ ଟିମ୍ ଓ ଦମକଳ ବାହିନୀ ନିୟୋଜିତ ଥିଲେ। ବାରିପଦା ସଦର ଉପଜିଲାପାଳ ଦୟାସିନ୍ଧୁ ପରିଡ଼ା ଉକ୍ତ ଗ୍ରାମରେ ଉପସ୍ଥିତ ରହି ବନ୍ୟା ସ୍ଥିତି ଅନୁଧ୍ୟାନ କରିଥିଲେ। ଗ୍ରାମବାସୀ ଓ ଗୃହପାଳିତ ପ୍ରାଣୀଙ୍କୁ ସ୍ଥାନାନ୍ତର କରାଯାଇଥିଲା। ବନ୍ୟା ଆଶଙ୍କା କରାଯାଇ ଜିଲା ପ୍ରଶାସନ ପକ୍ଷରୁ ଲୋକଙ୍କୁ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିଲା। ସେହିପରି ଜମ୍ବିରା ନଦୀରେ ଜଳସ୍ତର ହ୍ରାସ ପାଇଥିବା ବେଳେ ବ୍ୟାପକ ଚାଷ ନଷ୍ଟ ହୋଇଛି। ପ୍ରଶାସନ ପକ୍ଷରୁ ୭ଟି ସହାୟତା କେନ୍ଦ୍ର ଖୋଲାଯାଇଥିବା ବେଳେ ୨୫୦୦ ଲୋକଙ୍କୁ ରନ୍ଧା ଓ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଇଛି। ଜିଲାପାଳ ହେମକାନ୍ତ ସୟ, ଏସ୍‌ପି ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ, ଈଶ୍ୱର ଚନ୍ଦ୍ର ନାଏକଙ୍କ ସମେତ ଉଚ୍ଚପଦସ୍ଥ ଅଧିକାରୀମାନେ ବିଭିନ୍ନ ସ୍ଥାନ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି। ଜଳ ହ୍ରାସ ପାଇବା ପରେ କ୍ଷୟକ୍ଷତି ଆକଳନ କରାଯାଇ ରିପୋର୍ଟ ପ୍ରଦାନ କରାଯିବ ବୋଲି ଜିଲା ଜରୁରୀକାଳୀନ ଅଧିକାରିଣୀ ଶ୍ରଦ୍ଧା ସୁମନ ସୂଚନା ଦେଇଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍‌ରେ ସାନ୍ତାଳୀ ଶାଢୀକୁ ପ୍ରଶଂସା


ବାଙ୍ଗରିପୋଷି ବ୍ଲକ ଚନ୍ଦନପୁର ଗ୍ରାମର ମହିଳାମାନେ ସାନ୍ତାଳୀ ଶାଢୀ ଦେଖାଉଛନ୍ତି।

ବାରିପଦା, ୨୭।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୨୪ତମ ମନ୍ କି ବାତ୍ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲାର ଆଦିବାସୀ ମହିଳାଙ୍କ ଲୁଗାବୁଣା କାର୍ଯ୍ୟକୁ ପ୍ରଶଂସା କରାଯାଇଛି। ଏଠାରେ ୬୫୦ରୁ ଊର୍ଦ୍ଧ୍ୱ ମହିଳା ସାନ୍ତାଳୀ ଶାଢୀକୁ ପୁନର୍ଜୀବିତ କରିଛନ୍ତି। ତନ୍ତରେ ଲୁଗାବୁଣି ରୋଜଗାରକ୍ଷମ ହେବା ସହ ଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ମୟୂରଭଞ୍ଜ ଜିଲାର ବାଙ୍ଗରିପୋଷି, ଖୁଣ୍ଟା ଓ ଉଦଳା ବ୍ଲକ ଅଞ୍ଚଳରେ ଏବେ ଆଦିବାସୀ ମହିଳାମାନେ ସାନ୍ତାଳୀ ଶାଢୀ ସହ ଷ୍ଟୋଲ, ଗାମୁଛା, ବ୍ଲାଉଜ ପିସ୍, ଡ୍ରେସ ପିସ୍ ଆଦି ବୁଣାବୁଣି କରୁଛନ୍ତି। ପ୍ରାକୃତିକ ରଙ୍ଗକୁ ଉପଯୋଗ କରି ଏଠାରେ ସୂତାକୁ ରଙ୍ଗ କରାଯାଉଛି। ଡୁମୁରିଆ ତନ୍ତୁବାୟ ସହଯୋଗ ସମିତି, ଚନ୍ଦନପୁର ତନ୍ତୁବାୟ ସହଯୋଗ ସମିତିରେ ମହିଳାମାନେ ତାଲିମ ଗ୍ରହଣ କରି ନିଜକୁ ତନ୍ତବୁଣାରେ ନିୟୋଜିତ ହୋଇ ଭଲ ରୋଜଗାର କରିପାରୁଛନ୍ତି। ସେହିପରି ବାଙ୍ଗାଲୋରର ମୌନଧନି ଫାଉଣ୍ଡେଶନ ଆନୁକୂଲ୍ୟରେ କେବଳ ଆଦିବାସୀ ମହିଳାଙ୍କୁ ପ୍ରଶିକ୍ଷଣ ଦେଇ ଜିଲାର ଡୁକୁରା, ଭଣ୍ଡଗାଁ, ଅତାନଟୀ, କାହ୍ନୁପୁର, ଧନାପନା, କରକଚିଆ, ଦୁବରାଜପୁର, ଧାନଘେରା, ସୁନପାଳ, ବାମନଗଡ, ଧଡାକେନ୍ଦୁ, ଅସ୍ତିଆ, ଚୁଳିଆପୋଷି ଆଦି ଅଞ୍ଚଳରେ ତନ୍ତବୁଣା ଲଗା ବୁଣାଳୀଙ୍କ ଦ୍ୱାରା ଏହିସବୁ ପରିଧାନ ଉତ୍ପାଦନ କରାଯାଉଛି। ଏହାଦ୍ୱାରା ମହିଳାମାନେ ମାସକୁ ୭ ହଜାରରୁ ୧୪ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିପାରୁଛନ୍ତି। ରବିବାର ପ୍ରଧାନମନ୍ତ୍ରୀ ମନ୍ କି ବାତ୍ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ମହିଳା ବୁଣାକାରଙ୍କ କଥା କହିଥିବା ଯୋଗୁ ସମସ୍ତେ ଉତ୍ସାହିତ ହୋଇଛନ୍ତି। ବୁଣାକାର ମହିଳା ସୀତା ମୁର୍ମୁ ଓ କାପୁରା ମୁର୍ମୁ କହନ୍ତି, ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆଦିବାସୀ ମହିଳା ଏବଂ ସେମାନେ ବୁଣାକାର ଭାବେ ନିଜ ସମ୍ପ୍ରଦାୟର ଶାଢୀ ତିଆରି କରୁଥିବାରୁ ତାହାକୁ ପ୍ରଶଂସା କରିଛନ୍ତି। ଯାହା ଶୁଣିବା ପରେ ବୁଣାକାର ଆଦିବାସୀ ମହିଳାଙ୍କ ମଧ୍ୟରେ ବେଶ ଉତ୍ସାହ ପରିଲକ୍ଷିତ ହୋଇଛି। ବୁଣାକାର ଲୋକମାନେ ଘରୁ ପାଦ କାଢି ଦୀର୍ଘ ବର୍ଷ ଧରି ଏହି କାମ କରୁଛନ୍ତ। ନିଜ ସମ୍ପ୍ରଦାୟର ଶାଢୀ ଏବଂ ଅନ୍ୟାନ୍ୟ ସାମଗ୍ରୀ ପ୍ରସ୍ତୁତ କରି ବେଶ ରୋଜଗାରକ୍ଷମ ହୋଇପାରିଛନ୍ତି। ସରକାରଙ୍କ ପକ୍ଷରୁ ସହଯୋଗ ମିଳିପାରିଲେ ଆଦିବାସୀ କଳା ଓ ସଂସ୍କୃତିକୁ ନିଦର୍ଶନ କରୁଥିବା ଆଦିବାସୀ ପୋଷାକ ଆଗାମୀ ଦିନରେ ସବୁଠି ପହଞ୍ଚିପାରିବା ସହ ଲୋକପ୍ରିୟ ହୋଇପାରିବ ବୋଲି ଆଶା ପ୍ରକଟ କରିଛନ୍ତି। ବୁଣାକାର ମହିଳା ଗୀତାଳୀ ବେହେରା, ସସ୍ମିତା ବେହେରା, ରୁପାଲି ବେହେରା, ସନ୍ଧ୍ୟାରାଣୀ ସାହୁ ଓ ଟ୍ରେନର ଚନ୍ଦ୍ରଶେଖର ଦାସ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ଏହା ଆଗକୁ ବଢିବାର ପ୍ରେରଣା ଯୋଗାଇଛନ୍ତି ବୋଲି କହିଛନ୍ତି।

## ବିଜେଡିର ବ୍ଲକ୍, ଏନ୍‌ଏସି ସଭାପତିଙ୍କ ନାମ ଘୋଷିତ

ରାଇରଙ୍ଗପୁର,୨୭।୭(ମାନସ ମହାନ୍ତି)

ବିଜୁ ଜନତା ଦଳର ରାଜ୍ୟ ଅଧ୍ୟକ୍ଷ ନବୀନ ପଟ୍ଟନାୟକ ଶନିବାର ମୟୂରଭଞ୍ଜ ଜିଲା (ସଦର)ର ବ୍ଲକ୍ ଓ ଏନ୍‌ଏସି ସଭାପତିଙ୍କ ନାମ ଘୋଷଣା କରିଛନ୍ତି। ରାଇରଙ୍ଗପୁର, ସାରଶକଣା, ଯଶିପୁର ଏବଂ କରଞ୍ଜିଆ ନିର୍ବାଚନ ମଣ୍ଡଳୀର ୧୩ ଗୋଟି ବ୍ଲକ୍ ସମେତ ପୌର ପରିଷଦ ଏବଂ ଏନ୍‌ଏସି ଅଞ୍ଚଳର ସମ୍ପୃକ୍ତ ଦଳୀୟ ସଭାପତିଙ୍କ ନାମ ତାଲିକାରେ ମୋହର ମାରିଛନ୍ତି। ଏ ନେଇ ସଦର ସଂଗଠନ ନିର୍ବାଚନ ଅଧିକାରୀ ଓକିଲ ଗୌରୀ ଶଙ୍କର ଦତ୍ତ ନୂତନ ସଭାପତିଙ୍କ ନାମ ପ୍ରେସ୍ ଇସ୍ତାହାର ମାଧ୍ୟମରେ ଘୋଷଣା କରିଛନ୍ତି। ଏଥିରେ ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀ ରାଇରଙ୍ଗପୁର ପୌର ପରିଷଦରେ ବିଶ୍ୱଜିତ୍ ପଣ୍ଡା, ବ୍ଲକ୍‌ର ସଚ୍ଚି ମହାନ୍ତ, ସେହିଭଳି ଯାମଦାର ଡୁମୁକା ହେମ୍ବ୍ରମ, ବହଳଦାର ହରେକୃଷ୍ଣ ମଣ୍ଡଳ, ତିରିଙ୍ଗର ବଳଦେବ ହେମ୍ବ୍ରମ, ସାରଶକଣା ନିର୍ବାଚନ ମଣ୍ଡଳୀ ସରଶକଣାର ମଣିଶଙ୍କର ବାରିକ, ବିଶୋଇର ରଞ୍ଜନ କୁମାର ନନ୍ଦ ଏବଂ ବିଜାତଳାର ମାଝିଆ ରାମ ଟୁଡୁ। ଯଶିପୁର ନିର୍ବାଚନ ମଣ୍ଡଳୀ କରଞ୍ଜିଆ ବ୍ଲକ୍‌ର ପଙ୍କଜ କୁମାର ମହାନ୍ତ, କରଞ୍ଜିଆ ଏନ୍‌ଏସର ଗୌରୀ ଶଙ୍କର ସିହ୍ନା, ଠାକୁରମୁଣ୍ଡାର ଚନ୍ଦ୍ରଶେଖର ପଣ୍ଡା। ଯଶିପୁର ନିର୍ବାଚନ ମଣ୍ଡଳୀର ଯଶିପୁର ବ୍ଲକ୍ ସଭାପତି ଦର୍ପ ନାରାୟଣ ମହାନ୍ତ, ରରୁଆର ମନ୍ମଥ କୁମାର ଗିରି, କୁସୁମୀର ସୁଲତାନ ହେମ୍ବ୍ରମ ଏବଂ ଶୁକୁଳୀର ପାତିକାରୁଆ ପ୍ରମୁଖଙ୍କ ନାମ ଉଲ୍ଲେଖ କରାଯାଇଛି।

## ବୁଢ଼ାବଳଙ୍ଗରେ ବନ୍ୟାସ୍ଥିତି ଅନୁଧ୍ୟାନ କଲେ ବିଧାୟକ


ବିଧାୟକ ବନ୍ୟାସ୍ଥିତି ଅନୁଧ୍ୟାନ କରୁଛନ୍ତି।

ବୈଶିଙ୍ଗା,୨୭।୭(ରତନ ଦାଶ)

ମୟୂରଭଞ୍ଜ ଜିଲାର ବେତନଟୀ ବ୍ଲକ୍ ତଥା ବୈଶିଙ୍ଗା ଥାନା ଅନ୍ତର୍ଗତ ପାଟଳିପୁରା ପଞ୍ଚାୟତରେ ଥିବା ବୁଢ଼ାବଳଙ୍ଗ ନଦୀର ବନ୍ୟା ପରିସ୍ଥିତି ଶନିବାର ଜିଲାପାଳ ହେମକାନ୍ତ ସଏ, ଏସ୍‌ପି ବରୁଣ ଗୁଣ୍ଟୁପାଲି ଓ ବିଧାୟକ ସନାତନ ବିଜୁଳି ଅନୁଧ୍ୟାନ କରିଛନ୍ତି। ଏହି ସମୟରେ ବିଭାଗୀୟ ଦାୟିତ୍ୱ ହୀନତାକୁ ନେଇ ବିଧାୟକ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସୂଚନା ମୁତାବକ, ୧୮ ନଂ. ଜାତୀୟ ରାଜପଥର ବୈଶିଙ୍ଗାଠାରୁ ବଡ଼ସାହି ଓ ଉଦଳା ହୋଇ ଠାକୁରମୁଣ୍ଡା ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ନାଖରାଠାରେ ବୁଢ଼ାବଳଙ୍ଗ ନଦୀ ଉପରେ ଥିବା ସେତୁ ନିକଟରେ ନଦୀଜଳ ବଢୁଥିଲା। ଖବର ପାଇ ଶନିବାର ରାତି ୯ଟାରେ ସ୍ଥାନୀୟ

### ବିଭାଗର ଦାୟିତ୍ୱହୀନତାକୁ ନେଇ ଅସନ୍ତୋଷ

ବିଧାୟକ ସନାତନ ବିଜୁଳି ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ସେତୁ ନିକଟରେ ଥିବା ଆଡ଼ିବନ୍ଧରେ ଫାଟ ସୃଷ୍ଟି ହୋଇଥିବା ଯୋଗୁ ନିକଟବର୍ତ୍ତୀ ପାଟଳୀପୁରା, ପ୍ରତିମାଦେଇପୁର, ନାଖରା, ଦାରିହା, ସିଙ୍ଗଲାମୁଣ୍ଡଳି, ଶାଳଗାଁ, ଦେବସ୍ଥଳୀ, ଡେଁଫଉଦା, ଖଣ୍ଡଦେଉଳା ଆଦି ତଳିଆ ଅଞ୍ଚଳର ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଥିଲେ। ତେବେ ନଦୀର ଆଡ଼ିବନ୍ଧ ସୁରକ୍ଷା ବ୍ୟବସ୍ଥା ପ୍ରକୃତପକ୍ଷେ ଜଳସେଚନ ବିଭାଗର ଦାୟିତ୍ୱ ହୋଇଥିବା ବେଳେ ନାଖରା ସେତୁ ନିକଟରେ କିନ୍ତୁ ଜଳସେଚନ ବିଭାଗର ସାମାନ୍ୟତମ ତତ୍ପରତା ପ୍ରକାଶ ପାଇ ନ ଥିଲା। ଏହାକୁ ନେଇ ଜଳସେଚନ ବିଭାଗର ବରିଷ୍ଠ ଅଧିକାରୀଙ୍କ ଉପରେ ବିଧାୟକ ବର୍ଷିଥିଲେ। ଏହି ରାସ୍ତାର ଉନ୍ନତିକରଣ ଦାୟିତ୍ୱରେ ଥିବା ବେତନଟୀ ପୂର୍ତ୍ତବିଭାଗ ଏସ୍‌ଡିଓ ଅରୋବିନ୍ଦ ମହାନ୍ତି ଜରୁରିକାଳୀନ ଭିତ୍ତିରେ ବାଲିବସ୍ତା ଓ ପଥର ପକାଇ ଆଡ଼ିବନ୍ଧର ଫାଟ ନିୟନ୍ତ୍ରଣ କାର୍ଯ୍ୟ ଜାରି ରଖିଥିବା ଦେଖିବାକୁ ମିଳିଛି। ସେତୁ ୩୫ ବର୍ଷର ପୁରୁଣା ହୋଇପଡ଼ିଥିବା ବେଳେ ପ୍ରବଳ ବର୍ଷା ଯୋଗୁ ବନ୍ୟାଜଳ ସେତୁ ଉପର ଦେଇ ପ୍ରବାହିତ ହେଉଛି। ଫଳରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡୁଥିବା କାରଣରୁ ଏଠାରେ ଏକ ନୂତନ ସୁଉଚ୍ଚ ସେତୁ ନିର୍ମାଣ ପାଇଁ ବିଧାୟକ ସନାତନ ବିଜୁଳିଙ୍କ ପ୍ରସ୍ତାବକୁ ରାଜ୍ୟ ସରକାର ସ୍ୱିକୃତୀ ଦେଇସାରିଥିବା ଏବଂ ଖୁବ୍‌ଶୀଘ୍ର ଟେଣ୍ଡର ଆହ୍ୱାନ କରାଯିବ ବୋଲି ବିଧାୟକ ବିଜୁଳି ପ୍ରକାଶ କରିଥିଲେ।

## ରାଇରଙ୍ଗପୁରରେ ୨ ଅପମୃତ୍ୟୁ

ରାଇରଙ୍ଗପୁର, ୨୭।୭(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ବାଦାମ ପାହାଡ଼ ଏବଂ ତିରିଂ ସମେତ ୨ ଗୋଟି ଥାନା ଅଞ୍ଚଳରେ ଶନିବାର ପୋଲିସ ପକ୍ଷରୁ ୨ଗୋଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବାଦାମପାହାଡ଼ ଥାନା ଅନ୍ତର୍ଗତ ମାର୍କେଟ ପରିସରରେ ଜନସେବା କେନ୍ଦ୍ର ଗୃହ ଭିତରେ କବାଟ ବନ୍ଦ କରାଯାଇଥିବା ଗୃହ ଭିତରୁ ଜଣେ ଯୁବକଙ୍କ ମୃତଦେହ ଥିବା ଖବର ପାଇ ପୋଲିସ ପହଞ୍ଚି ଶନିବାର ଜବତ କରିଥିଲା। ଏନେଇ ଏକ ଅପମୃତ୍ୟୁ ମାମଲା ( ନଂ. ୧୬/୨୦୨୫ ) ରୁଜୁ କରି ମୃତ ଯୁବକଙ୍କୁ ଚିହ୍ନଟ କରାଯାଇଥିଲା। ମୃତ ଯୁବକ ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ଓଶିମଳା ଗ୍ରାମର ବାସୁଦେବ ହେମ୍ବ୍ରମ( ୩୬ ) ତଥା ଜନସେବା କେନ୍ଦ୍ରର ମାଲିକ ବୋଲି ଜଣାଯାଇଛି। ପୋଲିସ ରବିବାର ବାସୁଦେବଙ୍କ ମୃତଦେହକୁ ରାଇରଙ୍ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରିଛି। ସେହିଭଳି ତିରିଙ୍ଗ ଥାନା ଝରାଡି ଫାଣ୍ଡି ଅନ୍ତର୍ଗତ ତାରଣା ଗ୍ରାମାଞ୍ଚଳର ଜଣେ ବୃଦ୍ଧା ଶନିବାର ପୂର୍ବାହ୍ନରେ ତାରଣା ଗ୍ରାମାଞ୍ଚଳ ନିକଟସ୍ଥ ନାଳକୁ ଗାଧୋଇବାକୁ ଯାଇ ପ୍ରଖର ସ୍ରୋତରେ ବୁଡି ପ୍ରାଣ ହରାଇଛନ୍ତି। ଗ୍ରାମବାସୀ ନାଳରୁ ବୃଦ୍ଧାଙ୍କୁ ଉଦ୍ଧାର କରି ଝରାଡ଼ିସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ବୃଦ୍ଧାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ବୃଦ୍ଧା ତିରିଙ୍ଗ ଥାନା ତାରଣା ଗ୍ରାମର ଧାମସୁ ତାମୁଡିଆ ( ୬୫ )। ପୋଲିସ ରାଇରଙ୍ଗପୁର ହସ୍ପିଟାଲରେ ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

## ଜିଲାସ୍ତରୀୟ ଲୋକ ଅଦାଲତ

ବାରିପଦା,୨୭।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ରବିବାର ବାରିପଦା କୋର୍ଟ ପରିସରରେ ଚେକ୍ ବାଉନ୍ସ ମାମଲାଗୁଡିକର ଫଏସଲା ନିମନ୍ତେ ଜିଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଓ ଦୌରାଜଜ ତଥା ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସୁଦୀପ୍ତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ମୋଟ ୧୫୧ଟି ମାମଲା ମଧ୍ୟରୁ ୭ଟି ମାମଲାର ଅପୋଷ ବିଚାର ହୋଇ ମୋଟ ୫ ଲକ୍ଷ ୬୯ହଜାର ୭୨୪ ଟଙ୍କା ଅଦାୟ ପାଇଁ ସମାଧାନ ହୋଇଥିବା ଜଣାପଡ଼ିଛି। ଜିଲା ଆଇନ ସେବା ପ୍ରାଧିକରଣର ସଚିବ ରାଜଶ୍ରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅଦାଲତରେ ପ୍ରଥମ ଅତିରିକ୍ତ ଜିଲା ଓ ଦୌରାଜଜ୍ ସତ୍ୟନାରାୟଣ ପାତ୍ର, ଦ୍ୱିତୀୟ ଅତିରିକ୍ତ ଜିଲା ଓ ଦୌରା ଜଜ୍ ସୁମନ କୁମାର ମିଶ୍ର, ଏସ୍‌ଡିଜେଏମ ଜୁୱେଲ ପଟ୍ଟନାୟକ, ଜେଏମ୍‌ଏଫ୍‌ସି-୧ ଲକ୍ଷ୍ମୀପ୍ରିୟା ସ୍ୱାଇଁ, ସରକାରୀ ଓକିଲ ହିମାଂଶୁ କୁମାର ପାଣିଗ୍ରାହୀ, ଆଇନଜୀବୀ ପ୍ରଦୀପ କୁମାର ଜେନା ଓ ବିଶାଲ ରାମ ତଥା ବାରିପଦା ଓକିଲ ସଂଘର ଅନ୍ୟ ଆଇନଜୀବୀ ତଥା ଅନ୍ୟାନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ।

## ‘ମା’ ପାଇଁ ଗଛଟିଏ’ କାର୍ଯ୍ୟକ୍ରମ

ବାରିପଦା,୨୭।୭
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ମ୍ୟୁନିସିପାଲିଟି ଅଧୀନ ୨୨ନଂ. ୱାର୍ଡସ୍ଥିତ ରଘୁନାଥପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ‘ମା ପାଇଁ ଗଛଟିଏ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ ଯୋଗଦେଇ ପରିବେଶର ସୁରକ୍ଷା ପାଇଁ ବୃକ୍ଷରୋପଣ ସହ ତାର ଯତ୍ନ ନେବା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ କବି ବିଷ୍ଣୁ ଶତପଥି, କାଉନସିଲର ଲକ୍ଷ୍ମୀଧର ହାବୋଡା ଉପସ୍ଥିତ ରହି ସାମ୍ପ୍ରତିକ ପରିସ୍ଥିତିରେ ବୃକ୍ଷରୋପଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ସୁବାସିନୀ ପାଲ, ସିଦ୍ଧେଶ୍ୱର ମିଶ୍ର, ଅଙ୍କିତା ପଟ୍ଟନାୟକ, ସଞ୍ଜୟ ଜେନା, ସୁକନ୍ୟା ଗିରି ଏବଂ ଶିକ୍ଷକ ସଂଘର କର୍ମକର୍ତ୍ତା ଗୌରଗୋପାଳ ଲେଙ୍କା, ସପନ କୁମାର ବେହେରା, ସୁଶୀଲ କୁମାର ପଣ୍ଡା, ସୁବୋଧ ଦାସ, ଧନପତି ମିଶ୍ର, ଗୌତମ ଦାସ ତଥା ସାମାଜିକ କର୍ମୀ ଡଃ ନିରୋଜ କୁମାର ପୋଥାଳ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ।



ତାରାରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଧାୟକ ପ୍ରକାଶ ସୋରେନ ଓ ଅନ୍ୟମାନେ।

## ରାଜୀବ ବିଜେଡିର ବେତନଟୀ ବ୍ଲକ୍ ସଭାପତି

ବୈଶିଙ୍ଗା,୨୭।୭(ରତନ ଦାଶ): ମୟୂରଭଞ୍ଜ ଜିଲାର ବେତନଟୀ ବ୍ଲକ୍ ବିଜୁ ଜନତା ଦଳର ନୂତନ ସଭାପତି ଭାବେ ରାଜୀବ ରଞ୍ଜନ ସେନାପତିଙ୍କୁ ନିଯୁକ୍ତି ଦିଆଯାଇଛି। ବିଜେଡି ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ମୟୂରଭଞ୍ଜ ଜିଲା ନିର୍ବାଚନ ଅଧିକାରୀ ଅନନ୍ତ ଦାସ ୧୫ ବ୍ଲକ୍‌ର ଦଳୀୟ ସଭାପତିଙ୍କ ନାମ ଘୋଷଣା କରିଛନ୍ତି। ସେଥି ମଧ୍ୟରୁ ବେତନଟୀ ବ୍ଲକ୍ ପାଇଁ ଉଦୀୟମାନ ଯୁବ ସଂଗଠକ ରାଜୀବ ରଞ୍ଜନ ସେନାପତି (ଜିତୁ)ଙ୍କ ନାମ ଘୋଷଣା କରାଯାଇଛି। ରାଜୀବ ଦୀର୍ଘ ଦିନ ଧରି ଦଳୀୟ କାର୍ଯ୍ୟକ୍ରମରେ ସକ୍ରୀୟ ଭାଗ ନେଇ ନିଜର ପାରଦର୍ଶିତା ପ୍ରତିପାଦନ କରି ପାରିଥିଲେ। ଆଗକୁ ପଞ୍ଚାୟତ ନିର୍ବାଚନ ଆସୁଥିବାରୁ ଦଳର ବରିଷ୍ଠ କର୍ମକର୍ତ୍ତା, ପଞ୍ଚାୟତ ସଭାପତି ତଥା ନୂତନ କର୍ମୀଙ୍କୁ ନେଇ ସମନ୍ୱୟ ରଖି ପାରିଲେ ନିର୍ବାଚନ ବୈତରଣୀ ପାରି ହୋଇ ପାରିବାର ଯଥେଷ୍ଟ ସମ୍ଭାବନା ରହିଥିବା ସେ କହିଛନ୍ତି। ଶନିବାର ବ୍ଲକ୍ ସଭାପତି ଭାବେ ଦାୟିତ୍ୱ ନେବା ପରେ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଦଳର ଗୁରୁଦାୟିତ୍ୱ ପ୍ରଦାନ କରିଥିବା ଯୋଗୁ ସେ ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଦଳକୁ ସୁସଙ୍ଗଠିତ କରିବାର ପ୍ରୟାସ ଜାରି ରଖିବେ ବୋଲି କହିଛନ୍ତି।

## ପୂର୍ଣ୍ଣଚନ୍ଦ୍ରଙ୍କୁ ‘ଅଟଳ ଧର୍ମରତ୍ନ’ ସମ୍ମାନ


ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରୁଛନ୍ତି।

ବାରିପଦା,୨୭।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଓଡ଼ିଶା ଅଟଳ ଯୁବଶକ୍ତି ଆନୁକୂଲ୍ୟରେ କାର୍‌ଗିଲ ବିଜୟ ଦିବସ ଏବଂ ପୋଖରାନ ପୁରୁଷ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ରାଜ୍ୟସ୍ତରୀୟ ଅଟଳ ପ୍ରତିଭା ସମ୍ମାନ -୨୦୨୫ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ନୂତନ ଚିନ୍ତାଧାରାକୁ ନେଇ ଓଡ଼ିଶାରେ ସଦ୍‌ଭାବନା ସମିତି ପ୍ରତିଷ୍ଠା କରି ସର୍ବଧର୍ମ ସମ୍ପ୍ରଦାୟ ମଧ୍ୟରେ ସମନ୍ୱୟ ସ୍ଥାପନ, ମାନବ ଧର୍ମର ପ୍ରବର୍ତ୍ତକ, ଭାରତବର୍ଷରେ ନିଆରା ମାସିକ ସନ୍ଥ ଦିବସ ପାଳନ ଏବଂ ସମଗ୍ର ମାନବ ଜାତିକୁ ‘ଜୟ ସନ୍ଥ-ଜୟ ସମାଜ’ ସ୍ଲୋଗାନର ଉଦ୍‌ଘୋଷକ ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଟଳ ଧର୍ମରତ୍ନ ସମ୍ମାନ ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଉତ୍କର୍ଷ ପ୍ରତିଭାମାନେ ତାଙ୍କ ଜୀବନରେ ବଳିଦାନ ଦେଇ ଏବଂ ସମାଜକୁ ଅବଦାନ ଦ୍ୱାରା ଯୁବପିଢ଼ିଙ୍କ ଆଦର୍ଶ ଏବଂ ଭଲ ଗଛ ଲଗାଇ ସେମାନେ ଭଲ ଫଳ ଦେଇଥାନ୍ତି ବୋଲି ବକ୍ତବ୍ୟ ରଖିଥିଲେ। ଉତ୍ସବରେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସମେତ ମନ୍ତ୍ରୀଗଣ ଓ ବିଧାୟକମାନେ ଉପସ୍ଥିତ ଥିଲେ। ଏହି ଖବର ପ୍ରଚାରିତ ହେବା ପରେ ବୁଗୁଡେଇଙ୍କୁ ମୟୂରଭଞ୍ଜ ସ୍କୁଲ ଅଫ୍ ଇଞ୍ଜିନିୟରିଂ, ଡିଭାଇନ ଇଞ୍ଜିନିୟରିଂ, ଉଦଳା ବାର ଆସୋସିଏଶନ, ଚେତନା ପରିଷଦ କରିଆ, ପୂର୍ଣ୍ଣମାସୀ ସେବା ସଂସ୍ଥାନ ବଡ଼ସାହି, ପ୍ରତିଭା ପୂଜନ ସଂସ୍ଥାନ ବେତନଟୀର ପରିବାରବର୍ଗଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି।

# ୧୫ ଓଡ୍ରାଫ୍ ଟିମ୍, ୨୬ ଅଗ୍ନିଶମ ଦଳ ନିୟୋଜିତ



ବସ୍ତା ବ୍ଲକ ଅଞ୍ଚଳର ଚାଷଜମିରେ ଜଳକା ନଦୀର ବନ୍ୟାଜଳ।

**ଜଳକା, ସୁବର୍ଣ୍ଣରେଖା ବନ୍ୟା**

ବାଲେଶ୍ୱର, ୨୭।୭(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ଦେଇ ପ୍ରବାହିତ ଜଳକା ଓ ସୁବର୍ଣ୍ଣରେଖାରେ ପୁଣି ବନ୍ୟା ଯୋଗୁ ବସ୍ତା, ବାଲିଆପାଳ, ଜଳେଶ୍ୱର ଓ ଭୋଗରାଇ ବ୍ଲକର ଦୁର୍ଦ୍ଦଶା ବଢ଼ିଛି। ୪ ବ୍ଲକର ବହୁ ଗାଁ ସମେତ ତଳିଆ ଅଞ୍ଚଳ ଜଳମଗ୍ନ ରହିଛି। ହଜାର ହଜାର ହେକ୍ଟର ଚାଷ ଜମିରେ ବନ୍ୟାଜଳ ପ୍ରବାହିତ ହେଉଛି।

ବସ୍ତା ବ୍ଲକ ମଥାନୀଠାରେ ଜଳକା ନଦୀର ବିପଦସଙ୍କେତ ୬.୫୦ମିଟର ରହିଥିବା ବେଳେ ଶନିବାର ଅପରାହ୍ଣ ୧ଟା ସୁଦ୍ଧା ଜଳସ୍ତର ବୃଦ୍ଧି ପାଇ ୭.୨୦ ମିଟରରେ ପ୍ରବାହିତ ହେଉଥିଲା। ରବିବାର ସନ୍ଧ୍ୟା ୭ଟା ସୁଦ୍ଧା ଏହା ହ୍ରାସ ପାଇ ୬.୫୦ ମିଟରରେ ପ୍ରବାହିତ ହେଉଛି। ବନ୍ୟା ଯୋଗୁ ରଘୁନାଥପୁର, କାଦରାୟାଁ, କରୁଆଁ, ପତ୍ରଝଡ଼ା, ରାଉତପଡ଼ା, ବାହାର୍ଦ୍ଦା, କୁଡ଼ିଆ, ବାସିଟକୁରି, ସଦାନନ୍ଦପୁର, ମଥାନୀ, ଦୁଧହଂସା, ଗଡ଼ପଦା, ରସଲପୁର, ଶ୍ରୀରାମପୁର ଆଦି ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ ଗାଁରେ ବନ୍ୟାଜଳ ପ୍ରବେଶ କରିଛି। ସେହିପରି ରାଜଘାଟଠାରେ ସୁବର୍ଣ୍ଣରେଖା ନଦୀର ବିପଦ ସଂକେତ ୧ ୦. ୩୬ମିଟର ଥିବାବେଳେ ରବିବାର ଦିନ ୧୧ଟା ସୁଦ୍ଧା ଏହା ବୃଦ୍ଧି ପାଇ ୧୦.୩୮ମିଟରରେ ପ୍ରବାହିତ ହେଉଥିଲା। ରାତି୭ଟା ସୁଦ୍ଧା ୧୧.୨୨ମିଟରରେ ପ୍ରବାହିତ ହେଉଥିବାରୁ ବାଲିଆପାଳ, ଭୋଗରାଇ ଓ ଜଳେଶ୍ୱର ବ୍ଲକ ପ୍ରଭାବିତ ହୋଇଛି।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ଅତିରିକ୍ତ ମୁଖ୍ୟ ସଚିବ ତଥା ଏସ୍ଆରସି ଡିକେ ସିଂ ରାଜ୍ୟରେ ବନ୍ୟା ସ୍ଥିତିର ସମୀକ୍ଷା କରିଛନ୍ତି। ବାଲେଶ୍ୱର ଜିଲାକୁ ସ୍ୱତନ୍ତ୍ର ଭାବେ ଧ୍ୟାନ ଦିଆଯାଇଛି। ଜିଲା ପ୍ରଶାସନ ବନ୍ୟା ମୁକାବିଲା ପାଇଁ ପ୍ରସ୍ତୁତ ରହିଛି। ୪ ବ୍ଲକରେ ବରିଷ୍ଠ ଅଧିକାରୀ, ସ୍ୱାସ୍ଥ୍ୟ ଅଧିକାରୀ, ଆରଡବ୍ଲୁଏସ୍ଏସ୍ ଓ ପ୍ରାଣୀ ଚିକିତ୍ସା ଦଳ ମୁତୟନ ହୋଇଛନ୍ତି। ପ୍ରାଣୀ ଖାଦ୍ୟ, ଶୁଷ୍କ ରାଶନ ଓ ପିଇବା ପାଣି ଯୋଗାଣ ହୋଇଛି। ୧୫ଟି ଓଡ୍ରାଫ୍ ଟିମ୍, ୨୬ଟି ଅଗ୍ନିଶମ ଦଳ ମୁତୟନ ଥିଲା ବେଳେ ୨୫ଟି ଏସ୍ଆର୍‌ସି ଡଙ୍ଗା ମହଜୁଦ ରହିଛି। ବିଭିନ୍ନ ସ୍ଥାନରେ ରନ୍ଧା ଖାଦ୍ୟ ଦିଆଯାଉଛି। ରନ୍ଧା ଖାଦ୍ୟ, ଶିଶୁ ଖାଦ୍ୟ ଓ ସାପ ବିଷ ନିରୋଧୀ ଇଞ୍ଜେକଶନ ମହଜୁଦ ରଖିବାକୁ ବିଭାଗୀୟ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଅତିରିକ୍ତ ଏସ୍ଆରସି ଶ୍ରାବଣ ମାସ ହେତୁ ବୋଲବମ ଭକ୍ତଙ୍କ ନିକଟବର୍ତ୍ତୀ ନଦୀକୂଳରେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି।



ଚୌଧୁରୀକୁଦ ରାସ୍ତାରେ ପ୍ରବାହିତ ୩ ଫୁଟ ଉଚ୍ଚର ବନ୍ୟାଜଳ।

# ବନ୍ୟାପାଣି ଘେରରେ ତଳିଆ ଅଞ୍ଚଳବାସୀ

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୨୭।୭

ସୁବର୍ଣ୍ଣରେଖାରେ ପଞ୍ଚମ ବନ୍ୟା ଯୋଗୁ ବାଲିଆପାଳ ବ୍ଲକ ଅଧିକ ପ୍ରଭାବିତ ହୋଇଛି। ଝାଡ଼ଖଣ୍ଡ ଗାଲୁଡିହା ଡ୍ୟାମ୍‌ରୁ ୧୩ଟି ଗେଟ୍ ଦେଇ ୫୧୭୯.୦୯ କ୍ୟୁସେକ ଜଳ ଛଡ଼ାଯିବା ଫଳରେ ବାଲିଆପାଳ ବ୍ଲକରେ ଶୁକ୍ରବାର ମଧ୍ୟାହ୍ନଠାରୁ ସୁବର୍ଣ୍ଣରେଖା ନଦୀର ଜଳସ୍ତର ବିପଦସଂକେତ ଉପରେ ପ୍ରବାହିତ ହେଉଛି। ଦୁର୍ବଳ ନଦୀବନ୍ଧ ଯୋଗୁ ତଳିଆ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି।

ବିଷ୍ଣୁପୁର ପଞ୍ଚାୟତର ବିଷ୍ଣୁପୁର, ନୟାବାଲି, ଇକଡ଼ପାଳ, ରସଲପୁର ରାଉତରାପୁର, ଜାମକୁଣ୍ଡା ପଞ୍ଚାୟତର ତାଳପଦା, କୁହ୍ଲାଚଢ଼, ଲଖପାଳ, ପାଳଜାମକୁଣ୍ଡା, କାଳରୁଇ, ବାଲିଆପାଳ ପଞ୍ଚାୟତର ତଳବାଲିଆପାଳ, ସୁଙ୍ଗମୁହଁ, କୁଦମାନସିଂହ, ଆଠବାଟିଆ, ଗୁନାପୁର, ମଧୁପୁରା ପଞ୍ଚାୟତର ଚଡ଼ବସ୍ତକାଳରୁଇ ଓ ଚୌଧୁରୀକୁଦ, ସେହିପରି ଅସ୍ତି ପଞ୍ଚାୟତର ପାଳଚମ୍ପେଇ ଶରଧାରସାହି, ଚଡବଢ଼ାପାଳ, ସୁର୍ଯ୍ୟାପୁର, କଣ୍ଟାବଣି, ନିଖିରା ପଞ୍ଚାୟତର ପାଳପଡ଼ା, ଚଡ଼ପାଳପଡ଼ା, ପାଳ ବେଗୁନିଆ, କୁମ୍ଭାରୀ ପଞ୍ଚାୟତର ଝଲଝଲିଆ, ଗୁଆପଡ଼ା, ରାଇଡ଼େଙ୍ଗ ଆଦି ଗ୍ରାମଗୁଡ଼ିକରେ ବନ୍ୟାଜଳ ପ୍ରବାହିତ ହେବାରେ ଲାଗିଛି। ସମସ୍ତ ତଳିଆ ଅଞ୍ଚଳ ବାହ୍ୟଜଗତରୁ ବିଚ୍ଛିନ୍ନ ହେବାର ଆଶଙ୍କା ରହିଛି। ରବିବାର ବିଷ୍ଣୁପୁର, ନୟାବାଲି, ଚଡ଼ବସ୍ତ କାଳରୁଇ, ଚୌଧୁରୀକୁଦ, ଇକଡ଼ପାଳ, କୁହ୍ଲାଚଢ଼, ତାଳପଦା, କୁଦମାନସିଂହ ଆଦି ରାସ୍ତାରେ ବନ୍ୟାଜଳ ୪ ଫୁଟ୍ ଉଚ୍ଚରେ ପ୍ରବାହିତ ହେଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହେଉଛି। ପ୍ରଶାସନ ପକ୍ଷରୁ ଓଡ୍ରାଫ୍ ଟିମ୍, ଅଗ୍ନିଶମ ବାହିନୀ, ଯନ୍ତ୍ରଚାଳିତ ଡଙ୍ଗା ବ୍ୟବସ୍ଥା ହୋଇଛି। ବନ୍ୟାଞ୍ଚଳରେ ରନ୍ଧା ଖାଦ୍ୟ ଯୋଗାଇ ଦିଆଯିବ ବୋଲି ବାଲିଆପାଳ ଖାଦ୍ୟ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ କହିଛନ୍ତି। ବାରମ୍ବାର ବନ୍ୟା ଯୋଗୁ ବ୍ଲକ ଅଧୀନ ୭ଟି ପଞ୍ଚାୟତରେ ପରିବା ଚାଷ, ନଳିତା ଚାଷ ଓ ଧାନ ତଳି ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବାରୁ ଚାଷୀକୂଳଙ୍କ ମେରୁଦଣ୍ଡ ଭାଙ୍ଗିପଡିଛି।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଜଳେଶ୍ୱର, ୨୭।୭(ନବୀନ ସାହୁ/ ସତ୍ୟରଞ୍ଜନ ପ୍ରଧାନ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ସୁଗୋ ପଞ୍ଚାୟତ ବଣିଦା ଗ୍ରାମର ଗଣେଶ ଚନ୍ଦ୍ର ରଣା (୪୮)ଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ରବିବାର ପୂର୍ବାହ୍ଣ ୧୦ଟା ବେଳେ ସେ କ୍ଷେତକୁ ଚାଷକାମ କରିବା ପାଇଁ ଯାଇଥିଲେ। ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ଘର ଲୋକ ତାଙ୍କୁ ଖୋଜାଖୋଜି କରି ବିଲରେ ପହଞ୍ଚିଥିଲେ। ସେଠାରେ ସେ ଶୋଇରହିଥିବା ଦେଖି ତାଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନା ନେବା ବେଳେ ତାଙ୍କ ପେଟ ତଳୁ ଏକ ବୋଡ଼ା ସାପ ବାହାରି ପଳାଇଯାଇଥିଲା। ଘର ଲୋକ ତାଙ୍କୁ ଉଦ୍ଧାର କରି ଜଳେଶ୍ୱର ଗୋପୀ କିଶନ ସରକାରୀ ହସ୍ପିଟାଲ୍‌କୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସାପ କାମୁଡିଥିବା ହେତୁ ତାଙ୍କର ମୃତ୍ୟୁ ହୋଇଥିବା ଘର ଲୋକ ସନ୍ଦେହ କରିଛନ୍ତି। ଘରେ ତାଙ୍କର ସ୍ତ୍ରୀ ଏବଂ ଦୁଇଟି ଛୋଟ ଝିଅ ଗୋଟେ ୧୨ ବର୍ଷ ଏବଂ ୫ ବର୍ଷର ଅଛନ୍ତି। ବାପାଙ୍କୁ ହରାଇ ସେମାନେ ଭାଙ୍ଗିପଡିଛନ୍ତି। ମୃତ୍ୟୁ ଖବର ଶୁଣି ପଞ୍ଚାୟତର ସଦସ୍ୟ ପ୍ରତିନିଧି ସଞ୍ଜୟ ମହାନ୍ତି, ସଦସ୍ୟା ଅନୀତା ମହାନ୍ତି ତଥା ଗ୍ରାମବାସୀ ଉକ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି କରିଛନ୍ତି।

# ୪.୪୭ କୋଟିରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ

**ଜିଲାସ୍ତରୀୟ ଚେକ୍ ବାଉନ୍ସ ସମ୍ବନ୍ଧିତ ଲୋକ ଅଦାଲତ**

ବାଲେଶ୍ୱର,୨୭।୭(ବାଞ୍ଛାନିଧି ଦେ)



ଲୋକ ଅଦାଲତରେ ଉପସ୍ଥିତ ବିଚାରପତି ଓ ଅନ୍ୟମାନେ।

ବାଲେଶ୍ୱର ଜିଲା ଜଜ୍‌କୋର୍ଟ ଏବଂ ତାଲୁକ୍ ଆଇନ୍‌ସେବା ସମିତି ସୋର ଓ ନୀଳଗିରିଠାରେ ରବିବାର ଚେକ୍ ବାଉନ୍ସ ସମ୍ବନ୍ଧିତ ଜିଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଏବଂ ଦୌରାଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ସତ୍ୟନାରାୟଣ ମିଶ୍ରଙ୍କ ସମେତ ବହୁ ବିଚାର ବିଭାଗୀୟ ଅଧିକାରୀ ଏଥିରେ ଉପସ୍ଥିତ ଥିଲେ। ଏହି ଲୋକ ଅଦାଲତରେ ୧୯୫୮ଟି ଚେକ୍ ବାଉନ୍ସ ସମ୍ବନ୍ଧିତ ମାମଲା ଚିହ୍ନଟ କରାଯାଇ ୧୮୭ ମାମଲାର ଫଇସଲା କରାଯାଇଥିଲା। ୪ କୋଟି ୪୭ଲକ୍ଷ ୨୪ହଜାର ୫୧୨ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଜିଲା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତ, ବାଲେଶ୍ୱରର ବିଚାରପତି ତଥା ଜିଲା ଆଇନସେବା ପ୍ରାଧିକରଣ ସଚିବ ସୁମନ ଜେନା ଏହି ଲୋକ ଅଦାଲତର ପରିଚାଳନା କରିଥିଲେ।

## ଘରୁ କଳାକନା ବୁଲାଇଲେ ଦୁର୍ବୃତ୍ତ

ନୀଳଗିରି, ୨୭।୭(ପ୍ରଶାନ୍ତ ବିଶ୍ୱାଳ)– ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ କ୍ରମାଗତ ଭାବେ ଚୋରି ବୃଦ୍ଧି ପାଇବାରେ ଲାଗିଛି। ଶନିବାର ସ୍ପଷ୍ଟ ଦିବାଲୋକରେ ପୁଣି ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତ କଳାକନା ବୁଲାଇଛନ୍ତି। ନୀଳଗିରି ଥାନା ଅଧୀନ ଜଡ଼ିଦା ପଞ୍ଚାୟତ ମଧ ଦେଇ ଯାଇଥିବା ୧୯ନଂ. ରାଜ୍ୟ ରାଜପଥ ଶେରଗଡ଼–ନୀଳଗିରି–ଝରଣଘାଟି ରାସ୍ତାକୁ ସଂଲଗ୍ନ ଥିବା ପୋଡ଼ାଶୁଳ ଗ୍ରାମର ଦେବେନ୍ଦ୍ର ବେହେରାଙ୍କ ଘରେ କେହି ନ ଥିବା ବେଳେ ସ୍ପଷ୍ଟ ଦିବାଲୋକରେ କଳାକନା ବୁଲାଇ ଦେଇଛନ୍ତି।

ପୋଡ଼ାଶୁଳ ଗ୍ରାମର ଶିକ୍ଷକ ଦେବେନ୍ଦ୍ର ବେହେରା କୌଣସି କାମରେ ଦିନ ପ୍ରାୟ୧୦ଟା ବେଳେ ନୀଳଗିରି ଆସିଥିବା ବେଳେ ସ୍ତ୍ରୀ ସସ୍ମିତା ବେହେରା ନିଜ ଝିଅକୁ ଧରି ବାଲେଶ୍ୱର ଦାନ୍ତ ଡାକ୍ତରଙ୍କ ନିକଟକୁ ଘରେ ତାଲା ଦେଇ ଯାଇଥିଲେ। ଘରକୁ ଫେରିବାର ମାତ୍ର ୪ଘଣ୍ଟା ଭିତରେ ଘରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ନଗଦ ୬୦ହଜାର ଟଙ୍କା, ୧୫ଲକ୍ଷ ଟଙ୍କାର ସୁନା ଅଳଙ୍କାର ଚୋରି କରି ଫେରାର ହୋଇଯାଇଛନ୍ତି। ଏପଟେ ଶିକ୍ଷକ ଦେବେନ୍ଦ୍ର ବେହେରା ନୀଳଗିରିରୁ କାମ ସାରି ଘରେ ପହଞ୍ଚିବା ପରେ ତାଲା ଭଙ୍ଗାଯାଇଥିବା ବେଳେ ସବୁ ଘରେ କବାଟ ଖୋଲା ରହିଛି, ଆଲମିରା ମଧ ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ଦିନ ଦ୍ୱିପ୍ରହରେ ଏପରି ଚୋରି ଘଟଣାକୁ ସହଜରେ କେହି ଗ୍ରହଣ କରିପାରୁନାହାନ୍ତି। ଏନେଇ ଦେବେନ୍ଦ୍ର ବେହେରା ନୀଳଗିରି ଥାନାରେ ଅଭିଯୋଗ କରିଥିବା ବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଏକ ମାମଲା (ନଂ. ୨୯୩/୨୫) ରୁଜୁ କରି ତଦନ୍ତ ଜାରି ରଖିଛି।

## ଚୋରି ଉଦ୍ୟମ କରୁଥିବା ଯୁବକଙ୍କୁ ପୋଲିସ ଜିମା

ସୋର, ୨୭।୭(ଜନ୍ମେଜୟ ମିଶ୍ର)

ସୋର ଥାନା ଅଧୀନରେ ଦିନକୁ ଦିନ ଚୋରି ଡକାୟତି ବଢ଼ିବାରେ ଲାଗିଛି। ଦିନଦ୍ୱିପ୍ରହରେ ଲୁଟ୍ ହେଉଥିବା ବେଳେ ପୋଲିସର ନିଷ୍କ୍ରିୟତା ପାଇଁ ଲୋକଙ୍କ ପୋଲିସ ଉପରୁ ଭରସା ଉଠିଗଲାଣି। ଫଳରେ କେତେକ ଗାଁରେ ଗ୍ରାମବାସୀ ପାଳି କରି ରାତି ଉଜାଗର ହୋଇ ଗାଁକୁ ଜଗୁଛନ୍ତି।

ଶନିବାର ରାତିରେ ସୋର ଥାନା ଟେଣ୍ଟେଇ ପଞ୍ଚାୟତ ଦୟାନିଧିପୁର ଗ୍ରାମରୁ ଚୋରି ଉଦ୍ୟମ ବେଳେ ମାରଣାସ୍ତ୍ର ସହିତ ଏକ ଗାଡି ଓ ଜଣେ ଯୁବକଙ୍କୁ ଗ୍ରାମବାସୀ ଅଟକାଇ ପୋଲିସ ଜିମା ଦେଇଥିଲେ। ୪ଜଣ ଫେରାର ହୋଇଯାଇଥିବା ଜଣାପଡିଛି। ରାତିରେ ଏକ ଅଟୋରେ ୫ଜଣ ଯୁବକ ବିଭିନ୍ନ ମାରଣାସ୍ତ୍ର ସାଙ୍ଗରେ ନେଇ ଗାଁ ଭିତରକୁ ପଶିଥିଲେ। ଦୟାନିଧିପୁର ଛକ ନିକଟରେ ଏକ ଘରୁ ଚୋରି ପାଇଁ ଉଦ୍ୟମ କରୁଥିବା ବେଳେ ଗାଁ ଜଗୁଥିବା ଗ୍ରାମବାସୀ ତାଙ୍କୁ ଦେଖି ଅନ୍ୟମାନଙ୍କୁ ଖବର ଦେଇଥିଲେ। ପରେ ଗ୍ରାମବାସୀ ଜଣଙ୍କୁ କାବୁ କରିଥିବା ବେଳେ ଅନ୍ୟ ୪ ଜଣ ବିଲ ମଧଦେଇ ଫେରାର ହୋଇଯାଇଥିଲେ। ପୋଲିସ ପହଞ୍ଚି ଉକ୍ତ ଗାଡି ଓ ଯୁବକଙ୍କୁ ଥାନାକୁ ନେଇଥିବା ବେଳେ ଯୁବକଜଣଙ୍କ ଚୋରି କରିବାକୁ ଆସିଥିବା ସ୍ୱୀକାର କରିଛି।

## କାର୍‌ଗିଲ ବିଜୟ ଦିବସ




ଛାତ୍ରୀଛାତ୍ରମାନଙ୍କର କାରଗିଲ ବିଜୟ ଶୋଭାଯାତ୍ରା।

ଖଇରା, ୨୭।୭(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଅଧୀନ ଖଇରା ମହାବିଦ୍ୟାଳୟ ଏନସିସି ୟୁନିଟ ପକ୍ଷରୁ କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଶନିବାର ସକାଳେ ଏନସିସିର ଉଭୟ ଆର୍ମୀ ଓ ନାଭାଲ ୟୁନିଟ ଛାତ୍ରୀଛାତ୍ରଙ୍କର ଏକ ଶୋଭାଯାତ୍ରା ଖଇରା କଲେଜ ପରିସରରୁ ବାହାରି ଖଇରା ବଜାର ପରିକ୍ରମା କରିଥିଲା । ପରେ ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ନାୟକଙ୍କ ସଭାପତିତ୍ୱରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଆର୍ମି ମୁଖ୍ୟ ଲେଫ୍ଟନାଣ୍ଟ ଉଦୟ ରଞ୍ଜନ ଦାସ, ନାଭାଲ ମୁଖ୍ୟ ସୁନୀଲ କୁମାର ମହଲା ଯୋଗଦେଇ କାରଗିଲ ଯୁଦ୍ଧରେ ଶହୀଦ ହୋଇଥିବା ସେନାର ବୀରତ୍ୱର ଗାଥା ବଖାଣିଥିଲେ। ୬୦ରୁ ଊର୍ଦ୍ଧ୍ୱ କ୍ୟାଡେଟ ଉପସ୍ଥିତ ଥିଲେ।

## ଏସି ଲୋଭ ଦେଖାଇ ଲୁଟି ନେଲେ ୩୨ହଜାର

**ସାଇବର ଠକାମିର ଶିକାର ହେଲେ ବ୍ୟବସାୟୀ**

ସିମୁଳିଆ, ୨୭।୭ (ସନ୍ତୋଷ ନାୟକ)

ଅନଲାଇନ ଠକଙ୍କ ସମ୍ପର୍କରେ ସରକାର ବାରମ୍ବାର ସଚେତନତା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ତେବେ ଠକମାନେ ବିଭିନ୍ନ ତରିକାରେ ଜନସାଧାରଣଙ୍କୁ ଠକୁଥିବା ଦେଖାଯାଇଛି। ଏମିତି ଏକ ଅଭିନବ ଠକେଇର ଶିକାର ହୋଇଛନ୍ତି ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ସଦରମହକୁମା ମାର୍କୋଣାର ବ୍ୟବସାୟୀ ମନୋରଞ୍ଜନ ମିଶ୍ର। ତାଙ୍କ ଘର ସ୍ଥାନୀୟ ମଇତାପୁର ଅଞ୍ଚଳରେ। ମନୋରଞ୍ଜନଙ୍କର ମାର୍କୋଣା ଛକରେ ରଙ୍ଗ ଓ ହାର୍ଡୱେୟାର ଦୋକାନ ରହିଛି। ଶନିବାର ଅପରାହ୍ନରେ ମନୋରଞ୍ଜନଙ୍କ ଗାଁ ପିଲାର ପରିଚୟ ଦେବା ସହିତ ଗାଁ କଥା କହି ଜଣେ ଠକ ପରିଚୟ ସୃଷ୍ଟି କରିଥିଲେ। ପରେ ୩୨ହଜାର ଟଙ୍କାରେ ଦୁଇଟି ଏସି କଥା କହି ଲୋଭ ଦେଖାଇଥିଲେ। ମନୋରଞ୍ଜନ ତୁରନ୍ତ ଅନଲାଇନରେ ଟଙ୍କା ପଠାଇବା ପରେ ଠକଙ୍କ ମୋବାଇଲ ସୁଇଚ ଅଫ ହେବା ସହିତ ସେ ପଠାଇଥିବା ଫଟୋ ହ୍ୱାଟସଆପରୁ ଡିଲିଟ ହୋଇଯାଇଥିଲା। ତୁରନ୍ତ ମନୋରଞ୍ଜନ ଆକାଉଣ୍ଟ ବ୍ଲକ କରିବା ସହିତ ସାଇବର ପୋଲିସରେ ଅଭିଯୋଗ କରିଥିଲେ।

## ଖାଲରେ ପଡ଼ି ୨ ବର୍ଷ ଶିଶୁର ମୃତ୍ୟୁ

ଔପଦା, ୨୭।୭(ଧରିତ୍ରୀ ପଣ୍ଡା)– ଔପଦା ବ୍ଲକ ମଝିସାହି ରାଜସ୍ୱ ଗ୍ରାମରେ ରବିବାର ଜାନକୀ ଭୁଇଁଆ ନାମ୍ନୀ ମହିଳାଙ୍କ ୨ବର୍ଷର ଶିଶୁ ଖାଲରେ ପଡ଼ି ମୃତ୍ୟୁବରଣ କରିଛନ୍ତି। ଜାନକୀଙ୍କ ସ୍ୱାମୀ ବାହାରେ ରୁହନ୍ତି। ଅନ୍ୟ ଭଉଣୀ ଭାଇଙ୍କ ପାଖରେ ପୁଅକୁ ଛାଡି ଜାନକୀ ପାଖ ଗ୍ରାମକୁ ଧାନ ରୋଇବା ପାଇଁ ଯାଇଥିଲେ। ଭଉଣୀ ଭାଇ ଅନ୍ୟ ପିଲାଙ୍କ ସହିତ ଖେଳୁଥିବା ବେଳେ ୨ବର୍ଷର ଶିଶୁ ମାଙ୍କଡା ପଥର ଖୋଳାଯାଇଥିବା ପାଣି ଭର୍ତ୍ତି ଖାଲରେ ପଡ଼ି ଯାଇଥିଲେ। ଜାନକୀଙ୍କ ବଡ଼ ପୁଅ ଦେଖି ଡାକ ପକାଇଥିଲେ। ସ୍ଥାନୀୟ ଲୋକେ ଓ ଜାନକୀ ପୁଅକୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ପୁଅକୁ ମୃତ ଘୋଷଣା କରିଥିଲେ।

## ଗୋଚର ଜମିରୁ ଜବରଦଖଲ ଉଚ୍ଛେଦ ଦାବି

ଖଇରା, ୨୭।୭(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ବାଉଁଶଗଡିଆ ଗ୍ରାମରେ ବହୁ ପରିମାଣର ଗୋଚର ଜମିକୁ କେତେଜଣ ବ୍ୟକ୍ତି ଜବରଦଖଲ କରି ଏହାକୁ ବ୍ୟକ୍ତିଗତ କାର୍ଯ୍ୟରେ ବ୍ୟବହାର କରୁଛନ୍ତି। ଫଳରେ ଗୋରୁଗାଈଙ୍କ ଚଳପ୍ରଚଳ ତଥା ଗ୍ରାମବାସୀଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଛି । ଏ ସମ୍ପର୍କରେ ଏକ ଲିଖିତ ଦାବିପତ୍ର ଗ୍ରାମବାସୀ ଖଇରା ତହସିଲଦାର ଅମିତ ରଞ୍ଜନ ହୋତାଙ୍କୁ ଲିଖିତ ଭାବେ ପ୍ରଦାନ କରିଛନ୍ତି । ତୁରନ୍ତ ପ୍ରଶାସନ ଗୋଚର ଜମିରୁ ଜବରଦଖଲ ନ ହଟାଇଲେ ଗ୍ରାମବାସୀ ଧାରଣାରେ ବସିବାକୁ ଜିତେନ୍ଦ୍ର କୁମାର ପରିଡା, ବୁଦ୍ଧଦେବ ବାରିକ, ଲକ୍ଷ୍ମୀଧର ବାରିକ, କନକ ବାରିକ, ଅଶୋକ ବେହେରା, କରୁଣାକର ବାରିକ, ବିମଳା ବାରିକ ପ୍ରମୁଖ ଚେତାବନୀ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ ଗ୍ରାମର କିଛି ବ୍ୟକ୍ତି ଅନ୍ୟମାନଙ୍କୁ ଭୟଭୀତ କରି ଖାତା ନମ୍ବର ୨୮, ପ୍ଲଟ ନମ୍ବର ୭୨୯ରେ ଥିବା ୧୪.୧୧ଏକର ବିଶିଷ୍ଟ ଗୋଚର କିସମ ଜମିରୁ ବହୁ ଅଂଶ ମାଡି ବସି ଏଥିରେ ଗୃହ ନିର୍ମାଣ କାର୍ଯ୍ୟ କରିବା ସହ କୃଷି କାର୍ଯ୍ୟ କରୁଛନ୍ତି। ଫଳରେ ଗୋରୁଗାଈ ଓ ସାଧାରଣ ଲୋକ ଚଳପ୍ରଚଳ ପାଇଁ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ଗ୍ରାମବାସୀ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

## କରୁଣାକର ପାଠାଗାରର ପଞ୍ଚମ ବାର୍ଷିକ ଉତ୍ସବ

ବାହାନଗା, ୨୭। ୭(ଅରୂପ କୁମାର ଦାସ )

ବାହାନଗା ବ୍ଲକ ପଣ୍ଡାଶୁଣି ପଞ୍ଚାୟତର ଜଳଖଟୁଆ ଗ୍ରାମରେ ଥିବା କରୁଣାକର ପାଠାଗାରର ପଞ୍ଚମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସଂଗ୍ରାହକ ବିକାଶ ଶତପଥୀଙ୍କୁ ପାଠାଗାର ସମ୍ମାନରେ ସମ୍ମାନିତ କରାଯାଇଛି। ପାଠାଗାର ସଭାପତି କରୁଣାକର ଶଙ୍ଖୁଆଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଡ. ରାମଚନ୍ଦ୍ର ପଣ୍ଡା, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଓ ବରିଷ୍ଠ ଶିକ୍ଷାବିତ୍ ସୁଧାଂଶୁ ଶେଖର ମିଶ୍ର ପ୍ରମୁଖ ଯୋଗଦେଇ ଇଣ୍ଟରନେଟ ଯୁଗରେ ପିଲାମାନେ ମୋବାଇଲକୁ ନିଜର କରି ବହିଠାରୁ ଦୂରେଇ ଯାଉଥିବା ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ସଂଗ୍ରାହକ ବିକାଶ କୁମାର ଶତପଥୀଙ୍କୁ କରୁଣାକର ପାଠାଗାର ସମ୍ମାନରେ ସମ୍ବର୍ଦ୍ଧିତ କରାଯିବା ସହିତ ସ୍ଥାନୀୟ ଅଞ୍ଚଳର ୬ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପଣ୍ଡିତ ରମାକାନ୍ତ ଦାଶଙ୍କ ସଭାପତିତ୍ୱରେ କବିତା ପାଠ ଉତ୍ସବ ହୋଇଥିଲା। ଅତିଥି ଭାବେ ଡ ରମାକାନ୍ତ ନାୟକ କବି ସର୍ବେଶର ଦାସ ଓ ସୁବାସିନୀ ଜି ପ୍ରମୁଖ ଯୋଗଦେଇଥିଲେ। କବି ସଦାନନ୍ଦ ପାଣିଗ୍ରାହୀ ଓ ଲିଲିମା ପଣ୍ଡାଙ୍କ ସଂଯୋଜନାରେ ବିଭିନ୍ନ ସ୍ଥାନରୁ ଆସିଥିବା ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ। ସମ୍ପାଦକ ଇଂ ରାଜୀବ ଶଙ୍ଖୁଆ ଧନ୍ୟବାଦ ଅର୍ପଣ କରିଥିଲେ।



ସଂଗ୍ରାହକ ବିକାଶ କୁମାର ଶତପଥୀଙ୍କୁ କରୁଣାକର ପାଠାଗାର ସମ୍ମାନରେ ସମ୍ବର୍ଦ୍ଧିତ କରାଯାଉଛି।

# 'ଶହୀଦ ଯବାନଙ୍କ ପରିବାର ରାଷ୍ଟ୍ର ପାଇଁ ଗର୍ବ'

**କାର୍‌ଗିଲ ବିଜୟ ଦିବସ**

**ସମ୍ମାନିତ ହେଲେ ବୀର ନାରୀ, ବୀର ମାତା**

ବାଲେଶ୍ୱର, ୨୭।୭(ବାଞ୍ଛାନିଧି ଦେ)




ସମ୍ମାନିତ ହୋଇଥିବା ବୀର ନାରୀ ଓ ବୀର ମାତା ମାନେ।

ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ଷ୍ଟେଶନ ମୁଖ୍ୟାଳୟ ପରିସରରେ ଶନିବାର କାର୍ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ମୁଖ୍ୟାଳୟ ଛତିଶଗଡ଼ ଓ ଓଡ଼ିଶା ସବ୍–ଏରିଆ ସେନାବାହିନୀ ଅଧୀନ ଷ୍ଟେଶନ ମୁଖ୍ୟାଳୟ ବାଲେଶ୍ୱର ଆନୁକୂଲ୍ୟରେ ସମ୍ମାନ ସମାରୋହ ଆୟୋଜିତ ହୋଇଥିଲା। ପ୍ରଶାସନିକ ଅଧିକାରୀ ଲେଫ୍ଟେନାଣ୍ଟ କର୍ନେଲ ସନ୍ତୋଷ କୁମାର ପଣ୍ଡା ଓ ଲେଫ୍ଟନାଣ୍ଟ କର୍ନେଲ ଆନନ୍ଦ ଚନ୍ଦ୍ର ବୋଇତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ମୁଖ୍ୟଅତିଥି ଭାବେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଯୋଗଦେଇ ଦେଶ ପାଇଁ ବୀର ଯବାନଙ୍କ ଅବଦାନ ଅତୁଳନୀୟ। ଶହୀଦ ଯବାନଙ୍କ ପରିବାର ରାଷ୍ଟ୍ର ପାଇଁ ଗର୍ବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସୈନିକ ବୋର୍ଡ ସଚିବ ଅମ୍ଳାନ ନାୟକ, ପୂର୍ବତନ ବିଧାୟିକା ପ୍ରମିଳା ଗିରି, ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ସର୍ଜେଣ୍ଟ ଏସ୍.କେ. ପତି, ଲିଗାଲ ଆଡଭାଇଜର ଆଶୁତୋଷ ମହାପାତ୍ର, ବୀରଚକ୍ରଙ୍କ ସ୍ତ୍ରୀ ଲକ୍ଷ୍ମୀମଣି ସୋରେନ ପ୍ରମୁଖ ମଞ୍ଚାସୀନ ହୋଇ ଶହୀଦ ଯବାନଙ୍କ ବଳିଦାନ ଦେଶକୁ ବିଜୟର ଟୀକା ପିନ୍ଧାଇଛି ବୋଲି କହିଥିଲେ। ପୂର୍ବତନ ସୁବେଦାର ମେଜର ଏଲ୍‌ଡି ପ୍ରଧାନ ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ ଓ କେନ୍ଦୁଝର ଜିଲାର ୬୦ରୁ ଊର୍ଦ୍ଧ୍ୱ ବୀର ନାରୀ, ବୀର ମାତା, ଶହୀଦ ଯବାନଙ୍କ ପତ୍ନୀ ଓ ଯୁଦ୍ଧରେ ଆହତ ସେନାନୀମାନଙ୍କୁ ସ୍ମୃତି ଚିହ୍ନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଏହାପରେ ପେନସନ, ଚିକିତ୍ସା ସେବା, କ୍ୟାଣ୍ଟିନ୍ ଓ ବିଭିନ୍ନ ସୁବିଧାଅସୁବିଧା ସମ୍ପର୍କରେ ଆଲୋଚନା ପୂର୍ବକ ସମସ୍ୟାର ସମାଧାନ କରାଯାଇଥିଲା।

# ୨ ନାବାଳିକାଙ୍କୁ ବଳାତ୍କାର

## ମାଲକାନଗିରି ଜିଲା

ମାଲକାନଗିରି/କୋରୁକୋଣ୍ଡା, ୨୭।୭(ଦୁର୍ଯ୍ୟୋଧନ ପାତ୍ର/ଶିବଦତ୍ତ ସାହୁ)


ଗିରଫ ଦୟା ମାଢ଼ୀ ।

ମାଲକାନଗିରି ଜିଲା ମୁଦୁଲିପଡ଼ା ଓ ଓର୍କେଲ ଥାନା ଅଞ୍ଚଳରେ ୨ଜଣ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ମୁଦୁଲିପଡା ଅଞ୍ଚଳର ନାବାଳିକାଙ୍କୁ ଗତ ୧୦ ମାସ ପୂର୍ବେ ଜଣେ ଯୁବକ ବଳାତ୍କାର କରିଥିବା ବେଳେ ସେ ଗର୍ଭବତୀ ଥିଲେ। ଶନିବାର ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। କିନ୍ତୁ କୌଣସି କାରଣରୁ ସନ୍ତାନଟିର ମୃତ୍ୟୁ ଘଟିଥିଲା। ଏ ସମ୍ବନ୍ଧରେ ପରିବାର ଲୋକେ ମୁଦୁଲିପଡ଼ା ଥାନାରେ ଅଭିଯୋଗ କରିଥିବା ବେଳେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେହିପରି ଓର୍କେଲ ଥାନା ଅଞ୍ଚଳରେ ଲିଫ୍ଟ ଦେବା ବାହାନାରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୨୦୦/୨୫ରେ ମାମଲା ରୁଜୁ କରି ଘଟଣାରେ ସମ୍ପୃକ୍ତ ଦୟା ମାଢ଼ୀଙ୍କୁ ଗିରଫ କରିଛି। ସୂଚନାଯୋଗ୍ୟ, ନାବାଳିକା ଜଣକ ଗତ ବର୍ଷ ଦଶମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନିଜ ମାମୁ ଘରେ ରହୁଥିଲେ। ଗତ ୧୪ ତାରିଖରେ ସେ ମାମୁ ଘରୁ ନିଜ ଗାଁକୁ କିଛିଦିନ ପାଇଁ ଯାଇଥିଲେ। ଗତ ୨୦ ତାରିଖରେ ସେ ଘରୁ ବାହାରି ଏକ ବସ୍ ଯୋଗେ ଆସି ମାମୁ ଘର ଗାଁ ଛକରେ ଓହ୍ଲାଇ ଚାଲି ଚାଲି ଯାଉଥିଲେ। ସେହି ସମୟରେ ମାମୁ ଘର ଗାଁର ଜଣେ ବ୍ୟକ୍ତି ଦୟା ମାଢ଼ୀ ବାଇକ୍‌ରେ ସେହି ରାସ୍ତା ଦେଇ ଯାଉଥିଲେ। ତାଙ୍କୁ ସେ ମାମୁଘରେ ଛାଡ଼ିଦେବି କହି ବାଇକ୍‌ରେ ବସାଇ ନେଇଥିଲେ। କିନ୍ତୁ ସେଠାରୁ ନାବାଳିକାଙ୍କୁ ଚିତ୍ରକୋଣ୍ଡା ଡ୍ୟାମ୍ ବୁଲାଇ ଆଣିବି ବୋଲି କହି ନେଇଯାଇଥିଲେ। ତେବେ ଡ୍ୟାମ୍ ଅଞ୍ଚଳରୁ ବୁଲାବୁଲି ସାରି ଫେରିବା ବେଳକୁ ସନ୍ଧ୍ୟା ହୋଇଯାଇଥିଲା। ଏହାର ସୁଯୋଗ ନେଇ ଦୟା ହାତୀଆମ୍ବ ଗ୍ରାମ ନିକଟ ଜଙ୍ଗଲରେ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ରାତି ପ୍ରାୟ ୮ଟାରେ ଦୟା ତାଙ୍କୁ ନେଇ ମାମୁ ଘର ଗାଁରେ ଛାଡ଼ି ଦେଇଥିଲେ। ରାତି ହୋଇ ଯାଇଥିବାରୁ ନାବାଳିକା ଜଣକ ଭୟରେ ମାମୁ ଘରକୁ ନ ଯାଇ ଉକ୍ତ ଗ୍ରାମର ଜଣେ ପରିଚିତଙ୍କ ଘରେ ରହିଥିଲେ। ପରଦିନ ସକାଳେ ସେ ମାମୁ ଘରକୁ ଯାଇ ଘଟଣା ସମ୍ପର୍କରେ ଜଣାଇଥିଲେ। ପରେ ତାଙ୍କ ମାମୁ ଗ୍ରାମର ଭଦ୍ର ବ୍ୟକ୍ତିଙ୍କୁ ନେଇ ଏକ ବୈଠକ ଡାକିଥିଲେ। ବୈଠକରେ ଗ୍ରାମର ସମସ୍ତେ ଉପସ୍ଥିତ ଥିବାବେଳେ ଦୟା ଫେରାର ହୋଇଯାଇଥିଲେ। ଗ୍ରାମବାସୀଙ୍କ ପରାମର୍ଶ କ୍ରମେ ପୀଡ଼ିତାଙ୍କ ମାମୁ ଶନିବାର ଓର୍କେଲ ଥାନାରେ ଦୟାଙ୍କ ନାମରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଅଭିଯୁକ୍ତ ଦୟାଙ୍କୁ କୁଡୁମୁଲୁଗୁମ୍ମା ଫାଣ୍ଡି ଅଞ୍ଚଳର ଏକ ଗ୍ରାମରୁ ଗିରଫ କରାଯାଇଥିବା ଥାନା ଅଧିକାରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ପୀଡ଼ିତାଙ୍କୁ ରବିବାର ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀ ମାଇନା କରାଯାଇଛି।

# ସ୍ତ୍ରୀଙ୍କୁ ହତ୍ୟା କରି ସ୍ୱାମୀ ଫେରାର

ବାସୁଦେବପୁର, ୨୭।୭(ନାରାୟଣ ପ୍ରସାଦ ବାରିକ/କାଳିପଦ ରାୟ)

## ଘର ଭିତରୁ ମିଳିଲା ରକ୍ତ ଜୁଡୁବୁଡୁ ମୃତଦେହ

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କଷିଆ ସାମୁଦ୍ରିକ ଥାନା ଅଧୀନ ବିଦେଇପୁର ପଞ୍ଚାୟତର ପାରାପୋଖରୀ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀଙ୍କୁ ହତ୍ୟା କରି ସ୍ୱାମୀ ଫେରାର ହୋଇଯାଇଥିବାବେଳେ ରବିବାର ସକାଳେ ଘର ଭିତରୁ ମହିଳାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ମିଳିଛି। ମୃତା ମହିଳା ହେଲେ ଗ୍ରାମର ଗୁରୁବାରୀ ଜେନା(୪୫)। ଟଙ୍କା ପାଇଁ ତାଙ୍କ ସ୍ୱାମୀ ଗୋପୀନାଥ ଜେନା (୫୮) କୌଣସି ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରିଥିବା ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ଜାଣିବାକୁ ପାଇଛି। ଗୁରୁବାରୀଙ୍କ ମୁଣ୍ଡ, ହାତ ଓ ଦେହର କେତେକ ସ୍ଥାନରେ କ୍ଷତ ସୃଷ୍ଟି ହୋଇ ଅଧିକ ରକ୍ତସ୍ରାବ ହୋଇ ଜୀବନ ଯାଇଛି। କଷିଆ ସାମୁଦ୍ରିକ ଥାନାଧିକାରୀ ସାବିତ୍ରୀ ପଣ୍ଡା, ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ ଓ ଭଦ୍ରକରୁ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ସୂଚନା ଅନୁଯାୟୀ, ଗୋପୀନାଥ ବାସୁଦେବପୁର ଥାନା ଅଧୀନ ଅତୁଆଁ ଗ୍ରାମର ବାସିନ୍ଦା। ସେ ପାରାପୋଖରୀ ଗ୍ରାମର ଗୁରୁବାରୀଙ୍କୁ ଦ୍ୱିତୀୟ ବିବାହ କରି ରହୁଥିଲେ। ଦ୍ୱିତୀୟ ସ୍ତ୍ରୀଙ୍କଠାରୁ ତାଙ୍କର ଦୁଇପୁଅ ଓ ଗୋଟିଏ ଝିଅ ଅଛନ୍ତି। କିଛିଦିନ ତଳେ ଗୁରୁବାରୀ ତାଙ୍କ ପୈତୃକ ସମ୍ପତ୍ତିରୁ କିଛି ଜମି ବିକ୍ରି କରି ଟଙ୍କା ରଖିଥିଲେ। ସେହି ଟଙ୍କାକୁ ନେବା ପାଇଁ ଗୋପୀନାଥ ତାଙ୍କୁ ମାରଧର କରୁଥିବା ପୁଅ ଝିଅମାନେ ପ୍ରକାଶ କରିଛନ୍ତି। ପୁଅ ଝିଅ ବିବାହ କରି ଅନ୍ୟତ୍ର ରହୁଥିବାବେଳେ ଗୋପୀନାଥ ଓ ଗୁରୁବାରୀ ଏକାଠିରହୁଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ମୃତା ଗୁରୁବାରୀଙ୍କ ଝିଅ କୁନିଲତାଙ୍କ ଅଭିଯୋଗ ଆଧାରରେ ଏକ ହତ୍ୟା ମାମଲା (ନଂ.୧୧୩/୨୫) ରୁଜୁ କରାଯାଇଛି। ଅଭିଯୁକ୍ତ ଫେରାର ଥିବାବେଳେ ଖୁବ୍‌ଶୀଘ୍ର ତାଙ୍କୁ ଧରାଯିବ ବୋଲି ଥାନାଧିକାରୀ ପଣ୍ଡା କହିଛନ୍ତି।

# କମ୍ପାନୀ କ୍ୟାଣ୍ଟିନରେ ମହିଳାଙ୍କୁ ଅସଦାଚରଣ

ଯୋଡ଼ା, ୨୭।୭(ମାନସ ମହାନ୍ତି)

## ଅଭିଯୋଗ କରିବାରୁ କାମରୁ ବିଦା ହେଲେ

କେନ୍ଦୁଝର ଜିଲା ଯୋଡ଼ା ସହରର ଜଣେ ମହିଳାଙ୍କୁ କାର୍ଯ୍ୟକ୍ଷେତ୍ରରେ ଅସଦାଚରଣ ଅଭିଯୋଗ ହୋଇଛି। ଏ ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ମାତ୍ର ସେ ଅଭିଯୋଗ କରିବା ପରେ ତାଙ୍କୁ କର୍ମକ୍ଷେତ୍ରରୁ ବାହାର କରିଦିଆଯାଇଛି।

ଅଭିଯୋଗ ମୁତାବକ, ଯୋଡ଼ା ଶହୀଦନଗର ଅଞ୍ଚଳର ମହିଳା ସ୍ଥାନୀୟ ଏକ କମ୍ପାନୀରେ ଠିକାସଂସ୍ଥା ଅଧୀନରେ କ୍ୟାଣ୍ଟିନ କାର୍ଯ୍ୟରେ ନିୟୋଜିତ ଥିଲେ। କ୍ୟାଣ୍ଟିନରେ କାର୍ଯ୍ୟ କରୁଥିବା ଚନ୍ଦନ କୁମାର ସେଠୀ ନାମକ ଯୁବକ ତାଙ୍କୁ ବିଭିନ୍ନ ସମୟରେ ଅସଦାଚରଣ କରୁଥିଲେ। ଚନ୍ଦନ ଆତ୍ମହତ୍ୟା କରିବେ ବୋଲି କହି ବ୍ଲାକ୍‌ମେଲିଂ ମଧ୍ୟ କରୁଥିଲେ। ଏନେଇ ମହିଳା ଜଣକ ଫେବୃଆରୀ ୧୬ରେ ଯୋଡ଼ା ଥାନାରେ ଅଭିଯୋଗ କରିଥିଲେ। ରବି ନାରାୟଣ ସାହୁ ନାମକ ଯୁବକ ଚନ୍ଦନଙ୍କୁ ସହଯୋଗ କରୁଥିବା ଅଭିଯୋଗରେ ଦର୍ଶାଇଥିଲେ। ଯୋଡ଼ା ଥାନାରେ ଏକ ମାମଲା(ନଂ.୩୫/୨୦୨୫) ରୁଜୁ ହୋଇଛି। ମାତ୍ର ଏ ପର୍ଯ୍ୟନ୍ତ କୌଣସି ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ ବୋଲି ମହିଳାଙ୍କ ସ୍ୱାମୀ କହିଛନ୍ତି। ନ୍ୟାୟ ମିଳିବା ପରିବର୍ତ୍ତେ ଟାଟାଷ୍ଟିଲ୍ ଠିକା ସଂସ୍ଥା ମହିଳାଙ୍କୁ କାର୍ଯ୍ୟରୁ ବିଦା କରିଦେଇଥିବା ମହିଳାଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି। ଫଳରେ କାର୍ଯ୍ୟହରା ହୋଇ ସେ ମାନସିକ ବିଷାଦଗ୍ରସ୍ତ ହୋଇଛନ୍ତି। ଏପରିକି କମ୍ପାନୀର ବରିଷ୍ଠ ଅଧିକାରୀ, ଠିକାସଂସ୍ଥା କର୍ତ୍ତୃପକ୍ଷ ସମସ୍ତଙ୍କୁ ଅଭିଯୋଗ କରି ବି ନିରାଶ ହୋଇଥିବା କହିଛନ୍ତି। ଯୋଡ଼ା ଥାନା ଅଧିକାରୀ ସୁଶାନ୍ତ କୁମାର ପ୍ରଧାନ କହିଛନ୍ତି, ଏହା ପୁରୁଣା ମାମଲା ହୋଇଥିବାରୁ ଏହାକୁ ଅଗ୍ରାଧିକାରଭିତ୍ତିରେ ଗୁରୁତ୍ୱର ସହିତ ନିଆଯିବ।

# ସ୍ୱାମୀଙ୍କୁ ଶାବଳରେ ପିଟି ହତ୍ୟା

ରାଜଗାଙ୍ଗପୁର, ୨୭।୭ (ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ତଥା କାଂଶବାହାଲ ଫାଣ୍ଡି ଅଧୀନ ସାଗଯୋର ପଞ୍ଚାୟତ କଦେଲଡ଼ିପା ଗ୍ରାମରେ ଶନିବାର ରାତିରେ ସ୍ୱାମୀଙ୍କୁ ଶାବଳରେ ପିଟି ହତ୍ୟା କରିଛନ୍ତି ସ୍ତ୍ରୀ। ରାଜଗାଙ୍ଗପୁର ପୋଲିସ ଅଭିଯୁକ୍ତ ସ୍ତ୍ରୀ ସଙ୍ଗୀତା ବାରା(୨୫)ଙ୍କୁ ଗିରଫ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ଶାବଳକୁ ଜବତ କରିଛି। ସୋମବାର ଅଭିଯୁକ୍ତାଙ୍କୁ କୋର୍ଟ ଚାଲାଣ କରାଯିବ। ଏନେଇ ପୋଲିସ ଏକ ହତ୍ୟା ମାମଲା ନଂ. ୩୭୪/୨୫ ରୁଜୁ କରିଛି।

ସୂଚନା ଅନୁଯାୟୀ, କଦେଲଡିପା ଗ୍ରାମରେ ସୁଦୀପ ବାରା ସ୍ତ୍ରୀ ସଙ୍ଗୀତା ଓ ୨ ପୁଅଙ୍କ ସହ ରୁହନ୍ତି। ସୁଦୀପ ସବୁବେଳେ ମଦ୍ୟପାନ କରି ଘରକୁ ଫେରି ସ୍ତ୍ରୀଙ୍କ ସହ ଝଗଡ଼ା କରନ୍ତି। ଅନୁରୂପଭାବେ ଶନିବାର ରାତିରେ ମଦ ପିଇ ଘରକୁ ଫେରିବା ପରେ ସ୍ତ୍ରୀଙ୍କ ସହ ଝଗଡ଼ା କରିଥିଲେ। ଫଳରେ ସ୍ତ୍ରୀ ନିଜ ମାନସିକ ଭାରସାମ୍ୟ ହରାଇ ଘରେ ଥିବା ଏକ ଶାବଳରେ ପିଟିପିଟି ତାଙ୍କୁ ହତ୍ୟା କରିଥିଲେ। ରବିବାର ସକାଳେ ଏହି ଖବର କାଂଶବାହାଲ ଫାଣ୍ଡି ଅଧିକାରୀ ପ୍ରଭସିମରଣ ସିଂ ପାଇବା ପରେ ଘଟଣାସ୍ଥଳରେ ସଦଳବଳ ପହଞ୍ଚି ତଦନ୍ତ କରିଥିଲେ। ସେଠାରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

# ସଫେଇ ଆଳରେ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଲୁଟ୍


ପୋଲିସ ପକ୍ଷରୁ ଜାରି ହୋଇଥିବା ଦୁର୍ବୃତ୍ତଙ୍କ ଫଟୋଚିତ୍ର।

## ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ଠକେଇର ଶିକାର

ବଡ଼ବିଲ, ୨୭।୭(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଞ୍ଚଳରେ ୨ ଦୁର୍ବୃତ୍ତ ଜଣେ ମହିଳାଙ୍କଠାରୁ ସଫେଇ ଆଳରେ ପ୍ରାୟ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ଲୁଟି ଚମ୍ପଟ ମାରିଛନ୍ତି। ଏ ନେଇ ଠକେଇର ଶିକାର ହୋଇଥିବା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଅବସରପ୍ରାପ୍ତ ମ୍ୟାନେଜର ସୁଲୋଚନା ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ସିସିଟିଭି ଫୁଟେଜ୍ ଆଧାରରେ ଦୁର୍ବୃତ୍ତଙ୍କୁ ଚିହ୍ନଟ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ବଡ଼ବିଲ ମହାବିଦ୍ୟାଳୟର ଅବସରପ୍ରାପ୍ତ ଇତିହାସ ବିଭାଗ ଅଧ୍ୟାପକ ଗୋଲକ ବିହାରୀ ଗିରି ଓ ତାଙ୍କ ସ୍ତ୍ରୀ ସୁଲୋଚନା ପ୍ରଧାନ ବଡ଼ବିଲ ସୁନ୍ଦରାବସ୍ତିସ୍ଥିତ ଘରେ ରହୁଛନ୍ତି। ଶନିବାର ପୂର୍ବାହ୍ନରେ ଗୋଲକ ନିକଟସ୍ଥ ଜଣେ ବ୍ୟକ୍ତିଙ୍କ ସହ ଦେଖା କରିବାକୁ ଯାଇଥିବା ବେଳେ ସେହି ସମୟରେ ୨ ଜଣ ଦୁର୍ବୃତ୍ତ ତାଙ୍କ ଘରେ ପଶିଥିଲେ। ସୁଲୋଚନାଙ୍କୁ ପିତଳ ଜିନିଷ ସଫେଇ କରିବା ନିମନ୍ତେ ଆସିଥିବା କହିବା ସହ ପିତଳ ଜିନିଷ ମାଗି ସଫା କରି ଫେରାଇ ଦେଇଥିଲେ। ପରେ ସୁନା ଅଳଙ୍କାର ସଫେଇ କରିଦେବେ ବୋଲି କହିବାରୁ ସୁଲୋଚନା ପିନ୍ଧିଥିବା ହାର, କାନଫୁଲ ଓ ବଳା ଖୋଲି ସଫେଇ କରିବାକୁ ଦେଇଥିଲେ। ଅତି ଚତୁରତାର ସହିତ ଦୁର୍ବୃତ୍ତ ଆଖି ସାମ୍ନାରେ ସୁନା ଅଳଙ୍କାର ସବୁ ହାତେଇ ସେଠାରୁ ଚମ୍ପଟ ମାରିଥିଲେ। ଗୋଲକ ଘରେ ପହଞ୍ଚିବା ପରେ ଘଟଣା ବିଷୟରେ ଜାଣି ବଡ଼ବିଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୨୦୫/୨୦୨୫)ରୁଜୁ କରି ଘଟଣାସ୍ଥଳ ପରିଦର୍ଶନ କରିବା ସହ ବିଭିନ୍ନ ସ୍ଥାନରେ ଲାଗିଥିବା କ୍ଲୋଜ୍ ସର୍କିଟ କ୍ୟାମେରାର ଫୁଟେଜ୍ ତନଖି କରି ତଦନ୍ତ କରୁଛି। ୨ ଦୁର୍ବୃତ୍ତଙ୍କ ଫଟୋଚିତ୍ରକୁ ଥାନା ପକ୍ଷରୁ ସୋସିଆଲ ମିଡିଆରେ ପ୍ରସାର କରି ଜନସାଧାରଣଙ୍କୁ ସତର୍କ ରହିବା ସହ ସେମାନଙ୍କୁ ଦେଖିଲେ ପୋଲିସକୁ ସୂଚନା ଦେବାକୁ ନିବେଦନ କରାଯାଇଛି।

## BUSINESS

# ରେଳ ଉପକରଣ ରପ୍ତାନିରେ ଭାରତ ଆଗୁଆ

ଭୁବନେଶ୍ୱର, ୨୭।୭(ଅନୁରାଧା ମହାରଣା)



ଭାରତ ରେଳ ଉପକରଣ ରପ୍ତାନିରେ ଆଗୁଆ ରହିଛି। 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ଦି ୱାର୍ଲ୍ଡ' ଦୃଷ୍ଟିକୋଣ ଭାରତୀୟ ରେଳ ଉତ୍ପାଦନ କ୍ଷେତ୍ରରେ ଏକ ବଡ଼ ପ୍ରଭାବ ପକାଇଛି। ଭାରତ ଏବେ ଅନେକ ଉନ୍ନତ ଦେଶକୁ ରେଳ ଉପକରଣ, କୋଚ ଓ ଲୋକୋମୋଟିଭ ରପ୍ତାନି କରୁଛି। କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ତଥା ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରବିବାର ଗୁଜରାଟର ଭଦୋଦରାସ୍ଥିତ ସାଭଲିରେ ଥିବା ଆଲଷ୍ଟମ ଫ୍ୟାକ୍ଟ୍ରି ପରିଦର୍ଶନ କରିବା ଅବସରରେ ଏପରି ମତ ଦେଇଛନ୍ତି। ମନ୍ତ୍ରୀଙ୍କ ଗସ୍ତ ସମୟରେ ଆଲଷ୍ଟମ ଅଧିକାରୀ ଓ କର୍ମଚାରୀମାନେ ରେଳ ମନ୍ତ୍ରୀଙ୍କୁ ଫ୍ୟାକ୍ଟ୍ରିରେ ଚାଲିଥିବା ବିଭିନ୍ନ କାର୍ଯ୍ୟ ବିଷୟରେ ଅବଗତ କରାଇଥିଲେ। ଅତ୍ୟାଧୁନିକ ପ୍ରଯୁକ୍ତି ସହ ନିର୍ମିତ 'ନମୋ ଭାରତ' କୋଚଗୁଡ଼ିକର ଆଧୁନିକ ଡିଜାଇନ ଓ ଗୁଣବତ୍ତାକୁ ମନ୍ତ୍ରୀ ପ୍ରଶଂସା କରିଥିଲେ। ଆଲଷ୍ଟମ ଟିମ୍ ମନ୍ତ୍ରୀଙ୍କୁ ରକ୍ଷଣାବେକ୍ଷଣ କାର୍ଯ୍ୟ, ସାମଗ୍ରୀ ବ୍ୟବହାର ଏବଂ ଯୋଗାଣକାରୀ ସଂଯୋଗ ବିଷୟରେ ସୂଚନା ଦେଇଥିଲେ। ସେନ୍ସର ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବ୍ୟବହାର କରି ନିୟମିତ ରକ୍ଷଣାବେକ୍ଷଣ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ଭାରତରେ ଡିଜାଇନ ହୋଇଥିବା ରେଳ ଉପକରଣ ପାଇଁ ମନ୍ତ୍ରୀ ଆଲଷ୍ଟମକୁ ଅଭିନନ୍ଦନ ଜଣାଇଥିଲେ। ଏହି ଫ୍ୟାକ୍ଟ୍ରିରୁ ନିର୍ମିତ କୋଚ, ଲୋକୋମୋଟିଭ, ବଗି ଓ ପ୍ରପଲସନ ସିଷ୍ଟମ ଅଷ୍ଟ୍ରେଲିଆ, ଯୁକ୍ତରାଷ୍ଟ୍ର, ଫ୍ରାନ୍ସ, ଜର୍ମାନୀ, କାନାଡା, ମେକ୍ସିକୋ ଆଦି ଦେଶକୁ ରପ୍ତାନି ହେଉଛି। ରେଳ ମନ୍ତ୍ରୀ କହିଛନ୍ତି, ସାଭଲି ଫ୍ୟାକ୍ଟ୍ରି ଭଦୋଦରା ଅଞ୍ଚଳର ଅର୍ଥନୀତିକୁ ମଜଭୁତ କରିଛି, ସ୍ଥାନୀୟ ଯୁବକଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିଛି ଏବଂ ଅଞ୍ଚଳର ସାମଗ୍ରିକ ବିକାଶରେ ସହାୟକ ହୋଇଛି। ଆଲଷ୍ଟମ ଭାରତରେ ପ୍ରାୟ ୭,୦୦୦ ଇଞ୍ଜିନିୟରଙ୍କୁ ନିଯୁକ୍ତି ଦେଇଛି, ଯେଉଁମାନେ ରୋଲିଂ ଷ୍ଟକ ଓ ସିଗନାଲିଂ ସିଷ୍ଟମ କ୍ଷେତ୍ରରେ କାମ କରୁଛନ୍ତି। ଏମାନଙ୍କ ମଧ୍ୟରୁ ପ୍ରାୟ ୩୦୦ ଜଣ ଅନ୍ତର୍ଜାତୀୟ ପ୍ରକଳ୍ପରେ ସାମିଲ ଅଛନ୍ତି। ମନ୍ତ୍ରୀ ଆଲଷ୍ଟମର ତାଲିମ କାର୍ଯ୍ୟକ୍ରମରେ ଆଗ୍ରହ ପ୍ରକାଶ କରି ଗତି ଶକ୍ତି ବିଶ୍ୱବିଦ୍ୟାଳୟ ସହ ସହଯୋଗ ପାଇଁ ପରାମର୍ଶ ଦେଇଛନ୍ତି। ସେ ଆଲଷ୍ଟମ ଓ ପଶ୍ଚିମ ରେଳପଥର ଭଦୋଦରା ଡିଭିଜନ ମଧ୍ୟରେ ଚାଲିଥିବା ତାଲିମ ସହଭାଗିତାକୁ ପ୍ରଶଂସା କରିଛନ୍ତି। ମନ୍ତ୍ରୀ ଆଲଷ୍ଟମ ଟିମକୁ ଭାରତୀୟ ରେଳପଥ ପାଇଁ ବୃହତ ଅଫ-କ୍ୟାମ୍ପସ ଓ ଅନସାଇଟ ତାଲିମ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ଅନୁରୋଧ କରିଛନ୍ତି। ସେ ରେଳ ଅଧିକାରୀ ଓ ସେମାନଙ୍କ ଦଳକୁ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାଗୀଦାରି ପାଇଁ ଉତ୍ସାହିତ କରିଛନ୍ତି। ଏହି ଅବସରରେ ତାଙ୍କ ସହ ଭଦୋଦରା ଏମପି ଡ. ହେମାଙ୍ଗ ଯୋଶୀ, ସାଭଲି ବିଧାୟକ କେତନଭାଇ ଇନାମଦାର, ପଶ୍ଚିମ ଓ ମଧ୍ୟ ରେଳପଥର ଜେନେରାଲ ମ୍ୟାନେଜର, ଭଦୋଦରା ଓ ଅହମଦାବାଦର ଡିଆରଏମ ଏବଂ ଅନ୍ୟ ବରିଷ୍ଠ ରେଳ ଅଧିକାରୀ ଉପସ୍ଥିତ ଥିଲେ।

# ଜାତୀୟ ସିଇଓ କନ୍‌କ୍ଲେଭ୍ ଉଦ୍‌ଯାପିତ

ଭୁବନେଶ୍ୱର, ୨୭।୭

ଦି ଇଣ୍ଟରଭ୍ୟୁ ଟାଇମ୍‌ସ ପକ୍ଷରୁ ଆୟୋଜିତ ଜାତୀୟ ସିଇଓ କନ୍‌କ୍ଲେଭ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଅକଲ୍ୟାଣ୍ଡରେ ଭାରତର କନ୍‌ସଲ୍ ଜେନେରାଲ୍ ଡ. ମଦନ ମୋହନ ସେଠୀ, ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରା, ପଦ୍ମଶ୍ରୀ ଡ. ଅଶୋକ କୁମାର ମହାପାତ୍ର, ମାନସ ରଞ୍ଜନ ପଣ୍ଡା (ପରିଚାଳନା ନିର୍ଦ୍ଦେଶକ, ଓକାକ୍)ଙ୍କ ସମେତ ଡିଜି ଡିଆର୍‌ଡିଓ ଇ ଓ ସିଏସ୍ ଡ. ବି.କେ. ଦାସ୍ ଏବଂ ଡ. ପ୍ରବୀର ପାଲ୍ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଇଣ୍ଟରଭ୍ୟୁ ଟାଇମ୍ସର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଦି ଇଣ୍ଟରଭ୍ୟୁ ଟାଇମ୍ସର ସମ୍ପାଦକ ଡ. ଦିବ୍ୟଜିତ ସାହୁ ସ୍ୱାଗତ ଅଭିଭାଷଣ ସହ ସମ୍ମିଳନୀର ଆଭିମୁଖ୍ୟ ବିଷୟରେ ମତବ୍ୟକ୍ତ କରିଥିଲେ। ଅପରପକ୍ଷରେ ସ୍ୱାସ୍ଥ୍ୟ, ଲାଇଫ୍ ଷ୍ଟାଇଲ୍, ଦକ୍ଷତା, ଶିକ୍ଷା ଭଳି ବିଭିନ୍ନ ପର୍ଯ୍ୟାୟରେ ସ୍ୱତନ୍ତ୍ର ଅତିଥିଙ୍କ ଉପସ୍ଥିତିରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

# ଟିଟିକେ ପ୍ରେଷ୍ଟିଜ୍‌ର ନୂତନ ଉତ୍ପାଦ

ଭୁବନେଶ୍ୱର, ୨୭।୭



ଦେଶର ଅଗ୍ରଣୀ ରୋଷେଇ ଏବଂ ଘରୋଇ ଉପକରଣ ବ୍ରାଣ୍ଡ ତଥା ଟିଟିକେ ପ୍ରେଷ୍ଟିଜ୍‌ର ନୂତନ ଉତ୍ପାଦ ରେଞ୍ଜ 'କୁକ୍‌ୱେର୍ ଟ୍ରାଇ-ପ୍ଲାଇ ହେକ୍ସାମ୍ୟାଜିକ କୁକ୍‌ୱେର'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରି କି ଏହାର ନୂତନ ଉଦ୍ଭାବନ ଆରମ୍ଭ ସହ ସମ୍ପ୍ରତି ଉନ୍ମୋଚିତ ରେଞ୍ଜ୍ ଟ୍ରାଇପ୍ଲି ନିର୍ମାଣର ଅତୁଳନୀୟ ସ୍ଥିରତାକୁ ଏକ ପରିବର୍ତ୍ତନକାରୀ, ମଧୁର କୋଷ-ପାଟର୍ନ ନନ୍-ଷ୍ଟିକ୍ ଫିନିସ୍ ସହିତ ମିଶ୍ରଣ କରିଥାଏ। ସେହିଭଳି ଭାରତୀୟ ପରିବାରଗୁଡ଼ିକର ପରିବର୍ତ୍ତିତ ଆବଶ୍ୟକତା ପୂରଣ କରିବା ପାଇଁ ବିକଶିତ, ଟ୍ରି-ପ୍ଲାଇ ହେକ୍ସାମ୍ୟାଜିକ୍ ଫ୍ରାଏ ପ୍ୟାନ୍ ଏବଂ କଡ଼ାଇରେ ନନ୍-ଷ୍ଟିକ୍ ଇନୋଭେଶନ୍ ସହ ଟ୍ରିପଲ ସ୍ଥାୟିତ୍ୱ ମିଶ୍ରଣ ପ୍ରଦାନ କରାଯାଏ। ଏହି ଡିଜାଇନ୍ କେବଳ ଆବରଣର ସ୍ଥାୟିତ୍ୱ ବୃଦ୍ଧିକରେ ନାହିଁ ବରଂ ବାରମ୍ବାର ବ୍ୟବହାର ସତ୍ତ୍ୱେ ଦୀର୍ଘସ୍ଥାୟୀ କାର୍ଯ୍ୟଦକ୍ଷତା ମଧ୍ୟ ସୁନିଶ୍ଚିତ କରିଥାଏ। ପ୍ରେଷ୍ଟିଜ୍ ଟ୍ରି-ପ୍ଲାଇ ହେକ୍ସାମ୍ୟାଜିକ୍ କୁକ୍‌ୱେର୍ ଉତ୍ପାଦ ଉପରେ ୧୫ବର୍ଷର ୱାରେଣ୍ଟି ଏବଂ ନନ୍-ଷ୍ଟିକ୍ ଆବରଣ ଉପରେ ୩ ବର୍ଷର ୱାରେଣ୍ଟି ରହିଛି । ଏହା ବ୍ରାଣ୍ଡର ଗୁଣବତ୍ତା ଏବଂ ନିର୍ଭରଯୋଗ୍ୟତାର ନିଶ୍ଚିତତାକୁ ପୁନଃ ନିର୍ଦ୍ଦିଷ୍ଟ କରିଛି। ଉଲ୍ଲେଖଯୋଗ୍ୟ, ଟିଟିକେ ପ୍ରେଷ୍ଟିଜର ଏହି ନୂତନ ରେଞ୍ଜର ପ୍ରାରମ୍ଭିକ ବଜାର ଦର ୨୦ ସିଏମ୍ ମଡେଲ୍ ଫ୍ରାଏ ପ୍ୟାନ୍‌ର ମୂଲ୍ୟ ୨୮୪୫ ଟଙ୍କାରୁ ଆରମ୍ଭ ହେଉଥିବା ବେଳେ କଡ଼ାଇର ଦର ୨୯୯୫ ଟଙ୍କାରୁ ଆରମ୍ଭ ହେଉଛି, ଯାହା ପ୍ରିମିୟମ୍ ପ୍ରଯୁକ୍ତିବିଦ୍ୟାକୁ ଭାରତୀୟ ଗ୍ରାହକଙ୍କ ପାଖରେ ରଖିଛି। ଟ୍ରାଇ-ପ୍ଲାଇ ହେକ୍ସାମ୍ୟାଜିକ୍‌ର ଶୁଭାରମ୍ଭ ସହିତ ଟିଟିକେ ପ୍ରେଷ୍ଟିଜ୍ ଶିଳ୍ପରେ ଏକ ଅଗ୍ରଣୀ ଶକ୍ତି ଭାବେ ଏହାର ଭୂମିକାକୁ ସୁଦୃଢ଼ କରୁଛି, ଅସାଧାରଣ ରୋଷେଇ ଘରର ନବସୃଜନ ମାଧ୍ୟମରେ କୋଟି କୋଟି ଭାରତୀୟ ପରିବାରଙ୍କ ଜୀବନକୁ ଉନ୍ନତ କରିବା ପାଇଁ ପ୍ରତିବଦ୍ଧ ରହିଛି।

# ଦି ମ୍ୟାନ୍‌ଗ୍ରୋଭ୍ସ ରିଜେନେରେଶନ ପ୍ଲେଜ୍‌ର ଶୁଭାରମ୍ଭ

ଭୁବନେଶ୍ୱର, ୨୭।୭

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଡିଆଜିଓ ଇଣ୍ଡିଆ ପରିସରରେ ବିଶ୍ୱ ମ୍ୟାନ୍‌ଗ୍ରୋଭ୍ସ ଦିବସ (ଡବ୍ଲ୍ୟୁଏମ୍‌ଡି) ପାଳିତ ହୋଇଯାଇଛି। ବିଶେଷକରି ଡବ୍ଲ୍ୟୁଏମ୍‌ଡିର ୧୦ ବର୍ଷ ପୂର୍ତ୍ତି ଅବସରରେ ସିଗ୍ନେଚର୍ ପ୍ୟାକେଜଡ ଡ୍ରିଙ୍କିଙ୍ଗ୍ ୱାଟର ପକ୍ଷରୁ ଏକ ନୂତନ ଅଭିଯାନର ଶୁଭାରମ୍ଭ କରାଯାଇଛି। ଏପରିକି ଏହାର ବ୍ରାଣ୍ଡ୍ ଆମ୍ବାସାଡର ଆୟୁଷ୍ମାନ ଖୁରାନାଙ୍କ ଦ୍ୱାରା ପ୍ରସ୍ତୁତ ହାଇଡେସିବଲ ୩୬୦ ଅଭିଯାନକୁ ନିକଟରେ ଉନ୍ମୋଚନ କରାଯାଇଛି। ଏହି ଅଭିଯାନର କେନ୍ଦ୍ରରେ ଏକ ଚଳଚ୍ଚିତ୍ର ରହିଛି, ଏହା ଭାରତର ମ୍ୟାନ୍‌ଗ୍ରୋଭ୍ସ ଇକୋସିଷ୍ଟମର ସୁନ୍ଦର ରଚନାଗୁଡ଼ିକୁ ପୁନରୁଦ୍ଧାର କରିବାର ଆବଶ୍ୟକତାକୁ ଆଲୋକିତ କରିଛି। ସେହିଭଳି ଦି ମ୍ୟାନ୍‌ଗ୍ରୋଭ୍ସ ରିଜେନେରେଶନ ପ୍ଲେଜ୍ ଶୀର୍ଷକ ଚଳଚ୍ଚିତ୍ରଟି ଭାରତର ଉପକୂଳ ଇକୋସିଷ୍ଟମ ଏବଂ ସେଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଅକ୍ଲାନ୍ତ ଭାବେ କାମ କରୁଥିବା ଲୋକଙ୍କ ପ୍ରତି ଶୁଭେଚ୍ଛା ଜଣାଇଛି। ଇମର୍ସିଭ୍ ଭିଜୁଆଲ୍ ଏବଂ ଆୟୁଷ୍ମାନଙ୍କ ପ୍ରତିଧ୍ୱନିତ ସ୍ୱର ମାଧ୍ୟମରେ କୁହାଯାଉଥିବା ଏହି ଚଳଚ୍ଚିତ୍ରଟି ଜଳବାୟୁ ପରିବର୍ତ୍ତନ, ସ୍ଥିରତା ଏବଂ ତୃଣମୂଳ ସଂରକ୍ଷଣ ପାଇଁ ପ୍ରବର୍ତ୍ତାଉଥିବା ସମ୍ପ୍ରଦାୟଗୁଡ଼ିକର ଭୂମିଗତ ବାସ୍ତବତାକୁ ଜୀବନ୍ତ କରିଥାଏ। ଏ ନେଇ ଡିଆଜିଓ ଇଣ୍ଡିଆର ଉପାଧ୍ୟକ୍ଷ ଏବଂ ପୋର୍ଟଫୋଲିଓ ମାର୍କେଟିଂ ମୁଖ୍ୟ ବରୁଣ କୁରିର୍ କହିଛନ୍ତି, ଓଡ଼ିଶାରେ ମ୍ୟାନ୍‌ଗ୍ରୋଭ୍ସ ପୁନର୍ଜନ୍ମ ପ୍ରକଳ୍ପ ହେଉଛି ଆମର ଦାବିର ଏକ ଶକ୍ତିଶାଳୀ ପ୍ରକାଶ। ସମ୍ପ୍ରଦାୟ ଚାଳିତ କାର୍ଯ୍ୟ, ନିରନ୍ତର ପ୍ରତିବଦ୍ଧତା ଏବଂ ଅର୍ଥପୂର୍ଣ୍ଣ ପରିବେଶଗତ ପ୍ରଗତି ଆମର ପ୍ରସ୍ତାବ। ପ୍ରକୃତି ସହିତ ଗୋଟିଏ ଦିନ। ଆମେ ମ୍ୟାନ୍‌ଗ୍ରୋଭ୍ସ ଭଳି ପରିବେଶ ପ୍ରଣାଳୀ ଏବଂ ସେମାନଙ୍କୁ ସୁରକ୍ଷା ଦେବା ପାଇଁ ପ୍ରତିଦିନ କାମ କରୁଥିବା ଲୋକଙ୍କ ନୀରବ ଶକ୍ତିକୁ ପାଳନ କରୁଛୁ। ସିଗ୍ନେଚର୍ ପ୍ୟାକେଜଡ ଡ୍ରିଙ୍କିଙ୍ଗ୍ ୱାଟରରେ ଆମେ ସଚେତନ ଜୀବନ ପାଇଁ ଠିଆ ହୋଇଛୁ ।

# ବଜାରରେ ହିରୋ ମୋଟୋକର୍ପର ନ୍ୟୁ ଏଚ୍‌ଏଫ୍ ଡିଲକ୍ସ ପ୍ରୋ

ଭୁବନେଶ୍ୱର, ୨୭।୭ (ଅଭୟ ଦାଶ)



ହିରୋ ମୋଟୋକର୍ପର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ନ୍ୟୁ ଏଚ୍‌ଏଫ୍ ଡିଲକ୍ସ ପ୍ରୋ'ର ଅନାବରଣ ସର୍ବଭାରତୀୟସ୍ତରରେ ହୋଇଯାଇଛି। ଏପରି କି କମ୍ପାନୀ ତା'ର ଏଚ୍‌ଏଫ୍ ଡିଲକ୍ସ ପୋର୍ଟଫୋଲିଓକୁ ମଜଭୁତ କରିଛି। ଅପରପକ୍ଷରେ ଏଚ୍‌ଏଫ୍ ଡିଲକ୍ସ ପ୍ରୋ ଏକ ବିଶ୍ୱସନୀୟ ୯୭.୨ସିସି ଇଞ୍ଜିନ ଦ୍ୱାରା ପରିଚାଳିତ (କ୍ଷମତାପ୍ରାପ୍ତ) ହେଉଥିଲା ବେଳେ ଏହା ଏକ ଶକ୍ତିଶାଳୀ କାର୍ଯ୍ୟଦକ୍ଷତାର ଆଉଟପୁଟ୍ ପ୍ରଦାନ କରିଥାଏ। ଏହା ମଧ୍ୟରେ ୮୦୦୦ ଆରପିଏମ୍‌ରେ ୭.୯ ବିଏଚ୍‌ପି ଏବଂ ୬୦୦୦ ଆର୍‌ପିଏମ୍‌ରେ ୮.୦୫ ଏନ୍‌ଏମ୍ ଟର୍କ (କମ୍ପନ) ସାମିଲ ରହିଛି। ସେହିପରି ଆଇ୩ଏସ୍ (ଆଇଡଲ ଷ୍ଟପ୍-ଷ୍ଟାର୍ଟ ସିଷ୍ଟମ) କ୍ଷମତାଯୁକ୍ତ ଉନ୍ନତ ଜ୍ଞାନକୌଶଳ, ନିମ୍ନ-ଘର୍ଷଣଯୁକ୍ତ ଇଞ୍ଜିନ ସହ ବିଶେଷ ଭାବେ ପ୍ରସ୍ତୁତ ଯାନ୍ତ୍ରିକ ଟାୟାର୍ସକୁ ନେଇ ଏହା ଏକ ପ୍ରଭାବଶାଳୀ ବା ସର୍ବୋତ୍ତମ-ଶ୍ରେଣୀ ମାଇଲେଜ ପ୍ରଦାନ କରୁଛି। ଏହା ଅତି ଆରାମଦାୟକ ଚାଳନାକୁ ମଧ୍ୟ ସୁନିଶ୍ଚିତ କରିଥାଏ। ସେହିଭଳି ଏଚ୍‌ଏଫ୍ ଡିଲକ୍ସ ପ୍ରୋ ବାଧାହୀନ ଦୈନିକ ଚାଳନା ତଥା ଅତୁଳନୀୟ ମୂଲ୍ୟକୁ ନେଇ ନିର୍ମିତ ହୋଇଛି। ଏଚ୍‌ଏଫ୍ ଡିଲକ୍ସ ପ୍ରୋ ସମଗ୍ର ଦେଶରେ ରହିଥିବା ହିରୋମୋଟୋକର୍ପ ବିକ୍ରେତାମାନଙ୍କ ପାଖରେ ଦୁଇଟି ଆକର୍ଷଣୀୟ କଲର (ରଙ୍ଗ- ବ୍ଲୁ ଓ ରେଡ) ସହ ୭୩,୫୫୦ ଟଙ୍କାରେ ଉପଲବ୍ଧ ହେଉଛି। ଏ ସମ୍ପର୍କରେ ହିରୋ ମୋଟୋକର୍ପର ସିବିଓ (ଇଣ୍ଡିଆ ବିଜ୍‌ନେସ୍ ୟୁନିଟ୍) ଆଶୁତୋଷ ବର୍ମା କହିଛନ୍ତି, ଆମେ ଆମର ନୂତନ ମଡେଲ ତଥା ଏଚ୍‌ଏଫ୍ ଡିଲକ୍ସ ପ୍ରୋକୁ ସର୍ବଭାରତୀୟସ୍ତର ଅନାବରଣ କରି ବେଶ୍ ଉତ୍ସାହିତ ଅଛୁ। ଏପରି କି ସମଗ୍ର ଭାରତରେ ଏହାର ବିଶ୍ୱସ୍ତ ସହଭାଗିତାକୁ ନେଇ ଲକ୍ଷ ଲକ୍ଷ ଗ୍ରାହକଙ୍କ ପାଖରେ ଆମେ ଆଦୃତ ହୋଇପାରିଛୁ। ସେହିଭଳି ଏହାର ନିର୍ଭରଯୋଗ୍ୟ ଇନ୍ଧନ ସଂରକ୍ଷଣ ସହ ନୂତନ ଏଚ୍‌ଏଫ୍ ଡିଲକ୍ସ ପ୍ରୋ ଆମର ଏକ ବିଶ୍ୱାସକୁ ଆଗେଇ ନେଇପାରିଛୁ।

# ୧୦୦୦ କୋଟିରୁ ଅଧିକ ବ୍ୟବସାୟ

ଭୁବନେଶ୍ୱର, ୨୭।୭

ରାଜ୍ୟର ସର୍ବବୃହତ୍ ବ୍ୟବସାୟ ଏବଂ ନେଟ୍‌ୱର୍କିଂ ଇଭେଣ୍ଟ ତଥା ଏକ ୨ ଦିନିଆ ବ୍ୟବସାୟ ସମ୍ମିଳନୀ 'ବିଏନ୍‌ଆଇ ବିଜ୍ ପ୍ରୋ ୨.୦' ରବିବାର ଉଦ୍‌ଯାପିତ ହୋଇଯାଇଛି। ଗତକାଲି ଏହି କାର୍ଯ୍ୟକ୍ରମ ଭୁବନେଶ୍ୱରର ପଟିଆସ୍ଥିତ ହୋଟେଲ କ୍ରିଷ୍ଟାଲ କ୍ରାଉନ୍‌ରେ ଉଦ୍‌ଘାଟିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୩୪୦ରୁ ଅଧିକ ବିଏନ୍‌ଆଇ ସଦସ୍ୟଙ୍କ ସମେତ ୫ ହଜାରରୁ ଅଧିକ ପରିଦର୍ଶକ ଏବଂ ୯୦ବ୍ରାଣ୍ଡ ସେମାନଙ୍କର ଉତ୍ପାଦ ଏବଂ ସେବା ପ୍ରଦର୍ଶିତ କରିଥିଲେ। ବିଶେଷ କରି ବ୍ୟବସାୟ ପାଇଁ ଏହା ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। ଉଦ୍‌ଘାଟନୀ ସମାରୋହରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲା ବେଳେ ଶିଳ୍ପ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଏବଂ ଇପିକଲ୍‌ର ଅଧ୍ୟକ୍ଷ ହେମନ୍ତ ଶର୍ମା ଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ମନୋଜ ଲାଲାନି ଏବଂ ଉମଙ୍ଗ ଲାଲାନିଙ୍କ ଦ୍ୱାରା ୨୦୧୮ରେ ପ୍ରତିଷ୍ଠିତ ବିଏନ୍‌ଆଇ ଭୁବନେଶ୍ୱର ପୂର୍ବରୁ ଏହାର ସଦସ୍ୟମାନଙ୍କ ମଧ୍ୟରେ ୧୦୦୦ କୋଟିରୁ ଅଧିକ ଟଙ୍କାର ବ୍ୟବସାୟକୁ ସୁବିଧାରେ ଯୋଗାଇ ଦେଇଛି। ଏହା କେବଳ ଓଡ଼ିଶାରେ ନୁହେଁ ବରଂ ଭାରତ ଏବଂ ବିଶ୍ୱବ୍ୟାପୀ ବ୍ୟବସାୟ ମାଲିକମାନଙ୍କୁ ନୂତନ ଉଚ୍ଚତା ଆରୋହଣ କରିବାରେ ସାହାଯ୍ୟ କରିବ ବୋଲି ବିଏନ୍‌ଆଇ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଉମଙ୍ଗ ଲାଲାନି କହିଛନ୍ତି। ବିଏନ୍‌ଆଇ ବ୍ରିଜ୍ ପ୍ରୋ ୨. ୦ ହେଉଛି ସହରର ପ୍ରତ୍ୟେକ ବ୍ୟବସାୟ ମାଲିକଙ୍କ ପାଇଁ ବ୍ୟବସାୟ ନେଟୱର୍କିଂର ଶକ୍ତି ପ୍ରଦର୍ଶନ କରିବାର ଏକ ପ୍ଲାଟଫର୍ମ। ବିଏନ୍‌ଆଇ ଭୁବନେଶ୍ୱର ଗତ ୭ବର୍ଷ ମଧ୍ୟରେ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି ଏବଂ ମୋର ଦୃଷ୍ଟିକୋଣ ହେଉଛି ଏହା ନିକଟ ଭବିଷ୍ୟତରେ ୧ ହଜାରରୁ ଅଧିକ ସଦସ୍ୟଙ୍କ ଏକ ଦୃଢ଼ ସମ୍ପ୍ରଦାୟରେ ପରିଣତ ହେବ ବୋଲି ବିଏନ୍‌ଆଇ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମନୋଜ ଲାଲାନି କହିଛନ୍ତି।

# ଆଗାମୀ କାଲି ପାଇଁ ସମ୍ମିଳିତ ଉଦ୍ୟମ ଲୋଡ଼ା

## ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ



ଦିନକୁ ଦିନ ପୃଥିବୀ ଅସୁସ୍ଥ ହେବାରେ ଲାଗିଛି। ଦ୍ରୁତ ଜଙ୍ଗଲକ୍ଷୟ, ପ୍ରଦୂଷଣ ସହ ଜଳବାୟୁ ପରିବର୍ତ୍ତନ ଆମ ଗ୍ରହ ପାଇଁ ଅସୁସ୍ଥତାର ପ୍ରମୁଖ କାରକ ସାଜିଛି। ଏସବୁ ଠାରୁ ଦୂରେଇ ପୃଥିବୀକୁ ସୁସ୍ଥ ରଖିବା ଲାଗି ପ୍ରାକୃତିକ ସମ୍ପଦର ସୁରକ୍ଷା ସହ ଜୈବ ବିବିଧତା, ପରିବେଶଗତ ସନ୍ତୁଳନ ଜରୁରୀ। ତେଣୁ ଏହି ପରିପ୍ରେକ୍ଷୀରେ ସଚେତନତା ବୃଦ୍ଧି ସକାଶେ ପ୍ରତିବର୍ଷ ଜୁଲାଇ ୨୮ ରେ 'ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ' ପାଳନ କରାଯାଉଛି। ଏହି ଅବସରରେ ପ୍ରାକୃତିକ ସମ୍ପଦ ଏବଂ ପରିବେଶର ସୁରକ୍ଷାକୁ ଗୁରୁତ୍ୱାରୋପ କରାଯାଇଥାଏ। ଚଳିତବର୍ଷ ଏହି ଦିବସ ଲାଗି ଉଦ୍ଦିଷ୍ଟ ବିଷୟବସ୍ତୁ 'ଜୈବ ବିବିଧତାକୁ ସୁରକ୍ଷା, ଅବନତ ପରିସଂସ୍ଥାନକୁ ପୁନରୁଦ୍ଧାର ଏବଂ ଏକ ସ୍ଥାୟୀ ଭବିଷ୍ୟତ ସୁନିଶ୍ଚିତ କରିବା ପାଇଁ ବିଶ୍ୱବ୍ୟାପୀ ସହଯୋଗର ଜରୁରୀ ଆବଶ୍ୟକତା। ତେଣୁ ଆଗାମୀ କାଲି ଲାଗି ଏହା ଆମ ସମସ୍ତଙ୍କ ପାଇଁ ମଧ୍ୟ କର୍ତ୍ତବ୍ୟ।

### ପ୍ରକୃତିକୁ ସୁରକ୍ଷା ଦେବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ



ପ୍ରକୃତି ଆମ ପାଇଁ କେତେ ଉପକାରୀ ତାହା ପ୍ରାୟ ସମସ୍ତେ ଜାଣିଛେ। ତେବେ ଏହାକୁ ସୁରକ୍ଷା ନ ଦେଲେ ଆମର ଭବଷ୍ୟତ ଅସୁରକ୍ଷିତ ହୋଇପଡିବ। ମା' ସହ ଶିଶୁର ସମ୍ପର୍କ ଯେମିତି ଠିକ୍ ସେମିତି ମହାନ ଜନନୀ ପ୍ରକୃତି ସହ ଆମର ନିବିଡ ସମ୍ପର୍କ ରହିଛି। ବିବର୍ତ୍ତନ ଏହାକୁ ଆମ ଜିନ୍‌ରେ ଲିପିବଦ୍ଧ କରିଦେଇଛି। ପ୍ରକୃତିର ସୁରକ୍ଷାକୁ ଆମେ ସମସ୍ତେ ହୃଦୟଙ୍ଗମ କରିବା ନିହାତି ଦରକାର। ପ୍ରକୃତିକୁ ଆମେ ଯେମିତି ଧ୍ୱଂଶ କରିଚାଲିଛେ, ତାହାର ପରିଣାମ ଆମକୁ ହିଁ ଭୋଗିବାକୁ ପଡିବ। ତେଣୁ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ଅବସରରେ ଚଳିତ ବର୍ଷର ସ୍ଲୋଗାନ 'ପ୍ରକୃତିକୁ ରକ୍ଷା କର-ନିଜକୁ ରକ୍ଷାକର' ମହତ୍ତ୍ୱକୁ ଉପଲବ୍ଧି କରି ପ୍ରକୃତିର ସୁରକ୍ଷା ପାଇଁ ଆମେ ଚେଷ୍ଟା ଜାରି ରଖିବା ଦରକାର।

- ପ୍ର. ରମେଶ ଚନ୍ଦ୍ର ପରିଡା, ଭୁବନେଶ୍ୱର

### ପ୍ରକୃତିର ସଂରକ୍ଷଣକୁ ପ୍ରାଥମିକତା ଦେବା ଜରୁରୀ



ପ୍ରକୃତି ଆମକୁ ବହୁତ କିଛି ଦେଇଛି- ଜଳ,ଜଙ୍ଗଲ ଜୀବଜଗତ ଇତ୍ୟାଦି। ତେଣୁ ପ୍ରକୃତି ପ୍ରତି ଆମେ ସମସ୍ତେ ଯତ୍ନବାନ ହେବା ନିହାତି ଆବଶ୍ୟକ। ଆମର ଆଗାମୀ ପିଢ଼ିର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆମେ ସମସ୍ତେ ପ୍ରକୃତିର ସଂରକ୍ଷଣ ପାଇଁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ଚେଷ୍ଟା କରିବା- ଏହି ବାର୍ତ୍ତାକୁ ଆଖି ଆଗରେ ରଖି ଆମ ସଙ୍ଗଠନ ମାଧମରେ ପ୍ରତିବର୍ଷ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆୟୋଜନ କରୁ। ଆମେ ଯାଜପୁର ଆଖପାଖ ସ୍କୁଲ ଗୁଡ଼ିକୁ ଯାଇ ଛାତ୍ରଛାତ୍ରୀମାନଙ୍କୁ ପ୍ରକୃତି ଆମକୁ କ'ଣ ଦେଇଛି, ପ୍ରକୃତି ପ୍ରତି ଆମର କଣ କର୍ତ୍ତବ୍ୟ ରହିଛି ଏହା ବିଷୟ ରେ ଆଲୋଚନା କରିବା ସହ ଚାରା ବଣ୍ଟନ କରୁ। ସ୍କୁଲରେ ବୃକ୍ଷ ରୋପଣ କରୁ ଓ ପିଲା ମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ମଧ କରୁ। ସେମାନେ ଘରେ ଖାଉଥିବା ବିଭିନ୍ନ ଫଳ ଏବଂ କୋଳି ମଞ୍ଜି ରଖି କିପରି ବର୍ଷା ଦିନରେ ଫାଙ୍କା ଜାଗା ଗୁଡିକରେ ପକାଇ ନୂଆ ଜଙ୍ଗଲ ସୃଷ୍ଟି କରିପାରିବେ ସେ ଉପରେ ସଚେତନତା ବାର୍ତ୍ତା ଦେଇ ଥାଉ। ବିଗତ ଦୁଇ ଧସନ୍ଧିରୁ ଅଧିକ ବର୍ଷ ହେବ ଆମେ ଏହି ପରିବେଶଧର୍ମୀ କାର୍ଯ୍ୟ କରିଆସୁଛୁ ଓ ଆଗକୁ ମଧ କରି ଚାଲିବୁ।

- ରାଜେଶ କୁମାର ରାଉତ, ଯୁବ ସମାଜସେବୀ, ଯାଜପୁର, ବ୍ୟାସନଗର

### ପରିବେଶ ସଂରକ୍ଷଣ ଦ୍ୱାରା ଆଗାମୀ ପିଢି ସୁରକ୍ଷିତ ରହିବେ



ଆଗେ ଗଛ, ଆଉ ସବୁ ପଛ। ବର୍ତ୍ତମାନ ସ୍ଥିତିରେ ପରିବେଶ ପ୍ରଦୂଷଣ ଯେଉଁ ଜାଗାରେ ପହଞ୍ଚିଲାଣି, ଆମକୁ ଏହି ଉକ୍ତିକୁ ଅକ୍ଷରେ ଅକ୍ଷରେ ପାଳନ କରିବାକୁ ପଡିବ ଏବଂ ଅନେକରୁ ଅନେକ ଗଛ ଲଗାଇବାକୁ ପଡିବ। ସେହି ଆଶା ଓ ସଂକଳ୍ପ ନେଇ ୟୁଏସ୍ଆଇ ଫାଉଣ୍ଡେଶନ୍ ବିଗତ ୨୦୨୨ରୁ ନିରନ୍ତର ବୃକ୍ଷରୋପଣ କାର୍ଯ୍ୟକ୍ରମ କରିଆସୁଛି ଏବଂ ଲୋକମାନଙ୍କୁ ଗଛ ଲଗାଇବା ପାଇଁ ପ୍ରେରିତ କରୁଛି। ଯାହାର ଫଳ ସ୍ୱରୁପ ଆମେ ଆଜି ୫୭ ପ୍ରକାରର ପ୍ରାୟ ୩୨ହଜାରରୁ ଉର୍ଦ୍ଧ୍ୱ ଗଛ ଲଗାଇବାରେ ସକ୍ଷମ ହୋଇପାରିଛୁ। ବୃକ୍ଷରୋପଣ ସହ ଆମକୁ ପ୍ଲାଷ୍ଟିକ ବ୍ୟବହାର ବିଶେଷ ଭାବରେ ଥରେ ବ୍ୟବହାର ହେଉଥିବା ପ୍ଲାଷ୍ଟିକ ଯେପରିକି ପଲିଥିନ୍ ବ୍ୟବହାର ନ କରିବା ଦିଗରେ ସଚେତନ ହେବା ଆବଶ୍ୟକ। କାରଣ ଏହା ମଧ ପରିବେଶ ପ୍ରଦୂଷଣର ଆଉ ଏକ ପ୍ରମୁଖ କାରଣ। ତେଣୁ ଏଥିପାଇଁ ଆମକୁ ନିଜ ଜୀବନଶୈଳୀକୁ ପରିବର୍ତ୍ତନ କରି ପରିବେଶ ଉପଯୋଗୀ ସାମଗ୍ରୀ ବ୍ୟବହାର କରିବାକୁ ହେବ। ପ୍ରଦୂଷଣ ରୋକିବା ଦ୍ୱାରା ଆମେ କେବଳ ପରିବେଶକୁ ନୁହେଁ ନିଜକୁ ମଧ ସୁରକ୍ଷିତ ରଖିପାରିବା। ଯାହାକି ଆମ ଆଗାମୀ ପିଢି ପାଇଁ ଏବଂ ସୁନ୍ଦର, ପ୍ରଦୂଷଣମୁକ୍ତ ସୁସ୍ଥ ବାତାବରଣ ସୃଷ୍ଟି କରିବାରେ ସହାୟକ ହେବ।

- ଡା. ରଶ୍ମୀରେଖା ସାହୁ, ମ୍ୟାନେଜିଂ ଟ୍ରଷ୍ଟି, ୟୁଏସ୍ଆଇ ଫାଉଣ୍ଡେଶନ

# ଚାଷୀ ପଞ୍ଜୀକରଣ ଅବଧି ବଢ଼ିବ: ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର,୨୭।୭ (ରବିନାରାୟଣ ଜେନା)

ରାଜ୍ୟରେ ଚାଷୀ ପଞ୍ଜୀକରଣ ଲାଗି ଶେଷ ସମୟସୀମା ଅଗଷ୍ଟ ୨୦ ତାରିଖ ରଖାଯାଇଛି। ଯଦି ସର୍ଭର ଡାଉନ କିମ୍ବା ଅନ୍ୟ କୌଣସି କାରଣରୁ ପଞ୍ଜୀକରଣ ହୋଇପାରୁ ନଥିବା ନେଇ ଅଭିଯୋଗ ଆସେ ତେବେ ଏହାର ଅବଧି ବୃଦ୍ଧି କରାଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ରବିବାର ମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି ଯେ, ଯେଉଁ ଚାଷୀମାନଙ୍କର ରେକର୍ଡ ବାପା କିମ୍ବା ଜେଜେ ବାପାଙ୍କ ନାମରେ ଥିବ ସେମାନେ ଅଣ୍ଡରଟେକିଂ ଫର୍ମ ଦାଖଲ କରି ପଞ୍ଜୀକରଣ



କୃଷ୍ଣଚନ୍ଦ୍ର ପାତ୍ର

କରିପାରିବେ। ଏନେଇ ଚାଷୀ ଆନ୍ଦୋଳନର କୌଣସି କାରଣ ନାହିଁ। ସରକାର ଚାଷୀଙ୍କ ହିତ ପାଇଁକାମ କରୁଛନ୍ତି। ଏ ସରକାରରେ ଚାଷୀଙ୍କର କୌଣସି ଅସୁବିଧା କରାଯିବ ନାହିଁ। ଯେଉଁମାନେ ରାଜନୈତିକ ଫାଇଦା ଉଠାଇବାକୁ ଚେଷ୍ଟା କରୁଛନ୍ତି ସେମାନେ ସଫଳ ହେବେ ନାହିଁ। ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ଯେ, ଭାଜପା ସରକାର ଚାଷୀ ସରକାର। ରାଜ୍ୟରେ କ୍ଷମତାକୁ ଆସିବାର କେଇଦିନ ମଧ୍ୟରେ ଚାଷୀଙ୍କୁ ଧାନ କୁଇଣ୍ଟାଲ ପିଛା ଇନ୍‌ପୁଟ ସବସିଡି ପାଇଁ ୮୦୦ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ଏହାବାଦ୍ ଚାଷୀଙ୍କ ଉନ୍ନତି ପାଇଁ ଶୀତଳଭଣ୍ଡାରଠାରୁ ବହୁବିଧ ସୁବିଧା କରାଯାଇଛି ବୋଲି ସେ କହିଥିଲେ।

# ଦନ୍ତାହାତୀ ଆକ୍ରମଣରେ ଜଣେ ମୃତ



ଦନ୍ତାହାତୀ

## ଖଣ୍ଡ ବିଖଣ୍ଡିତ ଶରୀର ଜବତକଲା ପୋଲିସ, ଆସିଲେନି ଡିଏଫ୍‌ଓ



ସାମନ୍ତ ଦିଗାଲ

ଜି.ଉଦୟଗିରି,୨୭।୭ (ଶିଶିର ପଟ୍ଟନାୟକ/ ଚିନ୍ମୟ କୁମାର ସେଠୀ)

କନ୍ଧମାଳ ଜିଲା ଜି.ଉଦୟଗିରି ଅଞ୍ଚଳରେ କିଛି ମାସ ହେଲା ଦନ୍ତାହାତୀ ଉପଦ୍ରବ ଚଳାଇଛି। ଶନିବାର ରାତିରେ ଜି.ଉଦୟଗିରି ସହରଠାରୁ ମାତ୍ର ୨ କି.ମି. ଦୂର ପାଜିମାହା ଗ୍ରାମ ନିକଟରେ ଦନ୍ତା ଜଣେ ବ୍ୟକ୍ତିଙ୍କୁ ମାରି ଶରୀରକୁ ଖଣ୍ଡ ଖଣ୍ଡ କରିଦେଇଛି। ମୃତକ ହେଲେ ମାଲାଂସୁଗା ଗ୍ରାମର ସାମନ୍ତ ଦିଗାଲ (୫୫)। ପଦାସାହିଠାରେ ମୂଲ ମଜୁରି କାମ ସାରି ସାମନ୍ତ ଓ ଅନ୍ୟ ୨ ଜଣ ଘରକୁ ଫେରୁଥିବା ବେଳେ ଦନ୍ତା ସହ ମୁହାଁମୁହିଁ ହୋଇଥିଲେ। ହାତୀ ଦେଖି ୨ ସାଥୀ ଦୌଡ଼ି ପଳାଇଥିବାରୁ ସେମାନେ ବର୍ତ୍ତିଯାଇଛନ୍ତି। ସାମନ୍ତଙ୍କୁ ଦନ୍ତାଟି ଶୁଣ୍ଢରେ ଧରି ତଳେ କଚାଡ଼ି ଦଳି ଦେଇଥିଲା ବୋଲି ହାତୀମୁହଁରୁ ବଞ୍ଚିଯାଇଥିବା ସଞ୍ଜୀବ ପ୍ରଧାନ କହିଛନ୍ତି। ରବିବାର ସକାଳେ ଜି.ଉଦୟଗିରି ବନ ଅଧିକାରୀ ପ୍ରଶାନ୍ତ ସାହୁ, କଳିଙ୍ଗା ବନଅଧିକାରୀ ରଶ୍ମିତା ବକ୍ସି, ସ୍ଥାନୀୟ ପୋଲିସ ଏସ୍‌ଡିପିଓ ବିଜୟ କୁମାର ବିଶି, ଆଇଆଇସି ବିଜୟ କୁମାର ସ୍ୱାଇଁ, ଏସ୍ଆଇ ରୂପକ ଦଲେଇ, ରଞ୍ଜିତା ବେହେରା, ଏଏସ୍ଆଇ ରବୀନ୍ଦ୍ର ସେଠୀ, ବୁଲୁ ବେହେରା ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଘଟଣା ଘଟିବାର ୧୮ ଘଣ୍ଟା ପରେ ସୁଦ୍ଧା ବନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଘଟଣାସ୍ଥଳକୁ ଆସି ନ ଥିଲେ। ସାମନ୍ତଙ୍କ ଖଣ୍ଡ ବିଖଣ୍ଡିତ ଶରୀର ଦେଖି ପରିବାର ଓ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା।

ବହୁଦିନ ହେଲା ହାତୀପଲ ଯୋଗୁ ଅଞ୍ଚଳରେ ଧନଜୀବନ ନଷ୍ଟ ହେଉଥିବା ବେଳେ ସେମାନଙ୍କୁ ଘଉଡ଼ାଇବା ପାଇଁ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି ବୋଲି ଅଭିଯୋଗ କରିଥିଲେ। ବନ ଅଧିକାରୀ ଡିଏଫଓଙ୍କ ସହ ଆଲୋଚନା କରି ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦିଆଯିବ ବୋଲି କହିବା ପରେ ଉତ୍ତେଜନା ଥମିଥିଲା। ପୋଲିସ ସାମନ୍ତଙ୍କ ଖଣ୍ଡ ବିଖଣ୍ଡିତ ଶରୀର ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ଅଞ୍ଚଳରେ ପ୍ରଥମ କରି ଏପରି ଘଟଣା ଘଟିଥିବା ବେଳେ ବନଖଣ୍ଡ ଅଧିକାରୀ ଘଟଣାସ୍ଥଳକୁ ଆସି ନ ଥିବା ଯୋଗୁ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଡିଏଫ୍‌ଓ ପ୍ରତାପ କାଟାପାଲିଙ୍କ ସହ ଯୋଗାଯୋଗ କରିବାରୁ ହାତୀ ଆକ୍ରମଣରେ ମୃତ୍ୟୁ ଘଟଣା ପାଇଁ ଦୁଃଖିତ ବୋଲି କହିଛନ୍ତି। ମୃତକଙ୍କ ପରିବାରକୁ ବର୍ତ୍ତମାନ ୧ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଆଉ ୯ ଲକ୍ଷ ଟଙ୍କା ସହାୟତା ଦିଆଯିବ। ହାତୀପଲଙ୍କୁ ଟ୍ରାକ କରାଯାଉଛି। ସେମାନଙ୍କୁ ଘଉଡାଇବା ପାଇଁ ଚେଷ୍ଟା ଚାଲିଛି। ବନ କର୍ମଚାରୀମାନେ ଜଙ୍ଗଲରେ ହାତୀଙ୍କ ଗତିବିଧି ଉପରେ ନଜର ରଖିଛନ୍ତି। ଜନସାଧାରଣଙ୍କ ସୁରକ୍ଷା ନିମନ୍ତେ ପ୍ରତି ଗାଁରେ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଡିଏଫ୍‌ଓ କାଟାପାଲି କହିଛନ୍ତି।

# ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ଜୀବନରକ୍ଷା ପ୍ରାଥମିକ ଦାୟିତ୍ୱ: ରାଜସ୍ୱ ମନ୍ତ୍ରୀ

ସମ୍ବଲପୁର,୨୭।୭(ପ୍ରମୋଦ ବହିଦାର)

ରାଜ୍ୟରେ ବାଲେଶ୍ୱର ବ୍ୟତୀତ ଅନ୍ୟ ଜିଲାରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣାଧୀନ। ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ଲୋକଙ୍କ ଜୀବନ ସୁରକ୍ଷିତ ରଖିବା ରାଜ୍ୟ ସରକାରଙ୍କ ପ୍ରାଥମିକ ଦାୟିତ୍ୱ ବୋଲି କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓଡ଼ିଶା ଷ୍ଟେଟ୍ ୱାଇଡ୍ ଏରିଆ ନେଟ୍‌ୱର୍କ(ଓଏସ୍‌ଡବ୍ଲ୍ୟୁଏଏନ୍) ପ୍ରକୋଷ୍ଠରେ ମନ୍ତ୍ରୀ ପୂଜାରୀ ଆଭାସି ମାଧ୍ୟମରେ ରାଜ୍ୟରେ ବନ୍ୟାସ୍ଥିତିର ସମୀକ୍ଷା କରିଥିଲେ। ଏହି ଅବସରରେ ସେ ବିପର୍ଯ୍ୟୟ ପରିଚାଳନା ବିଭାଗ ସଚିବ ଓ ବନ୍ୟା ପ୍ରପୀଡ଼ିତ ଜିଲାର ଜିଲାପାଳମାନଙ୍କ ସହିତ ଆଲୋଚନା କରି ସ୍ଥିତି ସମ୍ପର୍କରେ ଅବଗତ ହୋଇଥିଲେ। ରାଜ୍ୟର ବନ୍ୟା ପରିସ୍ଥିତି ସମ୍ପର୍କରେ ସୂଚନା ଦେଇ ସେ କହିଥିଲେ, ଦୁଇଦିନ ତଳେ ସେ ରାଜ୍ୟରେ ବନ୍ୟା ପରିସ୍ଥିତିର ସମୀକ୍ଷା କରିଥିଲେ। ପାଣିପାଗ ବିଭାଗର ଆକଳନ ଅନୁଯାୟୀ ମୟୂରଭଞ୍ଜ ଓ କେନ୍ଦୁଝର ଜିଲାରେ ବନ୍ୟାଜନିତ କ୍ଷତି ମାତ୍ରାଧିକ ହେବ ବୋଲି କୁହାଯାଇଥିଲା। ମାତ୍ର ଏଠାରେ ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗ ନଦୀର ଜଳପତନ ହ୍ରାସ ପାଇବାରୁ ଉକ୍ତ ଦୁଇ ଜିଲାରେ ବିଶେଷ କ୍ଷତି ହୋଇନାହିଁ। ସେହିପରି ଯାଜପୁର ଓ ଭଦ୍ରକ ଜିଲା ବିଶେଷଭାବେ କ୍ଷତିଗ୍ରସ୍ତ ହୋଇଥିବା ଶନିବାର ଖବର ମିଳିଥିଲା। ମାତ୍ର ରବିବାର ସକାଳୁ ବୈତରଣୀ ନଦୀର ଜଳପତନ ବିପଦ ସଙ୍କେତ ତଳକୁ ଖସି ଆସିଛି। ଫଳରେ ଉପରୋକ୍ତ ୪ଜିଲାରେ ଆଶ୍ରୟ କେନ୍ଦ୍ରଗୁଡ଼ିକରେ ଆଶ୍ରୟ ନେଇଥିବା ଲୋକେ ନିଜ ଘରକୁ ଫେରିଗଲେଣି। ବର୍ତ୍ତମାନ ଏହି ଜିଲାମାନଙ୍କର କ୍ଷୟକ୍ଷତିର ଆକଳନ କରି ଭରଣା ଓ କ୍ଷତିଗ୍ରସ୍ତଙ୍କୁ ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନ କରାଯିବ। ବନ୍ୟାରେ ଭାଙ୍ଗିଥିବା ଘର ନିର୍ମାଣ ନ ହେବା ପର୍ଯ୍ୟନ୍ତ ରିଲିଫ କେନ୍ଦ୍ରମାନଙ୍କରେ ରନ୍ଧାଖାଦ୍ୟ ଓ ଶୁଖିଲା ଖାଦ୍ୟ ପ୍ରଦାନ ପ୍ରକ୍ରିୟା ଜାରି ରହିବ ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି। ମନ୍ତ୍ରୀ ପୂଜାରୀ କହିଛନ୍ତି, ବର୍ତ୍ତମାନ ବାଲେଶ୍ୱର ଜିଲାର ସ୍ଥିତି ଚିନ୍ତାଜନକ ରହିଛି। ଏଥିପାଇଁ ଏଠାରେ ଅଗ୍ନିଶମ ବାହିନୀ, ଏନ୍‌ଡିଆର୍‌ଏଫ୍ ଓ ଓଡିଆର୍‌ଏଫ୍ ବାହିନୀଙ୍କୁ ନିୟୋଜିତ କରି ସଜାଗ ରହିବାକୁ କୁହାଯାଇଛି। ବନ୍ୟା ପରେ ପାନୀୟ ଜଳକୁ ବ୍ୟବହାର ଉପଯୋଗୀ କରିବାକୁ ଅଞ୍ଚଳର ସମସ୍ତ ଜଳଉତ୍ସଗୁଡ଼ିକୁ ବିଶୋଧନ କରିବା ଲାଗି ମନ୍ତ୍ରୀ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ବୈଠକରେ ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଜିଲାପାଳ ସୁଧାଂଶୁ କୁମାର ଭୋଇ, ଜରୁରିକାଳୀନ ଅଧିକାରୀ ନୂତନ ସେଠ୍‌ଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।


## ODISHA TOURISM DEVELOPMENT CORPORATION LIMITED

(A GOVT. OF ODISHA UNDERTAKING)
PANTHANIVAS (OLD BLOCK) : LEWIS ROAD : BHUBANESWAR-14
INVITATIONS FOR BIDS (IFB)

Letter No.1592 — Date : 24.07.2025

NOTICE INVITATION FOR BIDS (NIFB)

No.CAD-1302 — E-Procurement Notice No. BP-I/16/2025-26 dt.24.07.2025

1. Nature of Work : Empanelment of Architectural Firms for providing comprehensive architectural Services
2. Total No. of Works : 01 No.
3. Bid Security : As per NIT
4. Class of Contractor : As per NIT
5. Other details as follows :

| Sl. No. | Name of the Work | Amount of Bid security (1% of value of work) (Rs) | Cost of bid document + GST@18% (Rs) | Class of Contractor | Duration of Contract |
|---|---|---|---|---|---|
| 1 | Empanelment of Architectural Firms for providing comprehensive architectural Services | 20,000.00 | 10000/- (GST 18%) | As per RFP | Two Years |

Further details can be seen from the Govt. Website www.etendersodisha.gov.in

Sd./- Supt. Engineer
O.T.D.C. Ltd., BBSR

OIPR-37002/11/0098/2526




## OFFICE OF THE COLLECTOR-CUM-DISTRICT MAGISTRATE, SUNDARGARH

(District Child Protection Unit)
Odisha State Child Protection Soceity, W&CD Department,
Govt. of Odisha, Ph.: 06622-273343

Letter No. 266/DCPU/SNG/2025 — Date: 25.07.2025

No. g-73: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନରେ ଦିଆଯାଇଥିବା ଶିଶୁମାନେ ବର୍ତ୍ତମାନ ଶିଶୁ ଯତ୍ନକାରୀ ଅନୁଷ୍ଠାନ, ଲିଟିଲ ଓରଚାଡ଼ ବିଭିଦ, କୁତ୍ରା, ରାଜାବସା, ସୁନ୍ଦରଗଡ଼ରେ ସୁରକ୍ଷିତ ଭାବରେ ରହୁଛନ୍ତି। ଏହି ଶିଶୁମାନଙ୍କର ଯଦି କେହି ପିତା, ମାତା ତଥା ଅଭିଭାବକ କିମ୍ବା ଆଇନ୍ ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ଦିନ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ଯଦି ଉପରୋକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁମାନଙ୍କୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ର ଧାରା-୩୮ (ଉପଧାରା-୧) ଅନୁଯାୟୀ ପୋଷ୍ୟଯୋଗ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ କରାଯିବ।

ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼
ମୋ.ନଂ.: ୯୯୩୮୧୭୦୪୫୦/ଅଫିସ୍: ୦୬୬୨୨-୨୭୩୩୪୩
ଅଧକ୍ଷ, ଶିଶୁ ମଙ୍ଗଳ କମିଟି, ସୁନ୍ଦରଗଡ଼
ମୋ. ନଂ.: ୭୯୭୮୯୦୯୦୦୧/ ଅଫିସ୍: ୦୬୬୨୨-୨୭୨୨୬୩

| କ୍ର.ନଂ. | ଶିଶୁର ନାମ | ଜନ୍ମ ତାରିଖ/ବୟସ | ଲିଙ୍ଗ | ରହୁଥିବା ଜାଗା/ ଉଦ୍ଧାର ସ୍ଥାନ ଓ ତାରିଖ | ଶିଶୁର ଫଟୋ |
|---|---|---|---|---|---|
| ୧ | ଅନ୍ନା ମେରି ଡୁଙ୍ଗ ଡୁଙ୍ଗ | ୧୭ ବର୍ଷ | ଝିଅ | ଲିଟିଲ ଓରଚାଡ଼ ବିଭିଦ ଫର ଏକଟେସି /ଗୋପବନ୍ଧୁପାଲି, ରାଉରକେଲା |  |
| ୨ | ପୂଜା କିସାନ | ୧୩ ବର୍ଷ | ଝିଅ | ଲିଟିଲ ଓରଚାଡ଼ ବିଭିଦ ଫର ଏକଟେସି/ଚାଇଲ୍ଡ ଲାଇନ, ଦିସା |  |

OIPR-33064/11/0018/2526 — District Child Protection Officer, Sundargarh



## ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

No. XXXIII-16

### ନୋଟିସ

ଆଦେଶ - ୫, ନିୟମ - ୨୦ ଦେୱାନୀ କାର୍ଯ୍ୟବିଧି ସଂହିତା - ୧୯୦୮ ଅନୁଯାୟୀ ଏଲ.ଏ. କେସ୍ ନଂ.- ୫୯/୨୦୨୧

ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର ଖୋର୍ଦ୍ଧା ... ଆବେଦନକାରୀ

ବନାମ

୧. ମାୟା ମହାରଣା, ସ୍ୱାମୀ: କୁଳମଣି ଓଝା, ୨. ସାବିତ୍ରୀ ମହାରଣା, ପିତା: କୁଳମଣି ଓଝା, ସା: ଦାରୁଠେଙ୍ଗ, ୩. ଅମ୍ବିକା ଚୌଧୁରୀ, ସ୍ୱାମୀ: ସୁରେନ୍ଦ୍ର ଚୌଧୁରୀ, ସା/ପୋ.: ମଙ୍ଗଳାବାଗ, ଥା: କଟକ, ଜି.: କଟକ ସଦର, ୪. ପ୍ରେମଲତା ମହାରଣା, ସ୍ୱାମୀ: ମହେଶ୍ୱର ମହାରଣା, ସା/ପୋ./ଥା.: ଗୋପାଳପୁର, ଜି.: କଟକ-୧୧, ୫. ଉଲ୍ଲାସ ମହାରଣା, ସ୍ୱାମୀ: କୃଷ୍ଣଚନ୍ଦ୍ର ମହାରଣା, ୬. ଆଶାଲତା ମହାରଣା, ସା: ପ୍ଲଟ ନଂ.-୪୧, ପୋ: କ୍ୟାପିଟାଲ, ଭୁବନେଶ୍ୱର, ୭. ବିଭୂତି ଭୂଷଣ ମହାରଣା, ୮. ବୀରେନ୍ଦ୍ର ଓଝା, ୯. ନିରଞ୍ଜନ ଓଝା, ୧୦. ସୁକାନ୍ତ ଓଝା, ୧୧. ବିଜୟଲକ୍ଷ୍ମୀ ଓଝା, ୧୨. ରାଜଲକ୍ଷ୍ମୀ ଓଝା, ପିତା: ପ୍ରେମାନନ୍ଦ ଓଝା, ସା: ବାନସାମିଲ, ରାମଚଣ୍ଡୀ, ପୋ: ବୈଦେଶ୍ୱର, ଜିଲ୍ଲା: କଟକ, ୧୩. ଅମ୍ବିକା ପଟ୍ଟନାୟକ, ସ୍ୱାମୀ: ଶିବନାରାୟଣ ପଟ୍ଟନାୟକ, ସା: ଏଚ୍.ଆଇ.ଜି.-୨୬୯, କଳିଙ୍ଗ ବିହାର, ପୋ: ତମାଣ୍ଡୋ, ଥା: ଖଣ୍ଡିଗିରି, ଭୁବନେଶ୍ୱର, ଜି: ଖୋର୍ଦ୍ଧା, ୧୪. ଇତିଶ୍ରୀ ଦାସ, ସ୍ୱାମୀ: ଦେବଦାସ ମହାପାତ୍ର, ସା: ଅଥିଳବାଜ, ପୋ: ଅଭଣା, ଥା: ସୋର, ଜି: ବାଲେଶ୍ୱର, ୧୫. ପୂର୍ଣ୍ଣଚନ୍ଦ୍ର ବେହେରା, ପିତା: ଚକ୍ରଧର ବେହେରା, ସା: ପଥରଗାଡ଼ିଆ, ପୋ: ଦାରୁଠେଙ୍ଗ, ଥା: ଚନ୍ଦକା, ଜି: ଖୋର୍ଦ୍ଧା, ୧୬. ରତ୍ନାକର ଜେନା, ପିତା: ନାଗର ଜେନା, ସା: ପାରାବନ୍ଧ, ପୋ: ଓଡ଼ଗାଁ, ଥା: ଅଗରପଡ଼ା, ଜି: ଭଦ୍ରକ, ୧୭. ନିହାର ରଞ୍ଜନ ସାହୁ, ପିତା: ଭିକାରୀ ଚରଣ ସାହୁ, ସା: ପ୍ଲଟ ନଂ. ୧୦୨୫, ଡୁମଡୁମା ହାଉସିଂ ବୋର୍ଡ଼ କଲୋନୀ, ଫେଜ୍-୨, ଥାନା: ଖଣ୍ଡଗିରି, ଭୁବନେଶ୍ୱର, ଜି: ଖୋର୍ଦ୍ଧା, ୧୮. ରୀତାରାଣୀ ବେହେରା, ପିତା: ମଦନମୋହନ ବେହେରା, ସା/ପୋ: ଭି.ଏସ୍.ଏସ୍. ନଗର, ଥା: ସହିଦନଗର, ଭୁବନେଶ୍ୱର, ଖୋର୍ଦ୍ଧା, ୧୯. ଗୀତାଞ୍ଜଳୀ ବେହେରା, ସ୍ୱାମୀ: କୃଷ୍ଣଚନ୍ଦ୍ର ବେହେରା, ସା: ପଥରଗାଡ଼ିଆ, ୨୦. ରମେଶ ଚନ୍ଦ୍ର ଗୁପ୍ତା, ପିତା: ବାବୁଲାଲ ଗୁପ୍ତା, ସା: ପ୍ଲଟ ନଂ. ୧୩୧, ପଞ୍ଜାବୀ କଲୋନୀ, ସତ୍ୟନଗର, ଭୁବନେଶ୍ୱର, ଖୋର୍ଦ୍ଧା, ୨୧. ଜୟପାଲ ରାଓ, ପିତା: ରଘୁନନ୍ଦନ ରାଓ, ୨୨. ସୁରେଶ କୁମାର ପାଣ୍ଡେ, ପିତା: ରାମଲାଲ ପାଣ୍ଡେ, ସା: ପ୍ଲଟ ନଂ. ୪୮, ଚିନ୍ତାମଣି ଇଣ୍ଡଷ୍ଟ୍ରି, ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ମଞ୍ଚେଶ୍ୱର, ଭୁବନେଶ୍ୱର, ୨୩. ବିଭୂତି ଭୂଷଣ ସାମନ୍ତରାୟ, ପି.: ଶ୍ୟାମସୁନ୍ଦର ସାମନ୍ତରାୟ, ସା/ପୋ.: ନିରାକାରପୁର, ଥା: ଜଙ୍କିଆ, ଜି: ଖୋର୍ଦ୍ଧା, ୨୪. ଆଶିଷ କୁମାର ବିଶ୍ୱାଳ, ପି.: କୃପାସିନ୍ଧୁ ବିଶ୍ୱାଳ, ସା: ଅରେଇକଣ, ପୋ/ଥା.: ଭଣ୍ଡାରୀପୋଖରୀ, ଜି.: ଭଦ୍ରକ, ୨୫. ରଣଜିତ୍ କୁମାର ସାହୁ, ପି.: ସୁଦାମ ଚରଣ ସାହୁ, ସା/ପୋ.: ବାଉଝର, ଥା.: ପରଜଙ୍ଗ, ଜି.: ଢେଙ୍କାନାଳ ..... ବିରୋଧୀପକ୍ଷମାନେ।

ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ମାଷ୍ଟର ପ୍ଲାନ ରୋଡ ନିର୍ମାଣ ପାଇଁ ଅଧିଗ୍ରହଣ କରିଥିବା ଭୂମିର ସ୍ଥିରୀକୃତ କ୍ଷତିପୂରଣ ଆର୍ଥିକରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, ସି.ବି.-୧(ଏ) କ୍ୟାଣ୍ଟନମେଣ୍ଟ ରୋଡ଼, କଟକଙ୍କ ଇଜିଲାସ/ଅଦାଲତରେ ଏଲ୍.ଏ. କେସ୍ ନଂ. ୫୯/୨୦୨୧ ମକଦ୍ଦମା ରୁଜୁ କରିଅଛନ୍ତି। ଅଧିଗୃହୀତ ଭୂମିର ବିସ୍ତୃତ ବିବରଣୀ ଯଥା ମୌଜା: ସୁନ୍ଦରପୁର, ଖାତା ନଂ. ୨୩, ପ୍ଲଟ ନଂ. ୫୧୯, ରକବା ଏ୦.୪୦୨ଡି. ଅଟେ। ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କ ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦବିର କରିପାରିବେ। ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା୧୫।୦୯।୨୦୨୫ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ/ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରୀକୃତ ଆର୍ଥିକ ରାଶି ଦେଣ କାହିଁକି ମଞ୍ଜୁର କରାନଯିବ, ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ। ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ।

ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା୦୨।୦୭।୨୦୨୫ରିଖ। Draft Notice is approved. Petitioner to get it published in any of the four most widely circulated odia daily newspapers namely The Samaj, The Sambad, The Prameya & The Dharitri within 15 days of its receipt.

ସ୍ୱାକ୍ଷର/- ପ୍ରିଜାଇଡ଼ିଂ ଅଫିସର
ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି
ପ୍ରାଧିକାରୀ ଅଦାଲତ, କଟକ

OIPR-24351/14/0082/2526



No.CAD-1257

idco | ODISHA NEW OPPORTUNITIES

IDCO/SFP/34/2025 21474 — Date : 21.07.2025

BID IDENTIFICATION NO. - P&C/ EST/E - 31/ 2025-26

**NOTICE INVITING REQUEST FOR PROPOSAL (RFP) THROUGH E-PROCUREMENT PORTAL OF GOVT. OF ODISHA**

Odisha Industrial Infrastructure Development Corporation invites Request for Proposal from renowned Firms / Agencies through e-procurement portal of Govt. of Odisha for **"Operation, Maintenance & Management of Flake Ice Unit and Cold Storage at Primary Processing Centre (PPC) of Sea Food in Chhatrapur, Ganjam district of Odisha"**.

Firms/Agencies having experience in day-to-day operation, maintenance & management of Cold Storage/ Block Ice/ shrimp processing business are only invited to submit their proposal. The Bid Document comprising of eligibility Criteria, Instruction to Bidders, Scope of the work, BOQ etc. can be seen in e-procurement portal of Govt. of Odisha from **17:00 Hours of Dt. 01.08.2025 to 17:00 Hours of Dt. 22.08.2025**.

The **pre-bid meeting will be held on Dt.12.08.2025 at 11:30** Hours (Pre bid query must be submitted through mail id cgmpc@idco.in before prebid meeting).

The Technical Bid will be **opened online on 25.08.2025 at 11:30 A.M.** IDCO has the right to accept or reject the Notice/ EOI without assigning any reasons thereof.

OIPR-14003/11/0216/2526 — Sd./- Chief General Manager (P&C)



No.CAD-1261

idco | ODISHA NEW OPPORTUNITIES

## OFFICE OF THE DIVISIONAL HEAD, IDCO, IDCO BALASORE DIVISION

Tender Call Notice No. BLS/CIV/EST/3855/P-II 1255, — Dated : 22.07.2025

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the work : Costruction of Approach CC Road to new I/E at Bamapada, Balasore under Land Bank Scheme.
2. Value of the work : Rs.79.07 Lakhs
3. Period of Completion : 04 (Four) Calendar months
4. Other details :

| Procurement Officer | Tender Reference No. | Availability of Tender on-Line for Bidding | |
|---|---|---|---|
| 1 | 2 | 3 | 4 |
| Divsional Head, Balasore Division, IDCO, Balasore | BLS/CIV/EST-04/2025-26 | 30.07.2025 at 17.00 Hrs. | 19.08.2025 up to 17.00 Hrs. |

Further details can be seen from the e-procurement portal, www.tendersodisha.gov.in and Corrigendum if any will not be published in newspapers and can be seen in the e-procurement portal www.tendersodisha.gov.in and www.idco.in.

Sd./- Divisional Head
IDCO, Balasore

OIPR-14003/11/0214/2526



## Office of District Manager
## Odisha State Civil Supplies Corporation Ltd., Ganjam

Phone : 06811-263931
District Website : www.ganjam.odisha.gov.in

Tender No. 4381, 4382, 4383, 4384, 4385, 4386, 4387, 4388, 4389, 4390, 4391, 4392, 4393, 4394, 4395, 4396, 4397, 4398, 4399, 4400, 4401, 4402, 4403, 4404 / Dt.21.07.2025

**No.CAD-1285** : District Manager, Odisha State Civil Supplies Corporation Ltd., Ganjam invites tenders in Double Cover System through ONLINE MODE ONLY for the works below :

| | | |
|---|---|---|
| 1 | Name of the work | Selection and appointment of (i) Level-I Transport Contractor for transporation of foodgrains from FSD, FCI to RRCs (ii) Level-II Transport Contractor for transporation of food grains from RRCs to Retail Centers (FPS) in the district of the State of Odisha |
| 2 | Availability of bid document in the portal | From 23.07.2025 |
| 3 | Last Date / Time for Receipt of bids in the portal | Dt.08.08.2025 up to 05.30 P.M. |
| 4 | Date/Time of Opening of Technical Bid | Dt.12.08.2025 at 10.00 A.M. |
| 5 | Name and address of the Officer Inviting Tender | District Manager, OSCSC Ltd., Ganjam, Chatrapur |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.

Sd./- District Manager
OSCSC Ltd., Ganjam, Chatrapur

OIPR-07034/11/0002/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତକୁ ୨ ସ୍ୱର୍ଣ୍ଣ ସହ ୧୨ ପଦକ

## ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ଉଦ୍‌ଯାପିତ

### ଭାରତୀୟ ଦଳଲାଗି ସର୍ବାଧିକ ପଦକ ଜିତିଲେ କିଟ୍ ଛାତ୍ର

ଭୁବନେଶ୍ୱର, ୨୭।୭ (ତପନ ସ୍ୱାଇଁ)

ଜର୍ମାନୀର ରାଇନେ-ରୁହରଠାରେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ରବିବାର ଉଦ୍‌ଯାପିତ ହୋଇଛି। ଏହି ମେଗା ପ୍ରତିଯୋଗିତାରେ ଭାରତ ୨ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୫ ବ୍ରୋଞ୍ଜ ପଦକ ହାସଲ କରି ପ୍ରତିଯୋଗିତା ଶେଷ କରିଛି। ଭାରତ ପକ୍ଷରୁ କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରମାନେ ସର୍ବାଧିକ ପଦକ ଜିତି ଦେଶକୁ ଗର୍ବିତ କରିଛନ୍ତି। ଫଳରେ ଭାରତ ପଦକ ତାଲିକାରେ ୨୦ଶ ସ୍ଥାନରେ ରହିବାକୁ ସକ୍ଷମ ହୋଇଛି।

ମହିଳା ୩୦୦୦ ମିଟର ଷ୍ଟିପଲଚେଜ୍‌ରେ କିଟ୍ ଛାତ୍ରୀ ଅଙ୍କିତା ଧ୍ୟାନି ବ୍ୟକ୍ତିଗତ ଶ୍ରେଷ୍ଠ ୯:୩୧.୯୯ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ହାସଲ କରିଛନ୍ତି। ସାମାଜିକ ବିଜ୍ଞାନର ଦ୍ୱିତୀୟ ବର୍ଷ ଛାତ୍ରୀ ୨୩ ବର୍ଷୀୟା ଅଙ୍କିତାଙ୍କର ପୂର୍ବରୁ ଶ୍ରେଷ୍ଠ ପ୍ରଦର୍ଶନ ଥିଲା ୯:୩୯.୦୦ ସେକେଣ୍ଡ। ସେହିପରି ପ୍ରବୀଣ ଚିତ୍ରାଭେଲ ଟ୍ରିପଲ ଜମ୍ପରେ ଓ ସୀମା ମହିଳା ୫୦୦୦ ମିଟରରେ ରୌପ୍ୟ ପଦକ ହାସଲ କରିଛନ୍ତି। ପୁରୁଷ ୪x୧୦୦ ରିଲେ ରେସ୍‌ରେ ଭାରତୀୟ ଦଳ ୩୮.୮୯ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ହାସଲ କରିଛି। ଏହି ଦଳରେ ଓଡ଼ିଶାର ଲାଲୁ ପ୍ରସାଦ ଭୋଇ, ମୃତ୍ୟମ ଜୟରାମ ଦୋଣ୍ଡପଟି ଏବଂ ଏଚ୍‌ପିସି ଆଥଲେଟ୍ ଅନିମେଶ କୁଜୁର ସାମିଲ ଥାଇ ରାଜ୍ୟକୁ ଗର୍ବିତ କରିଛନ୍ତି। ଭାରତୀୟ ଦଳର ଅନ୍ୟତମ ସଦସ୍ୟ ଥିଲେ ମଣିକାନ୍ତ ହୋବ୍ଲିଧର। ଏହି ୪ ଜଣ ଯାକ ଖେଳାଳି କିଟ୍‌ରେ ଅଧ୍ୟୟନ କରୁଛନ୍ତି। ସେହିପରି ଏହି ବିଶ୍ୱବିଦ୍ୟାଳୟର ମୁନିତା ପ୍ରଜାପତି, ମାନସି ନେଗି ଓ ସେଜାଲ ସିଂଙ୍କ ନେଇ ଗଠିତ ଭାରତୀୟ ମହିଳା ୨୦ କିଲୋମିଟର ରେସ୍‌ୱାକ୍ ଟିମ୍ ତୃତୀୟ ସ୍ଥାନ ହାସଲ କରି ବ୍ରୋଞ୍ଜ ପଦକ ହାସଲ କରିଛି।


ଅନ୍ତିମ ଦିବସ ରବିବାର ପଦକ ବିଜୟୀ ଭାରତୀୟ ପ୍ରତିଯୋଗୀ।

ପ୍ରକାଶ ଯୋଗ୍ୟ ଯେ, ୨୦୧୯ରେ ନାପୋଲିରେ ଅନୁଷ୍ଠିତ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଦୂତୀ ଚାନ୍ଦ କିଟ୍‌ର ପ୍ରଥମ ଛାତ୍ରୀ ଭାବେ ଭାରତ ପକ୍ଷରୁ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ଏଥର ଭାରତୀୟ ପ୍ରତିନିଧି ଦଳରେ ୩୦୦ ଆଥଲେଟ୍ ଓ ୧୦୦ ଅଫିସିଆଲ ସାମିଲ ଥିଲେ। ଏଥିରେ କିଟ୍‌ରୁ ୪୦କୁ ମିଶାଇ ଓଡ଼ିଶାରୁ ମୋଟ ୪୨ ଆଥଲେଟ୍ ସାମିଲ ଥିଲେ। ଭାରତୀୟ ଆଥଲେଟ୍‌ମାନେ ୧୪ଟି ଭିନ୍ନ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ଆସୋସିଏଶନ ଅଫ୍ ଇଣ୍ଡିଆ ୟୁନିଭର୍ସିଟିଜ (ଏଆଇୟୁ) ଦେଶର ୫ ନୋଡାଲ ସେଣ୍ଟରକୁ ଚୟନ ଟ୍ରାଏଲ୍ସ ଓ ଟ୍ରେନିଂ ପାଇଁ ବାଛିଥିଲା। ଏହା ମଧ୍ୟରୁ କିଟ୍ ବିଶ୍ୱବିଦ୍ୟାଳୟରେ ଆଥଲେଟିକ୍ସ, ଆର୍ଚ୍ଚେରୀ, ବ୍ୟାଡ୍‌ମିଣ୍ଟନ, ଟେନିସ, ଟେବୁଲ ଟେନିସ ଓ ଭଲିବଲର କୋଚିଂ କ୍ୟାମ୍ପ ଓ ଟ୍ରାଏଲ୍ସ ଅନୁଷ୍ଠିତ ହୋଇଥିଲା। ଏଠାରେ ଅନ୍ତର୍ଜାତୀୟ ସ୍ତରର ଖ୍ୟାତି ସମ୍ପନ୍ନ କୋଚ୍‌ମାନେ ଟ୍ରେନିଂ ଦେଇଥିଲେ। ଭାରତୀୟ ଦଳର ଏହି ସଫଳତା ପାଇଁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଆଥଲେଟ ଓ କୋଚିଂ ଷ୍ଟାଫ୍‌ଙ୍କ ଅଭିନନ୍ଦନ ଜଣାଇବା ସହ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ, ସାଇ, ଏଆଇୟୁ ଏବଂ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟକୁ ଧନ୍ୟବାଦ ଅର୍ପଣ କରିଛନ୍ତି।

### ଭାରତର ପଦକ

**ସ୍ୱର୍ଣ୍ଣ-୨:** ପର୍ନିତ କୌର/କୁଶାଲ ଦଲାଲ (ମିକ୍ସଡ ଟିମ୍ କମ୍ପାଉଣ୍ଡ ଆର୍ଚ୍ଚେରୀ), ସାହିଲ ଯାଦବ (ପୁରୁଷ କମ୍ପାଉଣ୍ଡ ଆର୍ଚ୍ଚେରୀ)
**ରୌପ୍ୟ-୫:** ପର୍ନିତ କୌର (ମହିଳା କମ୍ପାଉଣ୍ଡ ଆର୍ଚ୍ଚେରୀ), କୁଶାଲ ଦଲାଲ/ସାହିଲ ଯାଦବ/ହ୍ରିତିକ ଶର୍ମା (ପୁରୁଷ ଟିମ୍ କମ୍ପାଉଣ୍ଡ ଆର୍ଚ୍ଚେରୀ), ପ୍ରବୀଣ ଚିତ୍ରାଭେଲ (ପୁରୁଷ ଟ୍ରିପଲ ଜମ୍ପ), ସୀମା (ମହିଳା ୫୦୦୦ ମିଟର ରେସ୍), ଅଙ୍କିତା ଧ୍ୟାନି (ମହିଳା ୩୦୦୦ମି. ଷ୍ଟିପଲ ଚେଜ୍)।
**ବ୍ରୋଞ୍ଜ-୫:** ବ୍ୟାଡ୍‌ମିଣ୍ଟନ ମିକ୍ସଡ ଟିମ୍, ବୈଷ୍ଣବୀ ଅଦକର (ମହିଳା ସିଙ୍ଗଲ୍ସ ଟେନିସ), ପର୍ନିତ କୌର/ଅଭନିତ କୌର/ମାଧୁରା ଧମନଗାଁଓକର (ମହିଳା କମ୍ପାଉଣ୍ଡ ଟିମ୍ ଆର୍ଚ୍ଚେରୀ), ସେଜାଲ ସିଂ, ମୁନିତା ପ୍ରଜାପତି, ମାନସି ନେଗି (ମହିଳା ୨୦କିମି ରେସ୍ ୱାକ୍ ଟିମ୍), ଲାଲୁ ପ୍ରସାଦ ଭୋଇ/ଅନିମେଶ କୁଜୁର/ମଣିକାନ୍ତ ହୋବ୍ଲିଧର/ମୃତ୍ୟମ ଜୟରାମ ଦୋଣ୍ଡପଟି (ପୁରୁଷ ୪x୧୦୦ ରିଲେ)।

# ଦୀପ୍ ରଞ୍ଜନଙ୍କୁ ବ୍ରୋଞ୍ଜ

ଭୁବନେଶ୍ୱର, ୨୭।୭ (ତପନ ସ୍ୱାଇଁ)


ଦୀପ୍ ରଞ୍ଜନ ବିଷୋୟୀ

କାର୍ଡିଫ୍‌ରେ ଅନୁଷ୍ଠିତ ବ୍ରିଟିଶ୍ ଆଣ୍ଡ ଆଇରିଶ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଓଡ଼ିଶାର ଦୀପ୍ ରଞ୍ଜନ ବିଷୋୟୀ ବ୍ରୋଞ୍ଜ ପଦକ ଜିତିଛନ୍ତି। ଉତ୍ତରାଖଣ୍ଡର ମନୋଜ ସରକାରଙ୍କୁ ପାର୍ଟନର କରି ବିଷୋୟୀ ପୁରୁଷ ଡବଲ୍ସ ଏସ୍‌ଏଲ୍ ୩ - ଏସ୍‌ଏଲ୍ ୪ ଇଭେଣ୍ଟରେ ଏହି ପଦକ ପାଇଛନ୍ତି। ଅନ୍ୟତମ ଭାରତୀୟ ଯୋଡ଼ି ନବୀନ ଶିବକୁମାର ଓ ଜଗଦୀଶ ଦିଲୀଙ୍କଠାରୁ ୨୧-୨୩, ୧୮-୨୧ରେ ଦୀପ୍ ରଞ୍ଜନ-ମନୋଜଙ୍କ ଯୋଡ଼ି ପରାସ୍ତ ହୋଇଥିଲେ।

# ଖେଲୋ ଭାରତ ନୀତିରେ ଗାଁ, ଗରିବ, ଝିଅଙ୍କୁ ପ୍ରାଧାନ୍ୟ ଦିଆଯାଇଛି: ପ୍ରଧାନମନ୍ତ୍ରୀ

## ମନ୍ କୀ ବାତ୍

ନୂଆଦିଲ୍ଲୀ, ୨୭।୭

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର 'ମନ୍ କୀ ବାତ୍' ରେଡିଓ ପ୍ରୋଗ୍ରାମ ଜରିଆରେ ଦେଶକୁ ନୂଆ 'ଖେଲୋ ଭାରତ ନୀତି' ସମ୍ପର୍କରେ ସମ୍ବୋଧିତ କରିଛନ୍ତି। ଚଳିତ ମାସରେ କେନ୍ଦ୍ର କ୍ୟାବିନେଟ୍‌ରେ ମଞ୍ଜୁରୀ ପାଇଥିବା ଏହି ନୀତିର ଉଦ୍ଦେଶ୍ୟ ହେଉଛି ଭାରତର କ୍ରୀଡ଼ା ଦୃଶ୍ୟପଟରେ ବ୍ୟାପକ ପରିବର୍ତ୍ତନ ସହିତ ବିଶ୍ୱ ସ୍ତରରେ ଦେଶକୁ ଏକ କ୍ରୀଡ଼ା ମହାଶକ୍ତି ରୂପେ ପରିଗଣିତ କରିବା।

'ଗାଁ, ଗରିବ ଓ ଝିଅଙ୍କୁ 'ଖେଲୋ ଭାରତ ନୀତି ୨୦୨୫'ରେ ପ୍ରାଧାନ୍ୟ ଦିଆଯାଇଛି। ସ୍କୁଲ ଓ କଲେଜରେ କ୍ରୀଡ଼ା ପ୍ରତ୍ୟେକ ଦିନର ଅଂଶ ହୋଇ ରହିବ। କ୍ରୀଡ଼ା ମ୍ୟାନେଜ୍‌ମେଣ୍ଟ ହେଉ କି ଉପକରଣ ପ୍ରସ୍ତୁତି ଆଦି କ୍ରୀଡ଼ା ସମ୍ପର୍କିତ ଷ୍ଟାର୍ଟଅପ୍ସକୁ ସହାୟତା ଦିଆଯିବ। ମୋତେ ଅନେକ ଯୁବ ଆଥ୍‌ଲେଟ୍ସ ଓ ସେମାନଙ୍କ ବାପା-ମା'ଙ୍କଠାରୁ ମେସେଜ ମିଳିଛି। ସେହି ମେସେଜରେ ସେମାନେ 'ଖେଲୋ ଭାରତ ନୀତି ୨୦୨୫' ପ୍ରଶଂସା କରିଛନ୍ତି। ଭାରତକୁ ଏକ କ୍ରୀଡ଼ା ମହାଶକ୍ତି କରି ଗଢ଼ି ତୋଳିବା ଏହି ନୀତିର ଲକ୍ଷ୍ୟ। କ୍ରୀଡ଼ା ମାଧ୍ୟମରେ ଖେଳାଳି ଓ ଆଥ୍‌ଲେଟଙ୍କ ମଧ୍ୟରେ ଟିମ ସ୍ପିରିଟ୍ ସୃଷ୍ଟି ହୁଏ। ଏହାଦ୍ୱାରା ଯୁବପିଢ଼ି ମଧ୍ୟରେ ଫିଟ୍‌ନେସ ଓ ଆତ୍ମବିଶ୍ୱାସ ବୃଦ୍ଧି ପାଏ ଏବଂ ଏହା ହିଁ ଶକ୍ତିଶାଳୀ ଭାରତ ତିଆରି କରିବାର ବାଟ। ଏଣୁ ଖୁବ୍ ଖେଳ ଓ ଖୁବ୍ ଚମକ' ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି।

# ଶେଲଟନଙ୍କୁ ହରାଇ ଫୋକିନା ଫାଇନାଲରେ

ୱାଶିଂଟନ, ୨୭।୭ (ଏପି)

ଆଲେଜାଣ୍ଡ୍ରୋ ଡେଭିଡୋଭିଚ୍ ଫୋକିନା ଏଠାରେ ଚାଲିଥିବା ଡି.ସି. ଓପନ ଟେନିସ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲରେ ସେ ଚତୁର୍ଥ ସିଡ୍ ବେନ୍ ଶେଲ୍‌ଟନଙ୍କୁ ୬-୨, ୭-୫ ସ୍କୋରରେ ପରାସ୍ତ କରିଛନ୍ତି। ପୂର୍ବରୁ କ୍ୱାର୍ଟରଫାଇନାଲରେ ନମ୍ବର-୧ ସିଡ୍ ଟେଲର ଫ୍ରିଜ୍‌ଙ୍କୁ ହରାଇ ସେ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ଏଠାରେ ୧୨ତମ ସିଡ୍ ତଥା ୨୬ବର୍ଷୀୟ ସ୍ପେନ୍‌ର ଫୋକିନା ଏହି ହାର୍ଡକୋର୍ଟ ଟୁର୍ନାମେଣ୍ଟର ଟାଇଟଲ ପାଇଁ ୭ମ ସିଡ୍ ଆଲେକ୍ସ ମିନାଉରଙ୍କ ସହିତ ମୁକାବିଲା କରିବେ। ମିନାଉର କୋରେନ୍‌ଟିନ୍ ମୋଟେଟଙ୍କୁ ୬-୪, ୬-୩ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ଫୋକିନା ତାଙ୍କ ଚତୁର୍ଥ କ୍ୟାରିୟର ଫାଇନାଲରେ ପ୍ରଥମ ଏଟିପି ଟ୍ରଫି ହାସଲ ଲକ୍ଷ୍ୟରେ ଅଛନ୍ତି। ଫଳାଫଳ ଯାହା ହେଉନା କାହିଁକି ଡି.ସି. ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବା ପୂର୍ବରୁ ୨୬ ନମ୍ବର ସ୍ଥାନରେ ଥିବା ଏହି ଖେଳାଳି ଆସନ୍ତା ର୍ୟାଙ୍କିଙ୍ଗ ତାଲିକାରେ ପ୍ରଥମ ଥର ଟପ୍ ୨୦ରେ ପ୍ରବେଶ କରିବା ନିଶ୍ଚିତ।

# ଆଦ୍ୟା ଅଭିତ, ସାଇ ଶକ୍ତି ଚାମ୍ପିୟନ



କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

## ସ୍କୁଲ୍ସ ଓପନ ଚେସ୍

ଭୁବନେଶ୍ୱର, ୨୭।୭ (ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଓ ବିଜେଇଏମ୍ ସ୍କୁଲ-୨ ଆନୁକୂଲ୍ୟରେ ସ୍କୁଲ୍ସ ଓପନ ଚେସ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହାର ମିନି ବର୍ଗରେ ଆଦ୍ୟା ଅଭିତ ଦାସ ଓ ସବ୍‌ଜୁନିୟରରେ ସାଇ ଶକ୍ତି ପଣ୍ଡା ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଏହି ଦୁଇ ପ୍ରତିଯୋଗୀ ପୂରା ୫ ପଏଣ୍ଟ ଲେଖାଏ ହାସଲ କରିଛନ୍ତି। ମିନି ବର୍ଗରେ ସାଇ ସ୍ୱାଗତ ପରିଜା, ମୟଙ୍କ ବରାଳ, ରେୟାଂଶ ମହାନ୍ତି ଓ ଦିବ୍ୟଦୃଷ୍ଟି ଶତପଥୀ ଏବଂ ସବ୍‌ଜୁନିୟର ବର୍ଗରେ ସତ୍ୟମ୍ ସ୍ୱରୂପ ସାହୁ, ପ୍ରାଂଶୁ ଦାଶ, ହିମାଂଶୁ ଶେଖର ସାହୁ ଓ ଉଦୟକାନ୍ତ ନାୟକ ଯଥାକ୍ରମେ ୨ୟରୁ ୫ମ ସ୍ଥାନ ଅଧିକାର କରିଛନ୍ତି। ବିଭିନ୍ନ ବୟସ ଓ ବାଳିକା ବର୍ଗର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଏଜ୍ ଗ୍ରୁପ୍ ପୁରସ୍କାର ପ୍ରଦାନ କରାଯାଇଛି। ଏହା ବ୍ୟତୀତ ୧୦ ଖେଳାଳି ସ୍ୱତନ୍ତ୍ର ଏବଂ ୫ ଚେସ୍ ପ୍ରତିଭା ସାନ୍ତ୍ୱନାମୂଳକ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ବିଜେଇଏମ୍ ସ୍କୁଲ-୨ ପ୍ରିନ୍ସିପାଲ ବରଦା ପ୍ରସାଦ ପାଇକରାୟ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ସ୍କୁଲର କ୍ରୀଡ଼ା ବିଭାଗ ମୁଖ୍ୟ ଅଜୟ ସରକାର, ଖେଳ ଶିକ୍ଷକ ବସନ୍ତ ପ୍ରଧାନ ଓ ଶିକ୍ଷୟିତ୍ରୀ ନିଳିମା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

# ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରୁ ଭାରତ ଓହରିପାରିବ ନାହିଁ

ନୂଆଦିଲ୍ଲୀ, ୨୭।୭

ସେପ୍ଟେମ୍ବରରେ ଭାରତ ଓ ପାକିସ୍ତାନ ମଧ୍ୟରେ ହେବାକୁ ଥିବା ଏସିଆ କପ୍ ମ୍ୟାଚ୍ ଲାଗି ଅନିଶ୍ଚିତତା ଦେଖାଦେଇଥିବା ବେଳେ ଏକ ରିପୋର୍ଟରେ ଦାବି କରାଯାଇଛି ଯେ, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏସିଆ କପ୍ କିମ୍ବା ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରୁ ଓହରି ପାରିବ ନାହିଁ। ଏସିଆନ୍ କ୍ରିକେଟ କାଉନସିଲ (ଏସିସି) ପକ୍ଷରୁ ଶନିବାର ଏସିଆ କପ୍ ଲାଗି କାର୍ଯ୍ୟସୂଚୀ ପ୍ରକାଶ କରାଯାଇଛି। ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନକୁ ଗୋଟିଏ ଗ୍ରୁପରେ ରଖାଯାଇଛି। ଦୁଇ ଦଳ ମଧ୍ୟରେ ସେପ୍ଟେମ୍ବର ୧୪ ତାରିଖରେ ମୁକାବିଲା ହେବ।

ବିସିସିଆଇ ଏବେ ଟୁର୍ନାମେଣ୍ଟରୁ ଓହରିପାରିବ ନାହିଁ। ଏସିସି ବୈଠକରେ ଏ ନେଇ ନିଷ୍ପତ୍ତି ନିଆଯାଇଥିଲା। ଭାରତ ଆୟୋଜକ ଦେଶ ହୋଇଥିବାରୁ କିଛି ପରିବର୍ତ୍ତନ କରାଯାଇ ପାରିବ ନାହିଁ। ଅଧିକାରୀଙ୍କ ସ୍ତରରେ ହୋଇଥିବା ଆଲୋଚନା ପରେ ନିଷ୍ପତ୍ତି ନିଆଯାଇଛି। ଏଣୁ ମ୍ୟାଚ୍ ଖେଳାଯିବ ବୋଲି ବିସିସିଆଇ ସୂତ୍ରରୁ କୁହାଯାଇଛି। ତେବେ ନିକଟରେ ପାକିସ୍ତାନ ଚାମ୍ପିୟନ୍ସ ବିପକ୍ଷ ମ୍ୟାଚ୍‌ରୁ ଯୁବରାଜ ସିଂଙ୍କ ନେତୃତ୍ୱାଧୀନ ଇଣ୍ଡିଆ ଚାମ୍ପିୟନ୍ସ ଓହରି ଯାଇଥିଲେ। ଏଥିଯୋଗୁ ପାକିସ୍ତାନ ବିପକ୍ଷ ଏସିଆ କପ୍ ମ୍ୟାଚ୍‌ରୁ ଭାରତୀୟ ଦଳ ଓହରିପାରେ ବୋଲି ଚର୍ଚ୍ଚା ଜୋର ଧରିଛି।


# Classified Everyday
0674-2580101, 9692975378


REAL ESTATE
SALE

ଭୁବନେଶ୍ୱର-ପିପିଲି ଟୋଲ୍‌ଗେଟ୍, ଉତ୍ତରାଛକ, ସୁନ୍ଦରପଦା, ଫୁଲନଖରାରେ ଘରବାଡ଼ି ପ୍ଲଟ୍ **2/3BHK flat, duplex** ବିକ୍ରିହେବ। **Diptimayee Pati- 8763740343.** D-76296

କଟକ ମହାନଦୀବିହାରରେ **2/3 BHK flat** ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ **3BHK duplex readymade** ଅଛି। **8327785834.** D-76286

BDA Approved Apartment Near SumHospital, Kalinganagar, Times Gurukul, Duplex near CVRaman, Tamando, Bhubaneswar-7854015157 D-76295

**Ready to move 1/2BHK flat for sale @ 18/ 24 Lakh at Gudiapokhari Bhubaneswar. Call-9861642492.** D-1376

A commercial hall at main road facing around 1000 SFT. At- Gajapati Nagar near Kaling Hospital Square, Bhubaneswar for sale. Contact- 7008283108 D-1444




5800sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-1278

2000 square feet Office, Ground Floor, fully furnished, Chandrasekharpur. 8895154066. D-74733




**Full body massage experience, good looking therapist @999 (Bhubaneswar). 9078484455.** D-1325

Positively health benefits SPA expert female therapist homely atmosphere. 9114559830. D-76295

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## LOST

I, Achuta Nanda, S/o late Hrushikesh Nanda, R/o. Qtr. No.54, Gopi Vihar Colony, Brajrajnagar, Jharsuguda, declare that I am the recorded tenant of M.S. Khata No.- 1212/7843, Plot No.- 2255/14255 (0.050 dec). The original sale deed (No. 10862302452, dated 26.06.2023) was lost on 12.07.2025, en route to Lamtibahal despite best efforts, could not be found the same. D-1446

## AFFIDAVIT

Before Executive Magistrate, Bhubaneswar, I, Pranati Gochhayat age about 65years W/o. Umesh Chandra Gochhyat here upon states that earlier I was recognised as Pranati Nayak but affter wards, I, changed my surname from Nayak to Gochhayat because to get the benefits of my husband Umesh Chandra Gochhyat as he is a bank service holder. When I was recognised as Pranati Nayak I bought shares from Bank of Baroda and ICICI Bank in the year 2008. So Pranati Gochhayat and Pranati Nayak are one and same person. D-1440


By virtue of an affidavit sworn before Executive Magistrate, Puri, dated- 18day of july 2025, I, Parthasarathi Baliyarsingh, Address: 46, Radhua, P.O.- Kalyanpur, P.S.- Delang, Dist.- Puri, Odisha, PIN- 752015, declare that I have changed my name from Partha Sarathi Baliyarasing to Parthasarathi Baliyarsingh. Henceforth, I shall be known as Parthasarathi Baliyarsingh for all purposes.
Parthasarathi Baliyarsingh
D-1442

By virtue of an affidavit sworn before Executive Magistrate, Bhadrak, dtd- 07.07.2025, I, Sunita Sutar, D/o- Sudarsan Sutar, Vill- Budang, P.O.- Dolasahi, P.S.- Tihidi, Dist.- Bhadrak, PIN- 756127, declare that I have changed my name from Sumati Sutar to Sunita Sutar. Henceforth, I shall be known as Sunita Sutar for all purposes. D-1445

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି



ଧ-୧୪୪୧



ଧ-୧୪୪୩



ଧ-୧୪୪୭

# ନୀରୋଗ ଜୀବନ ଅନ୍ତରାଳେ...


ଡା. ଆଶିଷ ବାନାର୍ଜୀ

''ମାଟିରେ ପ୍ରକୃତିର ସବୁଠୁ ବଡ଼ ଔଷଧୀୟ ଗୁଣ ଅଛି । ଏହି ମାଟି ମଧରୁ ହଳଦିଆ ମାଟି ଭଲ । ଏଭଳି ମାଟି ପଟି ବ୍ୟବହାର କଲେ ତାହା ଭୋକ ବଢ଼ାଏ। ଏପରିକି ପେଟ ରୋଗରୁ ଉପଶମ ଦେବା ସହ ମଧୁମେହକୁ କେତେକାଂଶରେ ନିୟନ୍ତ୍ରଣରେ ରଖିଥାଏ। ଶ୍ୱେତ ବର୍ଣ୍ଣର ମାଟିର ପଟି ମସ୍ତିଷ୍କ ଏବଂ ଯକୃତ ରୋଗରୁ ଉପଶମ ଦେଇଥାଏ। କଳା ରଙ୍ଗର ମାଟି ପଛି ବିଷ ଦୋଷ ଦୂର କରିବା ସହ ଚର୍ମ ରୋଗକୁ ଭଲ କରିବାରେ ସାହାଯ୍ୟ କରେ। ଲାଲ ରଙ୍ଗର ମାଟି ପଟି ପେଟ ବ୍ୟଥା, ଆଣ୍ଠୁଗଣ୍ଠି ବାତ (ଆମବାତ) ଏବଂ ପାରାଲିସିସରୁ ଉପଶମ ପାଇଁ ପ୍ରୟୋଗ ହୁଏ।''







ଏହି ପ୍ରକୃତି କୋଳରେ ଆମେ ଜନ୍ମ ନେଇଛୁ। ଏହାର ମାଟି, ପାଣି, ପବନ ଓ ସୂର୍ଯ୍ୟକିରଣରେ ବଢ଼ୁଛୁ। ଜନ୍ମ ପରେ ମାଆ, ଜେଜେମା'ମାନେ ଆମକୁ ସୂର୍ଯ୍ୟକିରଣରେ ଶୁଆଇ ଦେହରେ ତେଲ ମାଲିଶ କରି ଆମକୁ ବଡ଼ କରିଛନ୍ତି। ନଦୀ, ପୋଖରୀକୁ ଗୋଧୋଇବାକୁ ଗଲେ କିମ୍ବା ଗଙ୍ଗା ନଦୀକୁ ସ୍ନାନ କରିବାକୁ ଗଲେ କେତେକ ସୁସ୍ଥ ସବଳ ଲୋକ ମାଟି ଦେହ ସାରା ଲଗାଇ ବସିଥିବାର ଦେଖୁ। ସମୁଦ୍ରକୂଳରେ ବିଦେଶୀ ପର୍ଯ୍ୟଟକମାନେ ସ୍ୱଳ୍ପବସ୍ତ୍ର ପରିଧାନ କରି ଆଖି ବନ୍ଦ କରି ସୂର୍ଯ୍ୟକିରଣରେ ଶୋଇଥିବାର ଦେଖୁ। ଗାଁ ଗହଳିରେ ବୟସ୍କ ବ୍ୟକ୍ତିମାନେ ଖାଲିପାଦରେ ଚାଲିବା ଦେଖୁ। ଏପରିକି ପରିଣତ ବୟସରେ ପହଞ୍ଚିଥିବା କେତେକ ବ୍ୟକ୍ତି ସାଇକେଲ ଚଲାଇବାର ନଜିର ରହିଛି। ପିଲାବେଳେ ପେଟରେ ବାୟୁ ଜମିଲେ, ପେଟ ଖରାପ ହେଲେ ପେଟରେ ମାଆମାନେ ଜଡ଼ାତେଲ ମାଲିଶ କରି ପୋଖରୀ ପଙ୍କକୁ ପ୍ରଲେପ ଦେଇ କିଛି ସମୟ ରଖି ଗରମ ହୋଇଗଲେ ସଫା କରି ପୁଣି ନୂଆ ପଙ୍କ ଲେପନ ଦେଇ ଏକ ଘଣ୍ଟା ପର୍ଯ୍ୟନ୍ତ ରଖିଥାଆନ୍ତି। ଏହାଦ୍ୱାରା ପେଟ ଗରମ, ପେଟରେ ବାୟୁ ହେବା, ଯନ୍ତ୍ରଣା ଇତ୍ୟାଦି ପେଟ ରୋଗ କେତେକାଂଶରେ ଭଲ ହୋଇଯାଏ।

ଉପରୋକ୍ତ ବ୍ୟକ୍ତିଙ୍କ ବିଷୟରେ ଅନୁଧ୍ୟାନ କଲେ ଆମ୍ଭେ ଦେଖିବା ଏମାନେ ଆମ ତଥା ଆଧୁନିକ ଜୀବନଶୈଳୀ, ଚାକଚକ୍ୟ ଜୀବନ ବିତାଉଥିବା ଲୋକଙ୍କଠାରୁ ବେଶି ସୁସ୍ଥ, ବଳବାନ୍ ଓ ନୀରୋଗ ଅଟନ୍ତି। ଏମାନଙ୍କର ପ୍ରାୟ ଔଷଧ ଦରକାର ପଡ଼େ ନାହିଁ। ବ୍ୟାଧି ପ୍ରତିରୋଧ କ୍ଷମତା ଯଥେଷ୍ଟ ଅଧିକ। ଏମାନଙ୍କୁ ବିକୃତ ଜୀବନଶୈଳୀଜନିତ ରୋଗ ଯଥା- ମଧୁମେହ, ଉଚ୍ଚ ରକ୍ତଚାପ, କିଡ୍‌ନୀ, ଲିଭର, ହାର୍ଟ ଏବଂ ଫୁସ୍‌ଫୁସ୍‌ଜନିତ ରୋଗ ପ୍ରାୟ ହୁଏ ନାହିଁ। ବୟସାଧିକ ହେଲେ ମଧ ଖାଲି ଆଖିରେ ଦେଖିବା, ପଢ଼ିବା ଇତ୍ୟାଦି ଜାବତୀୟ କାର୍ଯ୍ୟ କରିପାରନ୍ତି। ଏମାନେ ପ୍ରାକୃତିକ ପବନରେ ଥକ୍କା ମେଣ୍ଟାନ୍ତି। ଖରାରେ କାର୍ଯ୍ୟ କରନ୍ତି। ରାତିର ଚନ୍ଦ୍ର କିରଣରେ ଖଟ ପକାଇ ଶୋଇଥାଆନ୍ତି। ପ୍ରାକୃତିକ ଉତ୍ସରୁ ପାଣି ପିଇଥାଆନ୍ତି। ତେବେ ଆୟୁର୍ବେଦୀୟ ଚିକିତ୍ସା ବିଜ୍ଞାନ ଦୃଷ୍ଟିରୁ ଏସବୁ ବିଷୟରେ ଆସନ୍ତୁ ଜାଣିବା।

ଶରୀରରେ ମାଟି ମର୍ଦ୍ଦନ କଲେ ବ୍ୟାଧି ପ୍ରତିରୋଧ କ୍ଷମତା ବଢ଼େ। ମାଟିର ଶୋଷଣ ଗୁଣ ଯୋଗୁ ଏହାର ଜୀବନୀୟ ଶକ୍ତି ଶରୀରକୁ ପ୍ରାପ୍ତି ହୁଏ। ଚର୍ମ ରୋଗ ହୋଇ ନ ଥାଏ। ଖାଲି ମାଟି, ମାଟି ଘରର ଚଟାଣ ଉପରେ ପେଟ ମାଡ଼ି ଶୋଇଲେ ପେଟ ଥଣ୍ଡା ହେବା ସହ ପେଟ ରୋଗ ଦୂର ହୋଇଥାଏ। ପାଚନ ଶକ୍ତି ବଢ଼େ। କାରଣ ଦେହର ଦୂଷିତ ଜିନିଷକୁ ମାଟି ଶୋଷିନିଏ। ଏହି ମାଟି ସ୍ୱଚ୍ଛ ସ୍ଥାନରୁ ନେବା ଉଚିତ, ଯେପରି ସେଠାରେ ଦୂଷିତ ପଦାର୍ଥ ପଡ଼ି ନ ଥିବ କିମ୍ବା ସେଠାରେ କେହି ମଳମୂତ୍ର ତ୍ୟାଗ କରି ନ ଥିବେ। ମାଟି ଆଣିବା ସମୟରେ ସେଥିପ୍ରତି ଧ୍ୟାନ ଦେବା ଦରକାର।

ମାଟିରେ ପ୍ରକୃତିର ସବୁଠୁ ବଡ଼ ଔଷଧୀୟ ଗୁଣ ଅଛି। ଏହି ମାଟି ମଧ୍ୟରୁ ହଳଦିଆ ମାଟି ଭଲ। ଏଭଳି ମାଟି ପଟି ବ୍ୟବହାର କଲେ ତାହା ଭୋକ ବଢ଼ାଏ। ଏପରିକି ପେଟ ରୋଗରୁ ଉପଶମ ଦେବା ସହ ମଧୁମେହକୁ କେତେକାଂଶରେ ନିୟନ୍ତ୍ରଣରେ ରଖିଥାଏ। ଶ୍ୱେତ ବର୍ଣ୍ଣର ମାଟିର ପଟି ମସ୍ତିଷ୍କ ଏବଂ ଯକୃତ ରୋଗରୁ ଉପଶମ ଦେଇଥାଏ। କଳା ରଙ୍ଗର ମାଟି ପଟି ବିଷ ଦୋଷ ଦୂର କରିବା ସହ ଚର୍ମ ରୋଗକୁ ଭଲ କରିବାରେ ସାହାଯ୍ୟ କରେ। ଲାଲ ରଙ୍ଗର ମାଟି ପଟି ପେଟ ବ୍ୟଥା, ଆଣ୍ଠୁଗଣ୍ଠି ବାତ (ଆମବାତ) ଏବଂ ପାରାଲିସିସରୁ ଉପଶମ ପାଇଁ ପ୍ରୟୋଗ ହୁଏ।

ସେହିପରି ସୂର୍ଯ୍ୟଙ୍କୁ ସୃଷ୍ଟିର ଆଧାର କୁହାଯାଏ। ସୂର୍ଯ୍ୟକିରଣରୁ ଜୀବନୀୟ ଶକ୍ତି ମିଳିଥାଏ। ଏହା ଜୀବାଣୁନାଶକ, ଦୁର୍ଗନ୍ଧ ଦୂର କରେ, ଶରୀରକୁ ବଳ ପ୍ରଦାନ କରେ ଏବଂ ଘା'କୁ ମଧ ଶୁଖାଇଥାଏ। ପ୍ରାତଃ ଓ ସାୟଂ ସୂର୍ଯ୍ୟକିରଣରୁ ଶରୀରକୁ ଶକ୍ତି ମିଳିଥାଏ। ଏହି ସମୟର କିରଣ ତ୍ୱଚା ଚଳଗ୍ରନ୍ଥି ଶୋଷଣ କରି ବା ଆଲୋକ ସଂଶ୍ଳେଷଣ ପଦ୍ଧତି ଦ୍ୱାରା ଭିଟାମିନ୍‌- ଡି' ଶରୀରକୁ ପ୍ରାପ୍ତ ହୋଇଥାଏ। ଏହାଦ୍ୱାରା ହାଡ଼ ମଜଭୁତ ହୁଏ। ଫଳରେ ରିକ୍କେସ, ଦନ୍ତ ରୋଗ, ଚର୍ମ ରୋଗ, ବଥ, ମାଂସପେଶୀ ବ୍ୟଥା, ଦୁର୍ବଳତା ଓ ସ୍ନାୟୁଜନିତ ରୋଗ ଭଲ ହୋଇଥାଏ।

ସୂର୍ଯ୍ୟ ସ୍ନାନ ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏହି ସ୍ନାନ ପାଇଁ ଏକାନ୍ତ ସ୍ଥାନରେ ସ୍ୱଳ୍ପ ବସ୍ତ୍ର ପରିଧାନ କରି ଅଧ ଘଣ୍ଟାରୁ ଏକ ଘଣ୍ଟା ପର୍ଯ୍ୟନ୍ତ ବସିବା ଆବଶ୍ୟକ। ଏହାଦ୍ୱାରା ଲୋମକୂପଗୁଡ଼ିକ ଖୋଲିଯାଏ ଏବଂ ଶରୀରରୁ ଝାଳ ବୋହିଥାଏ। ରକ୍ତ ସଞ୍ଚାଳନ ଠିକ୍ ଭାବରେ ହୋଇଥାଏ। ଆବଶ୍ୟକ ମୁତାବକ ଝାଳ ବୋହିବା ଦ୍ୱାରା ଶରୀରରୁ ଦୂଷିତ ପଦାର୍ଥ ଝାଳ ସହ ବାହାରିଯାଏ। କେବଳ ସେତିକି ନୁହେଁ, ସୂର୍ଯ୍ୟ ସ୍ନାନ ଦ୍ୱାରା ଦୃଷ୍ଟିଶକ୍ତି ମଧ ବଢ଼ିଥାଏ।


ପ୍ରାକୃତିକ ଚିକିତ୍ସାରେ ଜଳର ମହତ୍ତ୍ୱ ମଧ ରହିଅଛି। ଉଷୁମ ପାଣି ଫମେଣ୍ଟ, ଥଣ୍ଡା ପାଣି ପଟି, ପାଣିର ବାମ୍ଫ ଚିକିତ୍ସା କରାଯାଏ। ଜ୍ୱର ସମୟରେ ଶରୀରରେ ବେଶି ଉତ୍ତାପ ବଢ଼ିଲେ ମସ୍ତିଷ୍କରେ ଶୀତଳ ଜଳ ପଟି ପ୍ରୟୋଗ, ଥଣ୍ଡା ଜ୍ୱର ହୋଇଥିଲେ ଉତ୍ତାପ ବଢ଼ିଲେ ପେଟରେ ଅଧା ବେଲା ପାଣି ରଖି ସେଥିରେ ଅଳ୍ପ ଥଣ୍ଡା ଜଳ ମିଶାଇ ତାହାକୁ ଏକ ଛୋଟ ପାତ୍ରରେ ଆଉଟିଲେ ଉତ୍ତାପ କମେ। ପୋଡ଼ିଗଲେ ସେଠାରେ ବରଫ ବା ଶୀତଳ ଜଳ ପ୍ରୟୋଗ, ରକ୍ତସ୍ରାବ ବନ୍ଦ କରିବା ପାଇଁ ଥଣ୍ଡା ପାଣି ବା ବରଫ ପ୍ରୟୋଗ କଲେ ରକ୍ତବାହିନୀଗୁଡ଼ିକ ସଙ୍କୁଚିତ ହୋଇ ରକ୍ତସ୍ରାବ ବନ୍ଦ ହୁଏ।

ଉଷ୍ମ ଜଳରେ ଫମେଣ୍ଟ କଲେ ମାଂସପେଶୀରେ ବାୟୁ ଅଟକିବା, ରଙ୍କା ସମସ୍ୟା ଦୂର ହୋଇଥାଏ। ଏହାଦ୍ୱାରା ରକ୍ତବାହିନୀ ପ୍ରସାରିତ ହେବା କାରଣରୁ ରକ୍ତ ସଞ୍ଚାଳନ ସ୍ୱାଭାବିକ ହୋଇଥାଏ। ଏହାଦ୍ୱାରା ଦୂଷିତ ପଦାର୍ଥଗୁଡ଼ିକ ବାହାରି ଯିବା ଫଳରେ ବାୟୁ ଅଟକିବା ଓ ଯନ୍ତ୍ରଣା ଭଲ ହୁଏ। ଉଷୁମ ପାଣି ଲଘୁ ହୋଇଥିବାରୁ ତାହାକୁ ପିଇଲେ ହଜମ କ୍ରିୟା ବଢ଼ିଥାଏ। ତା'ସହ ଶରୀରରୁ ବିଷାକ୍ତ ପଦାର୍ଥ ବାହାରିଯାଏ। ସେହିପରି ଖୋଲାସ୍ଥାନ ବା ବିଶୁଦ୍ଧ ବାୟୁ ପ୍ରବାହିତ ହେଉଥିବା ସ୍ଥାନରେ ବସିଲେ ପର୍ଯ୍ୟାପ୍ତ ଶୁଦ୍ଧ ଅମ୍ଳଜାନ ଶରୀରକୁ ମିଳିଥାଏ। ଏହାଦ୍ୱାରା ମାନସିକ ଅବସାଦ ଦୂର ହୁଏ। ଶାନ୍ତି ମିଳେ। ଶରୀର ହାଲୁକା ଲାଗେ। ଭଲ ନିଦ ହୁଏ।

ତେଣୁ ଘରର ଚାରି କାନ୍ଥ ମଧ୍ୟରୁ କିମ୍ବା ବାତାନୁକୂଳିତ କୋଠରିରୁ ବାହାରି ପ୍ରାକୃତିକ ପରିବେଶରେ ଅଧିକ ସମୟ ବିତାନ୍ତୁ। ପ୍ରକୃତିର ସୌନ୍ଦର୍ଯ୍ୟ ଏବଂ ପକ୍ଷୀଙ୍କର ସୁମଧୁର ରାବ ଭିତରେ ସମୟ କାଟିଲେ ମନକୁ ଶାନ୍ତି ଆସେ। ନିଜ ଘରର ଚାରି ପାର୍ଶ୍ୱକୁ ଗଛରେ ଭରି ଦିଅନ୍ତୁ। ରୋଗ ହେଲେ ପ୍ରାକୃତିକ ଔଷଧ ଆପଣାନ୍ତୁ। ସୁସ୍ଥ ଓ ନୀରୋଗ ରୁହନ୍ତୁ।


-ଆନନ୍ଦ ବଜାର,
ବେତନଟୀ, ମୟୂରଭଞ୍ଜ
ମୋ: ୯୮୬୧୩୭୪୩୮୫

## ସକ୍ରିୟ ରହିବ ରକ୍ତ ସଞ୍ଚାଳନ



ଆମ ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବରେ ହେବା ଦରକାର। ନ ହେଲେ ଏହା ଗୁରୁତର ଆକାର ଧାରଣ କରିବା ସହ ହୃଦ୍‌ଜନିତ ସମସ୍ୟାକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ। କେବଳ ସେତିକି ନୁହେଁ ମସ୍ତିଷ୍କର କାର୍ଯ୍ୟଧାରା ମଧ ଏହାଦ୍ୱାରା ପ୍ରଭାବିତ ହୋଇଥାଏ। ଆମ ଶରୀରରେ ରକ୍ତ ସଞ୍ଚାଳନ ସାଧାରଣ ଅବସ୍ଥାରେ ରହିବାର ଏକ ଉପାୟ ରହିଛି। ନିକଟରେ ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏଭଳି ଏକ ରିଷ୍ଟ ୱାଚ୍ ତିଆରି କରିଛନ୍ତି, ଯାହାଦ୍ୱାରା ରକ୍ତ ସଞ୍ଚାଳନ ଠିକ୍ ଭାବରେ ଚାଲିବ। ଏହି ଘଣ୍ଟା କିପରି କାମ କରୁଛି ତାହା ଜାଣିବା ପାଇଁ ରକ୍ତ ସଞ୍ଚାଳନଜନିତ ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କଠାରେ ପରୀକ୍ଷା କରିଥିଲେ। ସେମାନେ ଏହି ଘଣ୍ଟା ପିନ୍ଧିବା ଦ୍ୱାରା ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ବ୍ୟକ୍ତିଙ୍କର ରକ୍ତ ସଞ୍ଚାଳନ ଠିକ୍ ରହିଥିଲା ବୋଲି ରିପୋର୍ଟରେ ଦର୍ଶାଯାଇଛି। ତା'ସହ ଯଦି ଜଣେ ବ୍ୟକ୍ତି ସବୁବେଳେ ସୁଷମ ଖାଦ୍ୟ ଖାଆନ୍ତି ତେବେ ତାହାର ସୁପ୍ରଭାବ ରକ୍ତ ସଞ୍ଚାଳନ ଉପରେ ପଡ଼ିଥାଏ ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ମତ ଦେଇଛନ୍ତି।

## ସୁସ୍ଥ କିଡ୍‌ନୀ ପାଇଁ ସତର୍କତା



ଆମ ଶରୀରର ଏକ ମୁଖ୍ୟ ଓ ଦରକାରୀ ଅଙ୍ଗ ହେଉଛି କିଡ୍‌ନୀ। ଶରୀରରେ ପ୍ରବାହିତ ହେଉଥିବା ରକ୍ତକୁ ଏହା ବିଶୋଧନ କରି ଅଦରକାରୀ ତତ୍ତ୍ୱକୁ ନିଷ୍କାସନ କରିଥାଏ। ଦୈନନ୍ଦିନ ଜୀବନରେ ଆମେ ଯେତେ ବ୍ୟସ୍ତ ରହିଲେ ମଧ କିଡ୍‌ନୀ କିପରି ସୁସ୍ଥ ରହିବ ସେ ନେଇ ସତର୍କ ରହିବା ନିହାତି ଦରକାର। ଏଥିରେ ସମସ୍ୟା ଦେଖାଦେଇଛି କି ନାହିଁ ତାହା ଜାଣିବା ପାଇଁ କେତୋଟି ପ୍ରମୁଖ କାରଣ ବିଷୟରେ ଅବଗତ ହେବା ଦରକାର। କିଡ୍‌ନୀ ଖରାପ ହେଲେ ହାତଗୋଡ଼ ଫୁଲିଯାଏ, ଶରୀରର ଯୋଡ଼ା ଅଂଶଗୁଡ଼ିକରେ ଦରଜ ଅନୁଭୂତ ହୁଏ, ରକ୍ତଚାପ ଅସନ୍ତୁଳିତ ରହେ ଏବଂ ଦୁର୍ବଳ ଲାଗେ। ବାନ୍ତି ଉଠାଏ ଆଉ ବେଳେବେଳେ ହୁଏ ମଧ। ନିଃଶ୍ୱାସପ୍ରଶ୍ୱାସ ନେବାରେ ବାଧା ମଧ ଉପୁଜେ। ତେଣୁ କିଡ୍‌ନୀକୁ ସୁସ୍ଥ ରଖିବା ପାଇଁ କେତୋଟି ବିଷୟ ପ୍ରତି ଦୃଷ୍ଟି ଦିଅନ୍ତୁ। ପ୍ରଚୁର ପରିମାଣର ପାଣି ପିଅନ୍ତୁ। ଶରୀରରେ ୟୁରିଆ ତତ୍ତ୍ୱ ସନ୍ତୁଳିତ ରଖନ୍ତୁ। ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ମଧ ଅଧିକ ଖାଆନ୍ତୁ। ନିଶାଦ୍ରବ୍ୟ ସେବନ ଅଭ୍ୟାସ ତୁରନ୍ତ ବର୍ଜନ କରନ୍ତୁ। କିଡ୍‌ନୀଜନିତ ସମସ୍ୟା ଦେଖାଦେଲେ କିମ୍ବା ଏହାର କୌଣସି ଲକ୍ଷଣ ପ୍ରକାଶ ପାଇଲେ ତୁରନ୍ତ ଅଭିଜ୍ଞ କିଡନୀ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ରୋଗ ଯଦି ଗୁରୁତର ଆକାର ଧାରଣ କରିଛି ସେହି ଅନୁସାରେ ଚିକିତ୍ସିତ ହୁଅନ୍ତୁ।

## ମାନସିକ ରୋଗ : ଭ୍ରାନ୍ତ ଧାରଣା

ପ୍ରାରମ୍ଭିକ ଅବସ୍ଥାରେ ଲୋକେ ମାନସିକ ରୋଗଗୁଡ଼ିକର ଲକ୍ଷଣକୁ ଚିହ୍ନିବାରେ ସାଧାରଣତଃ ବିଳମ୍ବ କରିଥାଆନ୍ତି। କେତେଜଣ ଲୋକ ମାନସିକ ସମସ୍ୟାଗୁଡ଼ିକୁ କୌଣସି ରୋଗର ଲକ୍ଷଣ ବୋଲି ନ ମାନି, ଆମ ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ ଯୋଗୁ ରୋଗୀକୁ ଗୁଣିଆ ପାଖକୁ ନେଇ ଅଯଥା ସମୟ ନଷ୍ଟ କରାଯାଇଥାଏ। ଏସବୁ ଦ୍ୱାରା ରୋଗର ପ୍ରକୋପ ବଢ଼େ ଓ ଡେରିରେ ଚିକିତ୍ସା ଆରମ୍ଭକଲେ ବେଶି ଦିନ ଔଷଧ ସେବନ କରିବାକୁ ପଡ଼ିଥାଏ କିମ୍ବା ରୋଗ ସମ୍ପୂର୍ଣ୍ଣ ଭାବେ ଠିକ୍ ହେବା ସମ୍ଭାବନା କମି ଯାଇଥାଏ। ବିଭିନ୍ନ ମାନସିକ ସମସ୍ୟାର ଚିକିତ୍ସା ନିମନ୍ତେ ଉଦ୍ଦିଷ୍ଟ ଔଷଧର ଏକ ନିର୍ଦ୍ଦିଷ୍ଟ କୋର୍ସ ରହିଥାଏ, ଯାହା କି ସାଧାରଣତଃ ରୋଗର ତୀବ୍ରତା ଉପରେ ନିର୍ଭର କରିଥାଏ। ଏହି କୋର୍ସ ଅନୁସାରେ ଔଷଧ ଖାଇଲେ ଆଉ ରୋଗର ଲକ୍ଷଣ ଦେଖାଯାଇ ନ ଥାଏ। ରୋଗର ତୀବ୍ରତା କମିଲେ ଔଷଧଗୁଡ଼ିକର ମାତ୍ରା ମଧ ଧୀରେ ଧୀରେ କମାଇ ଦିଆଯାଏ। ମାନସିକ ରୋଗ ବିଶେଷଜ୍ଞଙ୍କ ବିନା ପରାମର୍ଶରେ ଔଷଧ ବନ୍ଦ କରିଦେଲେ ରୋଗ ପୁନର୍ବାର ଦେଖାଯିବା ଆଶଙ୍କା ରହିଥାଏ। ବର୍ତ୍ତମାନର ଆଧୁନିକ ଚିକିତ୍ସା ଯୁଗରେ ମାନସିକ ରୋଗଗୁଡ଼ିକର ଚିକିତ୍ସା ପାଇଁ ବ୍ୟବହାର କରାଯାଉଥିବା ଔଷଧଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ଓ ଏଗୁଡ଼ିକର କୌଣସି ବଡ଼ ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ଆମ ସମାଜରେ ଲୋକମାନଙ୍କ ମଧ୍ୟରେ ଧାରଣା ଅଛି ଯେ ବିବାହ ଦ୍ୱାରା ବିଭିନ୍ନ ମାନସିକ ରୋଗ ଠିକ୍ ହୋଇଯାଏ। ମାତ୍ର ଏହି ଧାରଣା ସମ୍ପୂର୍ଣ୍ଣ ଭୁଲ୍। ବିବାହ ପୂର୍ବରୁ ରୋଗର ଅବସ୍ଥା ତଥା ଔଷଧ ପ୍ରକ୍ରିୟା ସମ୍ପର୍କରେ ରୋଗୀ ଓ ତା'ର ଜୀବନସାଥୀ ଡାକ୍ତରଙ୍କଠାରୁ ପରାମର୍ଶ ନେବା ଉଚିତ।

## ଡାଇବେଟିସ୍‌ର କାରଣ ହୋଇପାରେ ଧୂମପାନ



ଧୂମ ପାନ ଏଭଳି ଏକ ଅଭ୍ୟାସ ଯାହା ସାମୟିକ ଆନନ୍ଦ ଦେଲେ ମଧ ପରୋକ୍ଷରେ କେତେକ ପ୍ରମୁଖ ରୋଗର କାରଣ ସାଜିଥାଏ। ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଜଣାପଡିଛି ଯେ, ନିୟମିତ ଧୂମପାନ କରୁଥିବା ବ୍ୟକ୍ତି ଭବିଷ୍ୟତରେ ଡାଇବେଟିସ୍ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ଏହି ସର୍ଭେ ପରିସରଭୁକ୍ତ କେତେକ ବ୍ୟକ୍ତିଙ୍କଠାରେ ସେମାନେ ଏଭଳି ଲକ୍ଷଣ ଦେଖିବାକୁ ପାଇଥିଲେ। ପ୍ରଥମ ପ୍ରକାର ଧୂମ ହେଲା ଯାହା ଧୂମପାୟୀ ବ୍ୟକ୍ତିର ଶରୀରକୁ ଯାଏ। ଦ୍ୱିତୀୟ ପ୍ରକାର ଧୂମ ହେଲା ଯାହା ଧୂମପାୟୀ ବ୍ୟକ୍ତି ବାହାରକୁ ଛାଡ଼ିଥାଏ। ଉକ୍ତ ରିପୋର୍ଟରେ ଦର୍ଶାଯାଇଛି ଯେ, ସମସ୍ତ ପ୍ରକାର ହୃଦ୍‌ରୋଗଜନିତ ରୋଗର ୨୦ ପ୍ରତିଶତ ଧୂମପାନ ଯୋଗୁ ହୋଇଥାଏ। ଧୂମପାନ ଫୁସ୍‌ଫୁସ୍‌କୁ କ୍ଷତି ପହଞ୍ଚାଇବା ସହିତ ସ୍ୱାସ୍ଥ୍ୟାବସ୍ଥାକୁ ଅଧିକ ମାତ୍ରାରେ କ୍ଷତି କରିଥାଏ। ତମାଖୁର ସୂକ୍ଷ୍ମ କଣିକା ଶରୀର ମଧ୍ୟକୁ ଯାଇ ନିମୋନିଆ, ଏମଫିସିମା, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ ଓ କ୍ୟାନ୍‌ସର ପରି ଜୀବନନାଶକ ରୋଗ ସୃଷ୍ଟି କରିଥାଏ। ଧୂମପାନ ତ୍ୟାଗର ମାତ୍ର କେଇ ମାସ ମଧ୍ୟରେ ଅନେକ ଉନ୍ନତି ମିଳିଥାଏ।

## ଇନ୍‌ଫେକଶନ କମାଏ ଲେମ୍ବୁପାଣି



ଲେମ୍ବୁପାଣିରେ ଅନେକ ପ୍ରକାର ଉପକାରୀ ତତ୍ତ୍ୱ ଭରି ରହିଛି। ଆମ ଶରୀରରେ ଇନ୍‌ଫେକଶନ ବା ସଂକ୍ରମଣକୁ ନିୟନ୍ତ୍ରଣ କରିବାରେ ଏହା କେତେକାଂଶରେ ସହାୟକ ହୋଇଥାଏ। ଏଥିରେ ଥିବା ଅଧିକ ଉପକାରୀ ଗୁଣ ଉପରେ ୱାଶିଂଟନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ସର୍ଭେ କରି ଏକଥା ଜାଣିପାରିଛନ୍ତି। କେବଳ ସେତିକି ନୁହେଁ, ନିୟମିତ ଲେମ୍ବୁପାଣି ପିଇଲେ ତାହା ଆମ ପାଇଁ ଆଉ ଏକ ଉପକାର କରିଥାଏ। ଏହାଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ପୂର୍ବାପେକ୍ଷା ଦୃଢ଼ ହୋଇଥାଏ ବୋଲି ଉକ୍ତ ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହି ପାଣିରେ ଫ୍ଲାଭୋନୋଏଡ୍ ନାମକ ତତ୍ତ୍ୱ ରହିଛି। ଏହାଦ୍ୱାରା ପେଟରୋଗ ଆଶଙ୍କା କେତେକାଂଶରେ ଦୂର ହୋଇଥାଏ। ଆପଣ ଚର୍ବି ବୃଦ୍ଧିଜନିତ ସମସ୍ୟା ସହ ଜଡିତ କି? ଯଦି ହଁ, ତେବେ ଉଷୁମ ପାଣିରେ ଲେମ୍ବୁ ଏବଂ ଅଳ୍ପ ମହୁ ମିଶାଇ ପିଇଲେ ତାହା ଶରୀରରେ ଚର୍ବି ପରିମାଣକୁ ନିୟନ୍ତ୍ରଣରେ ରଖିଥାଏ। ଲେମ୍ବୁ ପାଣି ଭିଟାମିନ୍ 'ସି'ର ଅନ୍ୟତମ ପ୍ରମୁଖ ଉତ୍ସ। ଏହାକୁ ପିଇଲେ ତାହା ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା ସହ କ୍ଲାନ୍ତି ଦୂର କରିବାରେ ସହାୟକ ହୋଇଥାଏ।

## ଜାଣିରଖନ୍ତୁ



- ଅଣ୍ଟାଜନିତ କିଛି ସମସ୍ୟା ଥିଲେ ବସିବା ଉଠିବା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ। କୌଣସି ସ୍ଥାନରେ ବସିଥିଲେ ହଠାତ୍ ଉଠନ୍ତୁ ନାହିଁ। କୌଣସି ଜିନିଷ ନେବା ଆଣିବା କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।
- ମହୁ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ବିଶେଷ କରି ଏହା ଅଣ୍ଟାରୁ ଆମକୁ ଉପଶମ ଦେଇଥାଏ। ଏହାକୁ ପ୍ରତିଦିନ ସକାଳୁ ଉଷୁମ ପାଣି ସହ ମିଶାଇ ପିଅନ୍ତୁ।
- ଯଦି ଆପଣଙ୍କର କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି, ତେବେ ଖାଦ୍ୟପେୟ ଓ ଜୀବନଶୈଳୀ ପ୍ରତି ଦୃଷ୍ଟି ଦିଅନ୍ତୁ। ଅଭିଜ୍ଞ ଡାକ୍ତରଙ୍କ ସହ ମଧ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।
- ପ୍ରତିଦିନ ଦାନ୍ତକୁ ଭଲ ଭାବେ ଘଷନ୍ତୁ। ଦିନକୁ ଅତି କମ୍‌ରେ ଦୁଇ ଥର ଯଥା ସକାଳେ ରାତିରେ ଘଷନ୍ତୁ। ମନେରଖନ୍ତୁ ଘଷିବାର ଅବଧି ୨ମିନିଟ୍‌ରୁ କେବେ ବି କମ୍ କରନ୍ତୁ ନାହିଁ।
- ନିଜ ଓଜନକୁ ସବୁବେଳେ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରନ୍ତୁ। ଆଉ ଯଦି ଏଥିପ୍ରତି ଧ୍ୟାନ ନ ଦେବେ ତେବେ ପରୋକ୍ଷରେ ଆପଣ ଅନେକ ରୋଗକୁ ଆମନ୍ତ୍ରଣ କରିବେ।
- ଯେ କୌଣସି କାମ ଖୁସି ମନରେ କରନ୍ତୁ। ଏହାଦ୍ୱାରା ଆପଣ କାମଟିକୁ ଠିକ୍ ଭାବରେ କରିବା ସହ ଅଧିକ କାର୍ଯ୍ୟ କରିବା ପାଇଁ ମନରେ ଆଗ୍ରହ ସୃଷ୍ଟି ହେବ।

## ଉପାୟ ରହିଛି ହାତ ପାଆନ୍ତାରେ

ଶରୀରକୁ ସୁସ୍ଥ ରଖିବା ପାଇଁ ବ୍ୟାୟାମ ସହ ଯୋଗର ମଧ ଆବଶ୍ୟକତା ରହିଛି। ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଆମେ ଆମ ଶରୀରର ଯତ୍ନ ନେବାକୁ ଭୁଲିଯାଉଛେ। ଏହା ଦ୍ୱାରା ଆମେ ଅନେକ ରୋଗର ଶିକାର ହେଉଛେ। ତେଣୁ ଶରୀରକୁ ଫିଟ୍ ରଖିବାକୁ ହେଲେ ଯୋଗକୁ ହିଁ ଆମକୁ ବିକଳ୍ପ ଭାବେ ଆପଣେଇବାକୁ ପଡ଼ିବ। ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ। ଶରୀରରେ ରକ୍ତ ସଂଚାଳନ ମଧ ଠିକ୍ ଭାବେ ହୁଏ। ତା'ସହ ଶରୀରର ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକ ମଧ ଶକ୍ତ ହୋଇଥାଏ। ନିୟମିତ ଯୋଗ କଲେ ରକ୍ତଚାପ ସନ୍ତୁଳିତ ରହିଥାଏ। ଅନେକ ସମୟରେ ମାନସିକ ଚାପ ଆମ ପାଇଁ ସମସ୍ୟା ସାଜିଥାଏ। ଯୋଗ ଦ୍ୱାରା ଏଥିରୁ କେତେକାଂଶରେ ରକ୍ଷା ମିଳିଥାଏ। ସବୁବେଳେ ଯୋଗ କଲେ ଭଲ ନିଦ ହୁଏ। ଏହାର ଆଉ ଏକ ଉପକାରୀ ଗୁଣ ରହିଛି। ଯୋଗ କରିବା ଦ୍ୱାରା ସ୍ମରଣ ଶକ୍ତି ପ୍ରଖର ରହିଥାଏ। ତେଣୁ ନିଜର ଦୈନନ୍ଦିନ ଜୀବନଶୈଳୀରେ ଯୋଗ ସାମିଲ କରିବା ଦରକାର।



## ସ୍ୱାସ୍ଥ୍ୟ ସୂଚନା

➤ଏବେ ବର୍ଷା ଦିନ। ତେଣୁ ଏହି ସମୟରେ ନିଜର ଖାଦ୍ୟପେୟ ଏବଂ ଜୀବନଶୈଳୀ ପ୍ରତି ସଚେତନ ରୁହନ୍ତୁ।

➤ଡାକ୍ତରଙ୍କ ସହ କୌଣସି ରୋଗ ବିଷୟରେ ପରାମର୍ଶ କରିବା ସମୟରେ ଯଦି ଆପଣଙ୍କର କୌଣସି ମେଡିସିନ୍ ଖାଇଲେ ଆଲର୍ଜି ସମସ୍ୟା ରହିଛି ସେ ନେଇ ସୂଚନା ଦିଅନ୍ତୁ।

➤ରାତିରେ ଶୋଇବା ପୂର୍ବରୁ ପାଦ ଏବଂ ହାତକୁ ଉଷୁମ ପାଣିରେ ଧୁଅନ୍ତୁ। ଏହାଦ୍ୱାରା ଭଲ ନିଦ ହୋଇଥାଏ।

➤ଯଦି ସବୁବେଳେ ଟେନ୍‌ସନର ବଶବର୍ତ୍ତୀ ହେଉଛନ୍ତି ଏବଂ ଯେତେ ଚାହିଁଲେ ମଧ ସେଥିରୁ ମୁକୁଳି ପାରୁ ନାହାନ୍ତି, ତେବେ ଏ ନେଇ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

➤ଆମ ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିବା ନିହାତି ଜରୁରୀ। ତେଣୁ ଜଣେ ବ୍ୟକ୍ତି ଦିନକୁ ଅତିକମ୍‌ରେ ୨-୩ ଲିଟର ପାଣି ପିଇବା ଦରକାର। ହେଲେ ଖାଇବାର ଠିକ୍ ପୂର୍ବରୁ ଏବଂ ଖାଇ ସାରିବା ପରେ ପରେ ପାଣି ପିଅନ୍ତୁ ନାହିଁ। ଖାଇବା ସମୟର ଅଧ ଘଣ୍ଟାଏ ପୂର୍ବରୁ ଏବଂ ଅଧ ଘଣ୍ଟାଏ ପରେ ପାଣି ପିଇଲେ ତାହା ପାଚନ କ୍ରିୟା ଦୃଢ଼ କରିବାରେ ସାହାଯ୍ୟ କରିଥାଏ।

➤ପ୍ରତିଦିନ ତଟକା ଫଳମୂଳ ଖାଆନ୍ତୁ। କାରଣ ଏଗୁଡିକରେ ଅନେକ ପ୍ରକାର ଭିଟାମିନ୍ ଭରି ରହିଛି। ଏଥିରୁ ପ୍ରସ୍ତୁତ ଜୁସ୍ ମଧ ଆମ ଶରୀର ପାଇଁ ବେଶ୍ ଉପକାରୀ।



ଧରିତ୍ରୀ DHARITRI
51 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଜୁଲାଇ ୨୮/୨୦୨୫ Bhubaneswar, Monday, July 28/ 2025

# ସୁନ୍ଦର-ଜାଡେଜାଙ୍କ ଲଢୁଆ ବ୍ୟାଟିଂ





ଶତକ ହାସଲ ପରେ ଶୁବମନ ଗିଲ୍। ଶତକୀୟ ଭାଗୀଦାରି ଅବସରରେ ୱାଶିଂଟନ ସୁନ୍ଦର ଓ ରବୀନ୍ଦ୍ର ଜାଡେଜା।

**ମାଞ୍ଚେଷ୍ଟର, ୨୭।୭**

ଅଧିନାୟକ ଶୁବମନ ଗିଲ୍‌ଙ୍କ ଶତକ ଏବଂ ୱାଶିଂଟନ ସୁନ୍ଦର ଓ ରବୀନ୍ଦ୍ର ଜାଡେଜାଙ୍କ ଶତକୀୟ ଭାଗୀଦାରି ବଳରେ ଭାରତ ଏଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଚତୁର୍ଥ କ୍ରିକେଟ ଟେଷ୍ଟରେ ଲଢ଼େଇ ଜାରି ରଖିଛି। ପ୍ରଥମ ଇନିଂସରେ ୩୧୧ ରନରେ ପଛୁଆ ଥିବା ଭାରତ ରବିବାର ଅନ୍ତିମ ଦିବସରେ ରିପୋର୍ଟ ପ୍ରସ୍ତୁତ ବେଳକୁ ୪ ଉଇକେଟ ହରାଇ ୩୪୬ ରନ ସଂଗ୍ରହ କରିଛି। ଫଳରେ ଦଳ ଓଭରଅଲ୍ ୩୫ ରନରେ ଅଗ୍ରଣୀଲାଭ କରିଛି। ସୁନ୍ଦର ୬୭ ଓ ଜାଡେଜା ୬୬ ରନରେ ଅପରାଜିତ ରହିଛନ୍ତି।

## ଗିଲ୍‌ଙ୍କ ଶତକ

ଚତୁର୍ଥ ଦିବସର ଅସମାପ୍ତ ସ୍କୋର ୧୭୪/୨ରୁ ଭାରତ ଖେଳ ଆରମ୍ଭ କରିଥିଲା। ତୃତୀୟ ଉଇକେଟରେ ୧୮୮ ରନ ଯୋଗ ହେବାପରେ ଲୋକେଶ ରାହୁଲ ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ରାହୁଲ ଦୁର୍ଭାଗ୍ୟଜନକ ଭାବେ ଶତକ ହାସଲ କରି ନ ପାରି ୯୦ ରନ କରିଥିବାବେଳେ ବେନ୍ ଷ୍ଟୋକ୍ସଙ୍କ ବଲ୍‌ରେ ଏଲବିଡବ୍ଲ୍ୟୁ ହୋଇ ଯାଇଥିଲେ। ଗିଲ୍ କିନ୍ତୁ ହାସଲ କରିଥିଲେ କ୍ୟାରିୟରର ୯ମ ଟେଷ୍ଟ ଶତକ। ସ୍କୋର ୨୨୨ ଥିବାବେଳେ ଗିଲ୍ ୧୦୩ ରନକରି ପ୍ୟାଭିଲିୟନ ଫେରିବାରୁ ଭାରତ ଉପରକୁ ପୁଣି ସଙ୍କଟର ସମ୍ମୁଖୀନ ହୋଇଥିଲା। ମାତ୍ର ଅନେକ ମ୍ୟାଚରେ ଭାରତକୁ ସଙ୍କଟରୁ ଉଦ୍ଧାର କରିଥିବା ଜାଡେଜା ଏଠାରେ ମଧ୍ୟ ଦକ୍ଷତା ଦେଖାଇଥିଲେ। ସେ ୱାଶିଂଟନ ସୁନ୍ଦରଙ୍କ ସହ ଧୈର୍ଯ୍ୟର ସହ ବ୍ୟାଟିଂ କରି ଇଂଲଣ୍ଡ ବୋଲରଙ୍କୁ ନିରାଶ କରିଥିଲେ। ଫଳରେ ସହଜରେ ମ୍ୟାଚ ଜିତିବା ନେଇ ସ୍ୱପ୍ନ ଦେଖୁଥିବା ଇଂଲଣ୍ଡକୁ ଶକ୍ତ ଧକ୍କା ଲାଗିଥିଲା। ଷ୍ଟୋକ୍ସ ଓ ଜୋଫ୍ରା ଆର୍ଚର ଗୋଟିଏ ଲେଖାଏ ଉଇକେଟ ପାଇଥିବାବେଳେ ଅନ୍ୟ ବୋଲରମାନେ ନିରାଶ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୩୫୮। ଇଂଲଣ୍ଡ ପ୍ରଥମ ଇନିଂସ: ୬୬୯।

### ବ୍ରାଡ୍‌ମ୍ୟାନ, ଗାଭାସ୍କରଙ୍କ ସମକକ୍ଷ ହେଲେ ଗିଲ୍

ଭାରତୀୟ ଦଳର ଅଧିନାୟକ ଶୁବମନ ଗିଲ୍ ଚଳିତ ସିରିଜରେ ଚତୁର୍ଥ ଶତକ ହାସଲ କରି ଅନେକ କୀର୍ତ୍ତିମାନର ଅଧିକାରୀ ହୋଇଛନ୍ତି। ଗତ ୩୫ ବର୍ଷରେ ପ୍ରଥମ ଭାରତୀୟ ବ୍ୟାଟର ଭାବେ ଓଲ୍ଡ ଟ୍ରାଫୋର୍ଡରେ ଶତକ ହାସଲ କରିଛନ୍ତି। ଅନ୍ତିମ ଥର ୧୯୯୦ରେ ସଚିନ ତେନ୍ଦୁଲକର ଇଂଲଣ୍ଡ ବିପକ୍ଷରେ ୧୧୯ ରନର ପାଳି ଖେଳିଥିଲେ। ଟେଷ୍ଟ କ୍ରିକେଟ୍ ଇତିହାସରେ ଗିଲ୍ ତୃତୀୟ ଅଧିନାୟକ ଭାବେ ଗୋଟିଏ ସିରିଜ୍‌ରେ ୪ ଶତକ କରିଛନ୍ତି। ଏହି ତାଲିକାରେ ସାର୍ ଡନ୍ ବ୍ରାଡ୍‌ମ୍ୟାନ ଓ ସୁନୀଲ ଗାଭାସ୍କରଙ୍କ ଭଳି ମହାନ୍ ଖେଳାଳି ରହିଛନ୍ତି। ଏଥିସହିତ ଅଧିନାୟକ ଭାବେ ଗୋଟିଏ ସିରିଜ୍‌ରେ ସର୍ବାଧିକ ରନ କରିଥିବା ଅଧିନାୟକଙ୍କ ତାଲିକାରେ ଗିଲ୍ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

## ଦୁଲୀପ ଟ୍ରଫି: ତିଳକ ବର୍ମା ଦକ୍ଷିଣାଞ୍ଚଳର ଅଧିନାୟକ

**ବେଙ୍ଗାଲୁରୁ, ୨୭।୭ (ପି.ଟି.):** ଆସନ୍ତା ମାସରେ ସିଜନ ଓପନିଂ ଦୁଲିପ୍ ଟ୍ରଫି ପାଇଁ ଭାରତୀୟ ବ୍ୟାଟର ଏନ୍. ତିଳକ ବର୍ମାଙ୍କୁ ଦକ୍ଷିଣାଞ୍ଚଳ ଦଳର ଅଧିନାୟକ ମନୋନୀତ କରାଯାଇଛି। ୨୨ ବର୍ଷୀୟ ତିଳକ ୪ ଅନ୍ତର୍ଜାତୀୟ ଦିନିକିଆ ଓ ୨୫ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ନିକଟରେ ଇଂଲିଶ କାଉଣ୍ଟି ଦଳ ହାମ୍ପଶାୟାର ତରଫରୁ ସେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଚାରୋଟି ଇନିଂରେ ସେ ୧୦୦, ୫୬, ୪୭ ଓ ୧୧୨ ରନ କରିଛନ୍ତି। କେରଳର ଏହି ଖେଳାଳି ତାଙ୍କ ରାଜ୍ୟପାଇଁ ରଣଜୀ ଟ୍ରଫି ଫାଇନାଲ ପର୍ଯ୍ୟନ୍ତ ଭଲ ଖେଳିଥିବାରୁ ୧୬ ଜଣିଆ ଦଳର ଅଧିନାୟକ ପଦ ପାଇଛନ୍ତି। ଏହି ଦଳରେ ତାଙ୍କ ରାଜ୍ୟରୁ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ମହମ୍ମଦ ଆଝାରୁଦ୍ଦିନ, ତିଳକଙ୍କ ଡେପୁଟି ଏମ୍‌ଡି ନିଦ୍ଧେଶ, ବସିଲ ଏନ୍‌ପି ଓ ସଲମନ ନିଜାର। ଆଘାତପ୍ରାପ୍ତ ରିଷଭ ପନ୍ତ ଓ ସିନିୟର ବାମହାତି ସ୍ପିନର ଆର. ସାଇଙ୍କ ସ୍ଥାନ ଭରଣା କରିବା ଲାଗି ତାମିଲନାଡୁ ବ୍ୟାଟର ନାରାୟଣ ଜଗଦିଶନ ଇଂଲଣ୍ଡ ଗସ୍ତ କରିଛନ୍ତି। ଚଳିତବର୍ଷ ଜୋନାଲ ଫର୍ମାଟ ଦୁଲୀପ ଟ୍ରଫି ପ୍ରତ୍ୟାବର୍ତ୍ତନ କରିବ। ଏଥର ଏହା ୬ଟି ଦଳକୁ ନେଇ ଅନୁଷ୍ଠିତ ହେବ। ପୂର୍ବ ବର୍ଷଗୁଡ଼ିକରେ ଏହାର 'ଏ', 'ବି', 'ସି' ଓ 'ଡି' ଆଦି ଚାରୋଟି ଦଳକୁ ନେଇ ହେଉଥିଲା। ଟୁର୍ନାମେଣ୍ଟ ସ୍ଥାନୀୟ ବିସିସିଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସ ଗ୍ରାଉଣ୍ଡରେ ଅଗଷ୍ଟ ୨୮ରୁ ଖେଳାଯିବ।

## ପଦାର୍ପଣରେ ୧୨ବର୍ଷୀୟା ୟୁ ଜିଦି ପ୍ରଭାବୀ




**ୱାର୍ଲ୍ଡ ସୁଇମିଂ ଚାମ୍ପିୟନଶିପ୍**

**ସିଙ୍ଗାପୁର, ୨୭।୭ (ଏପି)**

ଚାଇନାର ୧୨ବର୍ଷୀୟା ପ୍ରତିଭା ସନ୍ତରଣକାରୀ ୟୁ ଜିଦି ବିଶ୍ୱ ଚାମ୍ପିୟନଶିପ୍‌ରେ ତାଙ୍କର ପ୍ରଥମ ପଦାର୍ପଣରେ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସିଙ୍ଗାପୁରରେରବିବାର ଆରମ୍ଭ ହୋଇଥିବା ଏହି ୮ଦିନିଆ ଚାମ୍ପିୟନଶିପ୍‌ରେ ସେ ୨୦୦ ମିଟର ବ୍ୟକ୍ତିଗତ ମିଡ୍‌ଲେ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ଏଥିରେ ତାଙ୍କର ଟାଇମିଂ ୨ମିନିଟ ୧୧.୯୦ ରେକର୍ଡ କରାଯାଇଥିଲା। ୧୬ ଜଣ କ୍ୱାଲିଫାୟର୍ସଙ୍କ ମଧ୍ୟରେ ୧୫ତମ ଦ୍ରୁତତମ ଥିଲେ। ଚଳିତ ସିଜନରେ ତାଙ୍କ ଶ୍ରେଷ୍ଠ ଟାଇମିଂ ୨:୧୦.୬୩ଠାରୁ ସେ ସାମାନ୍ୟ ପଛରେ ରହିଯାଇଥିଲେ। ସିଙ୍ଗାପୁରରେ ସେ ତିନୋଟି ଇଭେଣ୍ଟରେ ଭାଗ ନେଇଛନ୍ତି। ଅନ୍ୟ ଦୁଇ ଇଭେଣ୍ଟ ହେଲା ୪୦୦ମିଟର ବ୍ୟକ୍ତିଗତ ମିଡଲେ ଓ ୨୦୦ମିଟର ବଟରଫ୍ଲାଏ। ୨୦୦ମିଟର ମିଡ୍‌ଲେ ସମ୍ଭବତଃ ତାଙ୍କର ସବୁଠାରୁ ଦୁର୍ବଳ ଇଭେଣ୍ଟ। କିନ୍ତୁ ନିକଟରେ ଚାଇନିଜ ଚାମ୍ପିୟନଶିପ୍‌ରେ ତାଙ୍କ ଟାଇମିଂ ଚଳିତ ସିଜନରେ ବିଶ୍ୱ ଶ୍ରେଷ୍ଠ। ଅନ୍ୟ ଦୁଇଟି ଇଭେଣ୍ଟରେ ତାଙ୍କର ଶ୍ରେଷ୍ଠ ଟାଇମିଂ ଗତବର୍ଷ ପ୍ୟାରିସ ଅଲିମ୍ପିକ୍ସରେ ଚତୁର୍ଥ ସ୍ଥାନ ଟାଇମିଂ ସହ ସମାନ। ସୂଚନାଯୋଗ୍ୟ, ୱାର୍ଲ୍ଡ ସୁଇମିଂ ଗଭର୍ନିଂବଡି ୱାର୍ଲ୍ଡ ଆକ୍ୱାଟିକ୍ସ ପ୍ରତିଯୋଗିତାରେ ଭାଗ ନେବା ଲାଗି ସର୍ବନିମ୍ନ ବୟସ ସୀମା ୧୪ ରଖିଛି। ତେବେ ଏହାଠାରୁ କମ୍ ବୟସର ଜଣେ ସନ୍ତରଣକାରୀ ଯଦି କ୍ୱାଲିଫାଇଂ ଅଙ୍କ ଅତିକ୍ରମ କରେ ତେବେ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଅନୁମତି ରହିଛି।

# ନଭେମ୍ବର ୭ରେ ଖେଳାଯିବ ୧୦୦୦ ମ୍ୟାଚ୍




ହକି ଇଣ୍ଡିଆ କଂଗ୍ରେସରେ ସଭାପତି ଦିଲୀପ ତିର୍କୀ ଓ ଅନ୍ୟମାନେ।

**ମହାବଲିପୁରମ,୨୭।୭(ପି.ଟି.)**

**ଭାରତୀୟ ହକିକୁ ୧୦୦ ବର୍ଷ**

ଆସନ୍ତା ନଭେମ୍ବର ୭ ତାରିଖରେ ଭାରତୀୟ ହକି ଅଭିଯାନକୁ ୧୦୦ ବର୍ଷ ପୂରିବାକୁ ଯାଉଥିବାରୁ ହକି ଇଣ୍ଡିଆ(ଏଚ୍‌ଆଇ)ର ୧୫ତମ କଂଗ୍ରେସରେ କିଛି ଗୁରୁତ୍ୱପୂର୍ଣ୍ଣ ଘୋଷଣା କରାଯାଇଛି। ଭାରତୀୟ ହକିକୁ ୧୦୦ ବର୍ଷ ପୂର୍ତ୍ତି ଅବସରରେ ସମଗ୍ର ଦେଶରେ ଉତ୍ସବ ପାଳନ କରାଯିବ, ଯେଉଁଥିରେ ଏକାସମୟରେ ୧୦୦୦ ମ୍ୟାଚ୍ ଆୟୋଜନ କରାଯିବ। ଦେଶର ପ୍ରତ୍ୟେକ ଜିଲାରେ ଗୋଟିଏ ଲେଖାଏଁ ପୁରୁଷ ଓ ମହିଳା ମ୍ୟାଚ୍ ଖେଳାଯିବ। ଏଥିରେ ମୋଟ ଉପରେ ୩୬,୦୦୦ ଖେଳାଳି ଭାଗ ନେବେ। ଦେଶର ପ୍ରତ୍ୟେକ କୋଣରୁ ହକି ଖେଳାଳିଙ୍କୁ ଏକତ୍ରିତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି।

ଏଥିସହିତ ଜାତୀୟ ଓ ତୃଣମୂଳ ସ୍ତରରେ ପ୍ରତିଯୋଗିତା ଆୟୋଜନ କ୍ଷେତ୍ରରେ ଦିଆଯାଉଥିବା ଆର୍ଥିକ ସହାୟତାରେ ଆଖିଦୃଶିଆ ବୃଦ୍ଧି କରାଯାଇଛି। ଏବେଠାରୁ ଜାତୀୟ ସିନିୟର ପୁରୁଷ ଓ ମହିଳା ଚାମ୍ପିୟନଶିପ୍ ଆୟୋଜନ ଲାଗି ୭୦ ଲକ୍ଷ ଦିଆଯିବ। ସେହିଭଳି ଜୁନିୟର ବାଳକ, ବାଳିକା, ସବ୍-ଜୁନିୟର ବାଳକ ଓ ସବ୍-ଜୁନିୟର ବାଳିକା ଜାତୀୟ ଚାମ୍ପିୟନଶିପ୍ ଲାଗି ୩୦ ଲକ୍ଷ ଲେଖାଏ ଫେଡେରେଶନ ପକ୍ଷରୁ ଦିଆଯିବ। ଏହା ବ୍ୟତୀତ ପ୍ରତ୍ୟେକ ରାଜ୍ୟକୁ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ଓ ଜିଲା ସଂଗଠନକୁ ସମର୍ଥନ କରିବା ପାଇଁ ୨୫ ଲକ୍ଷ ଲେଖାଏ ଦିଆଯିବ ବୋଲି ଏଚ୍‌ଆଇ ପକ୍ଷରୁ ଘୋଷଣା କରାଯାଇଛି। ସ୍ଥାନୀୟ ସ୍ତରରେ ଆର୍ଥିକ ବାଧାକୁ ହ୍ରାସ କରି ଭିତ୍ତିଭୂମିକୁ ସଶକ୍ତ କରିବା, ପ୍ରତିଯୋଗିତାର କ୍ୱାଲିଟିରେ ବୃଦ୍ଧି ଓ ଅଧିକରୁ ଅଧିକ ଦଳକୁ ପ୍ରତିଯୋଗିତାରେ ସାମିଲ କରିବା ପାଇଁ ଅନୁଦାନରେ ବୃଦ୍ଧି କରାଯାଇଛି। ଏହାଦ୍ୱାରା ହଜାର ହଜାର ଉଦୀୟମାନ ଖେଳାଳି, କୋଚ୍, ତୃଣମୂଳ ସ୍ତରର ଅଧିକାରୀ ଲାଭବାନ ହେବେ, ଯେଉଁମାନେ ଭାରତୀୟ ହକିର ଭବିଷ୍ୟତର ମେରୁଦଣ୍ଡ ବୋଲି ଏଚ୍‌ଆଇ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଏଚ୍‌ଆଇ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ କହିଛନ୍ତି, ଭାରତୀୟ ହକିକୁ ୧୦୦ ବର୍ଷ ପୂରିବାକୁ ଯାଉଥିବାରୁ ସାରା ଦେଶରେ ଉତ୍ସବ ଜରିଆରେ ଭାରତୀୟ ହକିକୁ ଆଗକୁ ନେଇଥିବା ପ୍ରତ୍ୟେକ ଖେଳାଳି, କୋଚ୍ ଓ ପ୍ରଶଂସକଙ୍କ ପ୍ରତି ସମ୍ମାନ ପ୍ରଦର୍ଶିତ କରାଯିବ। ଘୋଷଣା ହୋଇଥିବା ଆର୍ଥିକ ସମର୍ଥନ ଜରିଆରେ ଆମେ ଭବିଷ୍ୟତ ପିଢ଼ିର ସ୍ୱପ୍ନ ଉପରେ ନିବେଶ କରିବୁ।

# ସାହାଣୀ କପ୍: କଟକ-ସମ୍ବଲପୁର ଫାଇନାଲ

**ବ୍ରହ୍ମପୁର,୨୭।୭ (ସୁବାସ ଚନ୍ଦ୍ର ପାଢ଼ୀ)**

ଆନ୍ତଃ ଜିଲା ପୁରୁଷ ବର୍ଗ ସାହାଣୀ କପ୍ ଫୁଟବଲ ଚାମ୍ପିୟନଶିପ୍‌ର ରବିବାର ସେମିଫାଇନାଲ ମ୍ୟାଚ ବ୍ରହ୍ମପୁର ଜୋନ୍‌ରେ କୋରାପୁଟ ଓ ସମ୍ବଲପୁର ମଧ୍ୟରେ ହୋଇଥିଲା। କୋରାପୁଟ ପ୍ରଥମାର୍ଦ୍ଧରେ ଗୋଟିଏ ଗୋଲ୍ ଦେଇଥିବାବେଳେ ଦ୍ୱିତୀୟାର୍ଦ୍ଧରେ ସମ୍ବଲପୁର ଗୋଲ୍ ପରିଶୋଧ କରିଥିଲା। ପେନାଲ୍ଟି ଶୁଟ୍ ଆଉଟ୍‌ରେ ସମ୍ବଲପୁର ୫-୪ ଗୋଲରେ କୋରାପୁଟକୁ ହରାଇ ଫାଇନାଲରେ ପ୍ରବେଶ କରିଛି। କଟକ ଓ ସମ୍ବଲପୁର ମଧ୍ୟରେ ପ୍ରଥମ ଫାଇନାଲ ଅଗଷ୍ଟ ୧ରେ ବୌଦ୍ଧରେ ଅନୁଷ୍ଠିତ ହେବ। ଅଗଷ୍ଟ ୩ରେ ଦ୍ୱିତୀୟ ଫାଇନାଲ କେନ୍ଦୁଝର ଷ୍ଟାଡିୟମରେ ଖେଳାଯିବ।

ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ସମ୍ମାନୀତ ଅତିଥିଭାବେ ସେଣ୍ଟ ଜାଭିଅର ହାଇସ୍କୁଲ ଅଧ୍ୟକ୍ଷ ଡ. ଜି.ଏସ.ପଣ୍ଡା, ଫାଓ ସଦସ୍ୟ ନବକିଶୋର ମିଶ୍ର, ବିଶ୍ୱଜିତ ଘଡେଇ ଏବଂ ଗଞ୍ଜାମ ଜିଲାର ପୂର୍ବତନ ଫୁଟବଲ ଖେଳାଳି ଓ ବରିଷ୍ଠ ଖେଳାଳି ଏଲ. କେ ରାଓ, ଡି. ଆପ୍ପା ରାଓ, ବିଜୟ କୁମାର, ଜେ. ବି. ପିଟର, ରାଜେନ୍ଦ୍ର ଗନ୍ତାୟତ, ପ୍ରମୋଦ ମହାରଣା, କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ, ଡି.ଡି ଗନ୍ତାୟତ,ଜି. ଏମ. ବାବୁ, ରାଜ ନାରାୟଣ ପାତ୍ର ଯୋଗଦେଇଥିଲେ।




ଅତିଥିଙ୍କ ଗହଣରେ ସମ୍ବଲପୁର ଦଳର ଖେଳାଳିମାନେ।

# ଅଷ୍ଟ୍ରେଲିଆର ବିଜୟ ଜାରି

**ଚତୁର୍ଥ ଟି୨୦**

ସେଣ୍ଟ କିଟ୍ସ, ୨୭।୭: ଜୋଶ ଇଙ୍ଗଲିସ ଓ କାମେରନ ଗ୍ରୀନଙ୍କ ଅର୍ଦ୍ଧଶତକ ବଳରେ ଅଷ୍ଟ୍ରେଲିଆ ଏଠାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳାଯାଇଥିବା ଚତୁର୍ଥ ଟି୨୦ ମ୍ୟାଚ୍‌ରେ ୩ ଉଇକେଟରେ ବିଜୟ ହାସଲ କରିଛି। ୱେଷ୍ଟଇଣ୍ଡିଜ ପକ୍ଷରୁ ଧାର୍ଯ୍ୟ ୨୦୬ ରନର ଟାର୍ଗେଟକୁ ଅଷ୍ଟ୍ରେଲିଆ ୧୯.୨ ଓଭରରେ ୭ ଉଇକେଟ ହରାଇ ହାସଲ କରି ନେଇଥିଲା। ଚଳିତ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ଲାଗି ଏହା ଲଗାତର ଚତୁର୍ଥ ବିଜୟ। ଗ୍ଲେନ ମ୍ୟାକ୍ସୱେଲ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ସିରିଜ୍‌ର ଅନ୍ତିମ ତଥା ପଞ୍ଚମ ଟି୨୦ ମ୍ୟାଚ୍ ସମାନ ଭେନ୍ୟୁରେ ମଙ୍ଗଳବାର ଖେଳାଯିବ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୨୦୫ ରନ କରିଥିଲା। ଦଳ ପାଇଁ ଶେର୍ଫାନେ ରଦରଫୋର୍ଡ ୩୧ (୪ ଚୌକା ଓ ୨ ଛକା), ରବମାନ ପାୱେଲ ୨୮(୨ଟି ଲେଖାଏ ଚୌକା ଓ ଛକା), ରୋମାରିଓ ଶେଫର୍ଡ ୨୮ (୪ ଚୌକା ଓ ୧ ଛକା), ଜାସନ ହୋଲ୍ଡର ୨୬ (୪ ଚୌକା ଓ ୧ ଛକା) ରନ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଆଡାମ ଜାମ୍ପା ୩ ଉଇକେଟ ନେଇଥିବା ବେଳେ ଆରୋନ ହାର୍ଡି, ଜାଭିଅର ବାର୍ଟଲେଟ ଓ ସିନ ଆବଟ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଅଷ୍ଟ୍ରେଲିଆ ୧୯.୨ ଓଭରରେ ୭ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଦଳ ପାଇଁ ଗ୍ରୀନ ୫୫ (୩ ଚୌକା ଓ ଛକା) ରନ କରି ଅପରାଜିତ ରହିଥିବା ବେଳେ ଜୋଶ ଇଙ୍ଗଲିସ ୫୧ (୧୦ ଚୌକା ଓ ୧ ଛକା) ଓ ମ୍ୟାକ୍ସୱେଲ ୪୭ (୧ ଚୌକା ଓ ୬ ଛକା) ରନ କରି ଆଉଟ୍ ହୋଇଥିଲେ। ୱେଷ୍ଟଇଣ୍ଡିଜ ଲାଗି ଜେଡିଆ ବ୍ଲେଡ୍ସ ୩ ଉଇକେଟ ନେଇଥିଲେ। **ସଂକ୍ଷିପ୍ତ ସ୍କୋର:** ୱେଷ୍ଟଇଣ୍ଡିଜ: ୨୦ ଓଭରରେ ୨୦୫/୯ (ଶେର୍ଫାନେ ରଦରଫୋର୍ଡ-୩୧, ରବମାନ ପାୱେଲ-୨୮, ରୋମାରିଓ ଶେଫର୍ଡ-୨୮, ଆଡାମ ଜାମ୍ପା-୩/୫୪, ଆରୋନ ହାର୍ଡି-୨/୨୪, ଜାଭିଅର ବାର୍ଟଲେଟ-୨/୩୯)। ଅଷ୍ଟ୍ରେଲିଆ: ୧୯.୨ ଓଭରରେ ୨୦୬/୭ (କାମେରନ ଗ୍ରୀନ-୫୫*, ଜୋଶ ଇଙ୍ଗଲିସ-୫୧, ଗ୍ଲେନ ମ୍ୟାକ୍ସୱେଲ-୪୭, ଜେଡିଆ ବ୍ଲେଡ୍ସ-୩/୨୯)।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ